# ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୨୨/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 22/2026 | Page 16 | ₹ 7.00

୫୨ଶ ଭାଗ ୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 90 | ମୂଲ୍ୟ ₹୭/-




## କଙ୍ଗନାଙ୍କ ସହ ବନ୍ଧୁତା ଲାଗି ପ୍ରସ୍ତୁତ

କଙ୍ଗନା ରାଣାୱତଙ୍କ ସହ ତିକ୍ତତାକୁ ଭୁଲି ଏବେ ବନ୍ଧୁତା ଲାଗି ହାତ ବଢ଼ାଇବାକୁ ପ୍ରସ୍ତୁତ ବୋଲି କହିଛନ୍ତି ତାପସୀ ପନ୍ନୁ।

୧୧

୧୬

## ମନ୍ଧାନା ପ୍ଲେୟର ଅଫ୍ ଦି ମ୍ୟାଚ୍

ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ମହିଳା ଟି୨୦ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା।






ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ଏଆଇ ଇମ୍ପାକ୍ଟ ସମିଟ୍‌ରେ ଶୁକ୍ରବାର ଯୁବ କଂଗ୍ରେସ କର୍ମୀଙ୍କ ଶାର୍ଟ ଖୋଲା ବିରୋଧ ପ୍ରଦର୍ଶନକୁ ନିନ୍ଦାକରି ଶନିବାର ଆକବର ରୋଡ୍‌ସ୍ଥିତ ଜାତୀୟ କଂଗ୍ରେସ ମୁଖ୍ୟାଳୟ ସମ୍ମୁଖରେ ଭାଜପା କର୍ମୀ ବିକ୍ଷୋଭ କରୁଛନ୍ତି।

# ଓଡ଼ିଶାର ୧୨ ଜିଲାରେ ବାଲ୍ୟବିବାହ ସର୍ବାଧିକ

ଓଡ଼ିଶାର ବାଲ୍ୟବିବାହ ସ୍ଥିତିକୁ ନେଇ ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ରାଜ୍ୟର ୧୨ ଜିଲାରେ ବାଲ୍ୟବିବାହ ହାର ଜାତୀୟ ହାରଠାରୁ ଅଧିକ ରହିବା ସାମାଜିକ ବିକାଶ ଦିଗରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦାରିଦ୍ର୍ୟ, ପାରମ୍ପରିକ କୁସଂସ୍କାର, ଲିଙ୍ଗଗତ ବୈଷମ୍ୟ, ସାମାଜିକ ଅସୁରକ୍ଷା, ପ୍ରବାସ ଏବଂ ଶିକ୍ଷାର ଅଭାବ ଯୋଗୁ ଆଜି ବି ଅନେକ କନ୍ୟାସନ୍ତାନ ନିଜ ଶୈଶବ ହରାଉଛନ୍ତି। ଏହା କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ବହୁ ହଜାର କୋମଳମତି ଶିଶୁଙ୍କ ସ୍ୱପ୍ନର ମୃତ୍ୟୁ। ଯେଉଁ ହାତରେ ବହିକଲମ ରହିବା କଥା, ସେହି ହାତରେ ସଂସାରର ଜଞ୍ଜାଳ ଲଦିଦିଆଯାଉଛି। ଏହି ସ୍ଥିତିରେ ତୁରନ୍ତ ସୁଧାର ଆଣିବା ପାଇଁ ସରକାରୀ କଳ, ବ୍ୟକ୍ତିବିଶେଷ ଓ ସାମାଜିକ ସଂଗଠନ ଦ୍ୱାରା ସାମୂହିକ ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି। ଝିଅମାନଙ୍କୁ ବୋଝ ନୁହେଁ, ବରଂ ସମ୍ପତ୍ତି ଭାବେ ଗ୍ରହଣ କରିବାର ସମୟ ଆସିଛି। ଏଥିପାଇଁ କେବଳ ଆଇନ କିମ୍ବା ସରକାରୀ ଯୋଜନା ପର୍ଯ୍ୟାପ୍ତ ହେବନାହିଁ, ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ଅଣାଯିବା ଏବକାର ଆବଶ୍ୟକତା ଓ ଆହ୍ୱାନ।

| ଜିଲା | ପ୍ରତିଶତ |
|---|---|
| ନବରଙ୍ଗପୁର | ୩୯.୪ |
| ନୟାଗଡ଼ | ୩୫.୭ |
| କୋରାପୁଟ | ୩୫.୫ |
| ରାୟଗଡ଼ା | ୩୩.୨ |
| ମାଲକାନଗିରି | ୩୨.୪ |
| ମୟୂରଭଞ୍ଜ | ୩୧.୩ |
| କେନ୍ଦୁଝର | ୨୯.୦ |
| ଗଜପତି | ୨୮.୧ |
| ବାଲେଶ୍ୱର | ୨୬.୪ |
| ବୌଦ୍ଧ | ୨୫.୩ |
| ଅନୁଗୋଳ | ୨୫.୦ |
| ଢେଙ୍କାନାଳ | ୨୩.୭ |

## ଜାତୀୟ ହାର ପଛରେ ପଡ଼ିଲା

ଭୁବନେଶ୍ୱର,୨୧।୨ (ରବିନାରାୟଣ ଜେନା)

ରାଜ୍ୟରେ ବାଲ୍ୟବିବାହ ହାର କମୁଥିବାବେଳେ ୧୨ ଜିଲାରେ ଜାତୀୟ ହାରଠାରୁ ଅଧିକ ରହିଛି। ସେଥିମଧ୍ୟରେ ନବରଙ୍ଗପୁରରେ ସର୍ବାଧିକ ୩୯.୪% ରହିଛି। ଏହାପଛକୁ ନୟାଗଡ଼ (୩୫.୭%), କୋରାପୁଟ (୩୫.୫%), ମାଲକାନଗିରି (୩୨.୪%), ରାୟଗଡ଼ାରେ (୩୩.୨%) ଓ ମୟୂରଭଞ୍ଜ (୩୧.୩%) ରହିଛି। ଭାଜପା ବିଧାୟକ ଅମର କୁମାର ନାୟକଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନ୍‌ଏଫ୍‌ଏଚ୍‌ଏସ୍)-୫ ରିପୋର୍ଟ ଅନୁସାରେ ଭାରତରେ ବାଲ୍ୟବିବାହର ଜାତୀୟ ହାର ୨୩.୩% ରହିଥିବାବେଳେ ଓଡ଼ିଶାର ହାର ୨୦.୫% ରହିଛି। କିନ୍ତୁ ଉପରୋକ୍ତ ୬ ଜିଲା ସମେତ କେନ୍ଦୁଝର (୨୯%), ଗଜପତି (୨୮.୧%), ବାଲେଶ୍ୱର (୨୬.୪%), ବୌଦ୍ଧ (୨୫.୩%), ଅନୁଗୋଳରେ (୨୫%) ଓ ଢେଙ୍କାନାଳରେ ☞ପୃଷ୍ଠା-୪

# ୪୪ ବ୍ଲକରେ ଷ୍ଟାଡିୟମ ପାଇଁ ଜମି ମିଳୁନି

ଯାଜପୁର,୨୧।୨ (ହର୍ଷବର୍ଦ୍ଧନ ବେହେରା)

ଜାତୀୟ ଶିକ୍ଷା ନୀତି ଅନୁସାରେ କୌଣସି ପିଲା ପାଠପଢ଼ାରୁ ବଞ୍ଚିତ ରହିବେ ନାହିଁ ବୋଲି ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ଏହାସହ ବିଭିନ୍ନ କ୍ରୀଡ଼ା, ଅଭିନୟ, ସଙ୍ଗୀତ, ରାଜନୀତି, କୃଷି ଇତ୍ୟାଦି କ୍ଷେତ୍ରରେ ଆଗ୍ରହ ରଖୁଥିବା ପିଲାମାନଙ୍କୁ ସ୍ୱତନ୍ତ୍ର ଶିକ୍ଷା ଦିଆଯିବ। ଏହିକ୍ରମରେ ରାଜ୍ୟ ସରକାର କ୍ରୀଡ଼ାର ବିକାଶ ପାଇଁ ରାଜ୍ୟର ସମସ୍ତ ୩୧୪ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଷ୍ଟାଡିୟମରେ ଫୁଟବଲ, କ୍ରିକେଟ, ଥ୍ରୋ ଓ ଜମ୍ପ ଏରିଆ, ଭଲିବଲ, ଖୋଖୋ, କବାଡି କୋର୍ଟ, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ ଇତ୍ୟାଦି ପାଇଁ ବ୍ୟବସ୍ଥା ହେବ। ପ୍ରତ୍ୟେକ ଷ୍ଟାଡିୟମ ପାଇଁ ୧୦ରୁ ୧୨ ଏକର ଜମିର ଆବଶ୍ୟକତା ରହିଥିବା ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହିସବୁ ଷ୍ଟାଡିୟମ ଗ୍ରାମ୍ୟ ନିର୍ମାଣ ବିଭାଗ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଗୁଜରାଟ ମଡେଲର ସ୍ଥିତି

# ଖାମେନେଇଙ୍କୁ ହତ୍ୟା କରିପାରେ ଆମେରିକା



ଆୟାତୋଲ୍ଲା ଅଲୀ ଖାମେନେଇ

ୱାଶିଂଟନ୍,୨୧।୨

ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଅଲୀ ଖାମେନେଇ ଏବଂ ତାଙ୍କ ପୁଅ ମୋଜତାବାଙ୍କୁ ହତ୍ୟା କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୋଜନା ଚଳାଇଛନ୍ତି। ଇରାନର କ୍ଷେପଣାସ୍ତ୍ର ☞ପୃଷ୍ଠା-୪










# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୨୨/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 22/2026 | Page 16 | ₹ 7.00

୫୨ଶ ଭାଗ ୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 90 | ମୂଲ୍ୟ ₹୭/-




### କଙ୍ଗନାଙ୍କ ସହ ବନ୍ଧୁତା ଲାଗି ପ୍ରସ୍ତୁତ
କଙ୍ଗନା ରାଣାୱତଙ୍କ ସହ ତିକ୍ତତାକୁ ଭୂଲି ଏବେ ବନ୍ଧୁତା ଲାଗି ହାତ ବଢ଼ାଇବାକୁ ପ୍ରସ୍ତୁତ ବୋଲି କହିଛନ୍ତି ତାପସୀ ପନ୍ନୁ।

୧୧

୧୬

### ମନ୍ଧାନା ପ୍ଲେୟର ଅଫ୍ ଦି ମ୍ୟାଚ୍
ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ମହିଳା ଟି୨୦ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା।





ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ଏଆଇ ଇମ୍ପାକ୍ଟ ସମିଟ୍‌ରେ ଶୁକ୍ରବାର ଯୁବ କଂଗ୍ରେସ କର୍ମୀଙ୍କ ଶାର୍ଟ ଖୋଲା ବିରୋଧ ପ୍ରଦର୍ଶନକୁ ନିନ୍ଦାକରି ଶନିବାର ଆକବର ରୋଡ୍‌ସ୍ଥିତ ଜାତୀୟ କଂଗ୍ରେସ ମୁଖ୍ୟାଳୟ ସମ୍ମୁଖରେ ଭାଜପା କର୍ମୀ ବିକ୍ଷୋଭ କରୁଛନ୍ତି।

# ଓଡ଼ିଶାର ୧୨ ଜିଲାରେ ବାଲ୍ୟବିବାହ ସର୍ବାଧିକ

ଓଡ଼ିଶାର ବାଲ୍ୟବିବାହ ସ୍ଥିତିକୁ ନେଇ ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ରାଜ୍ୟର ୧୨ ଜିଲାରେ ବାଲ୍ୟବିବାହ ହାର ଜାତୀୟ ହାରଠାରୁ ଅଧିକ ରହିବା ସାମାଜିକ ବିକାଶ ଦିଗରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦାରିଦ୍ର୍ୟ, ପାରମ୍ପରିକ କୁସଂସ୍କାର, ଲିଙ୍ଗଗତ ବୈଷମ୍ୟ, ସାମାଜିକ ଅସୁରକ୍ଷା, ପ୍ରବାସ ଏବଂ ଶିକ୍ଷାର ଅଭାବ ଯୋଗୁ ଆଜି ବି ଅନେକ କନ୍ୟାସନ୍ତାନ ନିଜ ଶୈଶବ ହରାଉଛନ୍ତି। ଏହା କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ବହୁ ହଜାର କୋମଳମତି ଶିଶୁଙ୍କ ସ୍ୱପ୍ନର ମୃତ୍ୟୁ। ଯେଉଁ ହାତରେ ବହିକଲମ ରହିବା କଥା, ସେହି ହାତରେ ସଂସାରର ଜଞ୍ଜାଳ ଲଦିଦିଆଯାଉଛି। ଏହି ସ୍ଥିତିରେ ତୁରନ୍ତ ସୁଧାର ଆଣିବା ପାଇଁ ସରକାରୀ କଳ, ବ୍ୟକ୍ତିବିଶେଷ ଓ ସାମାଜିକ ସଂଗଠନ ଦ୍ୱାରା ସାମୂହିକ ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି। ଝିଅମାନଙ୍କୁ ବୋଝ ନୁହେଁ, ବରଂ ସମ୍ପତ୍ତି ଭାବେ ଗ୍ରହଣ କରିବାର ସମୟ ଆସିଛି। ଏଥିପାଇଁ କେବଳ ଆଇନ କିମ୍ବା ସରକାରୀ ଯୋଜନା ପର୍ଯ୍ୟାପ୍ତ ହେବନାହିଁ, ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ଅଣାଯିବା ଏବକାର ଆବଶ୍ୟକତା ଓ ଆହ୍ୱାନ।

| ଜିଲା | ପ୍ରତିଶତ |
|---|---|
| ନବରଙ୍ଗପୁର | ୩୯.୪ |
| ନୟାଗଡ଼ | ୩୫.୭ |
| କୋରାପୁଟ | ୩୫.୫ |
| ରାୟଗଡ଼ା | ୩୩.୨ |
| ମାଲକାନଗିରି | ୩୨.୪ |
| ମୟୂରଭଞ୍ଜ | ୩୧.୩ |
| କେନ୍ଦୁଝର | ୨୯.୦ |
| ଗଜପତି | ୨୮.୧ |
| ବାଲେଶ୍ୱର | ୨୬.୪ |
| ବୌଦ୍ଧ | ୨୫.୩ |
| ଅନୁଗୋଳ | ୨୫.୦ |
| ଢେଙ୍କାନାଳ | ୨୩.୭ |

## ଜାତୀୟ ହାର ପଛରେ ପଡ଼ିଲା

ଭୁବନେଶ୍ୱର,୨୧।୨
(ରବିନାରାୟଣ ଜେନା)

ରାଜ୍ୟରେ ବାଲ୍ୟବିବାହ ହାର କମୁଥିବାବେଳେ ୧୨ ଜିଲାରେ ଜାତୀୟ ହାରଠାରୁ ଅଧିକ ରହିଛି। ସେଥିମଧ୍ୟରେ ନବରଙ୍ଗପୁରରେ ସର୍ବାଧିକ ୩୯.୪% ରହିଛି। ଏହାପଛକୁ ନୟାଗଡ଼ (୩୫.୭%), କୋରାପୁଟ (୩୫.୫%), ମାଲକାନଗିରି (୩୨.୪%), ରାୟଗଡ଼ାରେ (୩୩.୨%) ଓ ମୟୂରଭଞ୍ଜ (୩୧.୩%) ରହିଛି। ଭାଜପା ବିଧାୟକ ଅମର କୁମାର ନାୟକଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନ୍‌ଏଫ୍‌ଏଚ୍‌ଏସ୍)-୫ ରିପୋର୍ଟ ଅନୁସାରେ ଭାରତରେ ବାଲ୍ୟବିବାହର ଜାତୀୟ ହାର ୨୩.୩% ରହିଥିବାବେଳେ ଓଡ଼ିଶାର ହାର ୨୦.୫% ରହିଛି। କିନ୍ତୁ ଉପରୋକ୍ତ ୬ ଜିଲା ସମେତ କେନ୍ଦୁଝର (୨୯%), ଗଜପତି (୨୮.୧%), ବାଲେଶ୍ୱର (୨୬.୪%), ବୌଦ୍ଧ (୨୫.୩%), ଅନୁଗୋଳରେ (୨୫%) ଓ ଢେଙ୍କାନାଳରେ ☞ପୃଷ୍ଠା-୪

# ୪୪ ବ୍ଲକରେ ଷ୍ଟାଡିୟମ ପାଇଁ ଜମି ମିଳୁନି

ଯାଜପୁର,୨୧।୨
(ହର୍ଷବର୍ଦ୍ଧନ ବେହେରା)

ଜାତୀୟ ଶିକ୍ଷା ନୀତି ଅନୁସାରେ କୌଣସି ପିଲା ପାଠପଢ଼ାରୁ ବଞ୍ଚିତ ରହିବେ ନାହିଁ ବୋଲି ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ଏହାସହ ବିଭିନ୍ନ କ୍ରୀଡ଼ା, ଅଭିନୟ, ସଙ୍ଗୀତ, ରାଜନୀତି, କୃଷି ଇତ୍ୟାଦି କ୍ଷେତ୍ରରେ ଆଗ୍ରହ ରଖୁଥିବା ପିଲାମାନଙ୍କୁ ସ୍ୱତନ୍ତ୍ର ଶିକ୍ଷା ଦିଆଯିବ। ଏହିକ୍ରମରେ ରାଜ୍ୟ ସରକାର କ୍ରୀଡ଼ାର ବିକାଶ ପାଇଁ ରାଜ୍ୟର ସମସ୍ତ ୩୧୪ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଷ୍ଟାଡିୟମରେ ଫୁଟବଲ, କ୍ରିକେଟ, ଥ୍ରୋ ଓ ଜମ୍ପ ଏରିଆ, ଭଲିବଲ, ଖୋଖୋ, କବାଡି କୋର୍ଟ, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ ଇତ୍ୟାଦି ପାଇଁ ବ୍ୟବସ୍ଥା ହେବ। ପ୍ରତ୍ୟେକ ଷ୍ଟାଡିୟମ ପାଇଁ ୧୦ରୁ ୧୨ ଏକର ଜମିର ଆବଶ୍ୟକତା ରହିଥିବା ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହିସବୁ ଷ୍ଟାଡିୟମ ଗ୍ରାମ୍ୟ ନିର୍ମାଣ ବିଭାଗ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ଗୁଜରାଟ ମଡେଲର ସ୍ଥିତି


# ଖାମେନେଇଙ୍କୁ ହତ୍ୟା କରିପାରେ ଆମେରିକା


ଆୟାତୋଲ୍ଲା ଅଲୀ ଖାମେନେଇ

ୱାଶିଂଟନ୍,୨୧।୨

ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଅଲୀ ଖାମେନେଇ ଏବଂ ତାଙ୍କ ପୁଅ ମୋଜତାବାଙ୍କୁ ହତ୍ୟା କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୋଜନା ଚଳାଇଛନ୍ତି। ଇରାନର କ୍ଷେପଣାସ୍ତ୍ର ☞ପୃଷ୍ଠା-୪










**ମାଇକ୍ରୋସଫ୍ଟ ଗେମିଂର ସିଇଓ ହେଲେ ଭାରତୀୟ ବଂଶୋଦ୍ଭବ**

ସଫ୍ଟୱେର କମ୍ପାନୀ ମାଇକ୍ରୋସଫ୍ଟ ଭାରତୀୟ ବଂଶୋଦ୍ଭବ ଆଶା ଶର୍ମାଙ୍କୁ ମାଇକ୍ରୋସଫ୍ଟ ଗେମିଂର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ସିଇଓ ଭାବେ ନିଯୁକ୍ତି ଦେବା ଲାଗି ଘୋଷଣା କରିଛି। ମାଇକ୍ରୋସଫ୍ଟ ଅଧ୍ୟକ୍ଷ ତଥା ସିଇଓ ସତ୍ୟ ନାଡେଲା କହିଛନ୍ତି, ମାଇକ୍ରୋସଫ୍ଟରେ ଗତ ୨ ବର୍ଷ ମଧ୍ୟରେ ଆଶା ଏହାର ସେବାକୁ ବହୁ କୋଟି ଲୋକଙ୍କ ପାଖରେ ପହଞ୍ଚାଇବା ସହ ଉନ୍ନତି ଆଣିବାରେ ସହାୟକ ହୋଇଛନ୍ତି।



ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌କୁ ଭଣ୍ଡୁର କରିବା ପାଇଁ ଯୁବକଂଗ୍ରେସ କର୍ମୀମାନେ ଶାର୍ଟ ଖୋଲି ବିକ୍ଷୋଭ କରିବା ପ୍ରତିବାଦରେ ପାଟନାରେ ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ଶନିବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# ବିକ୍ଷୋଭକାରୀ ୪ କଂଗ୍ରେସ କର୍ମୀ ଜେଲ ଗଲେ

## ନେପାଳ ଭଳି ଆନ୍ଦୋଳନ କରିଥିଲେ: ଦିଲ୍ଲୀ ପୋଲିସ

ନୂଆଦିଲ୍ଲୀ,୨୧।୨

ଏଆଇ ସମିଟ୍ ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପଠାରେ ଶାର୍ଟ ଖୋଲି ବିକ୍ଷୋଭ କରିଥିବା ୪ ଜଣ ଯୁବକଂଗ୍ରେସ କର୍ମୀଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ୫ ଦିନ ପାଇଁ ପୋଲିସ ହାଜତକୁ ପଠାଇଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେବା ପାଇଁ ଦିଲ୍ଲୀ ପୋଲିସ କୋର୍ଟଙ୍କୁ ନିବେଦନ କରିଥିଲା। ନେପାଳରେ ପୂର୍ବରୁ ହୋଇଥିବା ଜେନ୍ ଜି ଆନ୍ଦୋଳନ ଦ୍ୱାରା ଅନୁପ୍ରାଣିତ ହୋଇ ଯୁବକଂଗ୍ରେସ କର୍ମୀମାନେ ସେହିଭଳି ବିକ୍ଷୋଭ ଯୋଜନା କରିଥିଲେ। ଦେଶକୁ ଅନ୍ତର୍ଜାତୀୟ ସ୍ତରରେ ବଦନାମ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ବିରୋଧରେ ବିକ୍ଷୋଭ କଲାବେଳେ ରାଷ୍ଟ୍ର ବିରୋଧୀ ସ୍ଲୋଗାନ ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବାର୍ତ୍ତା ଲେଖାଥିବା ଟି-ଶାର୍ଟ ପିନ୍ଧିଥିଲେ ବୋଲି ସରକାରୀ ଓକିଲ ଅଦାଲତଙ୍କୁ ଜଣାଇଛନ୍ତି। ଅନ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେଣୁ ଉପଯୁକ୍ତ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ହାଜତକୁ ନିଆଯିବା ଆବଶ୍ୟକ। ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ଜବତ କରି ସେମାନେ ବାହାରୁ ପାଣ୍ଠି ପାଉଥିଲେ କି ନାହିଁ ଯାଞ୍ଚ କରାଯିବା ଜରୁରୀ ବୋଲି ଓକିଲ କହିଛନ୍ତି।

# ସ୍ୱଦେଶୀ ଟିଟାନସ୍, ଡିପ୍‌ଥେରିଆ ଟିକା ଲଞ୍ଚ୍ ହେଲା

ନୂଆଦିଲ୍ଲୀ,୨୧।୨(ପି.ଟି.)

ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଟିଟାନସ୍ ଏବଂ ବୟସ୍କଙ୍କ ପାଇଁ ଡିପ୍‌ଥେରିଆ ଟିକାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଶନିବାର ହିମାଚଳପ୍ରଦେଶର କସୌଲିସ୍ଥିତ ସେଣ୍ଟ୍ରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଶୁଭାରମ୍ଭ କରିଛନ୍ତି। ଏଣିକି ସାର୍ବଜନିକ ଟିକାକରଣ କାର୍ଯ୍ୟକ୍ରମ(ୟୁଆଇପି)ରେ ଡିପ୍‌ଥେରିଆ ଟିକାକୁ ସାମିଲ କରାଯିବ। ଏପ୍ରିଲ ସୁଦ୍ଧା ୟୁଆଇପିକୁ ସେଣ୍ଟ୍ରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ୫୫ ଲକ୍ଷ ଡୋଜ୍ ଯୋଗାଇଦେବ। କେନ୍ଦ୍ର ସରକାରଙ୍କ ଟିକାକରଣ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ପାଇଁ ଆଗାମୀ ଦିନରେ ଅଧିକ ପରିମାଣରେ ଟିକା ପ୍ରସ୍ତୁତ କରାଯିବ ବୋଲି ନଡ୍ଡା କହିଛନ୍ତି। ଡିପ୍‌ଥେରିଆ ଟିକା ଲଞ୍ଚ୍ ହେବା ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ଅବସର ବୋଲି ସେ କହିବା ସହ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ, ବୈଷୟିକ ବିଶେଷଜ୍ଞ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୫ ଲକ୍ଷ ଲାଞ୍ଚ ନେଇ ବନ୍ଧାହେଲେ ବିଧାୟକ

ବେଙ୍ଗାଲୁରୁ,୨୧।୨

କର୍ଣ୍ଣାଟକର ସିରାହାଟି ବିଧାୟକ ଚନ୍ଦ୍ରୁ ଲାମାନି ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ଅନୁମୋଦନ ଦେବା ଲାଗି ଜଣେ କଣ୍ଟ୍ରାକ୍ଟରଙ୍କ ଠାରୁ ୧୧ ଲକ୍ଷ ଟଙ୍କାର ଲାଞ୍ଚ ଦାବି କରିଥିଲେ। ସେ ୫ ଲକ୍ଷ ଟଙ୍କା ନେଉଥିଲା ବେଳେ ଲୋକାୟୁକ୍ତ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ବିଧାୟକ ଚନ୍ଦ୍ରୁ ଲାଞ୍ଚ ଦାବି କରିବା ପରେ ସମ୍ପୃକ୍ତ କଣ୍ଟ୍ରାକ୍ଟର ଜଣଙ୍କ ଲୋକାୟୁକ୍ତଙ୍କୁ ଜଣାଇଥିଲେ। ଚନ୍ଦ୍ରୁ ଶନିବାର ୫ ଲକ୍ଷ ଟଙ୍କା ନେଉଥିଲାବେଳେ ଲୋକାୟୁକ୍ତ ଅଧିକାରୀମାନେ ତାଙ୍କୁ ମାଡ଼ିବସିଥିଲେ। ତାଙ୍କୁ ପଚରାଉଚରା କରିବା ପରେ ଲୋକାୟୁକ୍ତ ପୋଲିସ ଗିରଫ କରିଥିଲା।

# ଏଆଇ ଘୋଷଣାନାମାକୁ ୮୮ ଦେଶର ସମର୍ଥନ

ନୂଆଦିଲ୍ଲୀ,୨୧।୨(ପି.ଟି.)

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ଉପରେ ଦିଲ୍ଲୀ ଘୋଷଣାନାମା ଶନିବାର ଗୃହୀତ ହେବା ସହ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ଉଦ୍‌ଯାପିତ ହୋଇଛି। ଆମେରିକା, ବ୍ରିଟେନ୍, ଚାଇନା ଏବଂ ଫ୍ରାନ୍ସ ସମେତ ୮୮ଟି ଦେଶ ଏବଂ ଅନ୍ତର୍ଜାତୀୟ ସଂଗଠନ ଉକ୍ତ ଘୋଷଣାନାମାକୁ ସମର୍ଥନ କରିଛନ୍ତି। ଅନ୍ୟ ସମର୍ଥନକାରୀ ରାଷ୍ଟ୍ର ମଧ୍ୟରେ ଅଛନ୍ତି ରୁଷିଆ, ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ଭୁଟାନ, ବ୍ରାଜିଲ, କାନାଡା, ଡେନ୍‌ମାର୍କ, ଇଷ୍ଟୋନିଆ, ଇଥିଓପିଆ, ଜାପାନ, ଇଟାଲୀ, ଇସ୍ରାଏଲ୍, ଆୟରଲାଣ୍ଡ, ଇଣ୍ଡୋନେସିଆ, ଇରାନ, ହଙ୍ଗେରୀ, ଗ୍ରୀସ୍, ଜର୍ମାନୀ, ଫିନ୍‌ଲାଣ୍ଡ, ମେକ୍ସିକୋ, ମ୍ୟାନ୍‌ମାର, ନେପାଳ, ନେଦରଲାଣ୍ଡସ୍, ନ୍ୟୁଜିଲାଣ୍ଡ, ନରୱେ, ଓମାନ, ଫିଲିପାଇନ୍ସ, ପେରୁ, ରୋମାନିଆ, ରୁଆଣ୍ଡା, ସେନେଗାଲ, ସିଙ୍ଗାପୁର, ଦକ୍ଷିଣ କୋରିଆ, ସ୍ପେନ୍, ଶ୍ରୀଲଙ୍କା, ସୁଇଡେନ୍, ସୁଇଜରଲାଣ୍ଡ, ତାଞ୍ଜାନିଆ, ୟୁଏଇ, ୟୁକ୍ରେନ୍, ୟୁରୋପୀୟ ସଂଘ ଏବଂ ଆଇଏଫ୍‌ଏଡି।

କୃତ୍ରିମ ବୁଦ୍ଧିମତ୍ତା ଉପରେ ବୈଶ୍ୱିକ ସହଯୋଗର ଏହି ଘୋଷଣାନାମା ଏକ ବଡ଼ ସଫଳତା। ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ମଙ୍ଗଳ ପାଇଁ ଏଆଇର ବ୍ୟବହାର ଉପରେ ବୈଶ୍ୱିକ ସହମତି ହୋଇଥିବା ଏଥିରୁ ପ୍ରତିଫଳିତ ହୋଇଛି। ସର୍ବଜନ ହିତାୟ, ସର୍ବଜନ ସୁଖାୟ ସିଦ୍ଧାନ୍ତ ଦ୍ୱାରା ଅନୁପ୍ରାଣିତ ଉକ୍ତ ଘୋଷଣାନାମାରେ ଏଆଇର ଲାଭ ସମଗ୍ର ମାନବ ଜାତିକୁ ସମାନ ଭାବେ ମିଳିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ସହ ବହୁପାକ୍ଷିକ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯାଇଛି। ଜାତୀୟ ସାର୍ବଭୌମତ୍ୱକୁ ସମ୍ମାନ ଜଣାଇ ସହଜ ପହଞ୍ଚଯୋଗ୍ୟ ଓ ବିଶ୍ୱସନୀୟ ଢାଞ୍ଚା ଜରିଆରେ ଏଆଇକୁ ଆଗେଇନେବାକୁ ହେବ।

ଏହି ଘୋଷଣାନାମା ୭ଟି ମୁଖ୍ୟ ସ୍ତମ୍ଭ ଉପରେ ଆଧାରିତ, ଯାହା ବୈଶ୍ୱିକ ଏଆଇ ସହଯୋଗ ଭିତ୍ତିର ପ୍ରତିନିଧିତ୍ୱ କରେ। ସେଗୁଡ଼ିକ ହେଲା ଏଆଇ ସମ୍ବଳର ଗଣତାନ୍ତ୍ରିକୀକରଣ, ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ମଙ୍ଗଳ, ସୁରକ୍ଷିତ ଓ ବିଶ୍ୱସନୀୟ ଏଆଇ, ବିଜ୍ଞାନ ପାଇଁ ଏଆଇ, ସାମାଜିକ ସଶକ୍ତୀକରଣ ହାସଲ, ମାନବ ପୁଞ୍ଜିର ବିକାଶ ଏବଂ ସହନଶୀଳ, ଦକ୍ଷ ତଥା ଅଭିନବ ଏଆଇ ବ୍ୟବସ୍ଥା। ଉକ୍ତ ଶିଖର ସମ୍ମିଳନୀ ଅନେକଗୁଡ଼ିଏ ସ୍ୱେଚ୍ଛାକୃତ, ସହଯୋଗମୂଳକ ବୈଶ୍ୱିକ ପଦକ୍ଷେପ ଉପସ୍ଥାପନ କରାଯାଇଥିଲା, ଯେଉଁଥିରେ ଏଆଇର ଗଣତାନ୍ତ୍ରିକ ପ୍ରସାରଣ ପାଇଁ ଚାର୍ଟର ମଧ୍ୟ ରହିଛି। ଏହାର ଉଦ୍ଦେଶ୍ୟ ହେଉଛି, ଏଆଇର ମୂଳ ସମ୍ବଳକୁ ଶସ୍ତା ଓ ସହଜ ପହଞ୍ଚଯୋଗ୍ୟ କରିବା ସହ ସ୍ଥାନୀୟ ପ୍ରାସଙ୍ଗିକ ନବୋନ୍ମେଷ ପରବେଶକୁ ସମର୍ଥନ କରିବା।

# ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ: ୧୨ ମୃତ

ବିରୁଟ୍,୨୧।୨

ଲେବାନନ୍‌ର ପୂର୍ବଭାଗରେ ଥିବା ବେକା ଭ୍ୟାଲିରେ ଇସ୍ରାଏଲୀ ସେନା ଶୁକ୍ରବାର ଆକ୍ରମଣ କରିବାରୁ ଅନ୍ୟୁନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୪ ଜଣ ଆହତ ହୋଇଛନ୍ତି। ପାଲେଷ୍ଟିନୀୟ ଶରଣାର୍ଥୀ ଶିବିର ଉପରେ ଅନ୍ୟ ଏକ ଆକ୍ରମଣରେ ୨ ଜଣ ନିହତ ହୋଇଛନ୍ତି। ବେକା ଭ୍ୟାଲିରେ ଥିବା ଲେବାନନ୍‌ର ଆତଙ୍କବାଦୀ ସଂଗଠନ ହେଜବୋଲ୍ଲାର କମାଣ୍ଡ ସେଣ୍ଟରକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ କହିଛି। ତେବେ ହେଜବୋଲ୍ଲା ପକ୍ଷରୁ ଏନେଇ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ସେହିପରି ଏଇନ୍ ଏଲ୍-ହିଲୱେ କ୍ୟାମ୍ପରେ ହମାସ୍ କମାଣ୍ଡ ସେଣ୍ଟରକୁ ଟାର୍ଗେଟ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ଆକ୍ରମଣରେ ହମାସ୍‌ର ୨ ସଦସ୍ୟ ପ୍ରାଣ ହରାଇଥିବା ଉକ୍ତ ସଂଗଠନ ସ୍ୱୀକାର କରିଛି।

# ବିବାହ ପଞ୍ଜୀକରଣ ପୂର୍ବରୁ ମା'ବାପାଙ୍କୁ ଜଣାଇବେ ପିଲା

## ବିବାହ ନିୟମରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଆଣିଲା ଗୁଜରାଟ

ଗାନ୍ଧୀନଗର,୨୧।୨

ବିବାହ ପଞ୍ଜୀକରଣ ପୂର୍ବରୁ ଦମ୍ପତି ସେମାନଙ୍କ ମା'ବାପାଙ୍କୁ ଜଣାଇବା ବାଧ୍ୟତାମୂଳକ ହେବ। ଗୁଜରାଟ ସରକାର ବିବାହ ପଞ୍ଜୀକରଣ ନିୟମାବଳୀରେ ସଂଶୋଧନ ପାଇଁ ବିଧାନସଭାରେ ଶୁକ୍ରବାର ପ୍ରସ୍ତାବ ଆଣିଛନ୍ତି। ଚିଠା ନିୟମାବଳୀ ଅନୁଯାୟୀ, ବିବାହ ପଞ୍ଜୀକରଣ ଚାହୁଁଥିବା ଯୋଡ଼ି ସେମାନଙ୍କ ମା'ବାପାଙ୍କୁ ଜଣାଇଥିବା ନେଇ ଏକ ଲିଖିତ ପ୍ରତିଶ୍ରୁତି ଦାଖଲ କରିବେ। ସହକାରୀ ପଞ୍ଜିକାର ଏହାକୁ ଯାଞ୍ଚ କରିବାର ୩୦ ଦିନ ମଧ୍ୟରେ ପଞ୍ଜୀକରଣକୁ ଅନୁମୋଦନ କରାଯିବ।

# ଲଶ୍କର ଟାର୍ଗେଟ୍‌ରେ ଦିଲ୍ଲୀ, ହାଇ ଆଲର୍ଟ

## ଇସ୍‌ଲାମାବାଦ ବିସ୍ଫୋରଣର ପ୍ରତିଶୋଧ ନେବାକୁ ଯୋଜନା

ନୂଆଦିଲ୍ଲୀ,୨୧।୨

ପାକ୍ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଏବା(ଏଲ୍‌ଇଟି) ଦିଲ୍ଲୀ ଉପରେ ଆକ୍ରମଣ କରିବାକୁ ଯୋଜନା ପ୍ରସ୍ତୁତ କରିଥିବା ଗୋଏନ୍ଦା ସୂଚନା ମିଳିବା ପରେ, ଦିଲ୍ଲୀରେ ହାଇ ଆଲର୍ଟ ଜାରି କରାଯାଇଛି। ଦିଲ୍ଲୀର ବିଭିନ୍ନ ମନ୍ଦିର ଓ ପ୍ରମୁଖ ଧାର୍ମିକ ସ୍ଥଳ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି। ବିଶେଷକରି ପୁରୁଣା ଦିଲ୍ଲୀର ଚାନ୍ଦିନୀଚୌକ୍ ଅଞ୍ଚଳର କେତେକ ଧାର୍ମିକ ସ୍ଥଳ ଏବଂ ଲାଲ୍‌କିଲ୍ଲା ଉପରେ ଆକ୍ରମଣ କରିବାକୁ ଏଲ୍‌ଇଟି ଯୋଜନା କରିଥିବା କୁହାଯାଇଛି। ଚଳିତ ମାସ ୬ ତାରିଖରେ ଇସ୍‌ଲାମାବାଦସ୍ଥିତ ଏକ ମସ୍‌ଜିଦ୍‌ରେ ନମାଜପାଠ ଚାଲିଥିଲା ବେଳେ ଏଠାରେ ବିସ୍ଫୋରଣ ଘଟି ୩୧ ଜଣଙ୍କ ମୃତ୍ୟୁ ହେବା ସହିତ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହାପଛରେ ଭାରତର ହାତ ଥିବା ଦର୍ଶାଇ ଏଲ୍‌ଇଟି ଭାରତ ଉପରେ ଆକ୍ରମଣ କରି ପ୍ରତିଶୋଧ ନେବାକୁ ଚାହୁଁଛି। ଇସ୍‌ଲାମାବାଦ ବିସ୍ଫୋରଣରେ ଶକ୍ତିଶାଳୀ ଆଇଇଡି ବ୍ୟବହାର କରାଯାଇଥିଲା ବେଳେ ସେହି ଢଙ୍ଗରେ ଭାରତ ଉପରେ ଆକ୍ରମଣ କରିବାକୁ ଏଲ୍‌ଇଟି ଯୋଜନା ପ୍ରସ୍ତୁତ କରିଛି ବୋଲି ସୂଚନା ମିଳିଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ଏଜେନ୍ସି ପକ୍ଷରୁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ହାଇ ଆଲର୍ଟ ଜାରି କରାଯିବା ସହିତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।



# ଟାରିଫ୍ ବିରୋଧରେ ଲଢ଼ିଥିଲେ ଭାରତୀୟ ବଂଶୋଦ୍ଭବ ନିଲ୍ କାଟିଆଲ୍

ୱାଶିଂଟନ୍,୨୧।୨



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ସେଠାକାର ସୁପ୍ରିମକୋର୍ଟ ବେଆଇନ କହିବା ସହିତ ଏହାକୁ ଖାରଜ କରିବା ଘଟଣା ବିଶ୍ୱସ୍ତରରେ ହଇଚଇ ସୃଷ୍ଟି କରିଛି। ସୁପ୍ରିମକୋର୍ଟଙ୍କ ଏଭଳି ରାୟ ଟ୍ରମ୍ପଙ୍କ ପ୍ରତି ଶକ୍ତ ଧକ୍କା ହୋଇଥିଲା ବେଳେ ବିଭିନ୍ନ ଦେଶରେ ଟ୍ରମ୍ପଙ୍କୁ ନେଇ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ଟାରିଫ୍‌କୁ ନେଇ ବିଭିନ୍ନ ଦେଶର ସ୍ଥିତି କ'ଣ ରହିବ ତାହାକୁ ନେଇ ଚର୍ଚ୍ଚା ଚାଲିଛି। ଆମେରିକାର ସୁପ୍ରିମକୋର୍ଟ ଦେଇଥିବା ରାୟ ପଛରେ ଯାହାଙ୍କର ବିଶେଷ ଭୂମିକା ରହିଛି, ସେ ହେଲେ ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ନିଲ୍ କାଟିଆଲ୍। ପୂର୍ବରୁ ଆମେରିକାର କାମଚଳା ସଲିସିଟର୍ ଜେନେରାଲ ଭାବେ କାର୍ଯ୍ୟ କରିଥିବା କାଟିଆଲ୍ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ଚ୍ୟାଲେଞ୍ଜ କରିବା ସହିତ ଆମେରିକାର ଅନ୍ତର୍ଜାତୀୟ ଜରୁରୀ ଆର୍ଥିକ କ୍ଷମତା ଆଇନ (ଆଇଇଇପିଏ), ୧୯୭୭ ଅନୁସାରେ ଟାରିଫ୍ ଲାଗୁ କ୍ଷମତା ତାଙ୍କର ନାହିଁ ବୋଲି ଯୁକ୍ତି କରିଥିଲେ। ତାଙ୍କର ଏହି ଯୁକ୍ତିକୁ ନେଇ ଶୁଣାଣି ହୋଇଥିଲା ବେଳେ ପ୍ରଧାନ ବିଚାରପତିଙ୍କ ସମେତ ୬ ବିଚାରପତି କାଟିଆଲ୍‌ଙ୍କ ଯୁକ୍ତିରେ ସହମତ ହୋଇଥିଲେ। ସେହି ଅନୁସାରେ ସୁପ୍ରିମକୋର୍ଟ ଟାରିଫ୍‌କୁ ବେଆଇନ ଦର୍ଶାଇଥିଲେ।

# ଭାରତ-ବ୍ରାଜିଲ ୩୦ ବିଲିୟନ ଡଲାର ବାଣିଜ୍ୟ ଚୁକ୍ତି

## ଡିଜିଟାଲ ଭିତ୍ତିଭୂମି ସମେତ ଖଣି ଓ ରେୟାର ଆର୍ଥ କ୍ଷେତ୍ରକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୧।୨



ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମିଳିତ ସାମ୍ବାଦିକ ସମ୍ମିଳନୀ।

ସାମ୍ପ୍ରତିକ ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଏବଂ ବ୍ରାଜିଲ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରଖି ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ସହମତ ହୋଇଛନ୍ତି। ଏହି କ୍ରମରେ ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ କାରବାର ୩୦ ବିଲିୟନ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଉଭୟ ରାଷ୍ଟ୍ର ଶନିବାର ଚୁକ୍ତିବଦ୍ଧ ହୋଇଛନ୍ତି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭାଙ୍କ ଉପସ୍ଥିତିରେ ବିଭିନ୍ନ କ୍ଷେତ୍ରରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିଶେଷକରି ଡିଜିଟାଲ୍ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ସହିତ ଖଣି ଏବଂ ରେୟାର ଆର୍ଥ କ୍ଷେତ୍ରରେ ବାଣିଜ୍ୟ ବୃଦ୍ଧି କରିବାକୁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଲାଟିନ୍ ଆମେରିକା ଦେଶସମୂହରେ ବ୍ରାଜିଲ ଭାରତର ସର୍ବବୃହତ୍ ବାଣିଜ୍ୟ ଅଂଶୀଦାର ଭାବେ ଉଭା ହୋଇଥିଲା ବେଳେ ଉଭୟ ପକ୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବାଣିଜ୍ୟ ସହଯୋଗ ବୃଦ୍ଧି ପାଇଁ ସୁଯୋଗ ଆସିଛି ବୋଲି ମୋଦି କହିଛନ୍ତି। ସେହିପରି ରାଷ୍ଟ୍ରପତି ଲୁଲା ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରି ଜାତିସଂଘ, ବିଶ୍ୱ ଅର୍ଥନୈତିକ ମଞ୍ଚ ଏବଂ ଜି-୨୦ ଭଳି ଅନ୍ତର୍ଜାତୀୟ ମଞ୍ଚରେ ଗ୍ଲୋବାଲ୍ ସାଉଥ୍ ସ୍ୱରକୁ ଉଠାଇବାକୁ ଆହ୍ୱାନ ଦେଇଛନ୍ତି। ସାମ୍ପ୍ରତିକ ସ୍ଥିତିରେ ବୈଶ୍ୱିକ ସ୍ତରରେ ଯେଉଁଭଳି ଅସ୍ଥିରତା ଲାଗି ରହିଛି, ତଦ୍ୱାରା ସ୍ଥାୟୀ ଶାନ୍ତି ଓ ଅଭିବୃଦ୍ଧି ହାସଲ କରିବା କଷ୍ଟକର। ଭାରତ ଓ ବ୍ରାଜିଲ ଦ୍ୱିପାକ୍ଷିକ ସମ୍ପର୍କକୁ ସବୁସ୍ତରରେ ମଜଭୁତ କରି ଅନ୍ତର୍ଜାତୀୟ ମଞ୍ଚରେ ଏହାର ମୁକାବିଲା ପାଇଁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି।

# ଯୌନ ନିର୍ଯାତନା: ଅଭିମୁକ୍ତେଶ୍ୱରାନନ୍ଦଙ୍କ ନାଁରେ ମାମଲା ରୁଜୁ ନିର୍ଦ୍ଦେଶ

ଲକ୍ଷ୍ନୌ,୨୧।୨

ଉତ୍ତରାଖଣ୍ଡ ବଦ୍ରିନାଥସ୍ଥିତ ଜ୍ୟୋର୍ତିମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦଙ୍କ ବିରୋଧରେ ଶିଶୁ ଯୌନ ନିର୍ଯ୍ୟାତନା ମାମଲା ରୁଜୁ କରିବାକୁ ଆହ୍ଲାବାଦସ୍ଥିତ ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଶାକୁମ୍ଭରୀ ପୀଠାଧୀଶ୍ୱର ଆଶୁତୋଷ ବ୍ରହ୍ମଚାରୀ ମହାରାଜ ଅଭିମୁକ୍ତେଶ୍ୱରାନନ୍ଦଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲାବେଳେ ଶନିବାର ଶୁଣାଣି ହୋଇଥିଲା। ଏହାପରେ ସମ୍ପୃକ୍ତ ଅଦାଲତ ଅଭିମୁକ୍ତେଶ୍ୱରାନନ୍ଦ ଏବଂ ତାଙ୍କ ଶିଷ୍ୟ ସ୍ୱାମୀ ମୁକୁନ୍ଦାନନ୍ଦ ଗିରିଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଘଟଣାର ଯାଞ୍ଚ କରି ତୁରନ୍ତ ରିପୋର୍ଟ ଦେବାକୁ କୋର୍ଟ କହିଛନ୍ତି।

No.10001/77/2526
NACO
OSACS
କାହିଁକି ବିପଦକୁ ଯିବା ଭାଇ, ଛୁଞ୍ଚି ବଦଳରେ ବଟିକା, ଥରେ ଚେଷ୍ଟା କର !
OST
ପ୍ରତିଦିନ ସେବନ କରୁଛନ୍ତି କି
ଓଏସଟିର ଲାଭ
ଓଭରଡୋଜ୍‌ର ସମ୍ଭାବନା ହ୍ରାସ କରେ
ନିଶା ଛଡ଼ାଇବାରେ ସାହାଯ୍ୟ କରେ
ସିରିଞ୍ଜ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରେ, ଯାହା ଦ୍ୱାରା ଏଚ୍‌ଆଇଭି ସଂକ୍ରମଣ ହେବାର ସମ୍ଭାବନା କମିଯାଏ
ଆଜି ମାଗଣା ଓଏସଟି ଆରମ୍ଭ କରିବାକୁ ଆପଣଙ୍କର ନିକଟତମ ଓଏସଟି କେନ୍ଦ୍ରରେ ଯୋଗାଯୋଗ କରନ୍ତୁ।
Follow us on : BREAKFREE https://breakfreeindia.org
AIDS Helpline 1097
ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।
OIPR-10001/10060/2/25-26/0006



ଆମେରିକାର ମୋରିଗାଁଓ ଜିଲାସ୍ଥିତ ପୋବିତୋରା ବନ୍ୟପ୍ରାଣୀ ଅଭୟାରଣ୍ୟରେ ୨ ଗଣ୍ଡାଙ୍କ ମଧ୍ୟରେ ଲଢ଼େଇର ଦୃଶ୍ୟ। (ଫଟୋ: ପିଟି)

# ତାଳଚେର ପ୍ରଦୂଷଣ: ଜବାବ ମାଗିଲେ ଏନ୍‌ଜିଟି

**ତାଳଚେର,୨୧।୨(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରର ବାୟୁ ପ୍ରଦୂଷଣ ସମ୍ପର୍କିତ ମାମଲାର ଶୁଣାଣି କରି ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏମ୍‌ସିଏଲ୍‌, ଓଡ଼ିଶା ସରକାର, ସିପିସିବି, ଅନୁଗୋଳ ଜିଲାପାଳ, ପୂର୍ବତଟ ରେଳପଥ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜବାବ ତଲବ କରିଛନ୍ତି। ଆସନ୍ତା ଏପ୍ରିଲ ୧୬ ତାରିଖରେ କୋର୍ଟରେ ଏ ସମ୍ପର୍କିତ ତଥ୍ୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଅନେକ ସମୟରେ ତାଳଚେରର ବାୟୁ ଗୁଣବତ୍ତା ମାନ ଚିନ୍ତାଜନକ ସ୍ଥିତି ସୃଷ୍ଟି କରୁଛି। ଚଳିତ ଆର୍ଥିକ ବର୍ଷରେ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ ବାର୍ଷିକ ୧୨୫ ନିୟୁତ ଟନ୍ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛି। ତାଳଚେର କୋଇଲା କ୍ଷେତ୍ର ୫୦୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଓ ଏହା ଦେଶର ସବୁଠାରୁ ବୃହତ୍ କୋଇଲା ଭଣ୍ଡାର। ଗତ ୨୨ ଜାନୁଆରୀ ୨୦୨୫ରେ ତାଳଚେରରେ ବାୟୁର ଗଣବତ୍ତା ମାନ ୩୧୨ ପଏଣ୍ଟ ଥିଲା, ଯାହା ଦେଶର ଦ୍ୱିତୀୟ ସର୍ବୋଚ୍ଚ ପ୍ରଦୂଷିତ ସହରର ମାନ୍ୟତା ପାଇଥିଲା। ଏଭଳି ସ୍ଥିତିରେ କୋଇଲା ଖଣିରୁ ଟ୍ରେନ୍ ଓ ଟ୍ରକ୍ ଯୋଗେ ହେଉଥିବା କୋଇଲା ପରିବହନ ବେଳେ ପାଲ ଢାଙ୍କିନେବାର ବ୍ୟବସ୍ଥା ଥିଲାବେଳେ ତାହାକୁ ଅନୁପାଳନ କରାଯାଉ ନାହିଁ। ଏହାକୁ ଭିତ୍ତିକରି ଆବେଦନକାରୀ ସାମାଜିକ କର୍ମୀ ରାଜକିଶୋର ସାହୁ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଗୁରୁତ୍ୱକୁ ବିଚାରକୁ ନେଇ ମାନ୍ୟବର ଅଦାଲତ ୧୬ ଏପ୍ରିଲରେ ସମସ୍ତ ପକ୍ଷକୁ ଜବାବ ତଲବ କରିଛନ୍ତି।

# ବିଶ୍ୱବ୍ୟାପୀ ୧୫% ଟ୍ରମ୍ପ୍ ଟାରିଫ୍

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାରିଫ୍ ଲଗାଇବା କ୍ଷମତାକୁ ଆମେରିକାର ସୁପ୍ରିମକୋର୍ଟ ଶୁକ୍ରବାର ବେଆଇନ କହିବା ସହ ଏହାକୁ ରଦ୍ଦ କରିଥିଲେ। ଏହାର କିଛି ଘଣ୍ଟା ପରେ ଟ୍ରମ୍ପ୍ ସାରା ବିଶ୍ୱର ବିଭିନ୍ନ ଦେଶ ଉପରେ ୧୦% ଶୁଳ୍କ ଲଗାଇଥିଲେ। ଟ୍ରମ୍ପ୍ ଶନିବାର ନିଷ୍ପତ୍ତି ବଦଳାଇ ଭାରତ ସମେତ ସବୁ ଦେଶ ଉପରେ ଉକ୍ତ ଶୁଳ୍କକୁ ୧୫%କୁ ବୃଦ୍ଧି କରିଛନ୍ତି। ଏହାକୁ ଅସ୍ଥାୟୀ ଭାବେ ୧୫୦ ଦିନ ପାଇଁ ଲାଗୁ କରାଯିବ।**



ଡୋନାଲ୍ଡ ଟ୍ରମ୍ପ୍

**ୱାଶିଂଟନ/ନୂଆଦିଲ୍ଲୀ,୨୧।୨(ପି.ଟି.)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୁପ୍ରିମକୋର୍ଟଙ୍କ ରାୟକୁ ନିନ୍ଦାକରି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ସୁପ୍ରିମକୋର୍ଟଙ୍କ ଟାରିଫ୍ ରାୟ ହାସ୍ୟାସ୍ପଦ, ଅସ୍ପଷ୍ଟ ଏବଂ ଶୁଳ୍କ ପ୍ରସଙ୍ଗରେ ଆମେରିକା ବିରୋଧୀ ନିଷ୍ପତ୍ତି। ଯେଉଁ ଦେଶଗୁଡ଼ିକ ବହୁ ଦଶନ୍ଧି ଧରି ଆମକୁ ଲୁଟି ଆସୁଥିଲେ, ଆମେରିକା ରାଷ୍ଟ୍ରପତି ଭାବେ ମୁଁ ତୁରନ୍ତ ସେମାନଙ୍କ ଉପରେ ଲଗାଇଥିବା ୧୦ ପ୍ରତିଶତ ଶୁଳ୍କକୁ ୧୫ ପ୍ରତିଶତ ବଢ଼ାଇବାକୁ ଯାଉଛି, ଯାହାକି ଆଇନଗତ ଭାବେ ପରୀକ୍ଷିତ ସ୍ତର ବୋଲି ଟ୍ରମ୍ପ୍ କହିଛନ୍ତି। ବାଣିଜ୍ୟ ଆଇନ ୧୯୭୪ର ଧାରା ୧୨୨ରେ ରାଷ୍ଟ୍ରପତିଙ୍କୁ ମିଳିଥିବା କ୍ଷମତା ଅନୁଯାୟୀ ସେ ଏହି ଟାରିଫ୍ ଲଗାଇଥିବା ହ୍ୱାଇଟ୍‌ହାଉସ୍ ପକ୍ଷରୁ ଜାରି ଫ୍ୟାକ୍ଟ ଶିଟ୍‌ରେ କୁହାଯାଇଛି। ଉକ୍ତ ଆଇନ ଅନୁଯାୟୀ କେତେକ ମୌଳିକ ଅନ୍ତର୍ଜାତୀୟ ଅର୍ଥ ପୈଠ ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରପତି ଶୁଳ୍କ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଆମଦାନୀ କଟକଣା ଲଗାଇପାରିବେ। ତଦନୁଯାୟୀ ଭାରତରୁ ଆମଦାନୀ ସାମଗ୍ରୀଗୁଡ଼ିକ ଉପରେ ଆଉ ୧୮% ଟାରିଫ୍ ନୁହେଁ, ନୂଆ ଘୋଷଣା ଅନୁଯାୟୀ ୧୫ ପ୍ରତିଶତ ଟାରିଫ୍ ଲାଗୁ ହେବ।

ଆମେରିକାର ଇଣ୍ଟରନ୍ୟାଶନାଲ ଇମର୍ଜେନ୍ସି ଇକୋନୋମିକ୍ ପାୱାର୍ସ ଆକ୍ଟ(ଆଇଇଇପିଏ),୧୯୭୭ ବଳରେ ଟ୍ରମ୍ପ୍ ପୂର୍ବରୁ ବିଭିନ୍ନ ରାଷ୍ଟ୍ର ଉପରେ ଅତ୍ୟଧିକ ଟାରିଫ୍ ଲାଗୁ କରିଥିଲେ। ତେବେ ଏହି ଆଇନ ଅନୁସାରେ ଟାରିଫ୍ ଲାଗୁ କରିବା ଅଧିକାର ରାଷ୍ଟ୍ରପତିଙ୍କର ନାହିଁ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ଜନ୍ ରବର୍ଟସ୍ କହିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ଭାରତ ସହ ବାଣିଜ୍ୟ ଚୁକ୍ତିନାମାରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ଭାରତ ଆମକୁ ଟାରିଫ୍ ଦେବ କିନ୍ତୁ ଆମେ ଦେବୁନାହିଁ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ବହୁତ ଭଦ୍ରଲୋକ ଓ ଅଧିକ ସ୍ମାର୍ଟ ବୋଲି କହିଛନ୍ତି। ସେ ଆମେରିକାଠାରୁ ଫାଇଦା ଉଠାଉଥିଲେ। ସେଥିପାଇଁ ଆମେ ଭାରତ ସହ ଡିଲ୍ କଲୁ। ଏହା ବହୁତ ଭଲ ଚୁକ୍ତିନାମା, ଯେଉଁଥିରେ ଆମେ ସେମାନଙ୍କୁ ଟାରିଫ୍ ଦେବୁନାହିଁ, ☞ପୃଷ୍ଠା–୧୩

## ଭାରତ ପାଇଁ ଅପରିବର୍ତ୍ତିତ: ଟ୍ରମ୍ପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାରିଫ୍ ନିଷ୍ପତ୍ତିକୁ ଶୁକ୍ରବାର ଆମେରିକାର ସୁପ୍ରିମକୋର୍ଟ ବେଆଇନ କହି ରଦ୍ଦ କରିଦେଇଛନ୍ତି। ଏହାସତ୍ତ୍ୱେ ଭାରତ ସହ ଆମେରିକାର ଟାରିଫ୍ ବଳବତ୍ତର ରହିବ। ଭାରତ ଆମକୁ ଟାରିଫ୍ ଦେବ, କିନ୍ତୁ ଆମେ ଭାରତକୁ ପଠାଇବାକୁ ଥିବା କୌଣସି ସାମଗ୍ରୀ ଉପରେ ଶୁଳ୍କ ଦେବୁନାହିଁ। ଭାରତ ସହ ଏହା ହିଁ ଚୁକ୍ତି ହୋଇଛି ବୋଲି ଟ୍ରମ୍ପ୍ ଶନିବାର ସ୍ପଷ୍ଟ କରିଛନ୍ତି। ଟ୍ରମ୍ପ୍ ତାଙ୍କ ଦେଶର ସୁପ୍ରିମକୋର୍ଟ ରାୟକୁ ଅଣଦେଖା କରିବା ବିଷୟରୁ ସ୍ପଷ୍ଟ ହେଉଛି ଯେ ଭାରତ ସମେତ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକର ଅର୍ଥନୀତିର ଚକ ଆମେରିକାର ହଁ, ନାହିଁରେ ଗଡ଼ିବ। କାରଣ ଆମେରିକା ଟାରିଫ୍ ବଢ଼ାଇଲେ କିମ୍ବା କମାଇଲେ ତୁରନ୍ତ ବିଶ୍ୱ ବଜାରରେ ଉଠାପକା ହେବା ସହ ଶେୟାର ମାର୍କେଟ ବିପୁଳ ଲାଭକ୍ଷତିର ସମ୍ମୁଖୀନ ହେଉଛି। ଆମେରିକା ସୁପ୍ରିମକୋର୍ଟ ବା ଟ୍ରମ୍ପ୍ ପ୍ରଶାସନ କି ପଦକ୍ଷେପ ନେଉଛନ୍ତି ତାହାକୁ ସମସ୍ତେ ଅନେଇ ରହୁଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ଆମେରିକା ଦ୍ୱାରା ବିଶ୍ୱ ଅର୍ଥନୀତିର ଭାଗ୍ୟ ନିର୍ଦ୍ଧାରଣ ହେଉଛି ଏବଂ ଭବିଷ୍ୟତରେ ମଧ୍ୟ ଏପରି ଚାଲିବ। ଭାରତ ପ୍ରସଙ୍ଗକୁ ଦେଖିଲେ ଟ୍ରମ୍ପ୍‌ଙ୍କ କଠୋର ଆଭିମୁଖ୍ୟରେ ପରିବର୍ତ୍ତନ ଆସିନାହିଁ। ସେ କୌଣସି ନା କୌଣସି ଉପାୟରେ ଭାରତ ଉପରେ ରାଗ ଶୁଝାଉଥିବା ଅନେକେ ମତ ଦେଉଛନ୍ତି। ତେବେ ଟ୍ରମ୍ପ୍ ବିଶ୍ୱବ୍ୟାପୀ ଟାରିଫ୍ ୧୫%କୁ ବୃଦ୍ଧି କରିବା ପରିପ୍ରେକ୍ଷୀରେ ଭାରତ ଉପରେ କୌଣସି ପ୍ରତିକ୍ରିୟା ଦେଇ ନ ଥିବାରୁ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଛି।



T&C available at your nearest dealership. *Ex. Showroom Price of Grand Vitara Delta ₹13 lakh, Exchange Bonus (-) ₹30 000, Rural/ISL offer (-) ₹15 000 = ₹12.55 lakh. #Ex. Showroom Price of XL6 Zeta ₹12.44 lakh, Consumer Offer (-) ₹20 000, Exchange Offer (-) ₹20 000, Rural/ISL Offer (-) ₹10 000= ₹11.94 lakh. The actual Effective Price mentioned may vary based on the customer's eligibility, profile, and applicable offers at the time of purchase. Offers are valid on Grand Vitara Sigma Variant & XL6 Zeta Variant. Maruti Suzuki India Limited reserves the right to discontinue offers without notice, and offers may vary across variants. The above offers are valid until stocks last. Creative visualisation. Images used are for illustration purposes only. Car colour may vary due to printing on paper. **By selected finance partners. Finance is at the sole discretion of the financier. Prices and savings mentioned above are for select variants and may vary across cities/variants.




# ଧୋଇଗଲା ପ୍ରଶ୍ନକାଳ, ଶୂନ୍ୟକାଳ

## ପୂର୍ବାହ୍ଣରେ ୧୦, ଅପରାହ୍ଣରେ ୧୨ ମିନିଟ୍ ଚାଲିଲା ଗୃହ

ଭୁବନେଶ୍ୱର,୨୧।୨
(ରବିନାରାୟଣ ଜେନା/ସୁନିତ୍ ମିଶ୍ର)

ଚଳିତବର୍ଷ ଖରିଫ ଋତୁରେ ଚାଷୀଙ୍କଠାରୁ ଧାନ ସଂଗ୍ରହକୁ ନେଇ ବିଧାନସଭା ୪ଦିନ ଧରି ସରଗରମ ରହିଛି। କେଉଁଦିନ ୭ ମିନିଟ୍ ଚାଲୁଛି ତ ଆଉ କେଉଁଦିନ ୧୦ରୁ ୧୨ ମିନିଟ୍। ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନରେ ପ୍ରଥମଦିନ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣ ପରେ ଧନ୍ୟବାଦ ଆଲୋଚନାରୁ ହଟି ବିରୋଧୀ ବିଜେଡି ଓ କଂଗ୍ରେସ ଚାଷୀଙ୍କ ସମସ୍ୟାକୁ ପ୍ରସଙ୍ଗ କରିଛନ୍ତି। ଶନିବାର ଗୃହରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଦୁଇଟି ପର୍ଯ୍ୟାୟରେ ମାତ୍ର ୨୨ ମିନିଟ୍ ଗୃହ କାର୍ଯ୍ୟ ଚାଲିଛି। ପୂର୍ବାହ୍ଣରେ ଦୁଇଥର ମୁଲତବୀ ହେବା ସହିତ ମାତ୍ର ୧୦ମିନିଟ୍ ଗୃହ ଚାଲିଥିବାବେଳେ ଅପରାହ୍ଣରେ ଯଥାକଥାରେ ୧୨ ମିନିଟ୍ ଚାଲିଛି। ଫଳରେ ପ୍ରଶ୍ନକାଳ, ଶୂନ୍ୟକାଳ ଧୋଇଯାଇଥିବା ବେଳେ ମୁଲତବୀ ଆଲୋଚନା ଭଳି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ ହୋଇପାରିନାହିଁ। ରାଜ୍ୟରେ ଧାନବିକ୍ରି ଓ ଚାଷୀ ସମସ୍ୟାକୁ ନେଇ କ୍ରମାଗତଭାବେ ୫ମ ଦିନରେ ମଧ୍ୟ ବିରୋଧୀ ଗୃହ ଅଚଳ କରିଛନ୍ତି।

ଶନିବାର ପୂର୍ବାହ୍ଣରେ ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ମହିଳା ଓ ଶିଶୁ ବିକାଶ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭାଜପା ସଦସ୍ୟ ଭାସ୍କର ମଢ଼େଇଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଡାକିଥିଲେ। ଉପମୁଖ୍ୟମନ୍ତ୍ରୀ ଉତ୍ତର ଦେବା ପୂର୍ବରୁ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଗଣେଶ୍ୱର ବେହେରା, ଡ. ଅରୁଣ ସାହୁ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସଦସ୍ୟ ଦିବ୍ୟଶଙ୍କର ମିଶ୍ର ଓ ସୁନୀଲ ମହାନ୍ତି ପ୍ରମୁଖ ଗୃହର ମଧ୍ୟଭାଗକୁ ପୋଷ୍ଟର ଓ ବ୍ୟାନର ଧରି ପଶି ଆସିଥିଲେ। ସେହିପରି କଂଗ୍ରେସ ସଦସ୍ୟ ଡ. ସି.ରାଜନ ଏକ୍କା, ସୋଫିଆ ଫିର୍ଦ୍ଦୋସ ଏବଂ ଅଶୋକ ଦାସ ପ୍ରମୁଖ କଳାପଟି ବାନ୍ଧି ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। 'କଟ୍‌ନିଛଟ୍‌ନି ଚଳିବ ନାହିଁ' ସହିତ ସରକାରବିରୋଧୀ ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ। ନିଜ ନିଜ ଆସନକୁ ଫେରିଯିବାକୁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ପ୍ରଶ୍ନକାଳ ଚାଲିଥିବା ବେଳେ ବିରୋଧୀ ସଦସ୍ୟ ପଏଣ୍ଟ ଅଫ୍ ଅର୍ଡର ମାଗିଥିବା ବେଳେ ଏହାକୁ ବାଚସ୍ପତି ଅଗ୍ରାହ୍ୟ କରିଥିଲେ। ବିରୋଧୀ ସଦସ୍ୟ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ୧୦ଟା ୩୬ମିନିଟ୍‌ରୁ ୧୧ଟା ୩୦ ଯାଏ ଏବଂ ପରେ ୧୧ଟା ୩୪ରୁ ଅପରାହ୍ଣ ୪ଟା ଯାଏ ଗୃହ ମୁଲତବୀ ଘୋଷଣା କରିଥିଲେ। ଏହାକୁ ନେଇ ଗୃହ ବାହାରେ ଶାସକ-ବିରୋଧୀ ପରସ୍ପରକୁ ରାଜନୈତିକ ଆରୋପ ଓ ପ୍ରତ୍ୟାରୋପ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଅପରାହ୍ଣ ୪ଟା ପରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ବିରୋଧୀଙ୍କ ହଟ୍ଟଗୋଳ ଭିତରେ ଗୃହ ବିଭାଗ, ରାଜସ୍ୱ, ଅର୍ଥ, ପଞ୍ଚାୟତିରାଜ ଓ ଶ୍ରମ ବିଭାଗର କାଗଜ ସହ ଗୃହରେ ଓଡ଼ିଶା ନିର୍ମାଣ ନିଗମର ୨୦୨୧-୨୨, କାଜୁ ନିଗମର ୨୦୨୧-୨୨, ୨୩-୨୪ ଏବଂ ଖଣି ନିଗମର ୨୦୨୪-୨୫ର ରିପୋର୍ଟ ଗୃହରେ ଉପସ୍ଥାପନ ହୋଇଥିଲା। ପରେ ବାଚସ୍ପତି ଗୃହକୁ ସୋମବାର ପୂର୍ବାହ୍ଣ ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଗୃହ ମୁଲତବୀ ପରେ ଶାସକ ଓ ବିରୋଧୀଙ୍କ 'ଆରୋପ ପ୍ରତ୍ୟାରୋପ' ଦେଖିବାକୁ ମିଳିଥିଲା। ଗୃହ ବାହାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ସରକାର ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ଚାହୁଁନାହାନ୍ତି। ବିରୋଧୀମାନେ ୪ଦିନ ଧରି ଏହି ପ୍ରସଙ୍ଗରେ ଆଲୋଚନା କରିବାପାଇଁ ଦାବିକରୁଥିଲେ ମଧ୍ୟ ଶୁଣୁନାହାନ୍ତି। ସରକାର ଓ ମିଲର୍ସ ମିଶି ଚାଷୀଙ୍କୁ ଶୋଷଣ କରୁଛନ୍ତି ବୋଲି ସେ କହିଥିଲେ।

ସେହିପରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଗୃହ ଚଳାଇବା ପାଇଁ ସରକାରଙ୍କ ମାନସିକତା ନାହିଁ। ଆଲୋଚନା ହେଲେ ସରକାରଙ୍କ ଦୋଷ ପଦାକୁ ଆସିଯିବ। ସରକାର ସେଥିପାଇଁ ପ୍ରସ୍ତୁତ ନୁହନ୍ତି। ଗୃହ ଚଳାଇବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ସରକାର ଆଜି ଯାଏ କାହିଁକି ଧାନ କିଣିପାରୁ ନାହାନ୍ତି। ଚାଷୀଙ୍କୁ ଟୋକନ ମିଳୁ ନାହିଁ। ସରକାର ଗୃହ ଓ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଖରିଫ୍ ଧାନ ଏଯାଏ ଉଠୁନାହିଁ। ଏପଟେ ଡାଲୁଆ ଧାନ ଆରମ୍ଭ ହେଲାଣି। ଚାଷୀ ଚିନ୍ତାରେ ଅଛନ୍ତି ବୋଲି ସେ କହିଥିଲେ।

ଅନ୍ୟପକ୍ଷରେ ସରକାରୀଦଳ ପକ୍ଷରୁ ସଦସ୍ୟ ସନାତନ ବିଜୁଳି କହିଥିଲେ, ୪ ଦିନ ହେବ ବିଧାନସଭାକୁ ବିରୋଧୀ ବନ୍ଦ କରିଲେଣି। ଯେତେବେଳେ ସମସ୍ତେ ଖୁସି ହୁଅନ୍ତି ସରକାରଙ୍କ ନିଷ୍ପତ୍ତିରେ ସେତେବେଳେ ବିରୋଧୀ ଦୁଃଖୀ ହୋଇଯାନ୍ତି। ପ୍ରକୃତରେ ବିରୋଧୀ ବିକାଶ ବିରୋଧୀ। କଂଗ୍ରେସ ଓ ବିଜେଡି ହାତ ମିଳେଇଛନ୍ତି ବୋଲି ସେ କହିଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ୨୮କୁ ବୃଦ୍ଧି

ଭୁବନେଶ୍ୱର,୨୧।୨(ସୁଚିସ୍ମିତା ସାହୁ)

### ଜିଲା, ବ୍ଲକ ଶିକ୍ଷା ଅଧିକାରୀଙ୍କ ଆବେଦନ କୋହଳ

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ସମୟସୀମାକୁ ପୁଣି ଥରେ ବୃଦ୍ଧି କରାଯାଇଛି। ପୂର୍ବରୁ ଏହାକୁ ଫେବୃଆରୀ ୧୮ ତାରିଖ ଯାଏ ବଢ଼ାଯାଇଥିଲାବେଳେ ଏବେ ଆସନ୍ତା ୨୮ ତାରିଖକୁ ପୁନଃ ବୃଦ୍ଧି କରାଯାଇଛି। ଏଥିସହ ଏହି ପୁରସ୍କାର ପାଇଁ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଆବେଦନକୁ କୋହଳ କରାଯାଇଛି। ପୂର୍ବ କାର୍ଯ୍ୟରତ ଜିଲା ଓ ବ୍ଲକରେ ୩୧ ମାର୍ଚ୍ଚ ୨୦୨୪ ଭିତରେ ଯୋଗଦେଇଥିଲେ ସେମାନେ ପୁରସ୍କାର ପାଇଁ ଆବେଦନ କରିପାରିବେ। ଏଥିପାଇଁ www.msp.odisha.gov.inରେ ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ ପୁରସ୍କାର, ଜିଲା ପୁରସ୍କାର, ବ୍ଲକ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ୱେବ୍‌ସାଇଟରେ ସମସ୍ତ ସୂଚନା ଉପଲବ୍ଧ ରହିଥିବା କୁହାଯାଇଛି।

# ରାଜ୍ୟରେ ଶିଶୁ ଜନ୍ମ ହାର ହ୍ରାସ ପାଉଛି

### ଅତିଶୟ ପୁଷ୍ଟିହୀନରେ ଗଞ୍ଜାମ ପ୍ରଥମ, ପୁଷ୍ଟିହୀନରେ ମୟୂରଭଞ୍ଜ

ଭୁବନେଶ୍ୱର,୨୧।୨(ସୁଚିସ୍ମିତା ସାହୁ)

ରାଜ୍ୟରେ ଶିଶୁ ଜନ୍ମ ହାର ହ୍ରାସ ପାଉଛି। ଶନିବାର ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଇଥିବା ତଥ୍ୟ ଅନୁସାରେ, ୨୦୦୦ ମସିହାରେ ରାଜ୍ୟରେ ଶିଶୁ ଜନ୍ମହାର ୨୪.୧% ଥିବାବେଳେ ୨୦୨୩ ମସିହାରେ ଏହା ୧୬%କୁ ହ୍ରାସ ପାଇଛି। ଅର୍ଥାତ୍ ୧୦୦୦ ଜନସଂଖ୍ୟାରେ ୧୬ଜଣ ପିଲା ଜନ୍ମ ହୋଇଛନ୍ତି। ୨୦୨୫ ମସିହାରେ ପ୍ରକାଶିତ ଏସ୍‌ଆର୍‌ଏସ୍ ସର୍ଭେ ରିପୋର୍ଟରୁ ଏହା ଜଣାପଡ଼ିଛି।

ସେହିପରି ରାଜ୍ୟରେ ଜନ୍ମରୁ ୫ବର୍ଷ ବୟସର ୧୪୭୭୭ଜଣ ଅତିଶୟ ପୁଷ୍ଟିହୀନ ଶିଶୁ ଥିବାବେଳେ ୬୪,୯୩୬ ଜଣ ପୁଷ୍ଟିହୀନ ଶିଶୁ ରହିଛନ୍ତି। କମ୍ ଓଜନ ବିଶିଷ୍ଟ ଶିଶୁଙ୍କ ସଂଖ୍ୟା ୩ଲକ୍ଷ ୯ହଜାର ୭୦୭ ରହିଥିବାବେଳେ ବୟସ ତୁଳନାରେ ଉଚ୍ଚତା କମ ଥିବା ଶିଶୁଙ୍କ ସଂଖ୍ୟା ରାଜ୍ୟରେ ୬,୯୮,୬୭୬ ରହିଛି। ତେବେ ପୁଷ୍ଟିହୀନ, କମ୍ ଓଜନ ବିଶିଷ୍ଟ ଶିଶୁ ଓ ବୟସ ତୁଳନାରେ ଉଚ୍ଚତା କମ୍ ଥିବା ଶିଶୁ ମୟୂରଭଞ୍ଜରେ ସର୍ବାଧିକ ରହିଛନ୍ତି। ଅନ୍ୟପକ୍ଷରେ ଅତିଶୟ ପୁଷ୍ଟିହୀନ ଶିଶୁ ସଂଖ୍ୟାରେ ଗଞ୍ଜାମ ଜିଲା ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟରେ ମୟୂରଭଞ୍ଜ ଏବଂ ତୃତୀୟରେ ବାଲେଶ୍ୱର ରହିଛି ବୋଲି ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଜଗତ୍‌ସିଂହପୁର ଜନସାଧାରଣ


ରାଜ୍ୟ ଅତିଥିଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟୁଛନ୍ତି ଜଗତ୍‌ସିଂହପୁର ନାଗରିକ ସମାଜ ଓ ଯୁବ ସମାଜ ସଦସ୍ୟ।

ଭୁବନେଶ୍ୱର,୨୧।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ରାଜ୍ୟ ଅତିଥି ଭବନଠାରେ ଜଗତ୍‌ସିଂହପୁର ଜିଲାର ନାଗରିକ ସମାଜ ଓ ଯୁବ ସମାଜ ପକ୍ଷରୁ ୧ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ରହି ଜିଲାରେ ନୂତନ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ହୋଇଥିବା ୨୦୨୬-୨୭ ଆର୍ଥିକ ବର୍ଷ ବଜେଟରେ ଜଗତ୍‌ସିଂହପୁର ଜିଲାରେ ଏକ ବିଶ୍ୱବିଦ୍ୟାଳୟ ଓ ପାରାଦୀପରେ ଏକ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ପାଇଁ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏବଂ ଜିଲାର ଅନ୍ୟାନ୍ୟ ନେତୃବର୍ଗଙ୍କ ନେତୃତ୍ୱରେ ଜଗତ୍‌ସିଂହପୁର ଜିଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରୁ ୧ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବିଶେଷକରି ଯୁବବର୍ଗ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଜିଲାବାସୀ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଉକ୍ତ ନିଷ୍ପତ୍ତି ହେଉଛି ବିକଶିତ ଜଗତ୍‌ସିଂହପୁର ଜିଲା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ନିଦର୍ଶନ। ଏହା ମାଧ୍ୟମରେ ଜିଲାରେ ଗୁଣାତ୍ମକ ଉଚ୍ଚଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ଓ ବୈଷୟିକ ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ।



ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। – ଶ୍ରୀମା



# ଗୁଜରାଟ ମଡେଲର ସ୍ଥିତି



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା) ପ୍ରାୟ ୩୦ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଗୁଜରାଟରେ ଶାସନ କରିଆସୁଛି। ବାସ୍ତବରେ ଗୁଜରାଟ ଏକ ଦୁଇ–ଦଳୀୟ ରାଜ୍ୟ। କିନ୍ତୁ ବାବ୍ରୀ ମସ୍‌ଜିଦ ପତନ ପରେ କଂଗ୍ରେସ କୌଣସି ବିଧାନସଭା କିମ୍ବା ଲୋକସଭା ନିର୍ବାଚନ ଜିତିନାହିଁ। ଭାଜପା ଏହି ସମୟ ମଧ୍ୟରେ ଶାସନ ଏବଂ ଆଇନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପୂର୍ଣ୍ଣ ସୁଯୋଗ ଏବଂ ସ୍ୱାଧୀନତା ପାଇଛି। ପ୍ରାୟ ୨୦ ବର୍ଷ ପୂର୍ବେ, ୨୦୦୨ର ଗଣହତ୍ୟା ପରେ 'ଗୁଜରାଟ ମଡେଲ' ଖଣ୍ଡବାକ୍ୟ ସାମ୍ନାକୁ ଆସିଥିଲା। ଏହି ମଡେଲ କ'ଣ ଏବଂ ଏହା ନୂତନ ଭାରତ ସମ୍ପର୍କରେ କ'ଣ ପ୍ରକାଶ କରିପାରେ ଆସନ୍ତୁ ତାହା ଉପରେ ନଜର ପକାଇବା। ଗୁଜରାଟ ମଡେଲର ପ୍ରଥମ ଅଂଶ ହେଉଛି ମୁସଲମାନଙ୍କୁ ରାଜନୀତିରୁ ବାଦ୍ ଦେବା। ଅନେକ ଦଶନ୍ଧି ଧରି ଗୁଜରାଟରେ କୌଣସି ମୁସଲମାନ ଭାଜପାର ବିଧାୟକ କିମ୍ବା ମନ୍ତ୍ରୀ ନାହାନ୍ତି ଏବଂ ଦଳ ସେମାନଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ମଧ୍ୟ ଦେଉନାହିଁ। ସେମାନଙ୍କୁ ରାଜନୀତିରୁ ଦୂରେଇ ଦେବା ପାଇଁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ଏହା ବି ନୂତନ ଭାରତରେ ପୁନରାବୃତ୍ତି ହୋଇଛି। ଗତ ତିନୋଟି ଲୋକସଭାରେ ଭାଜପା ଜିତିଥିଲେ ବି କୌଣସିଥିରେ ମୁସଲମାନ ନାହାନ୍ତି। ଏବେ ଭାଜପାର ପ୍ରାୟ ୯୦ ଜଣ ରାଜ୍ୟସଭା ସାଂସଦ ଅଛନ୍ତି, କିନ୍ତୁ ସେଥିରେ ଜଣେ ମଧ୍ୟ ମୁସଲମାନ ନାହାନ୍ତି। ଦ୍ୱିତୀୟ ଅଂଶ ହେଉଛି ସଂଖ୍ୟାଲଘୁ ନିର୍ଯାତନା ପାଇଁ ଆଇନ ଅଣାଯାଇଛି। ଅବୈଧ ଗୋହତ୍ୟା ସ୍ପଷ୍ଟ ଭାବରେ ଏକ ଆର୍ଥିକ ଅପରାଧ (ସମ୍ବିଧାନର ଧାରା ୪୮, ପଶୁପାଳନ ଓ ଉନ୍ନତ ପ୍ରଜାତି ସମ୍ବନ୍ଧିତ)। କିନ୍ତୁ ଅହିଂସାତ୍ମକ ଆର୍ଥିକ ଅପରାଧ ମାମଲାରେ ଆଜୀବନ ଜେଲଦଣ୍ଡ ନ ଥିବାବେଳେ ଗୁଜରାଟର ଗୋ ଆଇନ କ୍ଷେତ୍ରରେ ତାହା ରହିଛି। କାରଣ ହେଉଛି ଗୋହତ୍ୟାକୁ ଏକ ଧାର୍ମିକ ମାମଲା ଭାବେ ଦେଖାଯାଉଛି ଏବଂ ସାରା ଦେଶରେ ଏହାକୁ ଅନୁକରଣ କରାଯାଉଛି। ପ୍ରଥମେ ୨୦୧୫ରେ ଭାଜପା ଶାସିତ ମହାରାଷ୍ଟ୍ର ଓ ହରିୟାଣାରେ ଗୋମାଂସ ରଖିବାକୁ ଅପରାଧୀକରଣ କରାଯାଇଥିଲା ଏବଂ ଲିଞ୍ଚିଂ ବା ଭିଡ଼ ହିଂସା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ଘଟଣା ଜାତୀୟସ୍ତରରେ ଦେଖାଗଲାଣି। ରାଜସ୍ଥାନର କ୍ୟାବିନେଟ ପ୍ରକାଶ କରିଛି ଯେ, ମୁସଲମାନଙ୍କୁ ବଳପୂର୍ବକ ଓ ଆଇନଗତ ଭାବରେ ସହରର ଅନୁନ୍ନତ ଅଞ୍ଚଳରେ ଗୋଷ୍ଠୀବଦ୍ଧ ଭାବେ ରହିବାକୁ ବାଧ୍ୟ କରୁଥିବା, ସେମାନଙ୍କୁ ଏହି ଅଞ୍ଚଳ ବାହାରେ ଭଡ଼ାନେବା ଏବଂ ସମ୍ପତ୍ତି କିଣିବାକୁ ବାରଣ କରୁଥିବା ଗୁଜରାଟର ଆଇନକୁ ଏହା ଅନୁକରଣ କରିବ। ହିନ୍ଦୁ ଏବଂ ମୁସଲମାନ ବିବାହର ଅପରାଧୀକରଣ କରିଥିବା ଆଇନ ୨୦୧୮ରେ ଉତ୍ତରାଖଣ୍ଡରୁ ଆରମ୍ଭ ହୋଇଥିଲା ଏବଂ ଏବେ ସାତଟି ରାଜ୍ୟରେ ଏହା ପ୍ରଣୟନ ହୋଇଛି। ନାଗରିକତା ଏବଂ ଗଣ ଭୋଟ ଅଧିକାର ଛଡ଼ାଇନେବା ସମ୍ବନ୍ଧିତ ଆଇନ ଓ ନୀତି ବର୍ତ୍ତମାନ ସାରା ଭାରତରେ ପ୍ରଣୟନ କରାଯିବା ସହ କାର୍ଯ୍ୟକାରୀ ହେଉଛି। ମଡେଲର ତୃତୀୟ ଭାଗର ଲକ୍ଷ୍ୟ ହେଉଛି ସରକାରୀ ବ୍ୟବସ୍ଥାକୁ ପ୍ରୟୋଗ କରି ନିର୍ଯାତନା ଦେବା। ଚଳିତ ସପ୍ତାହରେ ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଥିଲା ଯେ ଉତ୍ତର ପ୍ରଦେଶର ସମ୍ଭଲରେ ଯେଉଁ ସରକାରୀ କଳ ଏକଦା ନିରପେକ୍ଷ ଭାବରେ କାର୍ଯ୍ୟ କରୁଥିଲା, ଏବେ ତାହାର ଅପବ୍ୟବହାର କରାଯାଉଛି। ଏହା ପ୍ରକୃତରେ ନୀତି ହୋଇଗଲାଣି। ପାଖାପାଖି ୨୦୧୭ରେ, ଭାଜପା ଶାସିତ ରାଜ୍ୟଗୁଡ଼ିକ ଆଇନ ଉଲ୍ଲଂଘନ କରି ମୁଖ୍ୟତଃ ମୁସଲମାନଙ୍କ ଘର ଓ ବ୍ୟବସାୟକୁ ଧ୍ୱଂସ କରିବା ପାଇଁ ବୁଲ୍‌ଡୋଜର ବ୍ୟବହାର କରିବା ଆରମ୍ଭ କଲେ। ସରକାରମାନେ କିପରି ବିଧିବିହୀନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଛନ୍ତି ଏବଂ ତା'ପରେ ପଦକ୍ଷେପସ୍ୱରୂପ ବୁଲଡୋଜର ଚଳାଇଛନ୍ତି, ତାହା ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଦ୍ୱାରା ଏବଂ ଅନ୍ୟଟି ନାଗରିକ ଏବଂ ସିଟିଜେନ୍ସ ଆଣ୍ଡ ଲୟର୍ସ ଇନିସିଏଟିଭ ଦ୍ୱାରା ପ୍ରସ୍ତୁତ ଦୁଇଟି ରିପୋର୍ଟରେ ଦର୍ଶାଯାଇଛି। ନ୍ୟାୟ ବ୍ୟବସ୍ଥା ଅଧିକାଂଶ ସମୟରେ ଏହାକୁ ଅଣଦେଖା କରିଛି। ଚତୁର୍ଥ ଅଂଶ ହେଉଛି ଭାରତ ଏବଂ ଏହାର ସମ୍ପ୍ରଦାୟର ଆଖ୍ୟାନକୁ କିପରି ରୂପ ଦିଆଯାଉଛି। ବିଭାଜନ ପାଇଁ ଜାଣିଶୁଣି ଭାଷା ପ୍ରୟୋଗ କରାଯାଇଛି। ଏଥିରେ ବି ସଫଳ ହୋଇଛି। ଆମେ କହିପାରିବା ଯେ, ଯାହା ପୂର୍ବରୁ ଅସାଧାରଣ ଏବଂ ଅନିୟମିତ ଥିଲା ତାହା ଏବେ ସାଧାରଣ ପାଲଟିଯାଇଛି। କେବଳ ମୂଳ ଧର୍ମକୁ କେନ୍ଦ୍ରକରି ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ହିଂସା ପ୍ରକାଶ ପାଇବା ସାଧାରଣ ଘଟଣା ହୋଇଯାଇଛି। ସରକାର, ନ୍ୟାୟପାଳିକା ଏବଂ ଗଣମାଧ୍ୟମ ଠିକ୍ ଭାବେ ପଦକ୍ଷେପ ନେଉ ନ ଥିବାରୁ ଏପରି ଘଟିଚାଲିଛି। ତେବେ ପୂର୍ବାବସ୍ଥାକୁ ଫେରିବା ସହଜ ହେବ ନାହିଁ ଏବଂ ସେତେବେଳେ ଏହା ହୋଇପାରିବ ଯେତେବେଳେ ଏକ ପରିବର୍ତ୍ତନ ଆସିବ, କିନ୍ତୁ ତାହା ଦେଖିବା କଷ୍ଟକର।

ଗୁଜରାଟ ମଡେଲର ପଞ୍ଚମ ଭାଗ ହେଉଛି ମାନବ ବିକାଶ ଉପରେ କମ୍ ପ୍ରାଥମିକତା ଦିଆଯିବା। ଆୟ, ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ ଆଧାର କରି ପ୍ରସ୍ତୁତ ମାନବ ବିକାଶ ସୂଚକାଙ୍କ(ଏଚ୍‌ଡିଆଇ)ରେ ଗୁଜରାଟ ନିମ୍ନ ସ୍ଥାନରେ ଅଛି। ଏହା ଗୁଜରାଟ ମଡେଲର ବୌଦ୍ଧିକ ବିରୋଧ। ଷଷ୍ଠ ଅଂଶରେ ପୁଞ୍ଜି ଓ ଏହାର ସ୍ୱାର୍ଥକୁ ଲୋକଙ୍କ ସ୍ୱାର୍ଥ ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ତେବେ ଗୁଜରାଟ ମଡେଲର ଅନ୍ୟ ପାଞ୍ଚଟି ଅଂଶ ସମାଜରେ ଗ୍ରହଣୀୟତା ଲାଭ କରିଥିଲେ ମଧ୍ୟ ଏହି ଷଷ୍ଠ ବିଷୟଟି ଟିକିଏ ସମସ୍ୟାପୂର୍ଣ୍ଣ। ଏହି କାରଣରୁ ପ୍ରଧାନମନ୍ତ୍ରୀ 'ସୁଟ୍ ବୁଟ୍ କି ସରକାର'ର ମୁଖ୍ୟ ହେବା ପାଇଁ ନାରାଜ ହୋଇଥିଲେ ଏବଂ ନିରନ୍ତର ତାଙ୍କର ବିନୟଶୀଳତା ଓ ତାଙ୍କ ଜୀବନଶୈଳୀ ବିଷୟରେ ଆଲୋଚନା କରୁଥିଲେ। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଗୁଜରାଟୀ ବ୍ୟବସାୟୀଙ୍କ ଦ୍ୱାରା ମୁଷ୍ଟିମେୟ କର୍ପୋରେଟ ସଂସ୍ଥାଗୁଡ଼ିକ ପରିଚାଳିତ ହେଉଛି। ସେମାନେ ସରକାରୀ ପୃଷ୍ଠପୋଷକତା ସହିତ ଜଡ଼ିତ ଅଧିକାଂଶ ବନ୍ଦର, ଖଣି, ବିମାନବନ୍ଦର, ରିଫାଇନେରି, ସ୍ପେକ୍ଟ୍ରମ ଏବଂ ଅନ୍ୟାନ୍ୟ ସାମଗ୍ରୀର ମାଲିକ ବୋଲି ସମସ୍ତେ ଜାଣନ୍ତି ଏବଂ ଏହିସବୁ ସେକ୍ଟରଗୁଡ଼ିକୁ ଅନ୍ୟ ଭାରତୀୟଙ୍କୁ ବିକ୍ରୟ କରିବା ସହଜ ନୁହେଁ। ଏହାର ଲାଭ ଭାରତୀୟଙ୍କୁ ମିଳିନାହିଁ, ଯେଉଁମାନେ ୨୦୧୪ରେ ଯେପରି ଥିଲେ ଏବେ ପ୍ରାୟତଃ ସେହି ଅବସ୍ଥାରେ ରହିଛନ୍ତି। ସରକାରଙ୍କ ଦ୍ୱାରା ପ୍ରସ୍ତୁତ କୌଣସି ତଥ୍ୟ ସେମାନଙ୍କର ଜୀବନର ବାସ୍ତବତାକୁ ପରିବର୍ତ୍ତନ କରିପାରିବ ନାହିଁ। ସମ୍ଭବତଃ ସମୟକ୍ରମେ ଏହା ଗୁଜୁରାଟ ମଡେଲର ଢାଞ୍ଚାଗତ ବିଫଳତାର କାରଣ ହେବ। ତଥାପି ବର୍ତ୍ତମାନ ଏବଂ ନିକଟ ଭବିଷ୍ୟତ ପାଇଁ ଗୁଜରାଟ ମଡେଲ ସଫଳ ହୋଇଥିବା ଏବଂ ଏହା ଆମର ନୂତନ ଭାରତ ନିର୍ମାଣର ଆଧାର ବୋଲି ଗ୍ରହଣ କରିବା କଷ୍ଟକର।

Email:aakar.patel@gmail.com

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 2 | | 7 | | | | | | 5 |
| | 4 | | 8 | 2 | | 7 | 1 | |
| | 8 | 9 | | | | 3 | | |
| 9 | | | | 4 | | | 7 | 8 |
| | 1 | 2 | | 8 | | | | |
| 4 | 7 | | | 1 | 5 | | | 9 |
| 8 | 9 | 6 | | 5 | | 2 | 3 | 4 |
| | 3 | 4 | | 9 | | | | |
| | | | | | 3 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 4 | 7 | 2 | 1 | 5 | 9 |
| 7 | 4 | 1 | 5 | 9 | 6 | 2 | 8 | 3 |
| 2 | 9 | 5 | 1 | 3 | 8 | 4 | 7 | 6 |
| 6 | 8 | 4 | 3 | 2 | 1 | 7 | 9 | 5 |
| 9 | 1 | 2 | 8 | 5 | 7 | 6 | 3 | 4 |
| 5 | 3 | 7 | 6 | 4 | 9 | 8 | 2 | 1 |
| 4 | 2 | 3 | 7 | 6 | 5 | 9 | 1 | 8 |
| 8 | 5 | 9 | 2 | 1 | 4 | 3 | 6 | 7 |
| 1 | 7 | 6 | 9 | 8 | 3 | 5 | 4 | 2 |

ଗତକାଲିର ଉତ୍ତର

# ସମବାୟର ଭଗୀରଥ ଓଡ଼ିଶା



ପ୍ରତାପ ଚନ୍ଦ୍ର ସାମଲ

ଗରିବ ଲୋକମାନେ ଯେତେବେଳେ ମହାଜନର ଅତିରିକ୍ତ ଚକ୍ରବୃଦ୍ଧି ଶତକଡ଼ା ବାର୍ଷିକ ୬୦ ଟଙ୍କା ସୁଧରେ ଋଣ ନେଇ ହନ୍ତସନ୍ତ ହେଉଥିଲେ, ସେହି ସମୟରେ ଇଉରୋପର ସମାଜସେବୀମାନେ ସେମାନଙ୍କୁ ମୁକ୍ତି ଦେବାପାଇଁ ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ସମବାୟକୁ ଜନ୍ମ ଦେଇଥିଲେ। ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ସମବାୟର ପ୍ରଭାବ ଭାରତର ଗରିବ ଲୋକଙ୍କ ଉପରେ ପଡ଼ିଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସ ୧୮୯୮ରେ ଇଉରୋପରୁ ଫେରି ଭାରତରେ ସମବାୟର ଭଗୀରଥ ହୋଇ କଟକ ସହରରେ ଏକ ସମବାୟ ଭଣ୍ଡାର ଖୋଲି ଉଚିତ ଦରରେ ଖାଉଟି ପଦାର୍ଥ ବିକିବା ଆରମ୍ଭ କରିଥିଲେ। ମଧୁବାବୁଙ୍କ ପ୍ରେରଣାରେ ତାଙ୍କ ବଡ଼ଭାଇ ଗୋପାଳ ବଲ୍ଲଭ ଦାସଙ୍କ ଜାମାତା ବାଙ୍କୀର ତଦାନିନ୍ତନ ଡେପୁଟି କଲେକ୍ଟର ବାଳମୁକୁନ୍ଦ କାନୁନ୍‌ଗୋ, ସୁବର୍ଣ୍ଣପୁର ଗ୍ରାମର ନିମ୍ନ ମାଧ୍ୟମିକ ଓଡ଼ିଆ ବିଦ୍ୟାଳୟର ହେଡ୍ ପଣ୍ଡିତ ବିଦ୍ୟାଧର ପଣ୍ଡାଙ୍କ ସହାୟତାରେ ବଙ୍ଗଳା ପ୍ରଦେଶର ରାଜସ୍ୱ କମିଶନରଙ୍କ ୧୦୦୦ ଟଙ୍କା ଅନୁଦାନରେ ୧୯୦୩ରେ ବାଙ୍କୀର ସୁବର୍ଣ୍ଣପୁର, ଚର୍ଚ୍ଚିକା ଓ ବରପୁଟ ଗ୍ରାମରେ ୩ ଗୋଟି ପ୍ରାଥମିକ କୃଷି ଋଣ ସମବାୟ ସମିତି ଗଠନ କରିଥିଲେ। ଏହି କୃଷି ଋଣ ସମବାୟ ସମିତିଗୁଡ଼ିକ ସେମାନଙ୍କର କୃଷକ ସଭ୍ୟମାନଙ୍କୁ ଶତକଡ଼ା ବାର୍ଷିକ ୧୨ଟଙ୍କା ୫୦ ପଇସା ସରଳ ସୁଧରେ ଋଣ ଦେଲେ।

ମାତ୍ର ଏହା ପୂର୍ବରୁ ୧୮୫୪ରେ ବିଶ୍ୱରେ ପ୍ରଥମେ ଜର୍ମାନୀର ହିଡେନବର୍ଗ ସହରରେ କୃଷି ଋଣ ସମବାୟ ସମିତି ଗଠିତ ହୋଇଥିଲା। ୧୯୦୫ରେ ଗଠିତ ଅନ୍ତର୍ଜାତୀୟ ସମବାୟ ସଂଘ ମତରେ ଭାରତରେ ପ୍ରଥମେ ବାଙ୍କୀରେ ଋଣ ସମବାୟ ସମିତି ଗଠିତ ହୋଇଥିଲା ବୋଲି ଆଲୋଚନା କରାଯାଇଥିଲା। ଡମପଡ଼ା ଓ ହାମିଲଟନ ଜମିଦାରି ଭଳି ବିଭିନ୍ନ ଅନୁଷ୍ଠାନର ଅନୁଦାନରେ ବାଳମୁକୁନ୍ଦ କାନୁନ୍‌ଗୋ ଓ ବିଦ୍ୟାଧର ପଣ୍ଡା ଦୁଇ ଯୁଗଳ ମୂର୍ତ୍ତିଙ୍କ ନେତୃତ୍ୱରେ ୧୯୧୦ ମସିହା ସୁଦ୍ଧା ବାଙ୍କୀରେ ୫୦ ଗୋଟି ଗାଁରେ କୃଷି ଋଣ ସମବାୟ ସମିତି ଗଠନ ହୋଇଥିଲା।

ଏହି ୫୦ଟି କୃଷି ଋଣ ସମବାୟ ସମିତିକୁ ନେଇ ଭାରତର ପ୍ରଥମ କେନ୍ଦ୍ର ସମବାୟ ବ୍ୟାଙ୍କ ୨୬।୩।୨୦୧୦ରେ ବାଙ୍କୀରେ ପ୍ରତିଷ୍ଠିତ ହୋଇଥିଲା, ତା' ପରବର୍ଷ ୧୯୧୧ରେ ଭାରତର ଦ୍ୱିତୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ବମ୍ବେରେ ପ୍ରତିଷ୍ଠିତ ହୋଇଥିଲା। ଉକ୍ତ ବ୍ୟାଙ୍କ ଲୋକଙ୍କଠାରୁ ଜମା ସଂଗ୍ରହ କରି ଗାଁ କୃଷି ଋଣ ସମବାୟ ସମିତିଗୁଡ଼ିକ ଜରିଆରେ କୃଷି ଋଣ ଦେବାକୁ ଲାଗିଲେ। ବିଦ୍ୟାଧର ପଣ୍ଡା ୧୯୧୦ ମସିହାରେ ଶିକ୍ଷକତାରୁ ଅବସର ନେଇ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ (ଯାହାକି ସେତେବେଳେ ପ୍ରଥମେ "ବାଙ୍କୀ ଡମପଡ଼ା ସମବାୟ ସଂଘ") ର ପ୍ରଥମ ସଭାପତି ହୋଇଥିଲେ। ତାଙ୍କର ଏପରି ସମବାୟରେ ନିଷ୍ଠାପରତା କାର୍ଯ୍ୟ ପାଇଁ ବ୍ରିଟିଶ ସରକାର ୧୯୧୫ରେ ତାଙ୍କୁ ରାୟ ସାହେବ ଓ ୧୯୨୬ରେ ରାୟ ବାହାଦୁର ଉପାଧିରେ ଭୂଷିତ କରିଥିଲେ। ବାଙ୍କୀ ଅଞ୍ଚଳରେ ୧୯୨୬, ୧୯୨୯, ୧୯୩୩, ୧୯୩୫ ଓ ୧୯୩୭ ମସିହାରେ କ୍ରମାଗତ ମହାନଦୀ ବନ୍ୟାରେ ଧାନ ଫସଲ ହାନି ଯୋଗୁ ବହୁ କୃଷକ ଋଣ ଶୁଝି ପାରି ନ ଥିଲେ। ଓଡ଼ିଶାରେ କ୍ରମାଗତ ବନ୍ୟାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କୁଜଙ୍ଗ, କଟକ, ପୁରୀ ଓ ନିମାପଡ଼ା ଏହିପରି ୮ ଗୋଟି କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ଦୁର୍ବଳ ହୋଇଯିବାରୁ ୧୯୩୯ ମସିହାରେ ବ୍ରିଟିଶ ସରକାରଙ୍କ ଦ୍ୱାରା 'ମୁଦାଲିୟର କମିଟି'ର ସୁପାରିସ ମତେ କେତେକ କେନ୍ଦ୍ର ସମବାୟ ବ୍ୟାଙ୍କକୁ ମିଶାଇ ଯଥା ବାଲେଶ୍ୱର–ଭଦ୍ରକ, କଟକ ଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ, ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଏହିପରି ୪ ଗୋଟି ବ୍ୟାଙ୍କ ଗଠନ କରାଯାଇଥିଲା। ୧୯୪୫ରେ ବାଙ୍କୀରେ ସମସ୍ତ ୧୬୮ଟି ଗ୍ରାମରେ ୧୪୪ ଗୋଟି କୃଷି ଋଣ ସମବାୟ ସମିତି କାର୍ଯ୍ୟକାରୀ ହୋଇଥିଲା। ୧୯୪୮ରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗ୍ରାମ୍ୟ ଋଣ ତନଖି ରିପୋର୍ଟ ଅନୁଯାୟୀ ଭାରତରେ ଶତକଡ଼ା ୩ ଭାଗ କୃଷକ ଋଣ ନେଇଥିଲେ। ୧୯୩୯ରୁ ୧୯୪୧ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅତ୍ୟାବଶ୍ୟକ ପଦାର୍ଥର ଅଭାବ ତଥା ଦରବୃଦ୍ଧି ହେତୁ ବାଙ୍କୀ ବ୍ୟାଙ୍କ ଅଧୀନରେ ଗୋଟିଏ ଖାଉଟି ସମବାୟ ସମିତି ଗଠନ ହୋଇଥିଲା। ବ୍ୟବସାୟୀମାନଙ୍କୁ ଋଣ ଦେବାପାଇଁ ବାଙ୍କୀ ବ୍ୟବସାୟୀ ସମବାୟ ସମିତି ସଂଗଠିତ ହୋଇଥିଲା। ବାଙ୍କୀ ଅଞ୍ଚଳ ଆଖୁଚାଷ ପାଇଁ ପ୍ରସିଦ୍ଧ ଥିବାରୁ ଉତ୍କୃଷ୍ଟ ଉତ୍ପାଦନ ତଥା ଗୁଡ଼ ଉଚିତ ଦରରେ ବିକ୍ରି ଲାଗି ଗୁଡ଼ ଖଣ୍ଡସାରି ସମବାୟ କାରଖାନା ସ୍ଥାପିତ ହୋଇଥିଲା, ୨ଟି ଘଣି ସହଯୋଗ ସମିତି ସୋରିଷ ଓ ରାଶିରୁ ଖାଣ୍ଟିତେଲ ପ୍ରସ୍ତୁତ କରି ବିକ୍ରୟ କରୁଥିଲେ। ବନ୍ଦାଳ ଏଣ୍ଡିପୋକ ଚାଷ ସମବାୟ ସମିତି ଗଠନ କରାଯାଇ ଏଣ୍ଡି ଚାଷର ପ୍ରବର୍ତ୍ତନ କରାଯାଇଥିଲା। ରଗଡ଼ି, ଜଗନ୍ନାଥପୁର, କଳାପଥର, ବୈଦେଶ୍ୱର, ତୁଳସୀପୁର ତନ୍ତୁବାୟ ସହଯୋଗ ସମିତି ସ୍ଥାପିତ ହୋଇ ବୁଣାକାରମାନଙ୍କୁ



ସୂତା ଯୋଗାଇ ଉତ୍ପାଦିତ ଲୁଗା ଆଜି ପର୍ଯ୍ୟନ୍ତ ବିକ୍ରି କରାଯାଉଅଛି। ରଗଡିର କୁମ୍ଭଶାଢ଼ି ବିଶ୍ୱରେ ଆଦୃତ ହୋଇଥିଲା। ଜମି ବନ୍ଧକ ରଖି କୃଷକମାନଙ୍କୁ ଦୀର୍ଘକାଳୀନ ଋଣ ଦେବାପାଇଁ ୧୯୫୬ରେ ବାଙ୍କୀ ଡମପଡ଼ା କାର୍ଡ ବ୍ୟାଙ୍କ ଗଠନ କରାଯାଇଥିଲା।

୧୯୫୪ ରେ ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଗଠନ ହୋଇଥିଲା। ଏହି ସମିତିରେ ଚାଷ ଦ୍ରବ୍ୟ, ଅତି ଆବଶ୍ୟକ ପଦାର୍ଥ, ଲୁଗାପଟା ଓ କଣ୍ଟ୍ରୋଲ ପଦାର୍ଥ ବିକ୍ରୟ କରାଯାଉଥିଲା। ୧୯୬୩ରେ ବିଜୁ ପଟ୍ଟନାୟକଙ୍କ ପଞ୍ଚାୟତ ଶିଳ୍ପ ନୀତିରେ ଚିନିକଳ, ମାଟି ଟାଇଲ୍ କାରଖାନା ସମବାୟ ସମିତି ଗଠିତ ହୋଇଥିଲା। ୧୯୬୦ରେ ବାଙ୍କୀଠାରେ ବାଞ୍ଛାନିଧି କରଙ୍କ ନେତୃତ୍ୱରେ ସ୍ୱର୍ଣ୍ଣ ଜୁବିଲି ପାଳନ କରାଯାଇଥିଲା। ଉକ୍ତ ଉତ୍ସବରେ ତଦାନିନ୍ତନ ଓଡ଼ିଶା ଗଭର୍ନର ସୁକଣ୍ଠ କର, ଓଡ଼ିଶାର ବିକାଶ ମନ୍ତ୍ରୀ ରାଧାନାଥ ରଥ ମୁଖ୍ୟ ପୁରୋଧା ଥିଲେ। ଗୃହ ନିର୍ମାଣ ସମବାୟ ସମିତି ଗଠନ କରାଯାଇଥିଲା। ଡାକ୍ତର ଯୋଗେଶ ରାଉତଙ୍କ ଉଦ୍ୟମରେ ଚାଉଳ ଉତ୍ପାଦନ ପାଇଁ ଧାନକୁଟା ଢିଙ୍କି ସମବାୟ ସମିତି ଗଠନ କରାଯାଇଥିଲା। ୧୯୭୦ରେ ବାଙ୍କୀ ସମବାୟ ବ୍ୟାଙ୍କର ହୀରକ ଜୁବିଲି ଉତ୍ସବ ସଭାପତି ବାଞ୍ଛାନିଧି କରଙ୍କ ପୌରୋହିତ୍ୟରେ ପାଳନ କରାଯାଇଥିଲା। ଉକ୍ତ ଉତ୍ସବରେ ବିହାରର ତଦାନିନ୍ତନ ଗଭର୍ନର ବାଳମୁକୁନ୍ଦ କାନୁନ୍‌ଗୋଙ୍କ ପୁତ୍ର ନିତ୍ୟାନନ୍ଦ କାନୁନ୍‌ଗୋ, ରାଜ୍ୟ ସମବାୟ ସଂଘର ସଭାପତି ରଘୁନାଥ ମହାପାତ୍ର ଓ ବାଙ୍କୀର ବିଧାୟକ ଡାକ୍ତର ଯୋଗେଶ ଚନ୍ଦ୍ର ରାଉତ ଅଂଶଗ୍ରହଣ କରିଥିଲେ। କୃଷି ଓ କୃଷକର ଉନ୍ନତି ପାଇଁ ଦୁଇଜଣ କୃଷି ବିଶେଷଜ୍ଞଙ୍କୁ ବାଙ୍କୀ ବ୍ୟାଙ୍କରେ ନିଯୁକ୍ତି ଦିଆଯାଇଥିଲା। ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ୨ଟି ଧୀବର ସମବାୟ ସମିତି ଗଠନ କରାଯାଇଥିଲା। ଶ୍ରମିକ କଣ୍ଟ୍ରାକ୍ଟର ସମବାୟ ସମିତି ଗଠିତ ହୋଇ ଶ୍ରମିକମାନଙ୍କୁ ଋଣ ପ୍ରଦାନ କରାଯାଉଥିଲା। ମହିଳାଙ୍କ ଆର୍ଥିକ ବିକାଶ ପାଇଁ ନାରୀ କଲ୍ୟାଣ ସମବାୟ ସମିତି ଗଠନ କରାଯାଇଥିଲା। ଏ ସବୁର ଇତିହାସ ଦେଖିଲେ ସମସ୍ତ ପ୍ରକାର ସମବାୟ ସମିତି ଓଡ଼ିଶାରେ ଗଠନ କରାଯାଇଥିଲା ଓ ଓଡ଼ିଶାକୁ ସମବାୟର ଭଗୀରଥ ରୂପେ ଆଖ୍ୟା ଦିଆଯାଇଅଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁବାବୁଙ୍କ ସମବାୟ ପ୍ରତି ଥିବା ଦରଦକୁ ଗୁରୁତ୍ୱ ଦେଇ ଓଡ଼ିଶାର ସମବାୟ ସମିତିଗୁଡ଼ିକର କାର୍ଯ୍ୟଧାରା ଯେପରି ସୁଦୂରପ୍ରସାରୀ ହୋଇପାରିବ ସେଥିପାଇଁ ବିଭିନ୍ନ ସମୟରେ ସରକାରୀ ଅଧିକାରୀମାନଙ୍କୁ ସାମିଲ କରାଉଥିଲେ। ରୁଗ୍‌ଣ ସମବାୟ ସମିତିଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ଯୋଜନାମାନ କରାଯାଇ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନ ଠିକ୍ ସମୟରେ କରାଇ ପରିଚାଳନା ପରିଷଦର ସଭ୍ୟମାନଙ୍କୁ ଭାଗୀଦାର କରାଇଛନ୍ତି। ଭବିଷ୍ୟତରେ ଉନ୍ନତିମୂଳକ କାର୍ଯ୍ୟରେ ସମବାୟକୁ ସହଭାଗିତା କରାଇବା ପାଇଁ ଯୋଜନାମାନ ପ୍ରସ୍ତୁତ କରାଯିବା ଉପରେ ବର୍ତ୍ତମାନର ସରକାର ଅଧିକ ଧ୍ୟାନ ଦେଉଛନ୍ତି। ସମବାୟଭିତ୍ତିକ କାର୍ଯ୍ୟକ୍ରମ କିପରି ସୁଦୂରପ୍ରସାରୀ ହୋଇପାରିବ ସେ ଦିଗରେ ଗୁରୁତ୍ୱ ଦିଆଯାଉଛି। ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ଓଡ଼ିଶାର ପୂର୍ବ ଗୌରବ ଫେରିଆସିବ।

– ବରିଷ୍ଠ ସମବାୟବିତ୍,
ବଙ୍ଗାଳିସାହି, କଟକ
ମୋ: ୯୦୯୦୩୨୫୮୦୨

# ଆମେ କେମିତି ଅଛନ୍ତି



ପ୍ରଣତି ଆଚାର୍ଯ୍ୟ ମିଶ୍ର

ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନଙ୍କ ମତରେ, ସଫଳତା ପାଇଁ ନିରନ୍ତର ଦୌଡ଼ ଅପେକ୍ଷା ଏକ ଶାନ୍ତ ଏବଂ ସରଳ ଜୀବନ ଅଧିକ ଖୁସି ଆଣିଥାଏ। ଆଜିର ମଣିଷ ପୂର୍ବ ଅପେକ୍ଷା ଅଧିକ ବିକଶିତ, ଶିକ୍ଷିତ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ସକ୍ଷମ। ଆମ ପାଖରେ ଆରାମ ଏବଂ ସୁବିଧାର କୌଣସି ଅଭାବ ନାହିଁ। ବୈଦ୍ୟୁତିକ ଉପକରଣ, ଦ୍ରୁତ ଗତିର ଯାନବାହନ, ସ୍ମାର୍ଟଫୋନ, ଇଣ୍ଟରନେଟ, ଅନଲାଇନ ସେବା ଏବଂ ମନୋରଞ୍ଜନର ଅଗଣିତ ମାଧ୍ୟମ ଉପଲବ୍ଧ। କିଛି ଦଶନ୍ଧି ପୂର୍ବରୁ ଯାହା କଳ୍ପନା କରାଯାଇ ନ ଥିଲା ତାହା ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଗଲାଣି। ତଥାପି, ଅଦ୍ଭୁତ ବିରୋଧାଭାସ ହେଉଛି ଯେ ଆମର ସୁବିଧା ଯେତେ ବୃଦ୍ଧି ପାଇଛି, ସୁଖ, ଶାନ୍ତି, ସନ୍ତୋଷ ସେତିକି ହ୍ରାସ ପାଇଛି।

ଆଧୁନିକ ସମାଜର ସବୁଠାରୁ ବଡ଼ ବିଡ଼ମ୍ବନା ଯେ ଆମ ପାଖରେ ଶାନ୍ତି ବ୍ୟତୀତ ସବୁକିଛି ଉପଲବ୍ଧ। ପ୍ରଯୁକ୍ତିବିଦ୍ୟା ଅନେକ ଦିଗରେ ମାନବ ଜୀବନକୁ ସହଜ କରିଛି। ବର୍ତ୍ତମାନ ରୋଷେଇଠାରୁ ଆରମ୍ଭ କରି ବିଲ୍ ପୈଠ କରିବା ପର୍ଯ୍ୟନ୍ତ ସବୁକିଛି ଆଙ୍ଗୁଠି ଟିପରେ ହୋଇଯାଏ, କିନ୍ତୁ ଏହା କ'ଣ ପ୍ରକୃତରେ ଆମର ଜୀବନକୁ ସୁଖଦ କରିଛି କି? ଯଦି ସଚ୍ଚୋଟତାର ସହିତ ଉତ୍ତର ରଖିବା, ତେବେ ଦେଖିବୁ ଯେ ଆମେ ଭୌତିକ ଭାବରେ ସମୃଦ୍ଧ ହୋଇଛନ୍ତି, କିନ୍ତୁ ମାନସିକ ଭାବରେ ଦରିଦ୍ର। ଆଜି, ସମସ୍ତେ କୌଣସି ନା କୌଣସି ଦୌଡ଼ରେ ନିୟୋଜିତ ଅଛନ୍ତି। ଏହି ଦୌଡ଼ର ଅନ୍ତ ନାହିଁ।

ଏକ ସମୟ ଥିଲା ଯେତେବେଳେ ସକାଳର ଆରମ୍ଭ ଚୁଲି ପାଉଁଶ ଏବଂ ମାଟିର ସୁଖଦ ସୁଗନ୍ଧ ସହିତ ହେଉଥିଲା। ବୈଜ୍ଞାନିକ ଦୃଷ୍ଟିକୋଣରୁ, ଏହା ସୂକ୍ଷ୍ମ ରସାୟନ ବିଜ୍ଞାନର ଏକ ପ୍ରମୁଖ ଉଦାହରଣ ଥିଲା। ଆଜିର ଆଧୁନିକ ସମାଜ ଏହାକୁ ପୁରୁଣା କହି ପରିତ୍ୟାଗ କରିଛି। ଆମେ ଟେଲିଭିଜନ ବିଜ୍ଞାପନରେ ଲେମ୍ବୁ ଏବଂ ଲୁଣର ଶକ୍ତି ଖୋଜୁଛନ୍ତି ହେଲେ ଆମର ପୂର୍ବଜମାନେ ଏହି ପ୍ରାକୃତିକ ଉପାଦାନଗୁଡ଼ିକ ସହିତ ରାସାୟନିକ ମୁକ୍ତ ଜୀବନଯାପନ କରୁଥିଲେ। ଆମେ ସୁବିଧା ନାମରେ ପ୍ୟାକେଜ ହୋଇଥିବା ରାସାୟନିକ ପଦାର୍ଥଗୁଡ଼ିକୁ ଗ୍ରହଣ କରୁଛନ୍ତି, ଏହି ଯାତ୍ରାରେ ପରିଷ୍କାରତାର ପରିଭାଷା ହରାଇ ବସିଛନ୍ତି। ଗତକାଲି ଯାହା ସ୍ୱପ୍ନ ଥିଲା ତାହା ଆଜି ଏକ ଆବଶ୍ୟକତା ପାଲଟିଛି ଏବଂ ଆସନ୍ତାକାଲି ଅଧିକ ପାଇବାର ଇଚ୍ଛା। ବ୍ୟକ୍ତି ଯେତେ ଅଧିକ ଅର୍ଜନ କରିଛନ୍ତି, ସେତେ ଅଧିକ ଅସନ୍ତୁଷ୍ଟ ହୋଇଛନ୍ତି। ଏହା ଆଧୁନିକତାର ଦୁଷ୍ଟଚକ୍ର। ଯଦି କିଛି ଦଶନ୍ଧି ପଛକୁ ଯିବା, ଯେତେବେଳେ ଗାଁରେ ଜୀବନ ଧୀରେ ଧୀରେ ଗତି କରୁଥିଲା, ଆମେ ଦେଖିବୁ ଯେ ଲୋକମାନେ କମ ସହିତ ଖୁସି ଥିଲେ। ସେମାନଙ୍କ ପାଖରେ ନା ଏୟାର କଣ୍ଡିଶନର ଥିଲା, ନା ରେଫ୍ରିଜରେଟର, ନା ମୋବାଇଲ ଫୋନ। କିନ୍ତୁ ସେମାନଙ୍କ ପାଖରେ ପରିବାର, ପଡ଼ୋଶୀ ଏବଂ ସବୁଠାରୁ ମୂଲ୍ୟବାନ ନିଜ ପାଇଁ ସମୟ ଥିଲା।



ଗାଁ ଦାଣ୍ଡରେ ପିଲାମାନଙ୍କର ହସ ଏବଂ ଭାଗବତ ଟୁଙ୍ଗିରେ ଭଜନ ପ୍ରତିଧ୍ୱନିତ ହେଉଥିଲା। ସମ୍ପର୍କଗୁଡ଼ିକ ନିଜର ଭାବନାରେ ପରିପୂର୍ଣ୍ଣ ଥିଲା। ସେତେବେଳେ ସମାଜ କମ ସହିତ ବଞ୍ଚିବା ଜାଣିଥିଲା। ସେମାନଙ୍କର ଭୌତିକ ସମ୍ବଳ ସୀମିତ ଥିଲା, କିନ୍ତୁ ମାନସିକ ଶାନ୍ତି ଥିଲା କାରଣ ସେମାନେ ତୁଳନା କିମ୍ବା ପ୍ରଦର୍ଶନ କରୁ ନ ଥିଲେ। ବର୍ତ୍ତମାନ ଯୁଗକୁ ପ୍ରାୟତଃ ସୂଚନା ଯୁଗ କୁହାଯାଏ, ବାସ୍ତବରେ ଏହା ତୁଳନାର ଯୁଗ। ସାମାଜିକ ଗଣମାଧ୍ୟମ ଏହି ଧାରାକୁ ଆହୁରି ତୀବ୍ର କରିଛି। ସମସ୍ତେ ଏବେ ଅନ୍ୟମାନଙ୍କ ନିକଟରେ ନିଜ ଜୀବନକୁ ସ୍ୱତନ୍ତ୍ର ଭାବରେ ଉପସ୍ଥାପନ କରିବାକୁ ଚେଷ୍ଟା କରୁଛନ୍ତି। ପ୍ରେରଣା ହେବା ପରିବର୍ତ୍ତେ, ଜଣେ ବ୍ୟକ୍ତିଙ୍କ ସଫଳତା ଈର୍ଷାର ଉତ୍ସ ହୋଇଛି। ଅନ୍ୟମାନଙ୍କ ଘର, ପୋଷାକ କିମ୍ବା ଗାଡ଼ି ଦେଖି ନିଜ ଜୀବନକୁ ଅପୂର୍ଣ୍ଣ ବୋଲି ଭାବିବା ଆଜି ସାଧାରଣ ହୋଇଗଲାଣି। ଏହି ନିରନ୍ତର ତୁଳନା ଏବଂ ପ୍ରଦର୍ଶନ ଆମ ଅସନ୍ତୋଷର ସବୁଠାରୁ ବଡ଼ କାରଣ। ଲୋକମାନେ ଏବେ ଜୀବନ ବଞ୍ଚିବା ଅପେକ୍ଷା ଦେଖାଇବାରେ ଅଧିକ ବିଶ୍ୱାସ କରନ୍ତି। ସୁବିଧାର ଏହି ସମୁଦ୍ରରେ, ଆଜିର ଲୋକମାନେ ପୂର୍ବ ଅପେକ୍ଷା ଏକାକୀ ଏବଂ ଅଧିକ ଅସ୍ଥିର। ପରିବାର ଛୋଟ ହୋଇଯାଇଛି, ସମ୍ପର୍କ ଆନୁଷ୍ଠାନିକ ଏବଂ ମେସେଜ ଯୋଗାଯୋଗର ସ୍ଥାନ ନେଇଛି। ଗୋଟିଏ ଛାତ ତଳେ ରହୁଥିବା ସମୟରେ ମଧ୍ୟ, ଲୋକମାନେ ଭିନ୍ନ ଭିନ୍ନ ଦୁନିଆରେ ହଜିଯାଆନ୍ତି। କାମର ଚାପ, ପ୍ରତିଯୋଗିତା, ମୁଦ୍ରାସ୍ଫୀତି ଏବଂ ଭବିଷ୍ୟତ ବିଷୟରେ ଚିନ୍ତା, ସବୁ ମିଶି ମଣିଷ ଭିତରେ ନିରନ୍ତର ଚାପ ସୃଷ୍ଟି କରିଛି। ଆଜି ହସ୍ପିଟାଲଗୁଡ଼ିକରେ ଶାରୀରିକ ରୋଗ ଅପେକ୍ଷା ମାନସିକ ରୋଗୀ ସଂଖ୍ୟା ଅଧିକ।

ଭୌତିକ ସମ୍ପଦ କେବଳ ଶରୀରକୁ ଆରାମ ଦିଏ, ମନକୁ ନୁହେଁ। ଜଣେ ବ୍ୟକ୍ତି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରନ୍ତି, ତଥାପି ରାତିରେ ଶାନ୍ତିରେ ଶୋଇପାରନ୍ତି ନାହିଁ। ଶାନ୍ତି ଏବଂ ସନ୍ତୋଷ ବଜାରରେ ବିକ୍ରି ହୁଏ ନାହିଁ କିମ୍ବା ବ୍ୟାଙ୍କରେ ଜମା ହୁଏ ନାହିଁ। ସମସ୍ୟା ହେଉଛି ଆଜି ଆମେ ଯଥେଷ୍ଟର ଅର୍ଥ ଭୁଲିଯାଇଛନ୍ତି। ପ୍ରତ୍ୟେକ ସଫଳତା ପରେ ମଧ୍ୟ ଅଧିକ ପାଇଁ ଇଚ୍ଛା ବଜାୟ ରହେ। ଏହି ଅନନ୍ତ ଇଚ୍ଛା ମାନସିକ ଅସ୍ଥିରତାର କାରଣ ପାଲଟିଛି। ଯଦି ଆମେ ପ୍ରକୃତରେ ଶାନ୍ତି ଚାହୁଁଛନ୍ତି, ତେବେ ଆମର ଜୀବନଶୈଳୀ ଏବଂ ଚିନ୍ତାଧାରାକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଜୀବନ ଯେତେ ସରଳ ସେତେ ହାଲୁକା ଅନୁଭବ ହେବ। ଆମକୁ ଅନାବଶ୍ୟକ ସମ୍ପତ୍ତି ଏବଂ ଦେଖାଣିଆ ଜିନିଷଠାରୁ ନିଜକୁ ଦୂରେଇ ରଖିବାକୁ ପଡ଼ିବ। ଆମ ପାଖରେ ଯାହା ଅଛି ସେଥି ପାଇଁ କୃତଜ୍ଞତା ପ୍ରକାଶ କରିବା ଉଚିତ। ସୁବିଧାରୁ ଖୁସି ସାଉଁଟି ହୁଏନି। ଆମକୁ ସ୍ୱୀକାର କରିବାକୁ ପଡିବ ଯେ ଇଚ୍ଛାର ଅନ୍ତ ନାହିଁ, କିନ୍ତୁ ସନ୍ତୋଷର ଆରମ୍ଭ ଆମ ଭିତରେ ଅଛି।

ମୋ:୯୪୩୭୬୪୨୯୪୭

## ଏଇ ଭାରତରେ

କେଉଁ ମାଟିରେ କି ଫସଲ କଲେ ଉତ୍ପାଦନ ଅଧିକ ହେବ, ତାହା ମାଟି ପରୀକ୍ଷାରୁ ଜଣାପଡ଼ିଥାଏ। ଆଧୁନିକ ଚାଷରେ ଏହାର ଗୁରୁତ୍ୱ ରହିଛି। କିନ୍ତୁ ଅଧିକାଂଶ କୃଷକମାନେ ମାଟି ପରୀକ୍ଷା କରିପାରନ୍ତିନି, କାରଣ ଭାରତରେ ଏହାର ବ୍ୟାପକ ସୁଯୋଗ ନାହିଁ। ତେବେ ଏଭଳି ସମସ୍ୟା ଦୂର କରିଛନ୍ତି ଆଇଆଇଟି, ବମ୍ବେର ବୈଜ୍ଞାନିକ ଡ. ରଜୁଲ ପାଟକର। ଡ. ପାଟକର ହେଉଛନ୍ତି ପ୍ରକ୍ରିମାଲ ସଏଲସେନ୍ସ ଟେକ୍‌ନୋଲୋଜିର ସହ ପ୍ରତିଷ୍ଠାତା ଓ ସିଇଓ। ସେ ବିଶ୍ୱର ସବୁଠୁ ଛୋଟ 'ନ୍ୟୁଟ୍ରିସେନ୍ସ' ନାମକ ମାଟି ପରୀକ୍ଷା ଉପକରଣ ବିକାଶ କରିଛନ୍ତି। ଏଥିରେ ସହଜରେ, କମ୍ ସମୟରେ ଏବଂ ଶସ୍ତାରେ ମାଟି ପରୀକ୍ଷା କରାଯାଇପାରୁଛି। ନ୍ୟୁଟ୍ରିସେନ୍ସରେ ଥିବା କାଗଜ ଆଧାରିତ ସେନ୍‌ସରରେ ମାଟିର ୬ଟି ଗୁରୁତ୍ୱପୂର୍ଣ୍ଣ ମାନକ ପରୀକ୍ଷା କରାଯାଉଛି। ନ୍ୟୁଟ୍ରିସେନ୍ସ ୧ ଗ୍ରାମ ମାଟିକୁ ୫ ମିନିଟରୁ କମ୍ ସମୟ ମଧ୍ୟରେ ପରୀକ୍ଷା କରିଦେଇପାରୁଛି। ଫଳରେ କମ୍ ରାସାୟନିକ ସାରରେ ଅଧିକ ଉତ୍ପାଦନ ସମ୍ଭବ ହେଉଛି। ଏବେସୁଦ୍ଧା ଆସାମ, ପଞ୍ଜାବ, ତେଲଙ୍ଗାନା, ଗୁଜରାଟ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟର ୧୦,୦୦୦ରୁ ୧୫,୦୦୦ କୃଷକ ଉପକୃତ ହୋଇସାରିଲେଣି। ଡ. ପାଟକର ନ୍ୟୁଟ୍ରିସେନ୍ସକୁ ସବୁ ରାଜ୍ୟର କୃଷକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି।

## ଚିରନ୍ତନୀ

ଅଙ୍ଗେ ଅଙ୍ଗ ଇଙ୍ଗିତ କେତେ ଲାଗିଲା ।
ଚମକାଇ
ତୃଷିତ ଆଖିରେ ଯେତେ ମୁଖଛବି ଜାଗିଲା
ମନେ ନାହିଁ ।

–(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନ୍ୟାୟିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

ମହାଶୟ,
ଭାରତର ସୁପ୍ରିମକୋର୍ଟ ତଥା ସମସ୍ତ ରାଜ୍ୟରେ ଥିବା ହାଇକୋର୍ଟରେ ବିଭିନ୍ନ ମାମଲା ବର୍ଷ ବର୍ଷ ଧରି ପଡି ରହିଛି। ଫଳରେ ତ୍ୱରିତ ନ୍ୟାୟ ପାଇବା ପାଇଁ ଦୀର୍ଘ ବର୍ଷ ଅପେକ୍ଷା କରି ଆସୁଥିବା ଜନସାଧାରଣ ସମ୍ପୂର୍ଣ୍ଣ ମାନସିକ ଚାପ ଗ୍ରସ୍ତ ହେଉଛନ୍ତି, ଏପରି କି ଅନେକ କ୍ଷେତ୍ରରେ ସେମାନଙ୍କ ମୃତ୍ୟୁ ହୋଇଯାଉଛି। ବିଶେଷ କରି ସରକାରୀ ଓକିଲ ତଥା ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାର ଜାଣିଶୁଣି ନ୍ୟାୟାଳୟରେ କେସ୍ ତାରିଖ ଗଡ଼ାଇ ଚାଲୁଛନ୍ତି। ଅଳ୍ପଦିନ ତଳେ ଏକ ଖବରକୁ ଅନୁଶୀଳନ କଲେ ଓଡ଼ିଶା ସମେତ ସମଗ୍ର ଦେଶରେ ଥିବା ନ୍ୟାୟିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜଣେ ସାଧାରଣ ବ୍ୟକ୍ତି ମାତ୍ର କେଇଟା ଟଙ୍କା ଆତ୍ମସାତ ପାଇଁ ଦୀର୍ଘ ତିରିଶ ବର୍ଷ ଧରି ଜେଲରେ ସଜା କାଟି ଶେଷରେ ଇହଲୀଳା ସମ୍ବରଣ କରିଛନ୍ତି। କଥାରେ ଅଛି 'ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ'। ଅନେକ ବିକଶିତ ଦେଶର ନ୍ୟାୟିକ ବ୍ୟବସ୍ଥାକୁ ଅନୁଶୀଳନ କଲେ ଜଣାପଡେ, ସମ୍ପୃକ୍ତ ଦେଶଗୁଡ଼ିକର ଜନସାଧାରଣଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନ୍ୟାୟ ମିଳୁଛି। ଥରେ ତାରିଖ ସ୍ଥିର ହୋଇ ସାରିବା ପରେ କୌଣସି ପରିସ୍ଥିତିରେ ତାହାକୁ ଘୁଞ୍ଚା ଯିବା ଉଚିତ ନୁହେଁ ଏବଂ ସେହି ଧାର୍ଯ୍ୟ ତାରିଖରେ ନିଶ୍ଚିତ ଶୁଣାଣି ହେବା ଆବଶ୍ୟକ। ଓଡ଼ିଶା ସମେତ କେନ୍ଦ୍ର ସରକାର ଏହି ତ୍ୱରିତ ନିଶ୍ଚିତ ନ୍ୟାୟ ପ୍ରଦାନ ପାଇଁ ତୁରନ୍ତ ପଦକ୍ଷେପ ନେବା ନିହାତି ଜରୁରୀ ।

– ରାଜୀବ କୁମାର ନାୟକ, ଇଟାପଡା,
ମଙ୍ଗଳପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଏମ୍‌ସିର ହୋଲ୍ଡିଂ ଟିକସ ଲକ୍ଷ୍ୟରେ ବାଧକ ସରକାରୀ ସଂସ୍ଥା

## ଟାର୍ଗେଟ ୧୫୯ କୋଟି, ଆଦାୟ ହୋଇଛି ୬୦ କୋଟି

ଭୁବନେଶ୍ୱର, ୨୦।୨(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ହୋଲ୍ଡିଂ ଟିକସ ଲକ୍ଷ୍ୟ ପୂରଣ ହେଉନି। ପ୍ରତିବର୍ଷ ଦିଆଯାଉଥିବା ଟାର୍ଗେଟର ୬୦ ପ୍ରତିଶତ ଟିକସ ଆଦାୟ ହୋଇପାରୁ ନ ଥିବାରୁ ଏହା ବଢ଼ି ଚାଲିଛି। ଏଥିରେ ଖୋଦ୍ ସରକାରୀ ସଂସ୍ଥା ବଡ଼ ବାଧକ ସାଜିଥିବାବେଳେ ଅନ୍ୟ ବେସରକାରୀ ଓ ଶିଳ୍ପ ସଂସ୍ଥା ଉପରେ ମଧ୍ୟ ଶହଶହ କୋଟିର ଟିକସ ବଢ଼ି ଚାଲିଛି।

ଚଳିତ ଆର୍ଥିକ ବର୍ଷରେ ବିଏମ୍‌ସି ପକ୍ଷରୁ ୧୫୯କୋଟି ୩୯ଲକ୍ଷ ଟଙ୍କାର ହୋଲ୍ଡିଂ ଟିକସ ଆଦାୟ ଲକ୍ଷ୍ୟ ରଖାଯାଇଛି। ଉତ୍ତର ଜୋନ୍‌କୁ ୫୯ କୋଟି, ଦକ୍ଷିଣ ପୂର୍ବ ଜୋନ୍‌କୁ ୪୫କୋଟି ଏବଂ ଦକ୍ଷିଣ ପଶ୍ଚିମ ଜୋନ୍‌କୁ ୫୫କୋଟି ଟଙ୍କା ହୋଲ୍ଡିଂ ଟିକସ ଆଦାୟ ପାଇଁ ଟାର୍ଗେଟ ଦିଆଯାଇଛି। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ଗୋଟିଏ ମାସ ଥିଲେ ମଧ୍ୟ ଏଯାଏ ମାତ୍ର ୬୦ ପ୍ରତିଶତ ସଂଗ୍ରହ ହୋଇଛି। ଉତ୍ତର ଜୋନ୍‌ରୁ ୨୩କୋଟି ଟଙ୍କା ହୋଲ୍ଡିଂ ଟିକସ ଆଦାୟ ହୋଇଥିବାବେଳେ ଦକ୍ଷିଣ-ପୂର୍ବ ଜୋନ୍‌ରୁ ୧୮ କୋଟି ଏବଂ ଦକ୍ଷିଣ ପଶ୍ଚିମ ଜୋନରୁ ୧୯ କୋଟି ଟଙ୍କା ଟିକସ ଆଦାୟ ହୋଇଛି। ପ୍ରତିବର୍ଷ ଟିକସ ଆଦାୟ ନେଇ ଟାର୍ଗେଟ ବଢି ଚାଲିଥିବାବେଳେ ଏଥିରେ ବିଏମ୍‌ସି ଶତପ୍ରତିଶତ ସଫଳ ହୋଇପାରୁ ନାହିଁ। ରାଜସ୍ୱ ପୂରଣ ଦିଗରେ ସବୁଠାରୁ ବଡ ପ୍ରତିବନ୍ଧକ ସାଜୁଛନ୍ତି ଟିକସ ଖିଲାପକାରୀ। ବିଏମ୍‌ସି କେବଳ ନୋଟିସ୍ ପରେ ନୋଟିସ ଦେଇ ଅସହାୟ ହୋଇ ବସିରହୁଛି। ବିଶେଷକରି ସରକାରୀ ସଂସ୍ଥାଗୁଡିକ ଉପରେ ମଧ୍ୟ ବକେୟା ପଡି ରହୁଥିବାରୁ ବିଏମ୍‌ସି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ସଫଳ ହେଉନାହିଁ।

ରାଜ୍ୟ ସରକାର ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ସଂସ୍ଥା (ଇଡ୍‌କୋ) ପାଖରେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୩କୋଟି ୮୫ଲକ୍ଷ ଟଙ୍କାର ହୋଲ୍ଡିଂ ଟିକସ ବକେୟା ପଡିଥିବାବେଳେ ପୁରୁଣା ବକେୟା ଭାବେ ୫୯କୋଟି ଟଙ୍କା ରହିଛି। ତେଣୁ ଏହି ଘଟଣାରେ ଗୃହ ଓ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ହସ୍ତକ୍ଷେପ କରିବା ପାଇଁ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଚିଠି ଲେଖିଛନ୍ତି। ୧୧ଟି ରାଜ୍ୟ ସରକାରୀ ବିଭାଗ ଏବଂ ଏହା ଅଧୀନରେ ଥିବା ୨୧ଟି ସରକାରୀ ଶିକ୍ଷାନୁଷ୍ଠାନ ପାଖରେ ୬କୋଟି ୮୨ଲକ୍ଷ ଟଙ୍କାର ବାକି ପଡିଛି। ସେହିପରି କେନ୍ଦ୍ର ସରକାର ଅଧୀନରେ ଥିବା ୯ଟି ଶିକ୍ଷାନୁଷ୍ଠାନ ଉପରେ ୨କୋଟି ୯୬ଲକ୍ଷ ଟଙ୍କାର ବାକି ପଡିଛି। ଏହାବାଦ୍ ବେସରକାରୀ ଭାବେ ବଡ ଖିଲାପକାରୀଙ୍କ ତାଲିକା ମଧ୍ୟ ବାହାର କରାଯାଇଛି। ୧କୋଟିରୁ ଅଧିକ ହୋଲ୍ଡିଂ ଟିକସ ଖିଲାପକାରୀ ଭାବେ ୭ଟି ସରକାରୀ ଏବଂ ୧୩ଟି ବେସରକାରୀ ସଂସ୍ଥାକୁ ଚିହ୍ନଟ କରାଯାଇଛି। ୫୦ଲକ୍ଷରୁ ୧କୋଟି ମଧ୍ୟରେ ୯ଟି ସରକାରୀ ଏବଂ ୧୨ଟି ବେସରକାରୀ ସଂସ୍ଥା, ୫୦ଲକ୍ଷରୁ କମ୍ ୧୧୭୪ଟି ସରକାରୀ ଓ ୬୫,୧୪୬ଟି ବେସରକାରୀ ସଂସ୍ଥାକୁ ଚିହ୍ନଟ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ବକେୟା ହୋଲ୍ଡିଂ ଟିକସ ପଇଠ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୪-୨୫ରେ ୨୫୦କୋଟି ଟଙ୍କାର ଟିକସ ଆଦାୟ ଲକ୍ଷ୍ୟ ରଖାଯାଇଥିବାବେଳେ ପ୍ରାୟ ୧୦୬କୋଟି ଟଙ୍କା ଆଦାୟ ହୋଇଥିଲା। ସେଥିମଧ୍ୟରେ କେବଳ ହୋଲ୍ଡିଂ ଟିକସ ବାବଦରେ ୧୦୧କୋଟି ଟଙ୍କା ଥିଲା। ତେଣୁ ଗତବର୍ଷ ଅପେକ୍ଷା ଚଳିତ ବର୍ଷ କିପରି ଅଧିକ ହୋଲ୍ଡିଂ ଟିକସ ଆଦାୟ ହୋଇପାରିବ ସେ ନେଇ ବିଏମ୍‌ସି ଅଧିକାରୀମାନେ ଚେଷ୍ଟା ଚଳାଇଛନ୍ତି। ହୋଲ୍ଡିଂ ଟିକସ ଆଦାୟ ପାଇଁ ସ୍ୱତନ୍ତ୍ର ଭାବେ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତି ଜୋନ୍‌ର ହୋଲ୍ଡିଂ ଟିକସ ଆଦାୟକୁ ତଦାରଖ କରିବା ସହିତ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଡେପୁଟି କମିଶନରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଉତ୍ତର ଜୋନ୍‌ରେ ୩ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବାବେଳେ ଦକ୍ଷିଣ ପଶ୍ଚିମ ଜୋନ୍‌ରେ ୩ଜଣ ଏବଂ ଦକ୍ଷିଣ ପୂର୍ବ ଜୋନ୍‌ରେ ୫ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ହେଲେ ହାତରେ ସମୟ ନ ଥିବାରୁ ଟିକସ ଖିଲାପକାରୀ ବକେୟା ପଇଠ କରିବେ କି ନାହିଁ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି।

# ଜେଇଇ ମେନ୍‌ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସଫଳତା



## ୯୯%ରୁ ଅଧିକ ପର୍ସେଣ୍ଟାଇଲ ରଖିଲେ ୧୧ଜଣ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ସର୍ବଭାରତୀୟ ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ ୨୦୨୬ ପ୍ରଥମ ରାଉଣ୍ଡର ଫଳାଫଳ ପ୍ରକାଶ ପାଇଛି। ଏଥିରେ ସାଇ ଇଣ୍ଟରନ୍ୟାଶନାଲର ଛାତ୍ରୀଛାତ୍ର ଭଲ ରେଜଲ୍ଟ କରିଛନ୍ତି। ଆୟାନ୍ ଭାଗେରିଆ ୯୯.୮୫ ପର୍ସେଣ୍ଟାଇଲ ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ସଂକଳ୍ପ ପଟ୍ଟନାୟକ ୯୯.୮୩, ଶ୍ରୀମନ୍ତ ୯୯.୭୫, ସ୍ୱପ୍ନିଲ୍ ମାଇତି ୯୯.୭୩ ଓ ପ୍ରତୀକ କୁମାର ସାହୁ ୯୯.୬୯ ପର୍ସେଣ୍ଟାଇଲ ସ୍କୋର କରିଛନ୍ତି। ଏମାନଙ୍କୁ ମିଶାଇ ମୋଟ ୧୧ ଜଣ ୯୯ରୁ ଊର୍ଦ୍ଧ୍ୱ, ୧୭ଜଣ ୯୮ରୁ ଅଧିକ, ୨୨ଜଣ ୯୭ରୁ ଅଧିକ, ୨୭ଜଣ ୯୬ରୁ ଅଧିକ, ୩୪ଜଣ ୯୫ରୁ ଅଧିକ, ୩୮ଜଣ ୯୪ରୁ ଅଧିକ, ୩୯ଜଣ ୯୩ରୁ ଅଧିକ, ୪୫ ଜଣ ୯୨ରୁ ଅଧିକ ଓ ୫୭ଜଣ ୯୧ରୁ ଅଧିକ ପର୍ସେଣ୍ଟାଇଲ ରଖିଛନ୍ତି। ଆୟାନ୍ ଭାଗେରିଆ ଫଳାଫଳରେ ଖୁସିହୋଇ ତାଙ୍କ ପରିବାର ଓ ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷକଙ୍କ ନିରନ୍ତର ପରାମର୍ଶ ଏବଂ ପରିବାରର ଉପଯୁକ୍ତ ମାର୍ଗଦର୍ଶନରୁ ମୋତେ ଏହି ସଫଳତା ମିଳିଛି ବୋଲି ସେ କହିଛନ୍ତି। ଜଣେ ଭଲ ଇଞ୍ଜିନିୟର ହେବା ସହ ଭବିଷ୍ୟତରେ ଦେଶ ନିର୍ମାଣରେ ଯୋଗଦାନ କରିବାକୁ ଆଶା ରଖିଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି, ଆୟାନ୍ କେବଳ ବିଦ୍ୟାଳୟ ପାଇଁ ଗୌରବ ଆଣିନାହାନ୍ତି, ବରଂ ତାଙ୍କର ଏହି ସଫଳତା ସାରା ରାଜ୍ୟ ପାଇଁ ଗର୍ବର ବିଷୟ। ଏଥିସହ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ର ଏବଂ ସେମାନଙ୍କ ପରିବାର ଓ ଶିକ୍ଷକମାନଙ୍କୁ ଡ. ସାହୁ ଅଭିନନ୍ଦନ ଜଣାଇଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘରେ ନିଆଁ ଲଗାଇ ଦେଲେ

## ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୧।୨(ତ୍ରିନାଥ ମହାନ୍ତି)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘର ଉପରକୁ ପେଟ୍ରୋଲ ଢାଳି ନିଆ ଲଗାଇବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଫୁଲେଶ୍ୱରୀ ବସ୍ତିର ଉପେନ୍ଦ୍ର ସିଂ। ଶିବ ପ୍ରସାଦ ବେହେରାଙ୍କ ଲିଖିତ ଅଭିଯୋଗ ଅନୁସାରେ, ଶୁକ୍ରବାର ରାତିରେ ଶିବ ପରିବାର ସଦସ୍ୟଙ୍କ ସହିତ ଘରେ ଶୋଇଥିବା ସମୟରେ ବିଳମ୍ବିତ ରାତ୍ରି ପ୍ରାୟ ୩ଟା ୩୦ ରୁ ୪ଟା ୩୦ ମଧ୍ୟରେ ପଡ଼ୋଶୀମାନଙ୍କ ପାଟି ଶୁଣି ଉଠିପଡ଼ିଥିଲେ। ବାହାରକୁ ଆସି ଦେଖିବା ପରେ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଉପେନ୍ଦ୍ର ସିଂ ତାଙ୍କ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଅଭିଯୋଗକାରୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ଜଳୁଥିବା ଘରୁ ବାହାରକୁ ଆସିବାରେ ସଫଳ ହୋଇଥିଲେ। ଏଥିରେ ତାଙ୍କ ବାସଗୃହ ସହିତ ଗୋଟିଏ ଆପାଚି ୧୬୦ ମୋଟରସାଇକେଲ ସମ୍ପୂର୍ଣ୍ଣ ଭାବେ ନିଆଁରେ ପୋଡ଼ି ଯାଇଥିଲା। ପୂର୍ବ ଶତ୍ରୁତା ଯୋଗୁ ଏହି କାର୍ଯ୍ୟ କରାଯାଇଥିବା ପ୍ରାଥମିକ ଭାବେ ପ୍ରମାଣିତ ହୋଇଥିଲା। ତଦନ୍ତ ସମୟରେ ଘଟଣାସ୍ଥଳରୁ ପୋଡ଼ିଯାଇଥିବା ଆପାଚି ମୋଟରସାଇକେଲ ଜବତ କରାଯାଇଥିଲା। ଆର୍ଥିକ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଅଭିଯୁକ୍ତ ଏଭଳି କାଣ୍ଡ ଘଟାଇଥିବା ପୋଲିସ କହିଛି।

# 'ମାତୃଭାଷା ପ୍ରତି କର୍ତ୍ତବ୍ୟପରାୟଣ ହୁଅ'




ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମାତୃଭାଷା ଦିବସ ସମାରୋହ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୨୧।୨(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ସମାରୋହ ବିଶ୍ୱବିଦ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ମାତୃଭାଷାର ମୂଲ୍ୟବୋଧ, ଗୁରୁତ୍ୱ ଓ ଏହାର ଉପାଦେୟତା ସମ୍ପର୍କରେ କହିଥିଲେ। ମାତୃଭାଷା ପ୍ରତି କର୍ତ୍ତବ୍ୟପରାୟଣ ହୋଇ ଏହାର ଉନ୍ନତି, ପ୍ରଚାର ଓ ପ୍ରସାର କରିବା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ସଂକଳ୍ପବଦ୍ଧ ହେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗଦେଇ ମାତୃଭାଷା ପ୍ରୀତି ସମସ୍ତଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ। ସମସ୍ତ ଭାଷାକୁ ସମ୍ମାନ ଦେବା ସହ ଭାଷାଗତ ମୈତ୍ରୀଭାବକୁ ବଜାୟ ରଖି ନିଜ ମାତୃଭାଷାର ମହତ୍ତ୍ୱ ବୁଝି ଗୁରୁତ୍ୱ ଦେବା ସମସାମୟିକ ଯୁବପିଢ଼ିଙ୍କ ପ୍ରମୁଖ ଦାୟିତ୍ୱ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, କୁଳସଚିବ ଅନାମିକା ଅଧିକାରୀ, ପ୍ରଫେସର ଧରଣୀଧର ରଣା, ସୁନନ୍ଦା ଷଡଙ୍ଗୀ, ଡ. ଜ୍ଞାନରଞ୍ଜନ ପଣ୍ଡା ଓ ଡ. ଅଜୟ କୁମାର ବିଶ୍ୱାଳ ପ୍ରମୁଖ ଅନ୍ତର୍ଜାତୀୟ ମାତୃଭାଷା ଦିବସର ପ୍ରାସଙ୍ଗିକତା ଓ ମାତୃଭାଷାର ମାର୍ଗଦର୍ଶନରେ ସଫଳତା ପାଇବାର ବିଭିନ୍ନ ଦିଗ ଓ ଦୃଷ୍ଟାନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିପ୍ଟୋ ଟ୍ରେଡିଂ, ଅନଲାଇନ୍ ଜୁଆ ମାଧ୍ୟମରେ ଠକେଇ, ୨ଗିରଫ

ଭୁବନେଶ୍ୱର,୨୧।୨(ତ୍ରିନାଥ ମହାନ୍ତି)

କ୍ରିପ୍ଟୋ ଟ୍ରେଡିଂ, ଅନଲାଇନ୍ ଜୁଆ ମାଧ୍ୟମରେ ଠକେଇ ଅଭିଯୋଗରେ ମଞ୍ଚେଶ୍ୱର ଥାନା ଏବଂ ଖଣ୍ଡଗିରି ଥାନା ପୋଲିସ ୨ଜଣ ସାଇବର ଠକଙ୍କୁ ଗିରଫ କରିଛି। ମଞ୍ଚେଶ୍ୱର ପୋଲିସ ଜିଜିପି କଲୋନୀରୁ ନବୀନ କୁମାର ପଣ୍ଡାଙ୍କୁ ଗିରଫ କରିଥିବା ବେଳେ ଖଣ୍ଡଗିରି ବାରିରୁ ଓମ୍‌କାର ଶଙ୍କର ପ୍ରଜାପତିଙ୍କୁ ଗିରଫ କରାଯାଇଛି।

ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତ ନବୀନ ତାଙ୍କ ସହଯୋଗୀ ଯଥା ଝାଡ଼ଖଣ୍ଡର ପ୍ରକାଶ ମୁଦୁଲି, ସୁନୀଲ ନାୟକ, ରାକେଶ ମହାନ୍ତି, ଏଲିନା ଦାସ ଏବଂ ମାୟଙ୍କା କୁମାରଙ୍କ ସହିତ ମିଶି ଏକ ସାଇବର ଠକେଇ ରାକେଟ କରିଥିଲେ। ଏହି ସିଣ୍ଡିକେଟ ମାଧ୍ୟମରେ ଗେମିଂ ଆପ୍, ବେଟିଂ ଆପ୍, କ୍ରିପ୍ଟୋ ଟ୍ରେଡିଂ, ଅନ୍‌ଲାଇନ ଜୁଆ ଏବଂ ଲୋନ୍ ଆପ ଠକେଇ ସମେତ ବିଭିନ୍ନ ସାଇବର ଠକେଇ କରୁଥିଲେ। ଏଥିରୁ ଆସୁଥିବା ଟଙ୍କାକୁ ସେମାନେ ଭଡ଼ା ଆକାଉଣ୍ଟ(ମ୍ୟୁଲ୍) ଆକାଉଣ୍ଟରେ ବ୍ୟବହାର କରୁଥିଲେ। ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ସହଜ ଆୟର ପ୍ରଲୋଭନ ଦେଇ ନିରୀହ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକମାନଙ୍କୁ ପ୍ରତାରଣାମୂଳକ ଉପାୟରେ ପ୍ରଲୋଭିତ କରି, ତାଙ୍କ ନାମରେ ଏକାଧିକ ସଞ୍ଚୟ ଏବଂ କରେଣ୍ଟ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଇଥିଲେ। ଆକାଉଣ୍ଟ ଖୋଲିବା ପରେ, ସେମାନେ ପାସ୍‌ବୁକ, ଏଟିଏମ୍ କାର୍ଡ, ସିମ୍ କାର୍ଡ ଓ ବ୍ୟାଙ୍କିଙ୍ଗ ପ୍ରମାଣପତ୍ର ସଂଗ୍ରହ କରି ସେହି ଆକାଉଣ୍ଟଗୁଡ଼ିକୁ ଠକେଇ ଟଙ୍କା ଆଣୁଥିଲେ। ପ୍ରତ୍ୟେକ କରେଣ୍ଟ ଆକାଉଣ୍ଟ ପ୍ରତି ୫୦ ହଜାର ଟଙ୍କା ଏବଂ ପ୍ରତ୍ୟେକ ସଞ୍ଚୟ ଆକାଉଣ୍ଟ ପ୍ରତି ୩୦ ହଜାର ଟଙ୍କା କମିଶନ ଭାବେ ଅଭିଯୁକ୍ତମାନେ ପାଉଥିଲେ।

# ଆତ୍ମହତ୍ୟା ନୁହେଁ, ଯୋଜନାବଦ୍ଧ ହତ୍ୟା: ମୃତକଙ୍କ ବାପା

## କିସ୍‌ରେ ଯୁକ୍ତ ୨ ବର୍ଷର ଛାତ୍ରଙ୍କ ଆତ୍ମହତ୍ୟା ମାମଲା

■ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର

ଭୁବନେଶ୍ୱର,୨୧।୨(ତ୍ରିନାଥ ମହାନ୍ତି)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍) ଆବାସିକ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ଛାତ୍ର ଚନ୍ଦନ ଶବରଙ୍କ ମୃତ୍ୟୁକୁ ନେଇ ତାଙ୍କ ବାପା ଗୋବିନ୍ଦ ଶବର ପ୍ରଶ୍ନ ଉଠାଇଛନ୍ତି। ପୁଅ ଆତ୍ମହତ୍ୟା କରି ନାହିଁ, ବରଂ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି କହିଛନ୍ତି। ନୂଆପଡ଼ା ଜିଲା କୋମନା ବ୍ଲକ କୁର୍ଲାପ ଗ୍ରାମର ଗୋବିନ୍ଦ ଶବର କହିଛନ୍ତି, ତାଙ୍କ ପୁଅ ଯେଉଁ ଖଟରେ ଶୋଉଥିଲା ତାହା ମାତ୍ର ୩ ଫୁଟ ଉଚ୍ଚର। ଏତେ କମ୍ ଉଚ୍ଚତାର ଗୋଟିଏ ଖଟରୁ ଜୀବନ ହାରିବା ଆଦୌ ସମ୍ଭବ ନୁହେଁ। ପୁଅର ଶରୀର ଖଟ ଉପରେ ଥିବାବେଳେ ସେ କିପରି ପ୍ରାଣ ହରାଇଲା, ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ଘଟଣା ଦିନ ତାଙ୍କୁ ଜଣେ ଶିକ୍ଷକ ଫୋନ୍ କରି ଚନ୍ଦନ ଆତ୍ମହତ୍ୟା କରିଥିବା ସୂଚନା ଦେଇଥିଲେ, ମାତ୍ର କେଉଁ କାରଣ ପାଇଁ ସେ ଏଭଳି ପଦକ୍ଷେପ ନେଲା ସେ ନେଇ କିଛି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ ବୋଲି ଗୋବିନ୍ଦ କହିଛନ୍ତି। ଗୋବିନ୍ଦ ଶବର ତେଲଙ୍ଗାନାରେ ଦାଦନ ଶ୍ରମିକ ଭାବେ କାମ କରନ୍ତି ଓ ଏହି ଅଘଟଣ ଖବର ପାଇବା ପରେ ସେ କିସ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ଚନ୍ଦନ ମାନସିକ ଚାପରେ ଥିଲା ବୋଲି ଅଭିଯୋଗକୁ ଗୋବିନ୍ଦ ପ୍ରତ୍ୟାଖ୍ୟାନ କରିଛନ୍ତି। ମୃତ୍ୟୁ ପୂର୍ବଦିନ ପୁଅ ତା' ମା' ସହ ବହୁ ସମୟ ଧରି ହସି ହସି କଥା ହୋଇଥିଲା। ସେଭଳି କୌଣସି ଅସୁବିଧାରେ ଥିବା କି ଚାପରେ ଥିବାର ଚିହ୍ନବର୍ଣ୍ଣ ନ ଥିଲା । ତେଣୁ ସେ ନିଜ ଜୀବନ ନିଜେ ହାରିବାର କୌଣସି କାରଣ ହିଁ ନ ଥିଲା। ପୋଲିସ ନିରପେକ୍ଷ ତଦନ୍ତ କଲେ ସତ ପଦାକୁ ଆସିବ ବୋଲି ଗୋବିନ୍ଦ କହିଛନ୍ତି। ଶନିବାର ସକାଳେ ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକ ମୃତଦେହକୁ ତାଙ୍କ ଗାଁକୁ ନେଇ ଦାହ କରିଥିବା ଜଣାପଡ଼ିଛି।

# ରାଜଧାନୀରେ ବଢୁଛି ନିଶା କାରବାର

## କମିଶନରେଟ୍ ପୋଲିସର ଏନ୍‌ଡିପିଏସ୍ ରିପୋର୍ଟ

■୩ ବର୍ଷରେ ୪୬୦ ମାମଲା,୯୪୫ ଗିରଫ

■୧୨ କେଜି ବ୍ରାଉନ୍‌ସୁଗାର, ୧୫୬ କୁଇଣ୍ଟାଲ ଗଞ୍ଜେଇ ଜବତ

ଭୁବନେଶ୍ୱର,୨୧।୨(ତ୍ରିନାଥ ମହାନ୍ତି)

ଟ୍ୱିନ୍ ସିଟିରେ ଛାଇଗଲେଣି ନିଶା ବେପାରୀ। ପ୍ରତିବର୍ଷ ଗିରଫ ହେଉଥିବା ନିଶା ବ୍ୟବସାୟୀଙ୍କ ସଂଖ୍ୟା ଏବଂ ମାମଲା ରୁଜୁର ତଥ୍ୟକୁ ଦେଖିଲେ ଏହା ସ୍ପଷ୍ଟ ବାରି ହୋଇପଡୁଛି। ଯୁବପିଢ଼ିଙ୍କୁ ଟାର୍ଗେଟ କରି ସହରର ଗଳିକନ୍ଦିରେ ନିଶା ବିକ୍ରି କରାଯାଉଥିବା ଜଣାପଡ଼ିଛି। ଶନିବାର କମିଶନରେଟ୍ ପୋଲିସ ପକ୍ଷରୁ ୩ ବର୍ଷର ଏନ୍‌ଡିପିଏସ୍ ତଥ୍ୟ ପ୍ରକାଶ ପାଇଛି। ତଥ୍ୟ ଅନୁସାରେ, ୩ ବର୍ଷ(୨୦୨୩-୨୦୨୫)ରେ ସମୁଦାୟ ୪୬୦ ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଥିବା ବେଳେ ୯୪୫ ଜଣ ନିଶା ବେପାରୀ ଗିରଫ ହୋଇଛନ୍ତି। ୩ ବର୍ଷରେ ୧୨.୮୭୯ କେଜି ବ୍ରାଉନ୍‌ସୁଗାର, ୧୫୬ କୁଇଣ୍ଟାଲ ୨୬ କେଜି ଗଞ୍ଜେଇ ଏବଂ ୨,୬୩୧.୪୦୩ ଲିଟର କଫ୍ ସିରପ ଜବତ କରାଯାଇଛି। କେବଳ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩ ବର୍ଷରେ ୩୦ଟି ମାମଲା ରୁଜୁ କରିବା ସହ ୮୪ ଜଣଙ୍କୁ ଗିରଫ କରାଯାଇଛି।

ତଥ୍ୟ ଅନୁସାରେ, ୨୦୨୩ରେ ସର୍ବାଧିକ ଟ୍ୱିନ୍ ସିଟିର ବିଭିନ୍ନ ଥାନାରେ ୧୭୦ଟି ମାମଲା ରୁଜୁ ହୋଇଥିବା ବେଳେ ୩୬୩ ନିଶା ବେପାରୀ ଗିରଫ ହୋଇଥିଲେ। ସେହି ବର୍ଷ ୩ କେଜି ୭୭୫ ଗ୍ରାମର ବ୍ରାଉନ୍‌ସୁଗାର ଜବତ କରାଯାଇଥିବାବେଳେ ୩୧.୫୯କୁଇଣ୍ଟାଲ ଗଞ୍ଜେଇ ଏବଂ ୫୯୬ ଲିଟର କଫ୍ ସିରପ ଜବତ କରାଯାଇଥିଲା। ୨୦୨୪ରେ ୧୫୮ଟି ମାମଲା ରୁଜୁ ହୋଇଥିବା ବେଳେ ୩୧୮ଜଣ ଗିରଫ ହୋଇଥିଲେ। ସେମାନଙ୍କ ନିକଟରୁ ୪.୧୩୮ କେଜି ବ୍ରାଉନ୍‌ସୁଗାର, ୧୦୩.୮୩ କୁଇଣ୍ଟାଲ ଗଞ୍ଜେଇ ଏବଂ ୧୬୯.୩୦୩ ଲିଟର କଫ୍ ସିରପ ଜବତ କରାଯାଇଛି। ସେହିପରି ୨୦୨୫ରେ ୧୩୨ଟି ମାମଲା ରୁଜୁ କରାଯାଇଥିବା ବେଳେ ୨୬୪ ଜଣଙ୍କୁ ଗିରଫ କରାଯାଇଥିଲା। ନିଶା ବେପାରୀଙ୍କଠାରୁ ୪.୧୯୪ କେଜି ବ୍ରାଉନ୍‌ସୁଗାର, ୨୦.୮୪ କୁଇଣ୍ଟାଲ ଗଞ୍ଜେଇ ଏବଂ ୧୮୬୬.୧ ଲିଟର କଫ୍ ସିରପ ଜବତ କରାଯାଇଥିଲା।

# ଶ୍ରୀହନୁମତ ମହୋତ୍ସବରେ ଯୋଗଦେବେ ଗଜପତି

କଟକ,୨୧।୨(କାର୍ତ୍ତିକ ସାହୁ)

ଚିନ୍ମୟ ମିଶନ ଓଡ଼ିଶା ପକ୍ଷରୁ ୭୫ବର୍ଷ ପୂର୍ତ୍ତି ଅବସରରେ ପଞ୍ଚଦିବସୀୟ ଶ୍ରୀ ହନୁମତ ମହୋତ୍ସବ ଓ ଶ୍ରୀ ହନୁମାନ ଚାଳିଶା ମହାଯଜ୍ଞ ଆସନ୍ତା ୨୪ ତାରିଖରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏହି ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିଚାଳିତ ହେବ। ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ କଟକ ଉପର ବାଲିଯାତ୍ରା ପଡ଼ିଆରେ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି।

# ବିଜୁପଟ୍ଟନାୟକ କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର




ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

ଜୟଦେବ ବିହାରସ୍ଥିତ ବିଜୁପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ୧୦ ଦିନିଆ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ୍ତ କୁମାର ଗାହାଣ ଶିବିର ସମ୍ପର୍କରେ କହିବା ସହ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଇଂଲିଶ ଅଧ୍ୟାପିକା ଲଗ୍ନା ମହାନ୍ତି ସଂଯୋଜିକା ଭାବେ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ୨୦୦ରୁ ଅଧିକ ଛାତ୍ରୀଙ୍କୁ ପ୍ରଶିକ୍ଷିକା ପୁନିମା ବାଦିଆ ଏବଂ ସୁଶିଳା ଟାବିଡ୍ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ। ଅଧ୍ୟାପକ ଡ. ନିରୋଦ କୁମାର ପଲେଇ, ମୋହିତ କୁମାର ରାୟ, ଅଧ୍ୟାପିକା ଡ. ଅଳକା ପଣ୍ଡା, ପୁଷ୍ପଲତା ଲେଙ୍କା ଉପସ୍ଥିତ ଥିଲେ। ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ଭୂୟାଁ ଧନ୍ୟବାଦ ଦେଇଥିଲେ।

# 'ଶିକ୍ଷା କ୍ଷେତ୍ରରେ ଆଧ୍ୟାତ୍ମିକତାର ଆବଶ୍ୟକତା ରହିଛି'




## ଜାତୀୟସ୍ତରୀୟ ବାଗ୍ମିତା ପ୍ରତିଯୋଗିତା 'ଯୁଗ୍ମ' ଉଦ୍‌ଘାଟିତ

ବାଲିଅନ୍ତା,୨୧।୨(ନୀଳମାଧବ ସାହୁ)

ସ୍ଥାନୀୟ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଶ୍ରୀମାଙ୍କ ଜନ୍ମ ଦିବସ ଅବସରରେ ଏକ ଜାତୀୟସ୍ତରୀୟ ବାଗ୍ମୀତା ପ୍ରତିଯୋଗିତାର ୧୦ମ ସଂସ୍କରଣ 'ଯୁଗ୍ମ' ଶନିବାର ଶିକ୍ଷାନୁଷ୍ଠାନ ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ୫୦ଟି ଶିକ୍ଷାନୁଷ୍ଠାନର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ମୁଖ୍ୟ ଅତିଥି ଭାବେ ଡ. ଆର କେ ଏସ୍ ମଙ୍ଗେସ ଦାଶ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଆଧ୍ୟାତ୍ମିକତାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟ ଉପଦେଷ୍ଟା ଭାଗୀରଥି ମହାପାତ୍ର ଯୋଗଦେଇ ଶ୍ରୀମା' ଓ ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟି ଭଙ୍ଗୀରେ ଶିକ୍ଷାର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ଚାର୍ଟର୍ଡ ଆକାଉଣ୍ଟାଣ୍ଟ ସୁନୀତା ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆସ୍ଥା ସ୍କୁଲ ହେଉଛି ଶିକ୍ଷା ଓ ଆଧ୍ୟାତ୍ମିକତାର ଏକ ବଡ଼ ପ୍ଲାଟଫର୍ମ ବୋଲି କହିଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଉଚ୍ଚ ଶିକ୍ଷାରେ ଆଧ୍ୟାତ୍ମିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଜୁରୀ ମେମ୍ବର ଡ. ଶର୍ମିଳା ସୁବ୍ରମଣ୍ୟମ, ଡ. ଅଶୋକ ମଙ୍ଗରାଜ ଓ ଭାଗୀରଥି ମହାପାତ୍ରଙ୍କ ନିକଟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶ୍ରୀ ପଞ୍ଚମୁଖୀ ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟର ଚେୟାରମେନ ରୋଟାରିୟାନ ବିଜୟ କୁମାର ପାତ୍ର, ସମସ୍ତ ଅତିଥି ଓ ଅନ୍ୟ ଟ୍ରଷ୍ଟିମାନଙ୍କ ଦ୍ୱାରା ଅନୁଷ୍ଠାନର ତ୍ରୈମାସିକ ପତ୍ରିକା 'ଅରୋମା'କୁ ଉନ୍ମୋଚନ କରିଥିଲେ। ଏଥିସହିତ ଅନୁଷ୍ଠାନ ପ୍ରଫେସର ସତ୍ୟନାଥ ମହାପାତ୍ର ଓ ପ୍ରଫେସର ପ୍ରିୟଙ୍କା ଜେନାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଫଣ୍ଡାମେଣ୍ଟାଲସ ଅଫ ବ୍ୟାଙ୍କିଙ୍ଗ ଓ ଫାଇନାନ୍ସ'ର ୨ ୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ପ୍ରଫେସର ଜିନାଶିଷ ମହାନ୍ତି ସଂଯୋଜନା କରିଥିବା ବେଳେ ପ୍ରଫେସର ଅନନ୍ୟା ସ୍ୱାଇଁ ପରିଚାଳନା କରିଥିଲେ।

# ଓଡ଼ିଆ ସାହିତ୍ୟରେ ଉଚ୍ଚକୋଟୀର ଗବେଷଣା ଆବଶ୍ୟକ

## ସଂସ୍କୃତି ଭବନରେ ବିଶ୍ୱ ମାତୃଭାଷା ଦିବସ




କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଭାଷାବିତ୍ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସହ ଅନ୍ୟ ଅତିଥିମାନେ ।

ଭୁବନେଶ୍ୱର,୨୧।୨ (ସୌମ୍ୟରଞ୍ଜନ ରାଉତ)

ଆମ ମାତୃଭାଷା ପ୍ରତି ଆମ ସମସ୍ତଙ୍କ ମଧ୍ୟରେ ଭଲ ପାଇବା ରହିଛି। ଆମ ଓଡ଼ିଆ ଭାଷା ଆମକୁ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପ୍ରଦାନ କରିଛି। ଆମ ଭାଷା, ସାହିତ୍ୟ ଓ ସମାଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ନିଜର ଭାବନାକୁ ଆମେ ମାତୃଭାଷାରେ ପରିପ୍ରକାଶ କରିଥାଉ, ଭାଷାରୁ ସାହିତ୍ୟ ସୃଷ୍ଟି ହୁଏ ଏବଂ ସାହିତ୍ୟ ଆମ ସମାଜର ବାସ୍ତବିକତାକୁ ପ୍ରତିଫଳନ କରେ। ଓଡ଼ିଆ ସାହିତ୍ୟରେ ଉଚ୍ଚକୋଟୀର ଗବେଷଣା ହେବା ଓ ଏହାର ବହୁଳ ପ୍ରଚାର ଓ ପ୍ରସାର ହେବାର ଆବଶ୍ୟକତା ରହିଛି। ଆମ ଯୁବପିଢ଼ି ଆମ ଓଡ଼ିଆ ଭାଷାକୁ ବିଶ୍ୱ ବିଦିତ କରିବା ଦିଗରେ ନିଜର ବହୁମୂଲ୍ୟ ଯୋଗଦାନ ଦେଇ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟକୁ ପୂରଣ କରିବେ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଶନିବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଭାଷାବିତ୍ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର, ସାହିତ୍ୟିକ ଦାଶ ବେନହୁର୍, ପ୍ରତିଷ୍ଠାନର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ, ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଏବଂ ପ୍ରତିଷ୍ଠାନର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଶୁଦ୍ଧ ଓଡ଼ିଆ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଭାମାନଙ୍କୁ ଯଥାକ୍ରମେ ୧୫୦୦, ୧୨୦୦ ଏବଂ ୧୦୦୦ ଟଙ୍କା ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ନବୋଦୟ ବିଦ୍ୟାଳୟରେ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବାରଙ୍ଗ,୨୧।୨(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅଧୀନ ଗୋଡିସାହି ଫାଣ୍ଡି ଅନ୍ତର୍ଗତ ବଡ଼ ମୁଣ୍ଡଳୀସ୍ଥିତ ନବୋଦୟ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ମୁଣ୍ଡଳୀ ଗ୍ରାମର ରେବୁ ଭୂଷଣ ବେହେରା। ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ି ନ ଥିବା ବେଳେ ହୃଦ୍‌ଘାତରେ ଏପରି ଘଟିଥିବା ଆଶଙ୍କା କରାଯାଉଛି। ଏନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଅପମୃତ୍ୟୁ ମାମଲା (ନଂ. ୬/୨୬) ରୁଜୁ କରିଛି।

ରେବୁ ନବୋଦୟ ବିଦ୍ୟାଳୟରେ ରାତି ଜଗୁଆଳି ଭାବେ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ପରି ଶୁକ୍ରବାର ରାତିରେ ବିଦ୍ୟାଳୟ ପରିସରରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଉପସ୍ଥିତ ଥିବା ଅନ୍ୟ କର୍ମଚାରୀମାନେ ରେବୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। କିନ୍ତୁ ସେଠାରେ ରେବୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଗ୍ରାମବାସୀଙ୍କ ରାସ୍ତାରୋକୋ, ଥାନା ଆଗରେ ଧାରଣା

ଟିଗିରିଆ,୨୧।୨(ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ବାଲିପୁଟ ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କୁ ଥାନାରେ ଅଟକ ରଖିବା ପ୍ରତିବାଦରେ ଶନିବାର ଉତ୍ତେଜନା ଦେଖାଦେଇଛି। ଏନେଇ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିବା ସହ ଥାନା ଆଗରେ ଧାରଣା ଦେଇଛନ୍ତି। ବାଲିପୁଟ ପଞ୍ଚାୟତର ବିଭିନ୍ନ ଗ୍ରାମ ନିକଟରୁ ଲଘୁ ଖଣିଜ ସମ୍ପଦ ନେଇ ଶତାଧିକ ହାଇୱା ଉକ୍ତ ବାଟରେ ଦୈନିକ ଯାତାୟାତ କରୁଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶୁକ୍ରବାର ପଞ୍ଚାୟତର ବିରିପୁଟ ଗ୍ରାମର ଭୂତିଆଡିହ ସାହିର ଜଣେ ବ୍ୟକ୍ତିଙ୍କ ଘରେ ବାହାଘର କାର୍ଯ୍ୟକ୍ରମ ଥିଲା। ସେଥିପାଇଁ ଗ୍ରାମବାସୀ ରାସ୍ତାରେ ହାଇୱା ଚଳାଚଳ ବନ୍ଦ ରଖିଥିଲେ। ଗ୍ରାମ ଭିତରେ ବରଯାତ୍ରୀଙ୍କ ଶୋଭାଯାତ୍ରା ଚାଲିଥିବା ବେଳେ ଏକ ହାଇୱା ଗ୍ରାମ ରାସ୍ତା ଦେଇ ଯିବାକୁ ଚେଷ୍ଟା କରିଥିଲା। ଏନେଇ ଗ୍ରାମବାସୀ ଓ ହାଇୱା ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାସତ୍ତ୍ୱେ ସମ୍ପୃକ୍ତ ଚାଳକ ଦ୍ରୁତଗତିରେ ଗ୍ରାମ ମଧ୍ୟରେ ଗାଡ଼ି ନେଇ ପଳେଇ ଆସିଥିଲେ। ଏହି ସମୟରେ ଜଣେ ଗ୍ରାମବାସୀ ସାମାନ୍ୟ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ସୂତାରଙ୍କୁ ଅବଗତ କରାଇଥିଲେ। ଏହାପରେ ସରପଞ୍ଚ ସୂତାର ସେଠାରେ ପହଞ୍ଚି ଉକ୍ତ ଚାଳକଙ୍କୁ ଅଟକାଇ ସହ ଘଟଣା ସମ୍ପର୍କରେ ପଚାରିଥିଲେ। ସେଠାରେ ସରପଞ୍ଚ ଓ ଚାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାକୁ ନେଇ ଟିଗିରିଆ ଥାନାରେ ହାଇୱା ଚାଳକଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ଏହାକୁ ଆଧାରକରି ଶନିବାର ଟିଗିରିଆ ପୋଲିସ ସରପଞ୍ଚ ସୂତାର ଓ ସହଯୋଗୀ ପ୍ରତାପ କୁମାର ବେହେରାଙ୍କୁ ଥାନାକୁ ଉଠାଇ ଆଣିଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବିନ୍ଧାଣିମା ବାଇପାସ୍ ଛକ ନିକଟ ୬୫ନଂ. ରାଜ୍ୟ ରାଜପଥ କଟକ-ନରସିଂହପୁରଠାରେ ରାସ୍ତା ଅବରୋଧ କରିଛନ୍ତି। ଏଥିସହ ଗ୍ରାମର ଶତାଧିକ ଲୋକ ଏକତ୍ରିତ ହୋଇ ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କୁ ଛାଡ଼ିବା ଦାବିରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ପାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟ ସସ୍ମିତା ରାଉତ ଓ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଉଭୟ ସ୍ଥାନରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଯାଇଛି।


ଉତ୍ୟକ୍ତ ଲୋକେ ୬୫ ନଂ. ରାଜ୍ୟ ରାଜପଥର କଟକ-ନରସିଂହପୁରଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

# ପିଲାଙ୍କ ମନରେ ଓଡ଼ିଆ ପ୍ରୀତି ଜାଗ୍ରତକୁ ଗୁରୁତ୍ୱ

### ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଆଠଗଡ଼,୨୧।୨(ସତ୍ୟ ପ୍ରସାଦ ରଥ):

ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ସାମାଜିକ ଅନୁଷ୍ଠାନ ଜୀବନ ସଂଘର୍ଷ ପକ୍ଷରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଠଗଡ଼ ବ୍ଲକ ମେଘା ପଞ୍ଚାୟତ ଧୂରୁକୁଡ଼ିଆ ଆଦିବାସୀ ସାହିରେ ଛୋଟ ପିଲାଙ୍କ ମନରେ ମାତୃଭାଷା ଓଡ଼ିଆ ପ୍ରୀତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନ ପରାମର୍ଶଦାତା ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ପ୍ରକାଶ କୁମାର ଜେଠୀ, ଚାନ୍ଦିନୀ ବିଶ୍ୱାଳ ଯୋଗଦେଇ ମାତୃଭାଷାର ମହତ୍ତ୍ୱ ପିଲାମାନଙ୍କୁ ବଖାଣିବା ସହିତ ଆଇନ ସମ୍ବନ୍ଧରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ। ଜୀବନ ସଂଘର୍ଷ ସଭାପତି ନିର୍ମଳ କୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ଅରୂପାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।


ବର୍ଣ୍ଣବୋଧ ପୁସ୍ତକ ପାଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

### ବଜ୍ରକାପ୍ତାଙ୍କ ସଫଳ ପ୍ରଜନନ, ସଂରକ୍ଷଣକୁ ଗୁରୁତ୍ୱ ବିଶ୍ୱ ବଜ୍ରକାପ୍ତା ଦିବସ

ବାରଙ୍ଗ,୨୧।୨(ଲିଙ୍ଗରାଜ ରାଉତ): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ବିଶ୍ୱ ବଜ୍ରକାପ୍ତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବଜ୍ରକାପ୍ତା ସଂରକ୍ଷଣ ଉପରେ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା। ନନ୍ଦନକାନନ ଉପନିର୍ଦ୍ଦେଶକ ଅଭୟ କୁମାର ଦଳାଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗ ରେଞ୍ଜର, ଜୀବବିଜ୍ଞାନୀ, ଶିକ୍ଷା ଅଧିକାରୀ ଚିଡ଼ିଆଖାନା ସ୍ୱେଚ୍ଛାସେବକ, କର୍ମଚାରୀ, ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏଥିରେ ୫୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଏହି କର୍ମଶାଳାରେ ବଜ୍ରକାପ୍ତା ସଂରକ୍ଷଣ ଓ ଆବଶ୍ୟକତା ବିଷୟରେ ସାଧାରଣରେ ସଚେତନତା ସୃଷ୍ଟି କରିବା ଉପରେ ଉପନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଥିଲେ। ନନ୍ଦନକାନନରେ ବଜ୍ରକାପ୍ତାର ସଫଳ ପ୍ରଜନନ, ସଂରକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ଉପରେ ଉପନିର୍ଦ୍ଦେଶକ ମତବ୍ୟକ୍ତ କରିଥିଲେ। ଏଥିରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ କୁଇଜ ଏବଂ ପ୍ରଶ୍ନ-ଉତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ସୂଚନା ବୋର୍ଡ଼ ଏବଂ ସେଲ୍ଫିଷ୍ଟାଣ୍ଡରେ ଫଟୋ ଉଠାଇ ପର୍ଯ୍ୟଟକମାନେ ମଜା ଉଠାଇଥିଲେ।

# ଆନ୍ତଃ ଜିଲା ଡକାୟତ ଦଳର ପର୍ଦ୍ଦାଫାଶ: ୫ ଗିରଫ


ଗିରଫ ୫ ଅଭିଯୁକ୍ତ ଓ ଜବତ ସୁନା, ରୁପା ଅଳଙ୍କାର।

ସାଲେପୁର,୨୧।୨(ଅରବିନ୍ଦ ଭୂୟାଁ):

**୧୦ ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ଜବତ**

କଟକ ଜିଲା ଗ୍ରାମାଞ୍ଚଳ ପୋଲିସ ଏକ ଆନ୍ତଃଜିଲା ଡକାୟତ ଦଳର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୬୧ ଗ୍ରାମ୍ ସୁନା ଅଳଙ୍କାର, ୩୮୬ ଗ୍ରାମ୍ ରୁପା ଅଳଙ୍କାର, ୪ ମୋବାଇଲ ଫୋନ୍, ଗୋଟିଏ ଶାବଳ ଓ ଗୋଟିଏ ଲୁହାରଡ୍ ଜବତ କରିଛି। ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶି ଅଞ୍ଚଳ ତିଲଙ୍ଗ ଗ୍ରାମର ଚିତ୍ତରଞ୍ଜନ କୁଣ୍ଡୁ, ସୁବ୍ରତ ଦାସ, ବିକାଶ ଦାସ, ଚିତ୍ତରଞ୍ଜନ ଦାସ ଓ ଯାଜପୁର ଜିଲା ଅଖରପଦ ଗ୍ରାମର ଗୋପୀନାଥ ଦାସ। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସାଲେପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏନେଇ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ ଡାକି ସୂଚନା ଦେଇଛନ୍ତି। ଜାନୁଆରୀ ୨୪ ରାତିରେ ଭଦ୍ରେଶ୍ୱର ଥାନା ସିନ୍ଧୁପୁର ଗ୍ରାମର ଭୀମସେନ ଖଟୁଆଙ୍କ ଘରୁ ଚୋରି ହୋଇଥିଲା। ପୁଅ ପବିତ୍ର ମୋହନ ଖଟୁଆ ଭଦ୍ରେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୫/୨୬) ରୁଜୁ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଗ୍ରାମାଞ୍ଚଳ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ସାଲେପୁର ଆଇଆଇସି ମହେଶ୍ୱର ବେହେରା, ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସ, ଭଦ୍ରେଶ୍ୱର ଥାନା ଆଇଆଇସି ସନ୍ଧ୍ୟାରାଣୀ ସିଂ ଓ କଟକ ସ୍ପେଶାଲ ସ୍କ୍ୱାଡ୍ ଜରିଆରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ବିକାଶ ନାମରେ ବିଭିନ୍ନ ଜିଲାରେ ୧୮ରୁ ଊର୍ଦ୍ଧ୍ୱ ଚୋରି, ଡକାୟତି, ରାହାଜାନି ଆଦି ମାମଲା ଥିବାବେଳେ ସୁବ୍ରତଙ୍କ ନାମରେ ୫, ଗୋପୀନାଥଙ୍କ ନାମରେ ୫ ଓ ଚିତ୍ତରଞ୍ଜନଙ୍କ ନାମରେ ୬ଟି ମାମଲା ରହିଛି ବୋଲି ଏସ୍‌ଡିପିଓ ପତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସମ୍ମିଳନୀରେ ସାଲେପୁର, ମାହାଙ୍ଗା, ଭଦ୍ରେଶ୍ୱର ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ।

### ବାଣ ତିଆରି ସାମଗ୍ରୀ ଜବତ, ୨ଫେରାର

ବାରଙ୍ଗ,୨୧।୨(ଲିଙ୍ଗରାଜ ରାଉତ): ବେଆଇନ୍ ବାଣ ତିଆରି ଅଭିଯୋଗରେ ବାରଙ୍ଗ ଥାନା ଅନ୍ତର୍ଗତ ବେଲଗଛିଆ ଗ୍ରାମରେ ଶନିବାର ପୋଲିସ ଚଢ଼ାଉ କରିଛି। ସେଠାରୁ ବିଭିନ୍ନ ବାଣ ତିଆରି ସାମଗ୍ରୀ ଜବତ କରାଯାଇଛି। ପୋଲିସ ଘଟଣାସ୍ଥଳରୁ ବାଣ ତିଆରି ପାଇଁ ପାଇପ, କାଗଜ, ବାରୁଦ, ସୁତୁଲି ଆଦି ସାମଗ୍ରୀ ଜବତ କରିଥିବା ବେଳେ ଘଟଣାସ୍ଥଳରୁ ୨ ଜଣ ଫେରାର ହୋଇଯାଇଛନ୍ତି।

ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବେଆଇନ୍ ଭାବେ ବାଣ ତିଆରି ହେଉଥିବା ଖବର ପାଇ ରାତିରେ ପୋଲିସର ଏକ ଟିମ୍ ସଦଳବଳ ଚଢ଼ାଉ କରିଥିଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରି ପରେ ଛାଡିଦେଇଛି।

### 'ମାତୃଭାଷା ଓଡ଼ିଆ ପ୍ରଥମେ କହିବାକୁ ସଂକଳ୍ପ ନେବା'

ବାରଙ୍ଗ,୨୧।୨(ଲିଙ୍ଗରାଜ ରାଉତ): ରାଜଧାନୀ ଉପକଣ୍ଠ ଶ୍ରୀ ଅରବିନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ଗୋପୀନାଥ ଦାଶ, ସୁକାନ୍ତ ରାଉତ, ସୁବ୍ରତ ମହାପାତ୍ର, ଜାନକୀ ରାଉତ, ଶରତ ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଯୋଗଦେଇଥିଲେ।

# ୩ ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୧।୨ (ଆଶୁତୋଷ ଦାସ/ ମାନସ ସାମଲ)

**ଇମ୍ଫାର ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର**

ଚୌଦ୍ୱାରସ୍ଥିତ ଇମ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ବାଣୀପଦା ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ବିଦ୍ୟାପୀଠ ପରିସରରେ ଶନିବାର ଦାତବ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଇମ୍ଫାର ପାୱାର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ଓ ଜୋନ ୧୧ର ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଅସ୍ଥିଶଲ୍ୟ, ଭେଷଜ, ସ୍ତ୍ରୀ ଓ ପ୍ରସୂତୀ ଓ ଶିଶୁ ବିଭାଗର ଡାକ୍ତର ଯୋଗଦେଇ ୩ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ କୁମାର ଭୋଇ, ଯୁବ ସଙ୍ଗଠକ ତୀର୍ଥାନନ୍ଦ ସୁବୁଦ୍ଧି ରାୟ, ଲକ୍ଷ୍ମଣ ରାଉତ, ବିଦ୍ୟାପୀଠର ପ୍ରଧାନଚାର୍ଯ୍ୟ ନବକିଶୋର ପଣ୍ଡା, ଇମ୍ଫାର ଅଧିକାରୀ ମଧ୍ୟରେ ନିରଞ୍ଜନ ସାହୁ, ମାନସ ପଣ୍ଡା, ଦେବାଶିଷ ତ୍ରିପାଠୀ, ସଞ୍ଜୀବ ପୁରୋହିତ, ରଜତ ସ୍ୱାଇଁ, ଅଶାନ୍ତ ବେହେରା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ପାରାମେଡିକାଲ କର୍ମଚାରୀଙ୍କ ଦ୍ୱାରା ରକ୍ତ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ଇମ୍ଫାର ଅଧିକାରୀ ମାନସ ରଞ୍ଜନ ପ୍ରଧାନଙ୍କ ସହ ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନ ଏବଂ ଇମ୍ଫାରୁ ସ୍ୱେଚ୍ଛାକୃତ ଭାବେ ୧୦ଜଣ ସ୍ୱେଚ୍ଛାସେବୀ ପରିଚାଳନା କରିଥିବା ବେଳେ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


ସ୍ୱାସ୍ଥ୍ୟ ଶିବିରକୁ ଆସିଥିବା ସ୍ଥାନୀୟ ଅଞ୍ଚଳର ରୋଗୀମାନେ।

# ସରକାରୀ ଯୋଜନା ବାଟବଣା: ମିଳୁନି ବାର୍ଦ୍ଧକ୍ୟ ଭତ୍ତା

ତାଳବସ୍ତ, ୨୧।୨(ସୁବ୍ରତ କୁମାର ନାୟକ):

ଡମପଡ଼ା ବ୍ଲକ୍ ଅନ୍ତର୍ଗତ ଦୁଲଣାପୁର ଗ୍ରାମ ପଞ୍ଚାୟତର ୧୫ ନମ୍ବର ୱାର୍ଡ ଆଦିବାସୀ ସାହି -ସାନ ହାମିରାରେ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ନିଷ୍କ୍ରିୟ ହୋଇପଡ଼ିଛି। ଏଠାକାର ବହୁଲୋକେ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି।

ସାନ ହାମିରା ଗ୍ରାମରେ ପାଖାପାଖି ୨୫ଟି ପରିବାରରେ ପ୍ରାୟ ୨ ଶହ ଲୋକ ବସବାସ କରନ୍ତି। ସେଥିମଧ୍ୟରୁ ଅଧିକାଂଶ ଦିନମଜୁରିଆ ଭାବେ କାମ କରି ନିଜ ଗୁଜୁରାଣ ମେଣ୍ଟାନ୍ତି। ୱାର୍ଡ଼ମେମ୍ବର ଲକ୍ଷ୍ମୀ ଜେନାଙ୍କ କହିବାନୁସାରେ, ୨୦୨୨ ରୁ ୨୪ ମଧ୍ୟରେ ୨୦ରୁ ଅଧିକ ଯୋଗ୍ୟ ବ୍ୟକ୍ତି ମଧୁବାବୁ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଉଭୟ ଅନ୍‌ଲାଇନ ଏବଂ ଅଫଲାଇନ୍ ଦରଖାସ୍ତଗୁଡ଼ିକର ନକଲ ବାରମ୍ବାର ଲୋକପ୍ରତିନିଧି ଏବଂ ପ୍ରଶାସନ ଅଧିକାରୀଙ୍କୁ ଦେଲେ ମଧ୍ୟ ଏହାର ସମାଧାନ ହୋଇପାରୁନାହିଁ। ଉକ୍ତ ଗ୍ରାମର ପ୍ରମିଳା ବେହେରଙ୍କ ଜନ୍ମ ଭୋଟର କାର୍ଡରେ ୧୯୫୦ ଫେବୃଆରୀ ୨୦ ଥିବା ବେଳେ ତାଙ୍କୁ ୭୬ ବର୍ଷ ହେଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ସେ ଭତ୍ତା ପାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ସାହିର ଗୋବିନ୍ଦ ଜେନାଙ୍କ ଜନ୍ମ ୧୯୫୫ ଜାନୁଆରୀ ୨୫ ଜନ୍ମ ହୋଇଥିଲେ। ଏବେ ତାଙ୍କୁ ୭୧ ଛୁଇଁଲାଣି। ଅନ୍ୟ ଜଣେ ଗରିବ ବୃଦ୍ଧା ଗଗନ ଦେହୁରୀ(୭୦) ବିଳମ୍ବ ଭତ୍ତା ପାଇ ଅଭିଯୋଗ କରିଥିଲେ। ଅପରପକ୍ଷେ ସୁଦାମ ବେହେରା(୮୦)ନୂତନ ସରକାରଙ୍କ ବର୍ଦ୍ଧିତ ଭତ୍ତା ୩୫୦୦/- ପରିବର୍ତ୍ତେ ମାତ୍ର ୧୦୦୦ ଟଙ୍କା ପାଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅରପୁର ଗ୍ରାମର ସୁଷମା ନାୟକଙ୍କ ସ୍ୱାମୀ ବାବୁଲା ନାୟକଙ୍କ ଦେଢ଼ ବର୍ଷ ହେବ ପରଲୋକ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କୁ ବିଧବା ଭତ୍ତା ମିଳିନାହିଁ। ଗ୍ରାମାଞ୍ଚଳରେ ବିକାଶ କିପରି ଅପହଞ୍ଚ ହୋଇ ରହିଛି ଏହା ହେଉଛି ତାହାର ଜ୍ୱଳନ୍ତ ଉଦାହରଣ। ଏ ସମ୍ପର୍କରେ ଡମପଡ଼ା ବିଡିଓଙ୍କୁ ପଚାରିବାରୁ ସରକାରଙ୍କ ନିୟମାନୁଯାୟୀ ସମସ୍ତ ଯୋଗ୍ୟ ହିତାଧିକାରୀଭତ୍ତା ପାଇବେ। ଏ ନେଇ ଖୁବ୍‌ଶୀଘ୍ର ଲୋକମାନଙ୍କର ସମସ୍ତ ଅଭିଯୋଗକୁ ନେଇ ଦୁଲଣାପୁର ପଞ୍ଚାୟତରେ ଏକ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶିବିର କରାଯାଇ ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

# ଝୁଲି ରହିଛି ୨ ୱାର୍ଡ ଉପନିର୍ବାଚନ

କଟକ,୨୧।୨(କୁମାରଶ୍ରୀ)

**କଟକ ମହାନଗର ନିଗମ**
- କର୍ପୋରେଟର ନାହାନ୍ତି, ୱାର୍ଡବାସୀ ହୀନସ୍ତା
- ଚିଠି ଲେଖି ଚୁପ୍ ବସିଛନ୍ତି ନିଗମ କର୍ତ୍ତୃପକ୍ଷ

କଟକ ମହାନଗର ନିଗମ (ସିଏମ୍‌ସି)ର ଦୁଇଟି ୱାର୍ଡ ନଂ. ୨୧ ଓ ୫ କର୍ପୋରେଟରଙ୍କ ବିୟୋଗ ପରେ ଏହି ପଦବୀ ଖାଲିପଡ଼ିଛି। ଏହି ୨ ୱାର୍ଡରେ ଉପନିର୍ବାଚନ କରାଯିବା ପ୍ରସଙ୍ଗ ଝୁଲି ରହିଥିବା ବେଳେ ୱାର୍ଡବାସୀ ଅଭିଯୋଗ କାହାକୁ ଜଣାଇବେ ସେ ନେଇ ମଧ୍ୟ ଦ୍ୱନ୍ଦ୍ୱରେ ରହୁଛନ୍ତି। କମିଶନର କିରଣଦୀପ କୌର ସହୋତାଙ୍କୁ ପଚାରିବାରୁ ସେ କହିଥିଲେ, ଏ ବାବଦରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ନିଗମ ପକ୍ଷରୁ ଚିଠି ଲେଖାଯାଇଛି। ସରକାରଙ୍କ ନୋଟିସ ଅନୁସାରେ ପଦକ୍ଷେପ ନିଆଯିବ। ଉଭୟ ୱାର୍ଡର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା କମିଶନର କିରଣଦୀପ କହିଛନ୍ତି।

ପ୍ରକାଶଥାଉକି, ୨୦୨୪ ଅକ୍ଟୋବର ୯ରେ ୨୧ନଂ. ୱାର୍ଡ କର୍ପୋରେଟର ଅଶୋକ ଶର୍ମାଙ୍କ ଦେହାନ୍ତ ହୋଇଥିଲା। ଏହି ୱାର୍ଡ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଛି। ଅଶୋକଙ୍କ ଦେହାନ୍ତକୁ ଇତିମଧ୍ୟରେ ଦେଢ଼ବର୍ଷ ପୂରିବାକୁ ବସିଲାଣି। ହେଲେ ଉପନିର୍ବାଚନ ନ କରାଯିବା ଯୋଗୁ ଲୋକଙ୍କ ଅନେକ ଅଭିଯୋଗ ଶୁଣିବାକୁ କେହିନାହାନ୍ତି। ସେହିପରି ୨୦୨୫ ଅକ୍ଟୋବର ୨୧ରେ ୫ନଂ ୱାର୍ଡର କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁଙ୍କ ପରଲୋକ ଘଟିଥିଲା। ସେଠାରେ ମଧ୍ୟ ଅନୁରୂପ ସମସ୍ୟା ଦେଖିବାକୁ ମିଳୁଛି। ୫ ନଂ. ୱାର୍ଡବାସିନ୍ଦା ତଥା ଯୁବ ଆଇନଜୀବୀ ମାନସ କୁମାର ରାଉତ କହିଛନ୍ତି, ୱାର୍ଡ ଏବେ ଅବହେଳିତ ଅବସ୍ଥାରେ ରହିଛି। ମୌଳିକ ସମସ୍ୟା ବାବଦରେ କାହା ପାଖରେ ଅଭିଯୋଗ କରିହେଉନାହିଁ। ଉପନିର୍ବାଚନର ଆବଶ୍ୟକତା ରହିଛି। ହେଲେ ଏ ଦିଗରେ ନିଗମ ଆନ୍ତରିକତା ପ୍ରକାଶ କରୁନାହିଁ ବୋଲି ଆଇନଜୀବୀ ମାନସ ଅଭିଯୋଗ କରିଛନ୍ତି। ସେହିପରି ୱାର୍ଡ ନଂ.୨୧ ବାସିନ୍ଦା ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନିତ୍ୟାନନ୍ଦ ବେଉରିଆ ନିଗମର ଦାୟିତ୍ୱହୀନତାକୁ ନିନ୍ଦା କରିଛନ୍ତି। ଉପନିର୍ବାଚନ କରି କର୍ପୋରେଟର ଚୟନ କରିବା ଦିଗରେ ଗୁରୁତ୍ୱ ଦେବାକୁ ସେ ନିବେଦନ କରିଛନ୍ତି।


ଖ୍ରୀଷ୍ଟ ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ଦେବାଶିଷ ଦାସଙ୍କ ୨୯ତମ ପୁଣ୍ୟତିଥିରେ ଶନିବାର ହରିହର ଘାଟରେ ଥିବା ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା ଅତିଥିବୃନ୍ଦ।


ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଅନ୍ତରାଷ୍ଟ୍ରୀୟ ମାତୃଭାଷା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ଗଣବେଶରେ ଛାତ୍ରୀଛାତ୍ରମାନେ। (ଫଟୋ: ରାଜକିଶୋର ମହାନ୍ତି)

# ମାତୃଭାଷା ମାଧ୍ୟମରେ ଜୀବନର ସର୍ବୋଚ୍ଚ ଶିଖର ଛୁଇଁପାରିବା

**ବେଗୁନିଆ, ୨୧।୨ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସହକାରୀ ଶିକ୍ଷୟିତ୍ରୀ ଭାରତୀ ମହାନ୍ତିଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତ ନାୟକଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଜୁନିୟର ଓ ସିନିୟର ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ତର୍କ, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ସଭା ପ୍ରାରମ୍ଭରେ ଶପଥ ପାଠ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପରିଚ୍ଛିଳ ଆଦିବାସୀସାହି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସରଜୁ କୁମାରୀ ବେହେରାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

**ଟାଙ୍ଗୀ, (ରଘୁନାଥ ସାହୁ)**

ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ରାଜୁ ଢାଲି, ଭାରତୀ ଦେଇ, ସନ୍ତୋଷ ସରଦାର, ଚିତ୍ତରଞ୍ଜନ ମଣ୍ଡଳ, ଯମୁନା କବିରାଜ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ମନୋରମା ସାହୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବୀଣାପାଣି ମଣ୍ଡଳ, ଗାୟତ୍ରୀ ବିଶ୍ୱାସ, ସୁପ୍ରିୟା ଗାଇନି, ନୀଳିମା ମଣ୍ଡଳ, ମଳିନା ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ବାଣପୁର, (ଦିଲୀପ କୁମାର ସ୍ୱାଇଁ)**

ଚିଲିକା ଭାଷା ସୁରକ୍ଷା ମଞ୍ଚ ପକ୍ଷରୁ ଗୋପୀନାଥପୁର ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମଞ୍ଚ ସଭାପତି କବି ରଙ୍ଗନାଥ ସେଠିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ଭାଷା ସୁରକ୍ଷା ମଞ୍ଚର ସଭାପତି ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ମୁଖ୍ୟ ବକ୍ତା ଗବେଷକ ମଦନ ମୋହନ ମହାପାତ୍ର, ସମ୍ମାନିତ ବକ୍ତାଭାବେ ସାହିତ୍ୟ ସିନ୍ଧୁରା ଓ ପରିଡ଼ା ପାଠାଗାରର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡ଼ା, ବାଣପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ.ଚିନ୍ତାମଣି ମିଶ୍ର ଯୋଗଦେଇ 'ମାତୃଭାଷା ଓ ଓଡ଼ିଆ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବରିଷ୍ଠ କବି ତଥା ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ମିଶ୍ର ଏବଂ ଗୀତିକାର ଦିଗମ୍ବର ବିଶ୍ୱାଳଙ୍କ ମିଳିତ ସଂଯୋଜନାରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଚିଲିକା ଭାଷା ସୁରକ୍ଷା ମଞ୍ଚର ସମ୍ପାଦକ ଆଇନଜୀବୀ ଶେଷଦେବ ମହାରଣା ପ୍ରାରମ୍ଭିକ ଅଭିଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ କଲେଜରୋଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ଉଭୟ ପର୍ଯ୍ୟାୟରେ ପାଳିତ ହେବା ସହ ଶିଶୁମାନଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ ସ୍ଥାନୀୟ ଜଟଣୀ କଲେଜଠାରେ ଆୟୋଜିତ ହୋଇଥିଲା। ଏହା ସହିତ ଏକକ ଅଭିନୟ, ଢଗଢମାଳି, ଲୋକଗୀତ, କବିତା ଆବୃତ୍ତି, ଆଶୁଭାଷଣ ଆଦି ପରିବେଷଣ କରାଯାଇଥିଲା। ପିଲାମାନେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ଯାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ନବୀନ କୁମାର ସେନାପତି ଏବଂ ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

# ରାଜ୍ୟ ଅଭିଲେଖାଗାରରେ ଅଭିଲେଖ ସପ୍ତାହ ଉତ୍ସବ




**ଭୁବନେଶ୍ୱର, ୨୧।୨ (ସୌମ୍ୟରଞ୍ଜନ ରାଉତ)**

## ପୁରାତନ ମାନଚିତ୍ରର ଅଭିଲେଖ ପ୍ରଦର୍ଶନୀ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଅଭିଲେଖାଗାର ପକ୍ଷରୁ ଶନିବାର ଅଭିଲେଖ ସପ୍ତାହ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଅଭିଲେଖାଗାରଠାରେ ପୁରାତନ ମାନଚିତ୍ରର ଅଭିଲେଖ ପ୍ରଦର୍ଶନୀ ହୋଇଛି। ଏହା ସମସ୍ତ ଗବେଷକ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ସମସ୍ତ ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହିବ। ଏହି ଅବସରରେ 'ଇତିହାସ ପୁନଃ ନିର୍ମାଣରେ ଅଭିଲେଖ ଉତ୍ସବର ଗୁରୁତ୍ୱ' ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଅତିଥି ଭାବେ ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବ ଓ ପ୍ରଦର୍ଶନୀ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଶ୍ରୀମାଙ୍କ ଜୟନ୍ତୀ ପାଳିତ



**ଖୋର୍ଦ୍ଧା, ୨୧।୨ (ପ୍ରଭାତ ପାଣିଗ୍ରାହୀ)**

ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶନିବାର ବିଦ୍ୟାଳୟର ଅଧ୍ୟକ୍ଷ ମାଧବ ଚନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତାରେ ଶ୍ରୀମାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ପାଠଚକ୍ର ହୋଇଥିଲା। ମିନତୀ ସାହୁ, ଦୁର୍ଗାସ୍ତୋତ୍ର ପାଠ କରିଥିଲେ। ମମତା ସାହୁ ଏବଂ ଶାଶ୍ୱତୀ ରାଉତରାୟ ଧ୍ୟାନ ପ୍ରାର୍ଥନା, ପାଠ କରିଥିବା ବେଳେ ଦୀପ୍ତିମୟୀ ସାହୁ ଚିରନ୍ତନୀ ପାଠ କରିଥିଲେ। ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ସୁରଚିତ ଗଳ୍ପ, କବିତା, ଚିତ୍ର ଆଦି ହାତଲେଖା 'ସ୍ୱପ୍ନତରୁ' ପତ୍ରିକା ଉନ୍ମୋଚନ କରାଯାଇଥିଲା।

# ଭୁବନେଶ୍ୱର ସ୍ୱତନ୍ତ୍ର ଜିଲା ଘୋଷଣା ନ ହେବା ଯାଏ ବିକ୍ଷୋଭ, ଦସ୍ତଖତ ସଂଗ୍ରହ ଚାଲିବ

**ଭୁବନେଶ୍ୱର, ୨୧।୨ (ସୌମ୍ୟରଞ୍ଜନ ରାଉତ)**

## ଦସ୍ତଖତ ଦେଲେ ଓକିଲ, ବିକ୍ଷୋଭରେ ସାମିଲ ହେଲେ ଜନତା

ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା ଘୋଷଣା ଦାବି ତେଜିବାରେ ଲାଗିଛି। ବିଭିନ୍ନ ଅନୁଷ୍ଠାନ ସମୂହର ମିଳିତ ମଞ୍ଚ ଓ ଏହାର ଶାଖା ଭୁବନେଶ୍ୱର ଜିଲା ଅଭିଯାନ ପକ୍ଷରୁ ଚାଲିଥିବା ଆନ୍ଦୋଳନରେ ସାଧାରଣ ଜନତା ସାମିଲ ହୋଇଛନ୍ତି। ଶନିବାର ଭୁବନେଶ୍ୱର କୋର୍ଟରେ ଦସ୍ତଖତ ସଂଗ୍ରହ କରାଯିବା ସହ ପୁରୁଣା ବିଏମ୍‌ସି କାର୍ଯ୍ୟାଳୟଠାରେ ବିକ୍ଷୋଭ କରାଯାଇଥିଲା। ଅଭିଯାନର ମୁଖ୍ୟ ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଦସ୍ତଖତ ସଂଗ୍ରହରେ ଭୁବନେଶ୍ୱର ଓକିଲ ସଂଘ ସଭାପତି ଅଶୋକ କୁମାର ପାତ୍ର, ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ଆଇନଜୀବୀ ସନ୍ତୋଷ ଚୌଧୁରୀଙ୍କ ସମେତ ଶତାଧିକ ବ୍ୟକ୍ତିବିଶେଷ ସାମିଲ ହୋଇ ଦସ୍ତଖତ ଦେଇଥିଲେ। ସେହିପରି ରାଜ୍ୟ ଷ୍ଟାମ୍ପ୍ ଭେଣ୍ଡର ମହାସଂଘ ସମ୍ପାଦକ ରାମକୃଷ୍ଣ ପରିଡ଼ା, ଅକ୍ଷୟ କୁମାର ଦାସ, ସରୋଜ କୁମାର ସାହୁ, ସୁମନ ରାଉତରାୟ, ବେଣୁଧର ସେନାପତିଙ୍କ ସମେତ ବହୁ ସାଧାରଣ ଜନତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଞ୍ଚ ପକ୍ଷରୁ ଭୁବନେଶ୍ୱରର ପ୍ରାୟ ସବୁ ପୂଜା କମିଟିର ମୁଖ୍ୟ, ଭୁବନେଶ୍ୱର ବାଲିଯାତ୍ରା, ଭୁବନେଶ୍ୱର ଉପକଣ୍ଠର ଗ୍ରାମବାସୀ, ବାଲିପାଟଣା, ବାଲିଅନ୍ତା, ନଖରା ଆଦି ଅଞ୍ଚଳରୁ ୨୦ହଜାର ମୁରବିଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିବା ସୂଚନା ଦିଆଯାଇଛି। ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା ଘୋଷଣା ନ ହେବା ପର୍ଯ୍ୟନ୍ତ ବିକ୍ଷୋଭ ଓ ଦସ୍ତଖତ ସଂଗ୍ରହ ଅଭିଯାନ ଚାଲୁ ରହିବ ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି।



ଦସ୍ତଖତ ଅଭିଯାନରେ ସାମିଲ ହୋଇଥିବା ଭୁବନେଶ୍ୱର କୋର୍ଟର ଓକିଲମାନେ। ପୁରୁଣା ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଲିଙ୍ଗରାଜ କହିଛନ୍ତି, ବର୍ତ୍ତମାନ ରାଜଧାନୀର ଜନସଂଖ୍ୟା ଯଥେଷ୍ଟ ବଢ଼ିଗଲାଣି। ୧୯୯୨ରେ ଭୁବନେଶ୍ୱରର ଜନସଂଖ୍ୟା ୧୧ଲକ୍ଷ ଥିବାବେଳେ ଏବେ ଏହା ବଢ଼ି ୨୩ଲକ୍ଷରେ ପହଞ୍ଚିଲାଣି। ଭୁବନେଶ୍ୱରକୁ ଜିଲା ଭାବେ ଗଠନ ପାଇଁ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତି ପ୍ରସ୍ତାବ ରଖି ଏଠାରେ ବିଭିନ୍ନ କାର୍ଯ୍ୟାଳୟ ସ୍ଥାପନ କରିଥିଲେ। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀ ମଧ୍ୟ ଜିଲା ମାନ୍ୟତା ଦେବା ପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏବେ ରାଜ୍ୟ ସରକାର ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା କରିବାକୁ ପ୍ରସ୍ତାବ ରଖିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି।

# ଓଡ଼ିଶା ହେବ ସମ୍ପୂର୍ଣ୍ଣ ଡିଜିଟାଲ ସାକ୍ଷର



ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର, ୨୧।୨ (ଅନୁରାଧା ମହାରଣା)**

## ଓକେସିଏଲ୍‌ର ବାର୍ଷିକ ଉତ୍ସବ

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଅଧୀନ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ)ର ବାର୍ଷିକ ଉତ୍ସବ ଶନିବାର ଭୁବନେଶ୍ୱରର ରେଳ ଅଡିଟୋରିଅମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ କାର୍ଯ୍ୟ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ଓଡ଼ିଶାକୁ ସମ୍ପୂର୍ଣ୍ଣ ଡିଜିଟାଲ ସାକ୍ଷର ରାଜ୍ୟରେ ପରିଣତ କରିବା ପାଇଁ ସେ ତାଙ୍କର ଦୃଷ୍ଟିକୋଣ ଓ ରୋଡ୍‌ମ୍ୟାପ ଉପସ୍ଥାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଓକେସିଏଲ ଦୁଇଟି ପ୍ରୋଗ୍ରାମ ଓଏସ୍-ଏସିଆଇଟି ଓ ଇଣ୍ଟର୍ନଶିପ୍ ପୋର୍ଟାଲକୁ ଉଦ୍‌ଘାଟନ କରିଥିଲେ।

ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ରାଉତ ଯୋଗଦେଇ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଏକ ହଜାରରୁ ଅଧିକ ନିର୍ଦ୍ଦେଶକ ଓ କେନ୍ଦ୍ର ମୁଖ୍ୟମାନଙ୍କୁ ସମ୍ବୋଧିତ କରିଥିଲେ। କାର୍ଯ୍ୟକ୍ରମରେ ଭୋପାଳ, ମଧ୍ୟପ୍ରଦେଶସ୍ଥିତ ନାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଟିଚର୍ସ ଟ୍ରେନିଂ ଆଣ୍ଡ୍ ରିସର୍ଚ୍ଚର ଡ. ସୁମନ ପଟ୍ଟନାୟକ ଉପସ୍ଥିତ ଥିଲେ। ଓକେସିଏଲ୍‌ର ପ୍ରବନ୍ଧନ ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଲ ଯୋଗଦେଇ କହିଲେ, ରାଜ୍ୟରେ ଥିବା ୮୫୦ରୁ ଅଧିକ ଅନୁମୋଦିତ ଶିକ୍ଷାକେନ୍ଦ୍ରଗୁଡ଼ିକର ନିଷ୍ଠାପୂର୍ଣ୍ଣ ପ୍ରୟାସ ହିଁ ଓକେସିଏଲ ସଫଳତାର ମୂଳ ଆଧାର। ଓଡ଼ିଶାର ପ୍ରତ୍ୟେକ ଘରେ ଡିଜିଟାଲ ସାକ୍ଷରତା ପହଞ୍ଚାଇବା ଓକେସିଏଲର ଲକ୍ଷ୍ୟ। ୨୦୩୦ ସୁଦ୍ଧା ଓକେସିଏଲ୍ ଗ୍ରାମ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ୨,୫୦୦ରୁ ଅଧିକ କେନ୍ଦ୍ର ସ୍ଥାପନା କରିବା ଏବଂ ପ୍ରତିବର୍ଷ ୫ ଲକ୍ଷରୁ ଅଧିକ ଶିକ୍ଷାର୍ଥୀଙ୍କୁ କୃତ୍ରିମ ବୁଦ୍ଧିମତ୍ତା ସହ ଡିଜିଟାଲ ସାକ୍ଷରତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଥିଲେ। ଏହି ଅବସରରେ ୨୦୨୫ ବର୍ଷରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଓକେସିଏଲର ଉଚ୍ଚ କାର୍ଯ୍ୟଦକ୍ଷ ଜିଲା ଲିଡ୍ କୋଅର୍ଡିନେଟର ଏବଂ ଅନୁମୋଦିତ ଲର୍ନିଂ ସେଣ୍ଟରଗୁଡ଼ିକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମହାରାଷ୍ଟ୍ର ନଲେଜ କର୍ପୋରେଶନ ଲିମିଟେଡର ନେଟ୍‌ୱର୍କ ହେଡ୍ ଅତୁଲ ପାଟୋଡି ମଧ୍ୟ ଉପସ୍ଥିତ ଥିଲେ।

# ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲିପାଟଣା, ୨୧।୨ (ଅଭିମନ୍ୟୁ ନାୟକ)**

ବାଲିପାଟଣା ଥାନା ଅଧୀନ କୁରୁଞ୍ଜିପୁର ଗ୍ରାମରୁ ଶନିବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ତରୁଣ ପ୍ରଧାନ। ସେ ଫିଜିଓଥେରାପି ପଢ଼ିବା ସହିତ ବାଲିପାଟଣାସ୍ଥିତ ଏକ କ୍ଲିନିକ୍‌ରେ ପ୍ରାକ୍ଟିସ କରୁଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଶୁକ୍ରବାର ରାତିରେ ତରୁଣ ବରଯାତ୍ରୀ ଯାଇଥିଲେ। ବିଳମ୍ବିତ ରାତିରେ ଘରକୁ ଫେରି ଶୋଇପଡ଼ିଥିଲେ। ଶନିବାର ସକାଳେ ସେ ଉଠିବାରେ ବିଳମ୍ବ ହେବାରୁ ଘରଲୋକ କବାଟ ବାଡ଼େଇଥିଲେ। ଉତ୍ତର ନ ମିଳିବାରୁ ପରିବାରଲୋକ କବାଟ ଭାଙ୍ଗି ଘରେ ପଶିବା ସହ ତରୁଣ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଓଡ଼ିଶା ଫେରିଲେ ଥାଇଲାଣ୍ଡରେ ଫସିଥିବା ୪ ଓଡ଼ିଆ ଯୁବକ

**ଭୁବନେଶ୍ୱର, ୨୧।୨ (ସୌମ୍ୟରଞ୍ଜନ ରାଉତ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଥାଇଲାଣ୍ଡରେ ଫସି ରହିଥିବା ୬ଜଣ ଓଡ଼ିଆ ଯୁବକଙ୍କ ମଧ୍ୟରୁ ୪ଜଣଙ୍କୁ ଶନିବାର ଓଡ଼ିଶାକୁ ଫେରାଇ ଅଣାଯାଇଛି। ସେମାନେ ହେଲେ ଜୟନ୍ତ କୁମାର ମଲ୍ଲିକ, ହେମନ୍ତ କୁମାର ବେହେରା, ମନୋରଞ୍ଜନ ସାହୁ ଓ ବିଜୟ କୁମାର ସ୍ୱାଇଁ। କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାରୁ ୬ଜଣ ଯୁବକ ୨୦୨୫ ଅଗଷ୍ଟରେ ଥାଇଲାଣ୍ଡର ଏକ ପ୍ଲାଏଉଡ଼ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇ ଫସି ରହିଥିଲେ। କମ୍ପାନୀର ମାଲିକ ସେମାନଙ୍କୁ ଦରମା ଦେଉ ନ ଥିବାବେଳେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିବା ସହ ଗାଁକୁ ଫେରି ଆସିବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଖବର ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲା ପ୍ରଶାସନର ମିଳିତ ସହଯୋଗରେ ୪ଜଣ ଓଡ଼ିଆ ଯୁବକଙ୍କୁ କମ୍ପାନୀ କର୍ତ୍ତୃପକ୍ଷଙ୍କ କବଳରୁ ଉଦ୍ଧାର ପରେ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଓଡ଼ିଶାକୁ ଫେରିବା ପରେ ଯୁବକମାନେ ସମସ୍ତ ସହାୟତା ପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ଥାଇଲାଣ୍ଡରୁ ଉଦ୍ଧାର ପରେ ଓଡ଼ିଶା ଫେରିଥିବା ୪ ଯୁବକ।

# ଲୋକନାଥ ଦେବଙ୍କ ବାର୍ଷିକୋତ୍ସବ

**ବେଗୁନିଆ, ୨୧।୨ (ସନ୍ଧ୍ୟାରାଣୀ ମିଶ୍ର)**

ସୁଆଁଳ ଗ୍ରାମସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠରେ ଲୋକେଶ୍ୱରଦେବ ପାଲା କମିଟି ଏବଂ ସୁଆଁଳ ଗ୍ରାମବାସୀଙ୍କ ସହାୟତାରେ ବାର୍ଷିକୋତ୍ସବ ଉପଲକ୍ଷେ ଚାରିଦିନ ଧରି ବାଦିପାଲା ଅନୁଷ୍ଠିତ ହୋଇଯାଇଛି । ଗୋପ, ପୁରୀର ଗାୟିକା ସ୍ରୋତସ୍ୱିନୀ ସଂଘମିତ୍ରା ବରାଳ ଏବଂ ଯାଜପୁରର ଗାୟିକା ଜ୍ୟୋତି ରଶ୍ମିତା ସାହୁ ପାଲା ପରିବେଷଣ କରିଥିଲେ । ଆଡ଼ଭୋକେଟ ପ୍ରଦୀପ କୁମାର ମଙ୍ଗରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୀନବନ୍ଧୁ ମହାରଣା, ଶତ୍ରୁଘ୍ନ ବାଘ, ବିଦ୍ୟାଧର ବାଘ ଏବଂ ଚିନ୍ମୟ ସାହୁ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ଶିକ୍ଷାବିତ ନାରାୟଣ ବେହେରା ମୁଖ୍ୟ ଅତିଥି ଏବଂ ଜିଲାପରିଷଦ ସଭ୍ୟ ଅନାଦି ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଜୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଆଦିତ୍ୟ ଏକାଦଶ-ଟିସିସି ଭୁବନେଶ୍ୱର ଫାଇନାଲ

**ଝାଁଳା, ୨୧।୨ (ବୁଲା ବାରିକ)**

## ଟମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ଟମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୮ମ ଟମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ଯୁବି ରକ୍‌ଷ୍ଟାର ଏବଂ ଆଦିତ୍ୟ ଏକାଦଶ ମଧ୍ୟରେ ହୋଇଥିଲା। ଟସ୍ ଜିତି ଆଦିତ୍ୟ ଏକାଦଶ ବୋଲିଂ ନିଷ୍ପତ୍ତି ନେଇଥିଲା। ଯୁବି ରକ୍‌ଷ୍ଟାର ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୫ଉଇକେଟ ବିନିମୟରେ ୨୧୫ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଟୁକୁନା ସାହୁ ୪୮, ରେକେଶ ବିଶ୍ୱାଳ ୪୩ ଏବଂ ଏସ୍.କେ ସଲମନ ୪୬ରନ କରିଥିଲେ। ବିପକ୍ଷ ଦଳର ମନୋଜ କୁମାର ବାରିକ ୨ଟି ଉଇକେଟ ନେଇଥିଲେ। ଆଦିତ୍ୟ ଏକାଦଶ ୧୯.୪ ଓଭରରେ ୭ଉଇକେଟ ବିନିମୟରେ ୨୧୬ରନ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଅଶ୍ୱିନୀ ଖଟେଇ ୭୩, ଜନ୍ମେଜୟ ସାହୁ ୪୫ ଏବଂ ଅନିକେତ୍ ସିଂ ୩୭ରନ କରିଥିଲେ। ବିପକ୍ଷ ଦଳର ଅମିତ୍ ଦାସ ୨ଟି ଉଇକେଟ୍ ନେଇଥିଲେ। ସାମାଜିକକର୍ମୀ କସ୍ତୁରୀବାଳା ସ୍ୱାଇଁ, ବ୍ୟବସାୟୀ ରବି ନାରାୟଣ ଧଳ ଏବଂ ଚନ୍ଦ୍ରକାନ୍ତ ସାହୁ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଅଶ୍ୱିନୀ ଖଟେଇଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୁମେନ୍ଦ୍ର ପାତ୍ର ଏବଂ ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ଟିସିସି ଭୁବନେଶ୍ୱର ଏବଂ ଆଦିତ୍ୟ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଅତିଥିଙ୍କଠାରୁ ଅଶ୍ୱିନୀ ଖଟେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜୟଦୁର୍ଗା କ୍ଲବ୍ ଖୋର୍ଦ୍ଧା ଫାଇନାଲରେ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

**ବାଘମାରୀ, ୨୧।୨ (ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ କଣ୍ଟାମଳିମ ଜୟଦୁର୍ଗା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଗ୍ରାମ୍ୟ ଖେଳପଡ଼ିଆରେ ଚାଲିଥିବା ୩୧ତମ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର କୁସୁମାଟି ଫୁଟ୍‌ବଲ କ୍ଲବ ଜଟଣୀ ଏବଂ ଜୟଦୁର୍ଗା କ୍ଲବ୍ ଖୋର୍ଦ୍ଧା ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୦ଗୋଲରେ ଜୟଦୁର୍ଗା କ୍ଲବ୍ ଖୋର୍ଦ୍ଧା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅବିନାଶ ପଟ୍ଟନାୟକ ରେଫରି, ବିଦେଶୀ ନାୟକ ଏବଂ ସାଗିର ଅହମ୍ମଦ ଖାଁ ଲାଇନରେ ସହାୟତା କରିଥିଲେ। ୪ର୍ଥ ଅଫିସିଆଲ ଭାବେ ଅମଜାତ ଖାଁ ଏବଂ ମ୍ୟାଚ କମିଶନର ଭାବେ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ଭାଜପା ନେତା ପ୍ରକାଶ ବିଜୁଳି, ମୃତ୍ୟୁଞ୍ଜୟ ଜେନା, ବଳଭଦ୍ର ପ୍ରଧାନ, ପୂର୍ବତନ ସେନାନୀ ସନାତନ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଏବଂ ଜୟଦୁର୍ଗା କ୍ଲବ୍ ଖୋର୍ଦ୍ଧା ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଗ୍ରାମ୍ୟ କମିଟି ସଭାପତି ଯଜ୍ଞେଶ୍ୱର ରାଉତରାୟ, ଉପସଭାପତି ଅଜୟ ମାର୍ଥା, ସମ୍ପାଦକ ଆର୍ତ୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରିବନ୍ଧୁ ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।

**ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ**

ପିପିଲି,(ଦୁର୍ଗା ମାଧବ ମିଶ୍ର)- ପିପିଲି ଦରଜୀ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ମାତୃଭାଷା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭରତ ଚନ୍ଦ୍ର ବେହେରା ଓ ମୁଖ୍ୟବକ୍ତା ଭାବେ ପିପିଲି ଜବାହର ବିଦ୍ୟାପୀଠର ପୂର୍ବତନ ଶିକ୍ଷକ ରଘୁନାଥ ସ୍ୱାଇଁ, ପରିଚାଳନା ସମିତି ସଭାପତି ସେକ୍ କଲିମ ଓ ଅନ୍ୟ ଅଭିଭାବକ ବନ୍ଧୁ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ପତି ମାତୃଭାଷା ଦିବସର ତାତ୍ପର୍ଯ୍ୟ ବିଷୟରେ ମାର୍ଗଦର୍ଶନ କରିଥିଲେ। ମୁଖ୍ୟବକ୍ତା ନିଜ ବକ୍ତବ୍ୟ ମାଧମରେ ଓଡ଼ିଆ ଭାଷାକୁ ପ୍ରତ୍ୟେକସ୍ତରରେ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ। ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ନାରାୟଣୀ ମହାନ୍ତି ଧନ୍ୟବାଦ ଦେଇଥିବା ବେଳେ ଅନ୍ୟତମ ଶିକ୍ଷୟିତ୍ରୀ ସସ୍ମିତା ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

କଣାସ,୨୧।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ କାଦୁଆ ପଞ୍ଚାୟତ ସାହସପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ନିଆଁ ଲାଗି ୨ ବଖରା ଜଳି ଯାଇଥିବା ଜଣାପଡ଼ିଛି। ଗାଈଗୋରୁଙ୍କୁ ମଶାରୁ ରକ୍ଷା କରିବା ପାଇଁ ଧୂଆଁ ଦିଆଯାଇଥିବାବେଳେ ମଶାଧୂଆଁରୁ ପ୍ରସନ୍ନ ସାମନ୍ତରାୟଙ୍କ ୨ ବଖରା ଗୁହାଳ ଘର ଜଳି ଯାଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡ ଯୋଗୁ ଗୁହାଳ ମଧ୍ୟରେ ଥିବା ଗାଈଗୋରୁଙ୍କ କୌଣସି କ୍ଷତି ହୋଇନାହିଁ।

### ସାଇବର ଠକେଇ ମାମଲାରେ ଯୁବକ ଗିରଫ

କାକଟପୁର/ଅସ୍ତରଙ୍ଗ,୨୧।୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ସାଇବର ଠକେଇ ମାମଲାରେ କାକଟପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯୁବକ ଜଣକ ଉକ୍ତ ଥାନା ଅନ୍ତର୍ଗତ ବାଙ୍କେଶ୍ୱର ଗ୍ରାମର ଶେଖ ତାହାମିର। ତାଙ୍କ ନିକଟରୁ ପୋଲିସ ବ୍ୟାଙ୍କ ପାସ୍‌ବୁକ, ମୋବାଇଲ୍ ଓ ଆଧାର କାର୍ଡ ଜବତ କରିଛି। ସୂଚନାଯୋଗ୍ୟ, ତାହାମିର ଓ ତାଙ୍କ ସହଯୋଗୀ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ କାକଟପୁର ପୋଲିସ ହାତରେ ଧରାପଡିଛି। ବିଭିନ୍ନ ଉପାୟରେ ସାଇବର ଠକେଇ ନେଇ ଅଭିଯୋଗ ପାଇବା ପରେ କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶରେ କାକଟପୁର ଥାନା ଉପନିରୀକ୍ଷକ ଅମିତ ପାଢ଼ୀଙ୍କ ସମେତ ଅନ୍ୟ କର୍ମଚାରୀ ଅଧିକ ଖୋଳତାଡ଼ କରି କାକଟପୁର ଥାନା ଅନ୍ତର୍ଗତ ବାଙ୍କେଶ୍ୱର ଗାଁରେ ଚଢ଼ାଉ କରି ଅଭିଯୁକ୍ତ ଶେଖ ତାହାମିର୍‌ଙ୍କୁ କାବୁ କରିଥିଲେ। ଅଭିଯୁକ୍ତଙ୍କୁ ଥାନାରେ ପଚରାଉଚରା ପରେ କେସ୍ ନଂ. ୫୧/୨୬ରେ ଏକ ମାମଲା ରୁଜୁ କରିବା ସହ ଗିରଫ କରି କୋର୍ଟଚାଲାଣ କରିଛି।

### ୨୦ରୁ ଊର୍ଦ୍ଧ୍ୱ ଇଟାଭାଟି ଚିହ୍ନଟ

କାକଟପୁର/ଅସ୍ତରଙ୍ଗ,୨୧।୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ତହସିଲ୍ ଅଞ୍ଚଳରେ ଇଟାଭାଟି ଭାଙ୍ଗିବା ଅଭିଯାନ ଜାରି ରହିଛି। ପ୍ରଶାସନ ଗତ କିଛିଦିନ ତଳେ ୩ ଇଟାଭାଟିକୁ ଜେସିବି ଲଗାଇ ନଷ୍ଟ କରିଦେଇଥିଲା। ଇଟାଭାଟି ଚିହ୍ନଟ ଅଭିଯାନକୁ ଜୋରଦାର୍ କରାଯିବା ଭିତରେ ଅସ୍ତରଙ୍ଗ ତହସିଲ ଅଧୀନରେ ୨୦ରୁ ଊର୍ଦ୍ଧ୍ୱ ଇଟାଭାଟି ଥିବା ଚିହ୍ନଟ ହୋଇଛି। ପ୍ରଶାସନର କଡ଼ା ଆଭିମୁଖ୍ୟରେ ବର୍ତ୍ତମାନ ଅସ୍ତରଙ୍ଗ ତହସିଲ ଅଧୀନରେ ଥିବା ବେଆଇନ ଇଟାଭାଟି ମାଲିକମାନେ ଥରହର ହୋଇ ଉଠିଛନ୍ତି। ଇଟା କାରଖାନା ନିମନ୍ତେ ଆବଶ୍ୟକ ଥିବା ପରିବେଶ ମଞ୍ଜୁରୀ ପ୍ରମାଣପତ୍ର, ଖଣି ବିଭାଗର ଅନୁମତି, ଜମିର ଏନ୍‌ଓସି ଟ୍ରେଡ୍ ଲାଇସେନ୍ସ, କାରଖାନା ଲାଇସେନ୍ସ, ଜିଏସ୍‌ଟି ପଞ୍ଜୀକରଣ ନମ୍ବର, ଅଗ୍ନିଶମ ବିଭାଗର ପ୍ରମାଣପତ୍ର ନିତାନ୍ତ ଆବଶ୍ୟକ। କିନ୍ତୁ ଆବଶ୍ୟକ କାଗଜ ପତ୍ର ନ ଥାଇ କେତେଜଣ ମାଲିକ ଅସ୍ତରଙ୍ଗ ତହସିଲ ଅଧୀନରେ ଥିବା ଗୋଚର ଜମିରେ ବେଆଇନ ଭାବେ ଇଟାଭାଟି ଗଢୁଛନ୍ତି। ବେଆଇନ ଭାବେ ଇଟାଭାଟି ଗଢୁଥିବା ମାଲକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

### ଜାଗାବାଡ଼ି ମାପଚୁପକୁ କେନ୍ଦ୍ରକରି ଗଣ୍ଡଗୋଳ

ବଳଙ୍ଗା,୨୧।୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ପଞ୍ଚାୟତ ଅଧୀନ ଗୋଡ଼ିମାଳ ଗ୍ରାମରେ ଜାଗାବାଡ଼ିକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ୬୨/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୋଡ଼ିମାଳ ଗ୍ରାମର ସନାତନ ସାହାଣୀ ଓ ତାଙ୍କର ପଡ଼ୋଶୀ ଲିଙ୍ଗରାଜ ବାରିକ, ତପନ ବାରିକ, ଭୀମସେନ ବାରିକ, ଅର୍ଜ୍ଜୁନ ବାରିକଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ହେଉଥିବାରୁ ଉଭୟ ପକ୍ଷଙ୍କ ସହମତିରେ ମାପଚୁପ ଚାଲିଥିଲା। ସେହି ସମୟରେ ହଠାତ୍ ଲିଙ୍ଗରାଜ ଭଦ୍ରବ୍ୟକ୍ତିଙ୍କ ସହିତ ସନାତନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିଲେ। ରାତିରେ ଘରେ ଶୋଇଥିବା ସମୟରେ ତମ ଘରେ ନିଆଁ ଲଗାଇ ଦେବି ବୋଲି କହିଥିବା ସନାତନ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ବୁଲା ଗୋରୁଙ୍କ ପାଇଁ ଫସଲ ସୁରକ୍ଷା ଚିନ୍ତାରେ ଚାଷୀ

## ସରକାରୀ ସ୍ତରରେ ଗୋଶାଳା ସ୍ଥାପନ ଦାବି

ସାକ୍ଷୀଗୋପାଳ,୨୧।୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)


ଗାଈଗୋରୁ ବାହାରେ ବୁଲୁଛନ୍ତି ।

ସାକ୍ଷୀଗୋପାଳ ଅଞ୍ଚଳରେ ବୁଲାଗୋରୁଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ରାଜପଥଠାରୁ ଆରମ୍ଭ କରି ହାଟବଜାରରେ ଗୋରୁ ଓ ଷଣ୍ଢ ଅବାଧରେ ବିଚରଣ କରୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜିବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଗୋରୁ, ଛେଳି କ୍ଷେତ ଓ ବାଡ଼ିବଗିଚାରେ ପଶି ଫସଲ ଖାଇବା ସହ ନଷ୍ଟ କରୁଥିବାରୁ ଫସଲ ସୁରକ୍ଷା ଚିନ୍ତା ଏବେ ଚାଷୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଚଳିତ ରବି ଋତୁରେ ମୁଖ୍ୟତଃ ଖରାଟିଆ ଧାନ, ବିରି, ମୁଗ, କୋଳଥ, ଚିନାବାଦାମ, ଆଳୁ ଓ ପନିପରିବା ଫସଲ ଗୋରୁ, ଷଣ୍ଢ ଖାଇଯାଉଥିବାରୁ ବିଦ୍ୟାଧରପୁର, ପାରକେଣା ଓ ପରଜାପଡା (ଡିହସାହି) ମୌଜାର ଚାଷୀ ଅତିଷ୍ଠ ହୋଇ ଶତାଧିକ ଗୋରୁ, ଷଣ୍ଢଙ୍କୁ ୩ଟି ସ୍ଥାନରେ ପୃଥକ ଭାବେ ଅଟକ ରଖିଥିଲେ। ସେମାନଙ୍କୁ କିଛିଦିନ ଖାଦ୍ୟପେୟ ଦେବା ପରେ ଛାଡ଼ିଦେଇଥିଲେ ବୋଲି ଚାଷୀ କାଳନ୍ଦୀ ପରିଡ଼ା ଓ ବାବୁଲା ସ୍ୱାଇଁ କହିଛନ୍ତି। ବୁଲା ଗୋରୁ ଓ ଷଣ୍ଢଙ୍କ ଦାଉରୁ ଫସଲ ରକ୍ଷା ନ କଲେ ଆର୍ଥିକ ବୋଝ ବଢ଼ିଯିବ ବୋଲି ଚାଷୀ ପ୍ରଭାକର ସାହୁ କହିଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଋଣଭାର ଭଳି ସଙ୍ଗିନ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ ବୋଲି ବିଦ୍ୟାଧରପୁର ଗ୍ରାମର ସାମାଜିକକର୍ମୀ ବସନ୍ତ ମହାପାତ୍ର କହିଛନ୍ତି। ଏଭଳି ସ୍ଥିତିରେ ଅନେକ ଚାଷୀ ମୁଗ ବିରି ଚାଷରୁ ମୁହଁ ଫେରାଇ ନେଉଛନ୍ତି ବୋଲି ପରଜାପଡ଼ା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର କହିଛନ୍ତି। ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ବୁଲା ଗୋରୁ ଓ ଷଣ୍ଢଙ୍କୁ ନେଇ ପ୍ରତିଦିନ ଦୁର୍ଘଟଣା ଘଟୁଥିବାରୁ ସେମାନଙ୍କୁ ଗୋଶାଳାରେ ରଖାଯିବାକୁ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବିଶ୍ୱାଳ ମତ ଦେଇଛନ୍ତି। ଗତ ଅଁଳାନବମୀ ଯାତ୍ରା ସମୟରେ ମନ୍ଦିର ନିକଟରୁ ବୁଲା ଗୋରୁଙ୍କୁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଗୋଶାଳାରେ ତିନିଦିନ ପର୍ଯ୍ୟନ୍ତ ରଖାଯାଇଥିଲା। ଗଡବଳରାମପୁର ମୌଜାରେ ଥିବା ଗୋଚର ଜମିରେ ସ୍ଥାୟୀ ଗୋଶାଳା ନିର୍ମାଣ କରି ବୁଲା ଗୋରୁ, ଷଣ୍ଢଙ୍କୁ ରଖିବାକୁ ପରଜାପଡ଼ା, ବିଜିପୁର, ପାରକେଣା, ଚକରପଡ଼ା, ବାଗଲପୁର, ପଦ୍ମପୁର, ମହୁରା, ବାଲିସାହି, ବଳରାମପୁରଗଡ଼, ପୁରୁଣା ବୁଢାକେରା, ନୂଆ ବୁଢାକେରା, ଦୀପିଦେଉଳି, ଗେଣ୍ଡାମାଳି, ଗୁଆଳିଗୋରଡ଼ା ଓ ବିଦ୍ୟାଧରପୁର ଅଞ୍ଚଳବାସୀ ଏକ ସ୍ମାରକପତ୍ର ଜରିଆରେ ପୁରୀ ଜିଲାପାଳ, ସତ୍ୟବାଦୀ ତହସିଲଦାର, ବିଡିଓ ଏବଂ ଥାନା ଆଇଆଇସିଙ୍କୁ ନିବେଦନ କରିଛନ୍ତି ବୋଲି ସାମାଜିକକର୍ମୀ ପବିତ୍ର କୁମାର ପରିଡ଼ା ଓ ନର୍ମଦା ମୁଦୁଲି କହିଛନ୍ତି। ସତ୍ୟବାଦୀ ଅଞ୍ଚଳରେ ସରକାରୀ ଭାବେ ଗୋଶାଳା ନିର୍ମାଣ ସମ୍ପର୍କରେ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ବନଜକାନ୍ତ ପତି କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ଗୋଶାଳା ନିର୍ମାଣ ସମ୍ପର୍କରେ କିଛି ବ୍ୟବସ୍ଥା ନାହିଁ। ମାତ୍ର ସରକାର ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ଗୋଶାଳା ନିର୍ମାଣ ପାଇଁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ସାକ୍ଷୀଗୋପାଳ ମନ୍ଦିର ପକ୍ଷରୁ ଗୋଟିଏ ଗୋଶାଳା ନିର୍ମାଣ ଲାଗି ପ୍ରସ୍ତାବ ଆସିଛି। ପ୍ରତି ମାସରେ ୫ଟିରୁ ଅଧିକ ଦୁର୍ଘଟଣାର ଶିକାର ହେଉଥିବା ଗୋରୁଙ୍କ ଚିକିତ୍ସା କରିବାକୁ ପଡୁଛି। ସତ୍ୟବାଦୀ ଅଞ୍ଚଳରେ ଅଧିକ ସଂଖ୍ୟକ ଗୋଶାଳା ସ୍ଥାପନ ନିମନ୍ତେ ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।



ବିଶ୍ୱ ମାତୃଭାଷା ଦିବସ ଅବସରରେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନ ।

### ଯୁବକଙ୍କ ଗଳିତ ମୃତଦେହ ଜବତ

ଡେଲାଙ୍ଗ,୨୧।୨(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧିନ ହରିପୁରସ୍ଥିତ ପଞ୍ଚାୟତ କଲେଜ ନିକଟସ୍ଥ ଏକ ପଥରଖଣି ଭିତରୁ ଯୁବକଙ୍କ ଗଳିତ ମୃତଦେହକୁ ଶନିବାର ଡେଲାଙ୍ଗ ପୋଲିସ ଜବତ କରିଛି। ସ୍ଥାନୀୟ ଲୋକେ ଶୌଚ ହେବାକୁ ଯିବା ସମୟରେ ପାଣି ଭିତରେ ମୁହଁ ମାଡ଼ି କେହି ଜଣେ ଭାସୁଥିବା ଦେଖିବାକୁ ପାଇଥିଲେ। ଲୋକଙ୍କ ସନ୍ଦେହ ହେବାରୁ ଡେଲାଙ୍ଗ ଥାନାକୁ ଖବର ଦେଇଥିଲେ। ଖବରପାଇ ଡେଲାଙ୍ଗ ପୋଲିସ ପହଞ୍ଚି ଗଳିତ ମୃତଦେହକୁ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣାଙ୍କ ଉପସ୍ଥିତିରେ ଅଗ୍ନିକମାନେ ପାଣିରୁ ଜବତ କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲେ। ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତକଙ୍କ ବୟସ ପ୍ରାୟ ୩୫ରୁ ୪୦ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ପ୍ରାଥମିକ ତଦନ୍ତ ପରେ ମଧ୍ୟ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କୁ କେହି ହତ୍ୟାକରି ଖଣି ଭିତରକୁ ଫିଙ୍ଗିଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ ସୂଚନା ଦେଇଛନ୍ତି। ଏନେଇ ଡେଲାଙ୍ଗ ଥାନାରେ ୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

କଣାସ,୨୧।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ନୂଆପଡ଼ା ଗ୍ରାମର ଆରାଧ୍ୟ ଠାକୁର ବାବା ବଙ୍କେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଗ୍ରାମବାସୀ ଓ ଆଖପାଖ ଗ୍ରାମର ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

# ବ୍ରାଉନ୍‌ସୁଗାର ଜବତ, ବ୍ୟବସାୟୀ ଗିରଫ

ନିମାପଡ଼ା,୨୧।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ଶନିବାର ନିମାପଡ଼ା-ଗୋପ ରାସ୍ତାର ଦିଘାଲୋ ଛକ ନିକଟରେ ଅଚାନକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଜଣେ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବ୍ୟବସାୟୀ ଜଣକ ଗୋପର ସରତାଜ ଖାନ (୨୭)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବ୍ୟବସାୟୀଙ୍କଠାରୁ ୧୯୦ ଗ୍ରାମ ବ୍ରାଉନ୍‌ସୁଗାର, ଏକ ସ୍କୁଟିଗାଡ଼ି, ଗୋଟିଏ ମୋବାଇଲ୍, ୬ଶହ ଟଙ୍କା ଜବତ କରାଯାଇଛି। ଜବତ ଚୋରା ବ୍ରାଉନସୁଗାରର ମୂଲ୍ୟ ୧୯ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବ୍ୟବସାୟୀଙ୍କ ବିରୋଧରେ ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ କେସ୍ ନଂ ୯୯/୨୫-୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ, ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ଫିରୋଜ ମହାନନ୍ଦିଆ, ତପନ ପ୍ରଧାନ, ଏସ୍.କେ. ୱାରିଶ, ସ୍ୱାଗତିକା ଘଡ଼େଇ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା ଚାଳଘର



 କୋଣାର୍କ,୨୧।୨(ଜ୍ୟୋତିରାଜ ମହାନ୍ତି)

## ସରକାରୀ ସହାୟତା ଦାବି

କୋଣାର୍କ ଥାନା ଅଧିନସ୍ଥ ଅବଦାନ ପଞ୍ଚାୟତର ବାଘଗୋରଡ଼ି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଚାଳଘର ଓ ସୁନା ଅଳଙ୍କାର ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି।

ପ୍ରକାଶ ଯେ, କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଅବଦାନ ପଞ୍ଚାୟତର ବାଘଗୋରଡ଼ି ଗ୍ରାମର କଣ୍ଟ ପ୍ରଧାନ ଓ କମଳାକାନ୍ତ ପ୍ରଧାନଙ୍କ ଘରେ ନିଆଁ ଲାଗି ୪ ବଖରା ଚାଳଘର ସହ ସମସ୍ତ ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଛି। ଖବରପାଇ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର ଚୌଧୁରୀ ଓ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୨ ପରିବାରର ଚାଳଘର ପୋଡ଼ି ପାଉଁଶ ହୋଇଥିଲା ବେଳେ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନ ଥିବା ଦେଖିବାକୁ ମିଳିଛି। ଅଗ୍ନିବିପନ୍ନ ଏବେ କେଉଁଠି ରହିବେ, କଣ ଖାଇବେ, କିପରି ଝିଅ ବିବାହ କରିବେ ତାକୁ ନେଇ ପରିବାର ଦୁର୍ଦ୍ଦଶା ଓ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଦେଖିବାକୁ ମିଳିଛି। ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବା ସହ ଝିଅ ବାହାଘର ପାଇଁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବଡ଼ଦାଣ୍ଡ ସେବା ପକ୍ଷରୁ ବେଣ୍ଟ ପୋଖରୀ ସଫେଇ



ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି)

ବର୍ଷତମାମ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଭିତରେ ଓ ବାହାରେ ଅନେକ ନୀତି ସମ୍ପାଦିତ ହୋଇଥାଏ। ମହାପ୍ରଭୁଙ୍କ ନୀତିଗୁଡ଼ିକ ମଧ୍ୟରେ ବେଣ୍ଟ ନୀତି ଅନ୍ୟତମ। ଶ୍ରୀଜଗନ୍ନାଥବଲ୍ଲଭ ମଧ୍ୟରେ ଥିବା ବେଣ୍ଟ ପୋଖରୀ ମଧ୍ୟରେ ମହାପ୍ରଭୁଙ୍କ ଏହି ବେଣ୍ଟ ନୀତି ଅନୁଷ୍ଠିତ ହୋଇଥାଏ। ତେବେ ବେଣ୍ଟ ପୁଷ୍କରିଣର ରକ୍ଷଣାବେକ୍ଷଣ ଅଭାବରୁ ଅପରିଷ୍କାର ହେଉଥିବା ଦେଖିବାକୁ ମିଳୁଛି। ମହାପ୍ରଭୁଙ୍କ ନୀତି ସେହିଠାରେ ସମ୍ପାଦନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜଗନ୍ନାଥଙ୍କୁ ସମର୍ପିତ ସେବା 'ବଡ଼ଦାଣ୍ଡ ସେବା' ପକ୍ଷରୁ ମହାପ୍ରଭୁଙ୍କ ବେଣ୍ଟନୀତି ପୂର୍ବରୁ ପୋଖରୀ ସଫେଇ କାର୍ଯ୍ୟ କରାଯାଇଛି। ଏଥିରେ ରୋହିତ ଜେନା, ଦିବାକର ବେହେରା, ରାମଚନ୍ଦ୍ର ହଲ୍‌ଦାର, ନାରାୟଣ ରାୟ ସିଂ, ପିଙ୍କି କିନ୍ନର, ବଟକୃଷ୍ଣ ମହାପାତ୍ର, ସୂର୍ଯ୍ୟକାନ୍ତ ନାୟକ, ଜଗନ୍ନାଥ ଦୋରା, ସୁନିଲ୍ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# କୋଣାର୍କ ଏନ୍‌ଏସିରେ ଅନିୟମିତତା ଅଭିଯୋଗ

କୋଣାର୍କ,୨୧।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ କୋଣାର୍କ ଏନ୍‌ଏସିର ୫ନମ୍ବର ୱାର୍ଡ କାଉନ୍‌ସିଲର ଇଂ. ନୀହାର ରଞ୍ଜନ ବେଉରା ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଦାବି କରିଛନ୍ତି।

ତାଙ୍କ ଅଭିଯୋଗ ମୁତାବକ, କୋଣାର୍କ ଏନ୍‌ଏସିରେ ବିନା ଟେଣ୍ଡର ପ୍ରକ୍ରିୟାରେ ୮୨ ଲକ୍ଷ ବ୍ୟୟରେ ୩ଟି ପ୍ରବେଶପଥ ତୋରଣ ନିର୍ମାଣ, ବିଭିନ୍ନ ସ୍ଥାନରେ ନିମ୍ନମାନର ସିସିଟିଭି କ୍ୟାମେରା ଲଗାଇ ଅର୍ଥ ବାଟମାରଣା, ଇ-ଟେଣ୍ଡର ନିୟମ ଅନୁସରଣ ନ କରି ଟେଣ୍ଡର କରିବା, ଜଣେ ଠିକାଦାରଙ୍କୁ ଏକାଧିକ କାମ ଦେଇ ନିୟମ ଉଲ୍ଲଂଘନ, ଜିଏମ୍ ପୋର୍ଟାଲ ବ୍ୟବହାର ନ କରି ଅବୈଧ ସାମଗ୍ରୀ କ୍ରୟ, ସାନିଟେଶନ କାର୍ଯ୍ୟରେ ହେରଫେର, ୧୭ଜଣ କର୍ମଚାରୀ ବଦଳରେ ୧୦ଜଣ ଲଗାଇ ବିଲ୍ କରିବା, ଷ୍ଟ୍ରିଟ ଲାଇଟ୍ ଏବଂ ଅନ୍ୟ ଉନ୍ନୟନ କାର୍ଯ୍ୟରେ ଅନିୟମିତତା କରି ଟଙ୍କା ହଡ଼ପ କରିବା ସହିତ ଦୀର୍ଘଦିନ ଧରି କେତେଜଣ କର୍ମଚାରୀ ଏଠାରୁ ବଦଳି ନ ହେବା ନେଇ କାଉନ୍‌ସିଲର ବେଉରା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ସବୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

ଏନେଇ କୋଣାର୍କ ଏନ୍‌ଏସି ଅଧକ୍ଷା ସଞ୍ଜୁକ୍ତା ତ୍ରିପାଠୀ କହିଛନ୍ତି, ସରକାରୀ ନିୟମ ଅନୁଯାୟୀ ଟେଣ୍ଡର ପ୍ରକ୍ରିୟାରେ ସମସ୍ତ କାର୍ଯ୍ୟ କରିଛୁ। ଯଦି କୌଣସି ଅଭିଯୋଗ ଆସୁଛି ତାହାର ତଦନ୍ତ କରାଗଲେ ଆମେ ସହଯୋଗ କରିବୁ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି, ମୁଁ ଏବେ ନୂତନ ଭାବେ ଯୋଗ ଦେଇଛି। ଏ ବିଷୟରେ ମୁଁ ଅବଗତ ନାହିଁ। ଏହି କାର୍ଯ୍ୟ ପୂର୍ବରୁ ହୋଇଥିଲା। ଯଦି ଅଭିଯୋଗ ଆସୁଛି ତେବେ ମୁଁ ଏହା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି।

# ସ୍କୁଲକୁ ଖେଳପଡ଼ିଆ ଲାଗି ଜମି ଯୋଗାଇ ଦିଆଯିବ

## ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଗୋପ,୨୧।୨(ଭାରତୀ ଭୂଷଣ ଉପାଧ୍ୟାୟ)

ମୁଁ ବି ଦିନେ ଏଭଳି ସରକାରୀ ସ୍କୁଲରେ ପାଠପଢ଼ି ପ୍ରଶାସନିକ ଅଧିକାରୀ ହୋଇପାରିଛି। ତୁମେ ଭଲ ପାଠ ପଢ଼, ଭଲ ମଣିଷ ହୁଅ। ତୁମେମାନେ ଖେଳିବା ପାଇଁ ଅଳ୍ପଦିନ ମଧ୍ୟରେ ଜବରଦଖଲରେ ଥିବା ସରକାରୀ ଜମିକୁ ଖେଳପଡ଼ିଆ ଲାଗି ଯୋଗାଇଦେବି ବୋଲି ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ସନ୍ଧ୍ୟାରେ ଗଣେଶ୍ୱରପୁରସ୍ଥିତ ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇ ଏପରି କହିଥିଲେ।

ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବଦତ୍ତ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଗୋପ ବ୍ଲକ ଶିକ୍ଷାଧିକାରିଣୀ ଅମିତା ସେନାପତି, ଗୋପ ବ୍ଲକ ସମନ୍ୱିତ ସମିତି ସଭାପତି ଅଜୟ କୁମାର ରଥ, ସାଧାରଣ ସମ୍ପାଦକ ସରୋଜ କୁମାର ମିଶ୍ର, ବରିଷ୍ଠ ଶିକ୍ଷାବିତ୍ ସୁଶାନ୍ତ କୁମାର ନାୟକ, ସରପଞ୍ଚ ପ୍ରଭାତ କୁମାର ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ସହିତ ଭଲ ମଣିଷ ହେବାର ସମ୍ଭାବନା ଓ ଭବିଷ୍ୟତ ଦେଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବାର୍ଷିକ ଉତ୍ସବର ଶେଷଭାଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

# ୨୪ରୁ ପଞ୍ଚଦିବସୀୟ ଶ୍ରୀହନୁମତ ମହୋତ୍ସବ

## ଯୋଗଦେବେ ଗଜପତି ମହାରାଜା

କଟକ,୨୧।୨(କାର୍ତ୍ତିକ ସାହୁ)

ଚିନ୍ମୟ ମିଶନ ଓଡ଼ିଶା ପକ୍ଷରୁ ୭୫ବର୍ଷ ପୂର୍ତ୍ତି ଅବସରରେ ପଞ୍ଚଦିବସୀୟ ଶ୍ରୀ ହନୁମତ ମହୋତ୍ସବ ଓ ଶ୍ରୀ ହନୁମାନ ଚାଳିଶା ମହାଯଜ୍ଞ ଫେବୃଆରୀ ୨୪ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏହି ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ ତଥା ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ ପରିଚାଳିତ ହେବ। ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ କଟକ ଉପର ବାଲିଯାତ୍ରା ପଡ଼ିଆରେ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। ଚିନ୍ମୟ ମିଶନ ପକ୍ଷରୁ ମହାନଦୀ ବିହାରଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।



ଖବରଦାତା ସମ୍ମିଳନୀରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମେତ ଅନ୍ୟମାନେ ।

ସୂଚନାନୁସାରେ, ଚିନ୍ମୟ ମିଶନର ଅନ୍ତର୍ଜାତୀୟ ପ୍ରଶାସନିକ ମୁଖ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ସଙ୍କଟମୋଚନ ଉପରେ ପ୍ରବଚନ ପ୍ରଦାନ କରିବେ। ଚିନ୍ମୟ ମିଶନ ଓଡ଼ିଶାର ଆଞ୍ଚଳିକ ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଫେବୃଆରୀ ୨୫ ତାରିଖ ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ 'ଗୀତା ପଞ୍ଚାମୃତ' ଉପରେ ଓଡ଼ିଆ ଭାଷାରେ ପ୍ରବଚନ ଦେବେ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ମାର୍ଗଦର୍ଶନରେ ପ୍ରତିଦିନ ବିଭିନ୍ନ ଧର୍ମାନୁଷ୍ଠାନର ବିଶିଷ୍ଟ ସନ୍ଥମାନେ ପ୍ରବଚନ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ବିଶାଳ କାର୍ଯ୍ୟକ୍ରମ ସକାଳ ଓ ସନ୍ଧ୍ୟା ସମୟରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ଅପରାହ୍ନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ବିକାଶ ସହ ସେମାନଙ୍କୁ ସୁନାଗରିକ କରିବା ଲକ୍ଷ୍ୟରେ ଚିନ୍ମୟ ମିଶନର ଅଭିଜ୍ଞ ଆଚାର୍ଯ୍ୟ ଓ ବିଶିଷ୍ଟ ବକ୍ତାମାନେ ପ୍ରଶିକ୍ଷଣ ଦେବେ। ଖବରଦାତା ସମ୍ମିଳନୀରେ ମହୋତ୍ସବ ଅଧ୍ୟକ୍ଷ ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀଙ୍କ ସମେତ ଡ. କିଶନଲାଲ ଅଗ୍ରୱାଲ, ଡା. ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ଦ୍ୱିବେଦୀ, ନୀହାର ରଞ୍ଜନ ରାୟ ଉପସ୍ଥିତ ଥିଲେ। ମହୋତ୍ସବର ସମ୍ପାଦକ ସଂଗ୍ରାମ କେଶରୀ କରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୦୨।୨୦୨୬

| | |
|---|---|
| ୪,୯୭,୬୭୨ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୫୪.୮୦୦ ଗ୍ରାମ୍ |

# ଆଚାର୍ଯ୍ୟଙ୍କ ଆଦର୍ଶ, ଚରିତ୍ର ସର୍ବଦା ପ୍ରେରଣାଦାୟକ

## ଆଚାର୍ଯ୍ୟ ହରିହର ଶିଶୁଭବନର ୪୭ତମ ବାର୍ଷିକୋତ୍ସବ

ପୁରୀ/ସାକ୍ଷୀଗୋପାଳ,୨୧।୨ (ଅଜିତ୍ କୁମାର ମହାନ୍ତି/ କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ଆଚାର୍ଯ୍ୟ ହରିହର ଶିଶୁଭବନର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ସମାଜରେ ଭଲ ମଣିଷର ଆଦର ଓ ସମ୍ମାନ ସବୁବେଳେ ଥାଏ। ସମ୍ପ୍ରତି ଆଜିର ସମାଜରେ ସଂସ୍କାର ଓ ଶୃଙ୍ଖଳାର ଅଭାବ ଦେଖାଯାଉଛି। ଏହାକୁ ସୁଧାରିବା ପାଇଁ ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ ଓ ଚରିତ୍ର ସର୍ବଦା ପ୍ରେରଣାଦାୟକ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି।

ସାକ୍ଷୀଗୋପାଳ ମନ୍ଦିର ନିକଟସ୍ଥ ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୭ତମ ପ୍ରତିଷ୍ଠା ଓ ବାର୍ଷିକ ଦିବସ ଶନିବାର ଅପରାହ୍ଣରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ବେହେରା ଆଚାର୍ଯ୍ୟ ହରିହରଙ୍କ ଭଲ ମଣିଷ ହେବାର କାଳଜୟୀ ବାଣୀ ସଭିଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ। ବିଭିନ୍ନ ଅନୁଷ୍ଠାନରେ ଶିକ୍ଷା ଲାଭ କରୁଥିବା ପିଲାମାନେ ବଡ ମଣିଷ ହେବାର ସ୍ୱପ୍ନ ଦେଖିଥାନ୍ତି। କିନ୍ତୁ ବଡ଼ ମଣିଷ ହୋଇ ଅଧିକ ରୋଜଗାର ଅପେକ୍ଷା ଯଦି ସମାଜ ପାଇଁ ସମ୍ବଳ ପାଲଟି ସଂସ୍କାରଯୁକ୍ତ ହୋଇ ଶୃଙ୍ଖଳିତ ଆଚରଣ କରିଥାନ୍ତି, ତେବେ ତାହା ହିଁ ହେବ ଆଚାର୍ଯ୍ୟ ହରିହରଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧା ସମ୍ମାନ ବୋଲି କହିଥିଲେ।

ଆଚାର୍ଯ୍ୟ ହରିହର ଶିଶୁଭବନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବରିଷ୍ଠ ନାଗରିକ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, କଳାକାର ନଟବର ଆଚାର୍ଯ୍ୟ, ରଞ୍ଜନ ମିଶ୍ର, ଶିଶୁ ସୁରକ୍ଷାର ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶୁଭ ନାରାୟଣ ଶତପଥୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଆଚାର୍ଯ୍ୟଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦିକା ରାଜଲକ୍ଷ୍ମୀ ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ବାର୍ଷିକ ପତ୍ର ପ୍ରଗତି ଓ ଇତିବୃତ୍ତ ବଣ୍ଟନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅତିଥିମାନେ ପ୍ରାରମ୍ଭରେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଅନ୍ତେବାସୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହାକୁ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ଉଦ୍‌ଘାଟନ କରିଥିଲେ।

# ସାହିତ୍ୟ ମାଧ୍ୟମରେ ମାତୃଭାଷାର ମୂଳଦୁଆ ସୁଦୃଢ଼

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ କୁଳପତି ଶ୍ରୀନିବାସ ବରଖେଡ଼ିଙ୍କ ପୃଷ୍ଠପୋଷକତା ଓ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଡ. ଦେବାନନ୍ଦ ଦାସ ଯୋଗଦେଇ କହିଛନ୍ତି, 'ଯେଉଁ ଜାତି ନିଜ ମାତୃଭାଷାକୁ ସମ୍ମାନ ଦିଏ ନାହିଁ, ସେ ଜାତି କେବେ ବି ପ୍ରଗତି କରିପାରେ ନାହିଁ। ସାହିତ୍ୟ ମାଧ୍ୟମରେ ହିଁ ମାତୃଭାଷାର ମୂଳଦୁଆ ସୁଦୃଢ଼ ହୋଇଥାଏ।

ମୁଖ୍ୟ ଅତିଥି ଭାବେ ଭାଷାବିତ୍ ପ୍ରେମାନନ୍ଦ ମହାପାତ୍ର ମାତୃଭାଷା ଉପରେ ଚର୍ଚ୍ଚା କରି କହିଛନ୍ତି, 'ଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ, ଏହା ଆମ ସଂସ୍କୃତି ଓ ଅସ୍ତିତ୍ୱର ଆଧାର। ପ୍ରାରମ୍ଭରେ ଆଧୁନିକ ବିଭାଗର ମୁଖ୍ୟ ଡ. ସୁଶାନ୍ତ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ମାତୃଭାଷା ସମ୍ବନ୍ଧୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଡ. ଶକ୍ତିପ୍ରସାଦ ଦ୍ୱିବେଦୀ ପରିଚାଳନା କରିଥିଲେ। ସଭାକୁ ଅଧ୍ୟାପିକା ଡ. ସ୍ୱାଗତିକା ମହାନ୍ତି ଏବଂ ଅଧ୍ୟାପକ ଡ. ରୁଦ୍ର ପ୍ରସାଦ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ସୁପୋଷିତ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ।

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି)

କୁପୋଷଣକୁ ଦୂରେଇ ସମସ୍ତଙ୍କୁ ସୁପୋଷିତ କରିବା ସରକାରଙ୍କ ଲକ୍ଷ୍ୟ। ଏଥିପାଇଁ ଅଙ୍ଗନୱାଡ଼ିସ୍ତରରୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କହିଛନ୍ତି। ଶନିବାର ପୂର୍ବାହ୍ନରେ ସଦ୍‌ଭାବନା ସଭାଗୃହ ଠାରେ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସୁପୋଷଣ ସମ୍ପର୍କରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ମୁଖ୍ୟ ଉନ୍ନୟନ ଅଧିକାରୀ ପୃଷ୍ଟି ଶିଶୁଙ୍କୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣ ସହ ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟର ଅଧିକାରୀ ଯେପରି ସେମାନେ ହୋଇପାରିବେ ସେଥିପ୍ରତି ସରକାର ବ୍ୟବସ୍ଥା କରିଛନ୍ତି। ଏହାକୁ ଯେପରି ଅଧିକ ଲୋକାଭିମୁଖୀ ଓ ସରଳ ପ୍ରକ୍ରିୟାରେ ଉପଯୋଗ କରାଯାଇପାରିବ ସେଥିଲାଗି ପ୍ରଶିକ୍ଷଣ ଶିବିର ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଶୁଭେଚ୍ଛା ବାର୍ତ୍ତା ଓ ସୁପୋଷଣର ମହତ୍ୱ ସମ୍ପର୍କରେ ଭିଡିଓ ବାର୍ତ୍ତାକୁ ଉପସ୍ଥାପନ କରାଯାଇଥିଲା। ଏଥିରେ ଉପଜିଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୁପୋଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ କର୍ମଶାଳାରେ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର ହୃଦୟ ପ୍ରଦୀପ ଓ ଇଶିକା ସୁପୋଷଣର ଉପଯୋଗ, ଅଙ୍ଗନୱାଡ଼ିରେ ତାହାର କାର୍ଯ୍ୟକାରିତା, ପ୍ରତି ମାସର ପ୍ରଥମ ଓ ତୃତୀୟ ଶନିବାରକୁ ସମ୍ପ୍ରଦାୟ ଦିବସ ଭାବେ ପାଳନର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପରଭାଇଜର୍ ଚନ୍ଦ୍ରପ୍ରଭା ଦେଇ, ବାଲ୍ୟବତୀ ମହାନ୍ତି, ପୋଷଣର ଡିପିସି ସସ୍ମିତା କର୍ମକାର, ସମସ୍ତ ସିଡିପିଓ, ସୁପରଭାଇଜର୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସୁପୋଷଣ ଶପଥ ପାଠ କରାଯାଇଥିଲା।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି): ପୁରୀ ପୋଲିସକୁ ୨୦୨୬ ଫେବୃଆରୀ ମାସରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ପୁରୀର ଦ୍ୱିତୀୟ ଅତିରିକ୍ତ ଜିଲା ଓ ସେସନ ଜଜ୍ ଅଦାଲତରେ ନ୍ୟାୟାଧୀଶ ଅଦାଲତରେ ୨୦୨୧ ମସିହାରେ ଏସ୍‌ଟି କେସ୍ ନଂ.୧୩/୭୫(ପେଣ୍ଠକଟା ମେରାଇନ୍ ଥାନା ୮୪/୨୦୨୧)ର ଶୁଣାଣି ସମ୍ପନ୍ନ ହୋଇ ଅଭିଯୁକ୍ତ ହୀନା ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଏହି ମାମଲାରେ ଅଭିଯୁକ୍ତଙ୍କୁ ଭାରତୀୟ ଦଣ୍ଡବିଧି ଧାରା ୩୭୬(୨)(ଖ) ଅନୁଯାୟୀ ୨୦ ବର୍ଷ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦେୟ ଅତିରିକ୍ତ ୩ ମାସ କଠୋର ସଜା ଭୋଗିବାକୁ ଆଦେଶ ହୋଇଛି। ଏହି ମାମଲାର ସଫଳ ପରିଚାଳନା ଓ ଆଦାଲତରେ ଦୃଢ଼ ଭାବେ ପ୍ରମାଣ ପ୍ରସ୍ତୁତି ପାଇଁ ପବ୍ଲିକ ପ୍ରସିକ୍ୟୁଟରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପୋଲିସ ପକ୍ଷରୁ ପ୍ରକାଶ କରାଯାଇଛି।

### ୫୨ ବାଇକ୍ ଚାଳକଙ୍କ ଉପରେ ପୋଲିସର ଛାଟ

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି): ପୁରୀ ପୋଲିସ ସିଟି ସବ୍‌ଡିଭିଜନ ପକ୍ଷରୁ ସଡ଼କ ସୁରକ୍ଷା ଓ ଯାତାୟାତ ନିୟମ କଡ଼ାକଡ଼ି ପାଳନ କରାଇବା ଉଦ୍ଦେଶ୍ୟରେ ବିଶେଷ ଅଭିଯାନ ଚାଲୁ କରାଯାଇଛି। ସହରର ମୁଖ୍ୟ ରାସ୍ତାଗୁଡିକରେ ଏହି ଯାନ ଯାଞ୍ଚ ଅଭିଯାନ ଜାରି ରହିଛି। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ, ୨ଚକିଆ ଯାନରେ ୩ଜଣ ବସି ଯାତ୍ରା (ଟ୍ରିପଲ ରାଇଡିଂ) କରୁଥିବା ଚାଳକ, ଅତ୍ୟଧିକ ବେଗରେ ଚାଲୁଥିବା ବାଇକ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଯାଞ୍ଚ ସମୟରେ ଅନେକ ଯାନଚାଳକଙ୍କ ଲାଇସେନ୍ସ, ହେଲମେଟ ବ୍ୟବହାର, ଯାନ ଦଲିଲପତ୍ର ଓ ଗତି ସୀମା ପାଳନ ସମ୍ବନ୍ଧରେ ଯାଞ୍ଚ କରାଯାଇଥିଲା। ମୋଟ ୫୨ଟି ଦୁଇଚକିଆ ଯାନ ବିରୋଧରେ ଟ୍ରିପଲ ରାଇଡିଂ, ଅତ୍ୟଧିକ ବେଗରେ ଚାଳନା ଓ ଅନ୍ୟାନ୍ୟ ଯାତାୟାତ ନିୟମ ଉଲ୍ଲଂଘନ ଅଭିଯୋଗରେ ଜରିମାନା କଟାଯାଇଥିଲା। କେତେଜଣ ଚାଳକଙ୍କୁ ସଚେତନ କରାଯାଇ ଭବିଷ୍ୟତରେ ନିୟମ ମାନି ଯାନଚାଳନା କରିବାକୁ ପରାମର୍ଶ ଦିଆଯାଇଥିଲା।



ହରଚଣ୍ଡୀସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃଭାଷା ଦିବସ ଅବସରରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

### ଆନ୍ତର୍ଜାତିକ ମାତୃଭାଷା ଦିବସ

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି): ସ୍ଥାନୀୟ ହରଚଣ୍ଡୀସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ତଥା ଅନୁରାଗ ସାହିତ୍ୟ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ଶିବସୁନ୍ଦର ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଶିଶୁଙ୍କୁ ନେଇ ପ୍ରଭାତଫେରି କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା ବିକାଶ ସମିତି, ପୁରୀ ଜିଲା ସହ ପ୍ରମୁଖ ଦୀନବନ୍ଧୁ ତ୍ରିପାଠୀ ଉପସ୍ଥିତ ଥିଲେ। ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ କ୍ଷୀତିଶ୍ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

### ବାଳିକା ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି): ଗୋପୀନାଥ ଦେବ ଡିଗ୍ରୀ କଲେଜର ବାଳିକା ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସୁଦର୍ଶନ ମହାରଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ମହୋଦୟ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବାଳିକା ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆତ୍ମରକ୍ଷା ପ୍ରଶିକ୍ଷିକା ସତ୍ୟଭାମା ମୁଦୁଲି, ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ କଲେଜର ସମସ୍ତ କର୍ମଚାରୀ ନିଜର ସହଯୋଗ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ନୂତନ ଆନନ୍ଦ ପରିଲକ୍ଷିତ ହେଉଥିଲା।

# ପୁରୀ ସେବା ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ

## ଆଚାର୍ଯ୍ୟ ହରିହରଙ୍କ ପୁଣ୍ୟତିଥି

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି)



ଆଚାର୍ଯ୍ୟ ହରିହରଙ୍କ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଓଡ଼ିଶାର ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଆଚାର୍ଯ୍ୟ ହରିହରଙ୍କ ପୁଣ୍ୟତିଥି ଅବସରରେ ପୁରୀ ସେବାସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମିତିର ସ୍ୱେଚ୍ଛାସେବୀମାନେ ପୁଷ୍ପାଞ୍ଜଳି ଅର୍ପଣକରି ତାଙ୍କର ତ୍ୟାଗମୟ ଓ ସେବାମୟ ଜୀବନକୁ ସ୍ମରଣ କରିଥିଲେ। ୮ ମାର୍ଚ୍ଚ ୧୮୭୯ରେ ଜନ୍ମଗ୍ରହଣ କରିଥିବା ଆଚାର୍ଯ୍ୟ ହରିହର ସାରାଜୀବନ ଦେଶସେବା ଓ ସମାଜସେବାରେ ନିୟୋଜିତ ରହିଥିଲେ। ସେ ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟକରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାତୀୟତାବାଦୀ ଚେତନା ଜାଗ୍ରତ କରିଥିଲେ। ସତ୍ୟବାଦୀ ସାହିତ୍ୟ ଆନ୍ଦୋଳନରେ ତାଙ୍କର ଅବଦାନ ଅତ୍ୟନ୍ତ ସ୍ମରଣୀୟ। ଏହି ଅବସରରେ ପୁରୀ ସେବାସମିତିର ଉପସଭାପତି ସୌମେନ୍ଦ୍ର ଦାସ କହିଛନ୍ତି, ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ, ନିଷ୍ଠା ଓ ଦେଶପ୍ରେମ ଆଜିର ଯୁବପିଢ଼ି ପାଇଁ ପ୍ରେରଣାସ୍ରୋତ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ସେବାସମିତିର ଅଙ୍କିତ୍ ତ୍ରିପାଠୀ, ବିଶ୍ୱଜିତ୍ ମିଶ୍ର, ଶୁଭଜିତ୍ ଶର୍ମା, ଆଶିଷ ଲେଙ୍କା, ମନମୋହନ ସାହୁ, ନରେଶ କୁମାର ସାହୁ, ଲୋକନାଥ ପାତ୍ର, ଓମ୍ ପ୍ରକାଶ ପ୍ରଧାନ, ଆଶୁତୋଷ ଜେନା, ରାଜେନ୍ଦ୍ର ଅଭିଷେକ ରଥ ପ୍ରମୁଖ ଯୋଗଦେଇଥିଲେ।

# ୨୬ରେ ଟାଉନ୍ ହଲ୍‌ରେ 'ଓଡ଼ିଶୀ ଆସର'

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୬ରେ ପୁରୀ ଟାଉନ୍ ହଲଠାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଓଡ଼ିଶୀ ଆସର'ର ଆୟୋଜନ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ୨୬ ତାରିଖ ଅପରାହ୍ଣ ୫ଟାଠାରୁ ଟାଉନ୍ ହଲଠାରେ ଓଡ଼ିଶାର ବିଶିଷ୍ଟ କଳାକାରଙ୍କ ଦ୍ୱାରା ଏହା ଆୟୋଜିତ ହେବ। ଓଡ଼ିଶୀ ନୃତ୍ୟ ଓ ସଂଗୀତର ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଚଳିତଥର ମହାପ୍ରଭୁଙ୍କ କ୍ଷେତ୍ରରେ ଏହା ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଯୋଗଦେବାକୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

# ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି)

ମଙ୍ଗଳାଘାଟସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ୫ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାତାମଠ, ଗୌରବିହାର ଆଶ୍ରମର ମହନ୍ତ ମହାରାଜ ସୁବଳ ଚରଣ ଦାସ୍‌ଜୀ ଏବଂ ପୁରୀ ସଦର ବ୍ଲକ ଚେୟାରମ୍ୟାନ୍ ଦିବାକର ପାତ୍ର, ସମ୍ମାନିତ ଅତିଥି ଭାବେ ହରେକୃଷ୍ଣ ଖଟେଇ, ପ୍ରଧାନ ଆଚାର୍ଯ୍ୟା ଲକ୍ଷ୍ମୀପ୍ରିୟା ରାଉତରାୟ, ସମ୍ପାଦକ ବିଜୟ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମ୍ପାଦକ ଅତିଥି ପରିଚୟ ପ୍ରଦାନକରି ମଞ୍ଚ ଉପରେ ଉତ୍ତରୀୟ ଏବଂ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ। ଏହାପରେ ଅତିଥିମାନେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏଥିସହିତ କୁନି କୁନି ଛାତ୍ରୀଛାତ୍ରଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ ଅଭିଭାବକ ଏବଂ ଅତିଥି ପିଲାଙ୍କର ନୃତ୍ୟ ପରିବେଷଣ ଓ ପୁରସ୍କାର ବିତରଣ ସମୟରେ କରତାଳି ଦେଇ ଉତ୍ସାହିତ କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟା ଓ ସମ୍ପାଦକଙ୍କ ଦ୍ୱାରା ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ, ନୃତ୍ୟଗୁରୁ ଏବଂ ନୃତ୍ୟ ଗୁରୁମା'ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।



ବାର୍ଷିକୋତ୍ସବରେ କୁନି କୁନି ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି)



ବୈଠକରେ ସ୍ତମ୍ଭକାର ହରିଶଙ୍କର ମିଶ୍ରଙ୍କ ସହ ଅନ୍ୟମାନେ।

ପୁରୀ ସହର ଓ ସଦରବାସୀଙ୍କ ପାଇଁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଶନିବାର ସ୍ଥାନୀୟ ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ସ୍ତମ୍ଭକାର ହରିଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଆବାହକ ସ୍ୱାଧୀନ ପଣ୍ଡା ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଉପରେ ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ସମାଲୋଚନା କରିଥିଲେ। କାର୍ତ୍ତିକ ମାସରେ ହବିଷିଆଳି ଶିବିର ହେଉ ବା ବର୍ତ୍ତମାନ ଆରମ୍ଭ କରାଯାଇଥିବା ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ସମସ୍ତ ଜିଲାବାସୀଙ୍କ ନିମନ୍ତେ ସୁବ୍ୟବସ୍ଥା କରୁଥିବା ବେଳେ ପୁରୀ ସହର ଓ ସଦରବାସୀ କାହିଁକି ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି ମତ ରଖିଥିଲେ। ମହାପ୍ରଭୁଙ୍କ ଦର୍ଶନ, ଶ୍ରୀମହାପ୍ରସାଦ ବା ଶ୍ରୀମନ୍ଦିର ମଧ୍ୟକୁ ଅନ୍ୟ କାର୍ଯ୍ୟ ପାଇଁ ଯିବା ନିମନ୍ତେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଯିବାକୁ ପଡୁଛି। ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ବିଭିନ୍ନ ଉପାୟରେ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ।

ସେହିପରି ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ବସ୍ତିଆ କହିଛନ୍ତି, ଏହା ଆମ ନ୍ୟାଯ୍ୟ ଅଧିକାର, ଏଥିରୁ ଆମକୁ କେହି ବଞ୍ଚିତ କରିପାରିବେ ନାହିଁ। ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦାବିପତ୍ର ସହ ଆଲୋଚନା କରାଯାଉ ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବା। ସାମାଜିକ କର୍ମୀ ଚକ୍ରଧର ମହାପାତ୍ର କହିଛନ୍ତି, ପୂର୍ବରୁ ମୁଖ୍ୟ ପ୍ରଶାସକ ଗଣମାଧ୍ୟମରେ ବିବୃତି ଦେଇ କହିଛନ୍ତି, ଜାନୁଆରୀରେ ଶ୍ରୀମନ୍ଦିର ଗହଳି ରହିବ, ଏହାପରେ ପୁରୀବାସୀଙ୍କ ନିମନ୍ତେ ବ୍ୟବସ୍ଥା କରାଯିବ, ଏବେ ଚୁପ୍ କାହିଁକି। ଗୋଟିଏ ନେତୃତ୍ୱରେ ଏକାଠି ହେବା ଓ ନିଷ୍ପତ୍ତି ନେବା ଆମେ ସଫଳ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପୁରୀ ଜିଲା କଂଗ୍ରେସ ସଭାପତି ରାଜେଶ ମିଶ୍ର କହିଥିଲେ, ପୁରୀ ଲୋକଙ୍କ ମୌଳିକ ଅଧିକାରକୁ ତଣ୍ଟଚିପି ସରକାର ଓ ପ୍ରଶାସନ ଅବରୋଧ କରୁଛନ୍ତି। ଆମ ଅଧିକାର ନ ମିଳିବା ପର୍ଯ୍ୟନ୍ତ ରିଲେ ଅନଶନରେ ବସିବା, ଦରକାର ପଡ଼ିଲେ ଶ୍ରୀମନ୍ଦିର ଭିତରକୁ ହଜାର ହାଜର ସଂଖ୍ୟାରେ ଏକାଠି ହୋଇ ପଶିବା ବୋଲି କହିଥିଲେ।

ବରିଷ୍ଠ ସାମ୍ବାଦିକ ଅକ୍ଷୟ ମିଶ୍ର, ପୁରୀ ଜିଲା କିନ୍ନର ସଂଘ ସଭାପତି ପ୍ରିୟାଂଶୀ ଦାସ, ମାଟିର ମଣିଷ ସଭାପତି ପ୍ରଶାନ୍ତ ପ୍ରଧାନ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ସାମାଜିକ କର୍ମୀ ତନ୍ମୟ ଚାଟାର୍ଜୀ, ଶ୍ରୀଜଗନ୍ନାଥ ଭକ୍ତ ପାରିଷଦ ସୂର୍ଯ୍ୟନାରାୟଣ ରଥ, ନୃସିଂହ ଚରଣ ଦାସ, ଉର୍ଜାବାନ୍ ଓଡ଼ିଶା ସଭାପତି ସନ୍ତୋଷ ସେନାପତି, ଜୁପିଟର ଦାସ ପ୍ରମୁଖ ଉପସ୍ଥିତ ରହି ପୁରୀବାସୀଙ୍କ ଦର୍ଶନ ନେଇ ବ୍ୟବସ୍ଥା କରାଯାଉ ବୋଲି ମତବ୍ୟକ୍ତ କରିଛନ୍ତି। ସମସ୍ତ ଆଲୋଚନା ପରେ ସ୍ତମ୍ଭକାର ହରିଶଙ୍କର ମିଶ୍ର କହିଥିଲେ, ପ୍ରଥମେ ମୁଖ୍ୟ ପ୍ରଶାସକଙ୍କୁ ଭେଟି ପ୍ରସ୍ତାବ ଦେବା ପରେ ଅହିଂସା ହେଉ ବା ହିଂସାତ୍ମକ ଆମ ନ୍ୟାଯ୍ୟ ଅଧିକାର ନିମନ୍ତେ ସଂଗ୍ରାମ ଜାରି ରହିବ ବୋଲି ମତପ୍ରକାଶ କରିଥିଲେ।

# ନନ୍ଦକିଶୋର ପୋଖରୀ ଖନନବେଳେ ମିଳିଲା ନାଗ ମୂର୍ତ୍ତି, ଭଗ୍ନ ଲିଙ୍ଗ

## ଅବକ୍ଷୟ ନନ୍ଦକିଶୋର ମନ୍ଦିର ପୁନଃ ପ୍ରତିଷ୍ଠା ନେଇ ପ୍ରକ୍ରିୟା ଆରମ୍ଭ

ପୁରୁଣା ଭୁବନେଶ୍ୱର,୨୧।୨
(ସୁବାସ ଚନ୍ଦ୍ର ପ୍ରଧାନ)

ଗ୍ୟାରେଜ ଛକ ନିକଟରେ ଥିବା ଐତିହ୍ୟ ନନ୍ଦକିଶୋର ପୋଖରୀ ତଥା କଣ୍ଡରା ପୋଖରୀ ପୁନରୁଦ୍ଧାର ବେଳେ ଶନିବାର ଏକ ଅଷ୍ଟଧାତୁର ନାଗ ପ୍ରତିମା ଏବଂ ଭଗ୍ନ ଲିଙ୍ଗ ମିଳିଛି। ଏହା ପୋଖରୀ ଏବଂ ଜନବସତିରେ ପୋତିହୋଇ ଅବକ୍ଷୟ ହୋଇଯାଇଥିବା ପ୍ରଭୁ ନନ୍ଦକିଶୋର ମନ୍ଦିରରେ ପୂଜା ପାଉଥିବା ନାଗ ପ୍ରତିମା ଜାଣିବା ପରେ ଅଞ୍ଚଳ ବାସିନ୍ଦାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ସେମାନେ ଉକ୍ତ ୧କେଜି ଓଜନର ନାଗ ପ୍ରତିମାକୁ ମନ୍ଦିରରେ ପ୍ରତିଷ୍ଠା କରିବାକୁ କହିଥିଲେ। ସନ୍ଧ୍ୟାରେ ସାଧୁସନ୍ଥମାନେ ପହଞ୍ଚି ମନ୍ତ୍ର ଉଚ୍ଚାରଣ ପୂର୍ବକ ନାଗ ପ୍ରତିମାର ସଂସ୍କାର କରିଥିଲେ। ରବିବାର ମନ୍ଦିର ନିର୍ମାଣ ନେଇ ସ୍ଥାନ ଚିହ୍ନଟ କରିବାକୁ କହିଥିବା ସ୍ଥାନୀୟ ବାସିନ୍ଦା ଭୀଷ୍ମ ନାରାୟଣ ନାୟକ କହିଛନ୍ତି।



ସ୍ଥାନୀୟ ଲୋକେ ଉଦ୍ଧାର ନାଗ ପ୍ରତିମାକୁ ଧରି ଭକ୍ତି ଜଣାଉଛନ୍ତି।

ସୂଚନାଥାଉ କି, ଐତିହ୍ୟ ନନ୍ଦ କିଶୋର ପୁଷ୍କରିଣୀର ପୂର୍ବ ଉତ୍ତର କୋଣରେ ନନ୍ଦକିଶୋର ମହାଦେବଙ୍କ ପୀଠ। କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଏହି ଜଳାଶୟ ଭୂସମ୍ପତ୍ତିକୁ ରେକର୍ଡ ପରିବର୍ତ୍ତନ କରାଇ ବିକ୍ରିବଟା ପାଇଁ ଉଦ୍ୟମ କରିବା ପ୍ରୟାସରେ ନନ୍ଦ କିଶୋର ମହାଦେବଙ୍କ ପୀଠସ୍ଥଳୀକୁ ଖୋଳି, ତାଡ଼ି, ଚିହ୍ନବର୍ଣ୍ଣ ହୟାଇଦେଇଥିଲେ। ତେବେ ଶନିବାର ଅପରାହ୍ନରେ ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ସମୟରେ ଅଷ୍ଟଧାତୁରେ ନିର୍ମିତ ନାଗ ପ୍ରତିମା ମିଳିଛି। ଏହି ପ୍ରତିମା ମିଳିଥିବା ଖବରପାଇ ଅଞ୍ଚଳବାସୀ ଏକାଠି ହୋଇ ନାଗ ପ୍ରତିମାକୁ ପୂଜାର୍ଚ୍ଚନା କରିବା ସହିତ ନନ୍ଦକିଶୋର ମହାଦେବଙ୍କ ପୀଠସ୍ଥଳୀକୁ ପୁର୍ନବାର ପ୍ରତିଷ୍ଠା କରିବା ପାଇଁ ସ୍ଥିର ହୋଇଛି ବୋଲି ଏକାମ୍ର ଜନ ଜାଗରଣ ମଞ୍ଚ ବରିଷ୍ଠ ସଦସ୍ୟା ସୁଲତା ସାହାଣୀ କହିଛନ୍ତି।

# ଥାଇଲାଣ୍ଡରେ ଫସିଥିବା ୪ ଓଡ଼ିଆ ଯୁବକ ଫେରିଲେ



ଭୁବନେଶ୍ୱର,୨୧।୨(ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଥାଇଲାଣ୍ଡରେ ଫସି ରହିଥିବା ୬ଜଣ ଓଡ଼ିଆ ଯୁବକଙ୍କ ମଧ୍ୟରୁ ୪ଜଣଙ୍କୁ ଶନିବାର ଓଡ଼ିଶାକୁ ଫେରାଇ ଅଣାଯାଇଛି। ସେମାନେ ହେଲେ ଜୟନ୍ତ କୁମାର ମଲ୍ଲିକ, ହେମନ୍ତ କୁମାର ବେହେରା, ମନୋରଞ୍ଜନ ସାହୁ ଓ ବିଜୟ କୁମାର ସ୍ୱାଇଁ। କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାରୁ ୬ଜଣ ଯୁବକ ୨୦୨୫ ଅଗଷ୍ଟରେ ଥାଇଲାଣ୍ଡର ଏକ ପ୍ଲାଏଉଡ଼ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇ ଫସି ରହିଥିଲେ। କମ୍ପାନୀର ମାଲିକ ସେମାନଙ୍କୁ ଦରମା ଦେଉ ନ ଥିବାବେଳେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିବା ସହ ଗାଁକୁ ଫେରି ଆସିବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଖବର ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନୂଆଦିଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲା ପ୍ରଶାସନର ମିଳିତ ସହଯୋଗରେ ୪ଜଣ ଓଡ଼ିଆ ଯୁବକଙ୍କୁ କମ୍ପାନୀ କର୍ତ୍ତୃପକ୍ଷଙ୍କ କବଳରୁ ଉଦ୍ଧାର ପରେ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଓଡ଼ିଶାକୁ ଫେରିବା ପରେ ଯୁବକମାନେ ସମସ୍ତ ସହାୟତା ପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିପାଟଣା,୨୧।୨(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅଧୀନ କୁରୁଞ୍ଜିପୁର ଗ୍ରାମରୁ ଶନିବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ତରୁଣ ପ୍ରଧାନ। ସେ ଫିଜିଓଥେରାପି ପଢ଼ିବା ସହିତ ବାଲିପାଟଣାସ୍ଥିତ ଏକ କ୍ଲିନିକ୍‌ରେ ପ୍ରାକ୍ଟିସ କରୁଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଶୁକ୍ରବାର ରାତିରେ ତରୁଣ ବରଯାତ୍ରୀ ଯାଇଥିଲେ। ବିଳମ୍ବିତ ରାତିରେ ଘରକୁ ଫେରି ଶୋଇପଡ଼ିଥିଲେ। ଶନିବାର ସକାଳେ ସେ ଉଠିବାରେ ବିଳମ୍ବ ହେବାରୁ ଘରଲୋକ କବାଟ ବାଡ଼େଇଥିଲେ। କୌଣସି ଉତ୍ତର ନ ମିଳିବାରୁ ପରିବାରଲୋକ କବାଟ ଭାଙ୍ଗି ଘରେ ପଶିବା ସହ ତରୁଣ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



–ଶତାବ୍ଦୀର କଳାକାର ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପରିପ୍ରେକ୍ଷୀରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା 'ନ୍ୟାଶନାଲ କଳିଙ୍ଗ ନାଟ୍ୟ ମହୋତ୍ସବ'ର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ କୋଲକାତାର 'ଏବଂ ଆମ୍ରା' ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଅନ୍ଧ୍ୟା ଯୁଗ୍'ର ଏକ ଦୃଶ୍ୟ। (ଫଟୋ– ବିକାଶ ନାୟକ)

# ବାଣ ତିଆରି ସାମଗ୍ରୀ ଜବତ, ୨ ଫେରାର

ବାରଙ୍ଗ,୨୧।୨(ଲିଙ୍ଗରାଜ ରାଉତ)

ବେଆଇନ୍ ବାଣ ତିଆରି ଅଭିଯୋଗରେ ବାରଙ୍ଗ ଥାନା ଅନ୍ତର୍ଗତ ବେଲଗଛିଆ ଗ୍ରାମରେ ଶନିବାର ପୋଲିସ ଚଢ଼ାଉ କରିଛି। ସେଠାରୁ ବିଭିନ୍ନ ବାଣ ତିଆରି ସାମଗ୍ରୀ ଜବତ କରାଯାଇଛି। ପୋଲିସ ଘଟଣାସ୍ଥଳରୁ ବାଣ ତିଆରି ପାଇଁ ପାଇପ, କାଗଜ, ବାରୁଦ, ସୂତୁଲି ଆଦି ସାମଗ୍ରୀ ଜବତ କରିଥିବା ବେଳେ ଘଟଣାସ୍ଥଳରୁ ୨ ଜଣ ଫେରାର ହୋଇଯାଇଛନ୍ତି।

ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବେଆଇନ୍ ଭାବେ ବାଣ ତିଆରି ହେଉଥିବା ଖବର ପାଇ ରାତିରେ ପୋଲିସର ଏକ ଟିମ୍ ସଦଳବଳ ଚଢ଼ାଉ କରିଥିଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରି ପରେ ଛାଡିଦେଇଛି।

# ନବୋଦୟ ବିଦ୍ୟାଳୟରେ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବାରଙ୍ଗ,୨୧।୨(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅଧୀନ ଗୋଡିସାହି ଫାଣ୍ଡି ଅନ୍ତର୍ଗତ ବଡ଼ ମୁଣ୍ଡଳୀସ୍ଥିତ ନବୋଦୟ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ମୁଣ୍ଡଳୀ ଗ୍ରାମର ରେବୁ ଭୂଷଣ ବେହେରା। ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ି ନ ଥିବା ବେଳେ ହୃଦ୍‌ଘାତରେ ଏପରି ଘଟିଥିବା ଆଶଙ୍କା କରାଯାଉଛି। ଏନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୬/୨୬) ରୁଜୁକରିଛି।

ରେବୁ ନବୋଦୟ ବିଦ୍ୟାଳୟରେ ରାତି ଜଗୁଆଳି ଭାବେ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ପରି ଶୁକ୍ରବାର ରାତିରେ ବିଦ୍ୟାଳୟ ପରିସରରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଉପସ୍ଥିତ ଥିବା ଅନ୍ୟ କର୍ମଚାରୀମାନେ ରେବୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। କିନ୍ତୁ ସେଠାରେ ରେବୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଆମାଜନ ଆଇନ ମୁଖ୍ୟଙ୍କ କିଟ୍, କିସ୍ ପରିଦର୍ଶନ

ଭୁବନେଶ୍ୱର,୨୧।୨
(ଅନୁରାଧା ମହାରଣା)

## ଡାଭିଡ୍ ଏ ଜାପଲସ୍କିଙ୍କୁ 'କିଟ୍ ଜୀବନବ୍ୟାପୀ ସାଧନା ସମ୍ମାନ'

ଆମାଜନର ଚିଫ୍ ଗ୍ଲୋବାଲ ଆଫେୟାର୍ସ ଓ ଆଇନ ଅଧିକାରୀ ଡାଭିଡ୍ ଏ ଜାପଲସ୍କି ଶନିବାର କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ ଓ କିସ୍‌ର ସମସ୍ତ ୟୁନିଟ୍ ବୁଲି ଦେଖିଥିଲେ। ପ୍ରଥମଥର ଲାଗି କିସ୍ ଭଳି ଏକ ବିରାଟ ଓ ବିରଳ ଅନୁଷ୍ଠାନ ପରିଦର୍ଶନ କରି ସେ ଆଶ୍ଚର୍ଯ୍ୟ ହେବା ସହ ଶିକ୍ଷା ଜରିଆରେ ଜନଜାତି ବିକାଶ କ୍ଷେତ୍ରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। କିସ୍‌ରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସେ କିପରି ମ୍ୟୁଜିକ୍, ଇତିହାସ ଓ ଆଇନ ଆଦି ପାଠ ପ୍ରତି ଆକୃଷ୍ଟ ହୋଇଥିଲେ ସେ ସମ୍ପର୍କରେ କହିଥିଲେ। ପରେ କିଟ୍‌ରେ ଏକ ଫାୟାରସାଇଡ୍ ଚାଟ୍ ଅଧିବେଶନରେ ଯୋଗଦେଇ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆମାଜନର ବିଶ୍ୱ ନୀତିରେ ଭାରତର ଗୁରୁତ୍ୱ ବୃଦ୍ଧି ଉପରେ ଆଲୋକପାତ କରି ଡାଭିଡ୍ କହିଲେ, ଆମାଜନ ଭାରତରେ ପ୍ରାୟ ୪୦ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି। ଏଥିରେ ଡାଟା ଭିତ୍ତିଭୂମି ଓ କ୍ଲାଉଡ୍ କମ୍ପ୍ୟୁଟିଂରେ ପ୍ରମୁଖ ନିବେଶ ଅନ୍ତର୍ଭୁକ୍ତ ରହିଛି। ସେ କହିଲେ, କର୍ପୋରେଟଗୁଡ଼ିକ ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପଗୁଡ଼ିକ ମୂଳ ଦକ୍ଷତା ଅନୁଯାୟୀ ପ୍ରସ୍ତୁତ କରିବା ଉଚିତ। ବିପର୍ଯ୍ୟୟ ସହାୟତା ଏବଂ ପରିବେଶଗତ ପ୍ରୟାସ ସମେତ ସାମୁଦାୟିକ ପ୍ରଭାବ ପାଇଁ ଏହାର ପ୍ରଯୁକ୍ତିବିଦ୍ୟା ଏବଂ ଲଜିଷ୍ଟିକ କ୍ଷମତାକୁ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିବା ଉଚିତ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଜାପଲସ୍କି ନିଜ ଅଭିଜ୍ଞତାର ଉଦାହରଣ ଦେଇ କହିଲେ, ଯୁବପିଢ଼ି ନିଜ ପ୍ରତିଷ୍ଠା କିମ୍ବା ଦରମା ପଛରେ ନ ପଡ଼ି ଅନ୍ତରର କଥା ଶୁଣିବା ଉଚିତ। ଯାହା ତୁମକୁ ଖୁସି କରିପାରିବ ତାହା କରିବାକୁ ସେ ପରାମର୍ଶ ଦେଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଡାଭିଡଙ୍କୁ 'କିଟ୍ ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରିଥିଲେ।




କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆମାଜନର ଚିଫ୍ ଗ୍ଲୋବାଲ ଆଫେୟାର୍ସ ଓ ଆଇନ ଅଧିକାରୀ ଡାଭିଡ୍ ଏ ଜାପଲସ୍କିଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

# ରାଜ୍ୟ ଅଭିଲେଖାଗାରରେ ଅଭିଲେଖ ସପ୍ତାହ ଉତ୍ସବ

ଭୁବନେଶ୍ୱର,୨୧।୨ (ସୌମ୍ୟରଞ୍ଜନ ରାଉତ)

## ପୁରାତନ ମାନଚିତ୍ରର ଅଭିଲେଖ ପ୍ରଦର୍ଶନୀ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଅଭିଲେଖାଗାର ପକ୍ଷରୁ ଶନିବାର ଅଭିଲେଖ ସପ୍ତାହ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଅଭିଲେଖାଗାରଠାରେ ପୁରାତନ ମାନଚିତ୍ରର ଅଭିଲେଖ ପ୍ରଦର୍ଶନୀ ହୋଇଛି। ଏହା ସମସ୍ତ ଗବେଷକ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ସମସ୍ତ ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହିବ। ଏହି ଅବସରରେ 'ଇତିହାସ ପୁନଃ ନିର୍ମାଣରେ ଅଭିଲେଖ ଉତ୍ସବର ଗୁରୁତ୍ୱ' ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଅତିଥି ଭାବେ ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତି ବିଭାଗର ଅନୁ ଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବ ଓ ପ୍ରଦର୍ଶନୀ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।



ଓଡ଼ିଶା ରାଜ୍ୟ ଅଭିଲେଖାଗାରଠାରେ ଅଭିଲେଖ ସପ୍ତାହ ଉତ୍ସବରେ ଅତିଥିମାନେ।

# ଓଡ଼ିଶା ହେବ ସମ୍ପୂର୍ଣ୍ଣ ଡିଜିଟାଲ ସାକ୍ଷର

## ଓକେସିଏଲ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୧।୨
(ଅନୁରାଧା ମହାରଣା)

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଅଧୀନ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ)ର ବାର୍ଷିକ ଉତ୍ସବ ଶନିବାର ଭୁବନେଶ୍ୱରର ରେଳ ଅଡିଟୋରିଅମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ କାର୍ଯ୍ୟ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ଓଡ଼ିଶାକୁ ସମ୍ପୂର୍ଣ୍ଣ ଡିଜିଟାଲ ସାକ୍ଷର ରାଜ୍ୟରେ ପରିଣତ କରିବା ପାଇଁ ସେ ତାଙ୍କର ଦୃଷ୍ଟିକୋଣ ଓ ରୋଡ୍‌ମ୍ୟାପ ଉପସ୍ଥାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଓକେସିଏଲ ଦୁଇଟି ପ୍ରୋଗ୍ରାମ ଓଏସ୍–ଏସିଆଇଟି ଓ ଇଣ୍ଟର୍ନଶିପ୍ ପୋର୍ଟାଲକୁ ଉଦ୍‌ଘାଟନ କରିଥିଲେ।

ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ରାଉତ ଯୋଗଦେଇ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଏକ ହଜାରରୁ ଅଧିକ ନିର୍ଦ୍ଦେଶକ ଓ କେନ୍ଦ୍ର ମୁଖ୍ୟମାନଙ୍କୁ ସମ୍ବୋଧିତ କରିଥିଲେ। କାର୍ଯ୍ୟକ୍ରମରେ ଭୋପାଳ, ମଧ୍ୟପ୍ରଦେଶସ୍ଥିତ ନାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଟିଚର୍ସ ଟ୍ରେନିଂ ଆଣ୍ଡ୍ ରିସର୍ଚ୍ଚର ଡ. ସୁମନ ପଟ୍ଟନାୟକ ଉପସ୍ଥିତ ଥିଲେ। ଓକେସିଏଲ୍‌ର ପ୍ରବନ୍ଧନ ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ଯୋଗଦେଇ କହିଲେ, ରାଜ୍ୟରେ ଥିବା ୮୫୦ରୁ ଅଧିକ ଅନୁମୋଦିତ ଶିକ୍ଷାକେନ୍ଦ୍ରଗୁଡିକର ନିଷ୍ଠାପୂର୍ଣ୍ଣ ପ୍ରୟାସ ହିଁ ଓକେସିଏଲ ସଫଳତାର ମୂଳ ଆଧାର। ଓଡ଼ିଶାର ପ୍ରତ୍ୟେକ ଘରେ ଡିଜିଟାଲ ସାକ୍ଷରତା ପହଞ୍ଚାଇବା ଓକେସିଏଲର ଲକ୍ଷ୍ୟ। ୨୦୩୦ ସୁଦ୍ଧା ଓକେସିଏଲ୍ ଗ୍ରାମ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ୨,୫୦୦ରୁ ଅଧିକ କେନ୍ଦ୍ର ସ୍ଥାପନା କରିବା ଏବଂ ପ୍ରତିବର୍ଷ ୫ ଲକ୍ଷରୁ ଅଧିକ ଶିକ୍ଷାର୍ଥୀଙ୍କୁ କୃତ୍ରିମ ବୁଦ୍ଧିମତ୍ତା ସହ ଡିଜିଟାଲ ସାକ୍ଷରତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଥିଲେ। ଏହି ଅବସରରେ ୨୦୨୫ ବର୍ଷରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଓକେସିଏଲର ଉଚ୍ଚ କାର୍ଯ୍ୟଦକ୍ଷ ଜିଲା ଲିଡ୍ କୋଅର୍ଡିନେଟର ଏବଂ ଅନୁମୋଦିତ ଲର୍ନିଂ ସେଣ୍ଟରଗୁଡ଼ିକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମହାରାଷ୍ଟ୍ର ନଲେଜ କର୍ପୋରେଶନ ଲିମିଟେଡର ନେଟ୍‌ୱର୍କ ହେଡ୍ ଅତୁଲ ପାଟୋଡି ମଧ୍ୟ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ
ମୁକେଶ ମହାଲିଙ୍ଗ ଉଦ୍‌ବୋଧନ ଦେଉଛନ୍ତି।

# ଭୁବନେଶ୍ୱର ସ୍ୱତନ୍ତ୍ର ଜିଲା ଘୋଷଣା ନ ହେବା ଯାଏ ବିକ୍ଷୋଭ, ଦସ୍ତଖତ ଚାଲିବ

## ଦସ୍ତଖତ ଦେଲେ ଓକିଲ, ବିକ୍ଷୋଭରେ ସାମିଲ ହେଲେ ଜନତା

ଭୁବନେଶ୍ୱର,୨୧।୨ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା ଘୋଷଣା ଦାବି ତେଜିବାରେ ଲାଗିଛି। ବିଭିନ୍ନ ଅନୁଷ୍ଠାନ ସମୂହର ମିଳିତ ମଞ୍ଚ ଓ ଏହାର ଶାଖା ଭୁବନେଶ୍ୱର ଜିଲା ଅଭିଯାନ ପକ୍ଷରୁ ଚାଲିଥିବା ଆନ୍ଦୋଳନରେ ସାଧାରଣ ଜନତା ସାମିଲ ହୋଇଛନ୍ତି। ଶନିବାର ଭୁବନେଶ୍ୱର କୋର୍ଟରେ ଦସ୍ତଖତ ସଂଗ୍ରହ କରାଯିବା ସହ ପୁରୁଣା ବିଏମ୍‌ସି କାର୍ଯ୍ୟାଳୟଠାରେ ବିକ୍ଷୋଭ କରାଯାଇଥିଲା। ଅଭିଯାନର ମୁଖ୍ୟ ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଦସ୍ତଖତ ସଂଗ୍ରହରେ ଭୁବନେଶ୍ୱର ଓକିଲ ସଂଘ ସଭାପତି ଅଶୋକ କୁମାର ପାତ୍ର, ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ଆଇନଜୀବୀ ସନ୍ତୋଷ ଚୌଧୁରୀଙ୍କ ସମେତ ଶତାଧିକ ବ୍ୟକ୍ତିବିଶେଷ ସାମିଲ ହୋଇ ଦସ୍ତଖତ ଦେଇଥିଲେ। ସେହିପରି ରାଜ୍ୟ ଷ୍ଟାମ୍ପ୍ ଭେଣ୍ଡର ମହାସଂଘ ସମ୍ପାଦକ ରାମକୃଷ୍ଣ ପରିଡ଼ା, ଅକ୍ଷୟ କୁମାର ଦାସ, ସରୋଜ କୁମାର ସାହୁ, ସୁମନ ରାଉତରାୟ, ବେଣୁଧର ସେନାପତିଙ୍କ ସମେତ ବହୁ ସାଧାରଣ ଜନତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଞ୍ଚ ପକ୍ଷରୁ ଭୁବନେଶ୍ୱରର ପ୍ରାୟ ସବୁ ପୂଜା କମିଟିର ମୁଖ୍ୟ, ଭୁବନେଶ୍ୱର ବାଲିଯାତ୍ରା, ଭୁବନେଶ୍ୱର ଉପକଣ୍ଠର ଗ୍ରାମବାସୀ, ବାଲିପାଟଣା, ବାଲିଅନ୍ତା, ନଖରା ଆଦି ଅଞ୍ଚଳରୁ ୨୦ହଜାର ମୁରବିଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିବା ସୂଚନା ଦିଆଯାଇଛି। ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା ଘୋଷଣା ନ ହେବା ପର୍ଯ୍ୟନ୍ତ ବିକ୍ଷୋଭ ଓ ଦସ୍ତଖତ ସଂଗ୍ରହ ଅଭିଯାନ ଚାଲୁ ରହିବ ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି। ଲିଙ୍ଗରାଜ କହିଛନ୍ତି, ବର୍ତ୍ତମାନ ରାଜଧାନୀର ଜନସଂଖ୍ୟା ଯଥେଷ୍ଟ ବଢ଼ିଗଲାଣି। ୧୯୯୨ରେ ଭୁବନେଶ୍ୱରର ଜନସଂଖ୍ୟା ୧୧ଲକ୍ଷ ଥିବାବେଳେ ଏବେ ଏହା ବଢ଼ି ୨୩ଲକ୍ଷରେ ପହଞ୍ଚିଲାଣି। ଭୁବନେଶ୍ୱରକୁ ଜିଲା ଭାବେ ଗଠନ ପାଇଁ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତି ପ୍ରସ୍ତାବ ରଖି ଏଠାରେ ବିଭିନ୍ନ କାର୍ଯ୍ୟାଳୟ ସ୍ଥାପନ କରିଥିଲେ। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀ ମଧ୍ୟ ଜିଲା ମାନ୍ୟତା ଦେବା ପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏବେ ରାଜ୍ୟ ସରକାର ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା କରିବାକୁ ପ୍ରସ୍ତାବ ରଖିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି।




ପୁରୁଣା ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ୪ ପାୱାରଟିଲର, ୨ ବାଇକ୍ ଜବତ

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଲଘୁଖଣିଜ ଦ୍ରବ୍ୟ ଚୋରାଚାଲାଣ ବଢ଼ିଚାଲିଛି। ମାଫିଆମାନେ ଶ୍ରୀମନ୍ଦିର ଜମି ଏବଂ ସରକାରୀ ଜମିରୁ ବେଆଇନଭାବେ ମୋରମ ଏବଂ ମାଙ୍କଡ଼ା ପଥର ଚାଲାଣ କରୁଛନ୍ତି। ଶୁକ୍ରବାର ରାତିରେ ଖୋର୍ଦ୍ଧା ଅତିରିକ୍ତ ତହସିଲଦାର ଡି.ଗୋପାଳ ରେଡ୍ଡୀଙ୍କ ନେତୃତ୍ୱରେ ଏକ ଟିମ୍ ମଲ୍ଲୀପଡ଼ା ଅଞ୍ଚଳର ଏକ ଖଣିରେ ଚଢ଼ାଉ କରି ଘଟଣାସ୍ଥଳରୁ ୪ ପାୱାରଟିଲର ଏବଂ ୨ ବାଇକ୍ ଜବତ କରି ଜଙ୍କିଆ ଥାନାକୁ ହସ୍ତାନ୍ତର କରଛନ୍ତି। ଏହି ଅଞ୍ଚଳରେ ଦିବାରାତ୍ର ଚୋରା ଚାଲାଣ ଚାଲିଥିବା ନେଇ ଅଭିଯୋଗ ହୋଇଥିଲା। କୌଣସି ସୂତ୍ରରୁ ଖବରପାଇ ଅତିରିକ୍ତ ତହସିଲଦାର ରେଡ୍ଡୀଙ୍କ ନେତୃତ୍ୱରେ ଆର୍ଆଇ ଦୁଃଖିଶ୍ୟାମ ସ୍ୱାଇଁ ଏବଂ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଏହି ସମୟରେ ମାଫିଆ ଏବଂ କର୍ମଚାରୀମାନେ ବ୍ୟବହୃତ ପାୱାର ଟିଲର ଏବଂ ବାଇକ୍ ଛାଡି ଫେରାର ହୋଇଯାଇଥିଲେ।

# 'ମାତୃଭାଷା ବିନା ଜାତିର ବିକାଶ ଅସମ୍ଭବ'

ଖୋର୍ଦ୍ଧା/ଜଟଣୀ,୨୧।୨
(ପ୍ରଭାତ ପାଣିଗ୍ରାହୀ/ରବୀନ୍ଦ୍ରନାଥ ମହାକୁଡ଼)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଶାଖା ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବଡ଼ତୋଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଶାଖା ସଭାପତି ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କୋଷାଧ୍ୟକ୍ଷ ବିମଳ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍କଳ ପ୍ରଦେଶ ଗଠନ ଏବଂ ମାତୃଭାଷା ସୁରକ୍ଷା ଦିଗରେ ଉତ୍କଳ ସମ୍ମିଳନୀର ଭୂମିକା ସମ୍ପର୍କରେ କହିଥିଲେ। ସମ୍ମାନିତ ବକ୍ତା ପୂର୍ବତନ ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ଦାଶ ମାତୃଭାଷା ଦିବସ ପାଳନ ଆଭିମୁଖ୍ୟ, ଓଡ଼ିଆ ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି କହିଥିଲେ ଯେ, ଶିଶୁ ଘରେ ଯେଉଁ ଭାଷାରେ କଥା ହୋଇଥାଏ, ଜେଜେ ମାଆଙ୍କ ଠାରୁ ଗପ ଶୁଣେ ତାହା ତାହାର ମନୋବଳକୁ ଦୃଢ଼ କରିଥାଏ। ବିଦ୍ୟାଳୟରେ ପାଠପଢ଼ା ଅନ୍ୟ ଭାଷାରେ କରାଗଲେ, ସେ ଦ୍ୱନ୍ଦ୍ୱରେ ପଡ଼ିବା ସହ ଆତ୍ମବିଶ୍ୱାସ ହରାଇଥାଏ। ତେଣୁ ପ୍ରାଥମିକ ଶିକ୍ଷା ମାତୃଭାଷାରେ କରାଗଲେ ଶିଶୁ ମାନସିକ, ସାମାଜିକ ବିକାଶ ଘଟିଥାଏ। ନେତୃତ୍ୱ, ଦାୟିତ୍ୱ ପ୍ରତି ଆଗ୍ରହ ଦେଖାଇଥାଏ। ବିକଶିତ ରାଷ୍ଟ୍ରମାନେ ମାତୃଭାଷାକୁ ପାଥେୟ କରି ସଫଳତାରେ ଶୀର୍ଷରେ ପହଞ୍ଚିପାରିଛନ୍ତି। ପ୍ରସନ୍ନ ମିଶ୍ର, କିଶୋର ଚନ୍ଦ୍ର ପାଇକରାୟ, ଅର୍ଜ୍ଜୁନ ବାରିକ, ପ୍ରକାଶ ଚନ୍ଦ୍ର ବାରିକ, ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ପିଲାମାନଙ୍କୁ ମଧୁବାବୁଙ୍କ ରଚିତ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ମିତା ବଲିୟାରସିଂ ସଂଯୋଜନା କରିଥିଲେ।

# ପୂର୍ବଶତ୍ରୁତାରୁ ୱାର୍ଡମେମ୍ବରଙ୍କୁ ମରଣାନ୍ତକ ଆକ୍ରମଣ

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ସଦର ଥାନା ଅଧୀନ ବ୍ରହ୍ମପୁରା ଗ୍ରାମରେ ଶନିବାର ଜଣେ ୱାର୍ଡମେମ୍ବରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ନବ ଜେନା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନବଙ୍କୁ ଆକ୍ରମଣ କରାଯାଇଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ସୂଚନା ମୁତାବକ, ଖୋର୍ଦ୍ଧା ବ୍ଲକ କୁରାଡ଼ମଲ୍ଲ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମର ୱାର୍ଡମେମ୍ବର ନବ ଜେନାଙ୍କ ସହ ଗ୍ରାମର ଜଣେ ଯୁବକଙ୍କ ସହ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକ ଜଣଙ୍କ ଏକ ମଦ ବୋତଲରେ ତାଙ୍କୁ ଆକ୍ରମଣ କରିଥିବା ପୋଲିସ ସୂତ୍ରରୁ ଜଣାଯାଇଛି। ଆକ୍ରମଣରେ ନବ ଗୁରୁତର ହେବା ସହ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ସ୍କୁଟି ଡିକି ଭାଙ୍ଗି ୪୦ ହଜାର ଟଙ୍କା ନେଇଗଲେ

## ସିସିଟିଭିରେ ଲୁଟ୍ ବେଳର ଦୃଶ୍ୟ କଏଦ



ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ଲୁଟେରାଙ୍କ ପାର୍ଦ୍ଦୁଭାବ ବଢ଼ିଚାଲିଛି। ଆଦର୍ଶ ଥାନା ଅନ୍ତର୍ଗତ ଷ୍ଟେଟ ବ୍ୟାଙ୍କ ପରିସରରେ ଥିବା ଏକ ସ୍କୁଟିର ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୪୦ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଲୁଟ୍ ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଅଭିଯୋଗ ମୁତାବକ, ମୁକୁନ୍ଦପ୍ରସାଦ ଅଞ୍ଚଳର ମହମ୍ମଦ ଅସରଫ୍ ଷ୍ଟେଟ ବ୍ୟାଙ୍କରୁ ୪୦ହଜାର ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ପୁନର୍ବାର କୌଣସି କାମରେ ବ୍ୟାଙ୍କ ଯାଇଥିଲେ। ଆସିକି ଦେଖିଲା ବେଳକୁ ତାଙ୍କ ସ୍କୁଟି ଡିକି ଭଙ୍ଗାଯାଇଥିବା ସହ ଟଙ୍କା ଲୁଟ୍ ହୋଇଯାଇଛି। ଏନେଇ ଅସରଫ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିଥିଲେ। ତିନିଜଣ ଲୁଟେରା ଉକ୍ତ ସ୍କୁଟିର ଡିକି ଭାଙ୍ଗି ଟଙ୍କା ନେଇ ପଳାଇଥିବା ସିସିଟିଭିରେ କଏଦ ହୋଇଛି। ତେବେ ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ଭାଷା ସଂସ୍କୃତି, ପରମ୍ପରାର ଆଧାର ସ୍ତମ୍ଭ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧା ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ସଭାଗୃହଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଭୂପ୍ରସାଦ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ, ପିଲାମାନେ ମାତୃଭାଷା ଦିବସ ସମ୍ପର୍କରେ କହିଥିଲେ। ପ୍ରଧାନଶିକ୍ଷକ ସେନାପତି ମାତୃଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିଶୁଟିଏ ଭୂମିଷ୍ଠ ହେବା ପରେ ପ୍ରଥମେ ମା'ର ସଂସ୍ପର୍ଶରେ ଆସିଥାଏ।

ମାଆ ଠାରୁ ଯେଉଁ ଭାଷା ଶୁଣେ ତାହାକୁ ସେ କହିଥାଏ। ମା' ଓ ମାତୃଭାଷା ସର୍ବଦା ବନ୍ଦନୀୟା। ଭାଷା ସମ୍ପର୍କକୁ ଯୋଡ଼େ ଏବଂ ନିବିଡ଼ତା ଆଣିଥାଏ। ଏହା ସଂସ୍କୃତି, ପରମ୍ପରାର ଆଧାର ସ୍ତମ୍ଭ। ଓଡ଼ିଆ ଭାଷାର ଐତିହ୍ୟ, ସାହିତ୍ୟ ସମ୍ପଦକୁ ସୁରକ୍ଷିତ ରଖିବା ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଓଡ଼ିଆ ଭାଷାରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଭୂ ପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ନାସ, ଜଗନ୍ନାଥ ରାଉତ, ଦେବାଶିଷ ପାଇକରାୟ, ରାହୁଲ ମହାରଣା, ଶିକ୍ଷୟିତ୍ରୀ ସବୁଜିମା ସାହୁ ପ୍ରମୁଖ ଆଲୋଚନାରେ ଅଂଶ୍ରଗହଣ କରିଥିଲେ।

# ଆଇନ ମନ୍ତ୍ରୀଙ୍କ ପୈତୃକ ବାସଭବନରୁ ଚୋରି

ବାଣପୁର,୨୧।୨(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ ଅଧୀନ ଗୋଡ଼ିଝର ଗ୍ରାମରେ ଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପୈତୃକ ବାସଭବନରୁ ଗତ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୁଇଟି ସୁନାଚେନ୍ ଏବଂ ୫ହଜାର ଟଙ୍କା ନେଇଯାଇଛନ୍ତି। ଏନେଇ ମନ୍ତ୍ରୀ ହରିଚନ୍ଦନଙ୍କ ବଡ଼ବାପାଙ୍କ ପୁଅ ତଥା ଖୋର୍ଦ୍ଧା ଜିଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଶୁକ୍ରବାର ପୋଲିସ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରିଛି।

ଅଭିଯୋଗ ମୁତାବକ, ଦୁଷ୍ମନ୍ତ ଗତ ଗୁରୁବାର ରାଜନୈତିକ କାମରେ ବାହାରକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଘରେ ଏକୁଟିଆ ଥିଲେ। ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ଔଷଧ ଖାଇବା ପରେ ଶୋଇପଡ଼ିଥିଲେ। ଏଥିସହ ଉକ୍ତଦିନ ଏକ ବାହାଘରରେ ପ୍ରାୟ ଗ୍ରାମବାସୀ ବରଯାତ୍ରୀ ଯାଇଥିଲେ। ଏହି ସୁଯୋଗରେ ଦୁଇଜଣ ଯୁବକ ଘରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରି ଦୁଷ୍ମନ୍ତଙ୍କ ସ୍ତ୍ରୀଙ୍କୁ ଛୁରି ଦେଖାଇ ଭୟଭୀତ କରାଇବା ସହ ସେ ପିନ୍ଧିଥିବା ଦୁଇଟି ସୁନାଚେନ୍ ଏବଂ ଭ୍ୟାନିଟିରେ ଥିବା ୫ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ସମ୍ପୃକ୍ତ ଯୁବକଦ୍ୱୟଙ୍କ ସନ୍ଧାନ ପାଇପାରି ନ ଥିବା ଜଣାପଡ଼ିଛି। ଏନେଇ ନାରୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ପ୍ରକାଶ ଯେ, ୫ମାସ ପୂର୍ବେ ମଧ୍ୟ ଦୁଇଜଣ ଯୁବକ ଖଣ୍ଡା ଏବଂ ଭୁଜାଲି ଧରି ତାଙ୍କ ଘରେ ପଶିଥିବା ଦୁଷ୍ମନ୍ତ ଥାନାରେ ଅଭିଯୋଗ କରିଥିଲେ।

# ଭାଷା ହେଉଛି ଆମ ପରିଚୟ



ବେଗୁନିଆ,୨୧।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ସ୍ଥିତ ଆଦର୍ଶ କ୍ଲବ ପରିସରରେ ଶନିବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଛତ୍ରପୁର ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା ଯୋଗଦେଇଥିଲେ। ବାଣିଶ୍ରୀ କଳା ନିକେତନ ଆନୁକୂଲ୍ୟରେ ଆୟୋଜିତ ସଭାରେ ଉପଦେଷ୍ଟା ଭାଗବତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବସନ୍ତ ଦାସ ମଙ୍ଗଳା ଚରଣ ପାଠ କରିବା ପରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମାତୃଭାଷା ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସଙ୍ଗୀତ ଗାନ କରିଥିଲେ। ସଂସ୍କୃତି ଗବେଷକ ତଥା ଡା.ଅମରେନ୍ଦ୍ର ନାଥ ମହାପାତ୍ର ବକ୍ତା ଏବଂ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସମସ୍ତ ପ୍ରକାର ଭାଷା ମଧ୍ୟରେ ମାତୃଭାଷା ହେଉଛି ବିଶ୍ୱ ବିଦିତ। ଏକତା ଓ ଉଦ୍ୟମ ବଳରେ ମାତୃଭାଷାକୁ ସୁରକ୍ଷା ଦେବା ପାଇଁ ସଭିଏଁ ସଙ୍କଳ୍ପ କରିଥିଲେ। ମାତୃଭାଷା କେବଳ ଯେ ଏକ ଭାଷା ତାହା ନୁହେଁ, ଏହା ଦ୍ୱାରା ଏକ ଜାତି ପରିଚୟ ପାଏ ବୋଲି ମତପ୍ରକାଶ ପାଇଥିଲା। ଏଥିରେ କୈଳାସ ନାଥ ପଟ୍ଟନାୟକ, କୈଳାସ ନାଥ ସାହୁ, ବିଜୟ ମହାନ୍ତି, ସରୋଜ ମହାପାତ୍ର, କାଳୁଚରଣ ନାୟକ, ସବିତା ରାୟ, କୃଷ୍ଣଚନ୍ଦ୍ର ବଳବନ୍ତରାୟ, ଲାବଣ୍ୟ ସାହୁ, ପ୍ରଣତି ଦାସ, ପ୍ରଶାନ୍ତ ବାରିକ, ସୁରେନ୍ଦ୍ର ପାଲଟାସିଂହ, ଶରତ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। କବୟିତ୍ରୀ ମାନସୀ ଦାସ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ କ୍ଲବର ଉପସଭାପତି ମହେଫୁଜ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।

# 'ବହୁଳ ବ୍ୟବହାର ଦ୍ୱାରା ମାତୃଭାଷା ବଞ୍ଚି ରହିବ'

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

ବିଶ୍ୱ ମାତୃଭାଷା ଦିବସ ଅବସରରେ ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧା ପକ୍ଷରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳ ୮ଟାରେ ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଓଡ଼ିଆଙ୍କ ଭାଷା ବାପା, ବୋଉ, ମାମୁ, ମାଇଁ, ମଉସା, ମାଉସୀ, ପିଇସା, ପିଇସୀ ଆଦିକୁ ଆଧୁନିକତାର ଛାପରେ ଯୁବପିଢ଼ି ଭୁଲିଯିବାକୁ ବସିଲେଣି ବୋଲି ମଞ୍ଚ ଉପଦେଷ୍ଟା ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ପାତ୍ର କହିଛନ୍ତି । ସାମାଜିକ ଉତ୍ସବରେ ନିମନ୍ତ୍ରଣପତ୍ର ଓଡ଼ିଆରେ ଲେଖିବାକୁ ଡ. ପ୍ରମୋଦ ଚନ୍ଦ୍ର ଦାଶ ନିବେଦନ କରିଥିଲେ। ଓଡ଼ିଶା ପ୍ରଥମ ଭାଷା ଭିତିକ ରାଜ୍ୟ। ଏଥିନିମନ୍ତେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ବହୁ ରାଜା, ମହାରାଜା, ପ୍ରଜା, ମହାପୁରୁଷ, ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି। ଏହାକୁ ମନେପକାଇବା ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ହେବ। ଖୋର୍ଦ୍ଧା କଚେରି ସମ୍ମୁଖରେ ସ୍ଥାପିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ନିମ୍ନ ଅଦାଲତରେ ଓଡ଼ିଆରେ ଦସ୍ତାବିଜ୍ ଲେଖା ନ ହେବା 'ଓଡ଼ିଆ ଅସ୍ମିତା' ନାରା ପ୍ରତି ପ୍ରବଂଚନା ବୋଲି ସମ୍ପାଦକ ରାମଶଙ୍କର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଓ ବିପ୍ରଚରଣ ବେହେରା, ନବ କିଶୋର ମହାପାତ୍ର, ସତ୍ୟବ୍ରତ ଦାସ, ବାଇଧର ମିଶ୍ର, ଶରତ ସାହୁ, ବିପିନ ବିହାରୀ ମିଶ୍ର, ଗଗନ ବିହାରୀ ପାଣିଗ୍ରାହୀ, ବିପିନ ବିହାରୀ ସାମନ୍ତରାୟ, ମାୟାଧର ପ୍ରଧାନ, ପ୍ରଫୁଲ୍ଲ ସାହୁ, ଯୁଗଳ କିଶୋର ବେହେରା, ରତ୍ନାକର ରଣସିଂହ ପ୍ରମୁଖ ପରିଚାଳନା କରିଥିଲେ।



ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# କମ୍ପାନୀ ମେସ୍‌ରେ ଛୁରି ଭୁସି ଶ୍ରମିକଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

ବାଘମାରୀ,୨୧।୨(ମିହିର ରଞ୍ଜନ ମହାପାତ୍ର)


ଅଭିଯୁକ୍ତ ସୁନୀଲ ମିଶ୍ରା।

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ସାରୁଅ ଶିଳ୍ପାଞ୍ଚଳରେ ଥିବା ନ୍ୟୁ ଲକ୍ଷ୍ମୀ ଷ୍ଟିଲ୍ କମ୍ପାନୀ ମେସ୍‌ରେ ଶ୍ରମିକ ଭଦ୍ରକ ଅଞ୍ଚଳର ମନୋଜ ତରାଇଙ୍କୁ ଛୁରି ଭୁସି ହତ୍ୟା କରାଯାଇଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୫୨/୨୬) ରୁଜୁ କରି ତଦନ୍ତ ଚଳାଇବା ସହ ଅଭିଯୁକ୍ତ ବିହାରୀ ଶ୍ରମିକ ସୁନୀଲ ମିଶ୍ରାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, କମ୍ପାନୀ ପରିସରରେ ଥିବା ଏକ ମେସ୍‌ରେ ମନୋଜ, ସୁନୀଲଙ୍କ ସହ ଅନ୍ୟମାନେ ରୁହନ୍ତି। ଗତ ଶୁକ୍ରବାର ମଧ୍ୟାହ୍ନ ୧୨ଟା ୩୦ରେ କୌଣସି କାରଣକୁ ନେଇ ମନୋଜ ଏବଂ ସୁନୀଲଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁନୀଲ ଏକ ଛୁରିରେ ମନୋଜଙ୍କ ପେଟକୁ ଭୁସି ଦେଇଥିଲେ। ମନୋଜଙ୍କ ଚିତ୍କାର ଶୁଣି ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମନୋଜଙ୍କୁ କମ୍ପାନୀ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ସମେତ ଆଡିସିନାଲ ଏସ୍‌ପି ଶ୍ରୀନିବାସ ମହାନ୍ତି, ଡିଏସ୍‌ପି ଅନିଲ କୁମାର ମହାନ୍ତି ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ।

# ଶ୍ରୀମଦ୍ ଭଗବତ୍ ଗୀତା ବିଦ୍ୟାଳୟର ବାର୍ଷିକୋତ୍ସବ



ଛାତ୍ରୀଛାତ୍ରଙ୍କୁ ଗୀତା ବହି ବଣ୍ଟନ କରାଯାଉଛି।

ଟାଙ୍ଗୀ,୨୧।୨(ରଘୁନାଥ ସାହୁ)

ଶ୍ରୀମଦ୍ ଭଗବତ ଗୀତା ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ଟାଙ୍ଗୀ ବ୍ଲକ ମୁକ୍ତେଶ୍ୱର ଦେବ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ବ୍ଲକ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଗୀତା ବିଦ୍ୟାଳୟର ପ୍ରତିଷ୍ଠାତା ଗଦାଧର ମହାରଣା ମୁଖ୍ୟ ବକ୍ତା,ବରିଷ୍ଠ ନାଗରିକ ଘନଶ୍ୟାମ ମହାନ୍ତି, ସମ୍ପାଦିକା ପ୍ରତିଭା ରଥ, ପ୍ରତିମା ରାଉତ, ଆଶାଲତା ଦେଇ, ଶିକ୍ଷକ ନେତା ସଲିଳ କୁମାର ସ୍ୱାଇଁ, ମାଧବ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ସୁଶୀଲ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବେଦପାଠ, ଅଷ୍ଟକମ, ମୋକ୍ଷଧାମ ଅଧ୍ୟାୟକୁ ସୁନିତା ଦିଦିଙ୍କ ସହିତ ଛାତ୍ରୀଛାତ୍ରମାନେ ପଠନ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ସଙ୍ଗଠନ ପକ୍ଷରୁ ଗୀତା ବହି ଏବଂ ଶ୍ରୀରାମ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

# ୨ କେଜିରୁ ଊର୍ଦ୍ଧ୍ୱ ସୁନାରୁପା ଅଳଙ୍କାର ଜବତ, ୪ ଗିରଫ

## ସରପାରୀ ଡକାୟତି ଘଟଣା

ନିରାକାରପୁର,୨୧।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅଧୀନ ସରପାରୀ ଗ୍ରାମ ଭଗବାନପୁର ସାହିର ପ୍ରତାପ କୁମାର ସାହୁଙ୍କ ଘରୁ ଗତ ନଭେମ୍ବର ୧୩ତାରିଖ ବିଳମ୍ବିତ ରାତିରେ ସୁନାରୁପା ଅଳଙ୍କାର ଲୁଟ୍ ହୋଇଥିଲା। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବୋଲଗଡ଼ ଥାନା ହରିପୁର ଶାସନ ଗ୍ରାମର ପଦିଆ ଓରଫ ପ୍ରଦୀପ ଜେନା(୩୧), ନୟାଗଡ଼ ଜିଲା ଫତେଗଡ଼ ଥାନା ପାଥପୁରର ଝୁଲିଆ ଓରଫ ଧନେଶ୍ୱର ଲେଙ୍କା (୩୫), ବୋଲଗଡ଼ ଥାନା ଗୋବର୍ଦ୍ଧନପୁର ଗ୍ରାମର ଗଦା ନାୟକ (୬୦) ଏବଂ ନୟାଗଡ଼ ଜିଲା ଇଟାମାଟି ଥାନା ବଡ଼ପାଣ୍ଡୁଶର ଗ୍ରାମର ବିଜୟ କୁମାର ସାହୁ। ସେମାନଙ୍କ ନିକଟରୁ ୧୭୩ ଗ୍ରାମ୍ ସୁନା ଅଳଙ୍କାର, ୨କେଜି ୨୦୦ଗ୍ରାମ ରୁପା ଅଳଙ୍କାର, ଗୋଟିଏ ଭୁଜାଲି ଏବଂ ସ୍କୁଟି (ଓଡି୦୨ବିକ୍ୟୁ ୫୭୬୨) ଜବତ ହୋଇଛି। ସୂଚନା ମୁତାବକ, ଜଙ୍କିଆ ଥାନା ପୋଲିସ ଏହି ଲୁଟ୍ ଘଟଣାରେ ପୂର୍ବରୁ ୩ଜଣଙ୍କୁ ଗିରଫ କରିବା ଏକ ବୋଲେରୋ ଜବତ କରିଥିଲା। ତେବେ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୩ଜଣଙ୍କୁ ପୋଲିସ ଖୋଜୁଥିଲା। ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଥାନାର ଅନ୍ୟ ଅଧିକାରୀଙ୍କ ସହାୟତାରେ ତନାଘନା କରି ପୋଲିସ ବୋଲଗଡ଼ ଥାନା ପାଟପୁର ଟୁଙ୍ଗୁରୀ ପାହାଡ଼ ଜଙ୍ଗଲରେ ଅନ୍ୟ ଏକ ଡକାୟତି ଯୋଜନା କରୁଥିବା ଉପରୋକ୍ତ ୪ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

ସୂଚନାଥାଉ କି, ଗତ ନଭେମ୍ବର ୧୩ତାରିଖ ରାତିରେ ୬ଜଣ ଲୁଟେରା କଳା ରଙ୍ଗର ପୋଷାକ ସହିତ ମୁଖା ପିନ୍ଧି ପ୍ରତାପଙ୍କ ଘରେ ପଶି ଖଣ୍ଡା ଭୁଜାଲି ଦେଖାଇ ଭୟଭୀତ କରାଇଥିଲେ। ଏହାପରେ ଲୁଟେରାମାନେ ଆଲମିରା ଭାଙ୍ଗି ମଙ୍ଗଳସୂତ୍ର, ସୁନାହାର, ସୁନାଚେନ୍, ୪ଟି ମୁଦି, ୪ଟି ହାତ ଚୁଡ଼ି ମୋଟ୍ ୮ଭରି ଏବଂ ୨୦ଭରି ରୁପା ଏବଂ ଦୁଇଟି ମୋବାଇଲ ନେଇ ପଳାଇଥିଲେ ବୋଲି ଅଭିଯୋଗହୋଇଥିଲା।ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୫୩/୨୫) ରୁଜୁ କରି ତଦନ୍ତ ଚଳାଇଥିଲା।


ଗିରଫ ୪ ଅଭିଯୁକ୍ତ ଏବଂ ଜବତ ସୁନାରୁପା ଅଳଙ୍କାର।

## ସଂକ୍ଷେପରେ

### ୨ ମନ୍ଦିରରୁ ଗହଣା, ଟଙ୍କା ଚୋରି



କଟକ ସଦର,୨୧।୨(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ୨ଟି ମନ୍ଦିରରୁ ଶୁକ୍ରବାର ରାତିରେ ଗହଣା ଓ ହୁଣ୍ଡି ବାକ୍ସରୁ ଟଙ୍କା ଚୋରି ହୋଇଯାଇଛି। ଏନେଇ ଉଭୟ ମନ୍ଦିର କମିଟି ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରଥମେ ରାସ୍ତାରେ ଓ ମନ୍ଦିର ନିକଟରେ ଲାଗିଥିବା ସିସିଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରିଛି। ସନ୍ଧାନୀ କୁକୁର ଚୋରି ସ୍ଥାନରେ ପହଞ୍ଚି ପୋଲିସକୁ ତଦନ୍ତରେ ସହଯୋଗ କରିଥିଲା। ଶ୍ରୀକୃଷ୍ଣ ବିହାର ଅଞ୍ଚଳରେ ଥିବା ରାଧାକୃଷ୍ଣ ମନ୍ଦିରରୁ ମୁକୁଟ ଓ ବଂଶୀ ଚୋରି ହୋଇଛି। ଗ୍ୟାସ କଟରରେ ଗ୍ରିଲ କାଟି ଚୋରି କରାଯାଇଛି। ସେହିପରି ବ୍ରହ୍ମପୁରସ୍ଥିତ ତାରିଣୀ ମନ୍ଦିର ଗ୍ରିଲକୁ କାଟି ରୁପା ମୁକୁଟ, ସୁନା କନା ଓ ନକଫୁଲ ଚୋରି ହୋଇଛି। ଦୁର୍ବୃତ୍ତମାନେ କମ୍ବଳ ଘୋରି ହୋଇ ଗ୍ରିଲ କରୁଥିବା ଫୁଟେଜରୁ ଦେଖାଯାଉଛି। ଗୋଟିଏ ରାତିରେ ସିରିଜ ଚୋରି ହେବା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ୩ ତାରିଖରେ ବ୍ରହ୍ମପୁରସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ଫାଟକରେ ଥିବା ନର୍ତ୍ତକୀ ମୂର୍ତ୍ତିକୁ ମଧ୍ୟ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିଲେ। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି।

### ମଓଗଜପୁର ସ୍ୱୟଂଚାଳିତ ବିଦ୍ୟୁତ୍ ସବ୍‌ଷ୍ଟେଶନରେ ଯାନ୍ତ୍ରିକ ତ୍ରୁଟି

**ଭୁବନେଶ୍ୱର ନିୟନ୍ତ୍ରଣ କକ୍ଷ ସହ ଯୋଗାଯୋଗ ବିଚ୍ଛିନ୍ନ**

କଟକ ସଦର,୨୧।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ମଓଗଜପୁରଠାରେ ୩୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନରୁ ପରମହଂସ ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଏହି ସବ୍‌ଷ୍ଟେଶନରେ ଯାନ୍ତ୍ରିକ ତ୍ରୁଟି ଅଧିକାଂଶ ସମୟରେ ପରିଲକ୍ଷିତ ହୋଇଛି। ସ୍ୱୟଂଚାଳିତ ସୁବ୍‌ଷ୍ଟେଶନର ଅଧିକାଂଶ ସମୟରେ ଭୁବନେଶ୍ୱରସ୍ଥିତ ନିୟନ୍ତ୍ରଣ କକ୍ଷ ସହିତ ସମ୍ପର୍କ ବିଚ୍ଛିନ୍ନ ହୋଇଯାଉଛି। ଫଳରେ ଲାଇନ କଟିଲେ ଆଉ ଚାର୍ଜ ହୋଇପାରୁନାହିଁ। ତେଣୁ ଉପଭୋକ୍ତାମାନଙ୍କୁ ରାତିସାରା ଅନ୍ଧାରରେ ରହିବାକୁ ପଡୁଛି। ସିଆର୍‌ଆର୍‌ଆଇ ବିଦ୍ୟୁତ୍ ନିୟନ୍ତ୍ରଣ କକ୍ଷରେ ଥିବା ଷ୍ଟାଫମାନେ ଆସି ହସ୍ତଚାଳିତ ପଦ୍ଧତିରେ ବିଦ୍ୟୁତ୍ ସଞ୍ଚାର କଲେ ଯାଇ ଲାଇଟ ଜଳୁଛି। ଏଭଳି ସ୍ଥିତିରେ ଏହି ସବ୍‌ଷ୍ଟେଶନରେ ରାତି ବେଳା ଷ୍ଟାଫ ନିୟୋଜିତ କରିବା ପାଇଁ ଟିପିସିଓଡିଏଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପାଇଁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଅନୁରୋଧ କରାଯାଇଛି। ଏବେ ରମ୍‌ଜାନ୍ ମାସ ଚାଲିଥିବାରୁ ମୁସଲିମ ସମ୍ପ୍ରଦାୟର ଲୋକମାନେ ବେଶି ହଇରାଣ ହେଉଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ଚାଲିଛି କାର୍ଯ୍ୟ

କଟକ,୨୧।୨(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ) ବିପଦସଙ୍କୁଳ ଅବସ୍ଥାରେ କାର୍ଯ୍ୟ ଚାଲିଛି। ମେଡିକାଲ ପରିସରରେ କୋଠା ଓ ପାଚେରି ନିର୍ମାଣ, ଡ୍ରେନ କାମ ସହ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଥିବାବେଳେ କୌଣସି ସତର୍କତା ଅବଲମ୍ବନ କରାଯାଉନାହିଁ। ଏପରିକି ଉକ୍ତ ସ୍ଥାନରେ ସୁରକ୍ଷାବାଡ଼ ମଧ୍ୟ ଲଗାଯାଇ ନାହିଁ କିମ୍ବା ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇନାହିଁ। ମେଡିକାଲକୁ ଶିଶୁ ରୋଗୀ ଓ ଅଭିଭାବକ ଚିକିତ୍ସା ପାଇଁ ଆସୁଥିବାବେଳେ ଏଭଳି ଖୋଲାମେଲାରେ ଏସବୁ କାର୍ଯ୍ୟ ହେବାରୁ ଶିଶୁଙ୍କ ଜୀବନ ବିପଦକୁ ମେଡିକାଲ କର୍ତ୍ତୃପକ୍ଷ ଠେଲି ଦେଉଛନ୍ତି। ସେହିପରି ଶିଶୁଭବନ ପରିସର କେବଳ ମାଟିରେ ପରିପୂର୍ଣ୍ଣ ହୋଇଯାଇଛି। ଏହାକୁ ନିୟମିତ ଭାବେ ସଫା ମଧ୍ୟ କରାଯାଉ ନାହିଁ।

ସୂଚନା ଅନୁଯାୟୀ, ଶିଶୁଭବନର ପୁରୁଣା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଥିବା ସ୍ଥାନରେ ଜିପ୍ଲସ-୫ କୋଠା ନିର୍ମାଣ କାର୍ଯ୍ୟ କିଛି ମାସ ହେବ ଆରମ୍ଭ କରାଯାଇଛି। ଏହି କୋଠା ମେଡିକାଲ ଆଟେଣ୍ଡାଣ୍ଟଙ୍କ ନିମନ୍ତେ ତିଆରି କରାଯାଉଥିବାବେଳେ ଏଥିରେ ପ୍ରାୟ ୩୦୦୦ ଆଟେଣ୍ଡାଣ୍ଟ ରହିବାର ବ୍ୟବସ୍ଥା ରହିଥିବାବେଳେ ଆରଆଣ୍ଡବି ଏହି କାର୍ଯ୍ୟ କରୁଛି। ଏହି ଜିପ୍ଲସ-୫ କୋଠା ନିର୍ମାଣ ପାଇଁ ମାଟି ଖୋଳାଯାଉଥିବାବେଳେ ଏହି ମାଟିଗୁଡ଼ିକ ଉକ୍ତ ସ୍ଥାନ ନିକଟରେ ପଡ଼ିରହିଛି। ସେହିପରି ଡ୍ରେନ କାର୍ଯ୍ୟ ଜାରି ରହିଥିବାବେଳେ ପ୍ରାୟ ଡ୍ରେନଗୁଡ଼ିକରେ ସ୍ଲାବ ପକାଯାଇନାହିଁ ଏବଂ ଡ୍ରେନ କାମ ଯୋଗୁ ଡ୍ରେନ୍‌ଗୁଡ଼ିକୁ ମଧ୍ୟ ଖୋଳାଯାଇଛି। ତେବେ ଶିଶୁଭବନର ନୂତନ କୋଠା କାର୍ଯ୍ୟକାରୀ ହେବା ପରେ ଏବେ ଧୀରେ ଧୀରେ ଅନ୍ୟାନ୍ୟ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ନିର୍ମାଣାଧୀନ ସ୍ଥାନରେ ସୁରକ୍ଷାବାଡ଼ କିମ୍ବା ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇନାହିଁ। ଏହାଦ୍ୱାରା ଶିଶୁରୋଗୀ ମେଡିକାଲକୁ ଆସୁଥିବାବେଳେ ଅଭିଭାବକମାନଙ୍କ ମନରେ ଭୟ ଉପୁଜିଛି। ଏନେଇ ମେଡିକାଲକୁ କଣାସ ଅଞ୍ଚଳରୁ ଆସିଥିବା ଶିଶୁରୋଗୀ ଅଭିଭାବକ ପୁଷ୍ପା ସ୍ୱାଇଁ ଓ ବାରିପଦା ଅଞ୍ଚଳର ରବି ମହାପାତ୍ର କହିଛନ୍ତି, ନିଜ ଅଞ୍ଚଳ ବାଦ୍ ଦେଇ କଟକ ମେଡିକାଲକୁ ଶିଶୁରୋଗୀଙ୍କୁ ଆଣୁଥିବାରୁ ମନରେ ଭୟ ଉପୁଜିଥାଏ। ଏହାସହ ଏଠାକୁ ଆସି ଏଭଳି ସ୍ଥିତି ଦେଖିବା ପରେ ଶିଶୁମାନଙ୍କୁ ଜଗିକି ରଖିବାକୁ ପଡୁଛି। ମେଡିକାଲ କର୍ତ୍ତୃପକ୍ଷ ନିର୍ମାଣାଧୀନ ସ୍ଥାନଗୁଡ଼ିକରେ ସୁରକ୍ଷାବାଡ଼ ଦେବା ବହୁ ଜରୁରୀ ରହିଛି ବୋଲି ସେମାନେ କହିଛନ୍ତି। ଅନ୍ୟପଟେ ଏଦିଗରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଶିଶୁଭବନ ପରିସରରେ ଖୋଲାମେଲାରେ ନିର୍ମାଣ କାର୍ଯ୍ୟ ଚାଲିଛି।

**କଟକ ଶିଶୁଭବନ**

- ଶିଶୁ, ଅଭିଭାବକଙ୍କ ଜୀବନକୁ ବିପଦକୁ ଠେଲି ଦେଉଛି
- ଖୋଲାମେଲାରେ ଚାଲିଛି କୋଠା, ଡ୍ରେନ୍ କାମ
- ନାହିଁ ସୁରକ୍ଷାବାଡ଼, ମୁତୟନ ନାହାନ୍ତି ସୁରକ୍ଷା କର୍ମୀ

## କାଳୀମନ୍ଦିର ଆଗରେ ଜଳିଗଲା ବୁଲେଟ

କଟକ,୨୧।୨(କାର୍ତ୍ତିକ ସାହୁ)



କଟକ ଖାନ୍‌ନଗର କାଳୀମନ୍ଦିର ସମ୍ମୁଖରେ ଶନିବାର ଥୁଆ ହୋଇଥିବା ଏକ ବୁଲେଟ ଅଚାନକ ନିଆଁ ଲାଗି ଜଳିଯାଇଛି। ମନ୍ଦିରକୁ ପୂଜାର୍ଚ୍ଚନା ଓ ଦେବୀ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁମାନେ ଚକିତ ହୋଇ ଚାହିଁ ରହିଥିବା ବେଳେ ଭୟରେ କେହି ପାଖକୁ ଯାଇ ନ ଥିଲେ। ସୂଚନାନୁସାରେ, ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଜଣେ ଶ୍ରଦ୍ଧାଳୁ ତାଙ୍କ ବୁଲେଟ ମୋଟରସାଇକେଲ ନେଇ ମା' କାଳୀଙ୍କ ଦର୍ଶନ ପାଇଁ ଆସିଥିଲେ। ସେ ବୁଲେଟ ଥୋଇ ପୂଜାର୍ଚ୍ଚନା ପାଇଁ ଯାଇଥିଲେ। ଏହି ସମୟରେ ହଠାତ କୌଣସି କାରଣରୁ ବୁଲେଟ୍‌ର ଇଞ୍ଜିନ୍ ଉପରି ଭାଗରୁ ନିଆଁ ଶିଖା ଦେଖିବାକୁ ମିଳିଲା। ଏକଥା ପ୍ରଚାରିତ ହେବା କ୍ଷଣି ତୁରନ୍ତ ଜଣେ ବ୍ୟକ୍ତି ବାଲଟିରେ ପାଣି ଆଣି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଏଥିସହ ଓଦା ଅଖାବସ୍ତା ମଧ୍ୟ ଘୋଡ଼ାଇ ଦେଇଥିଲେ। ମାତ୍ର ଅନ୍ୟମାନେ ଦେଖଣାହାରୀ ସାଜିଥିବା ବେଳେ କେହି ଭୟରେ ପାଖକୁ ଆସି ନ ଥିଲେ। ଫଳରେ ନିଆଁ ଆୟତ୍ତ ହୋଇପାରି ନ ଥିଲା। ଆଖି ପିଛୁଳାକେ ନିଆଁ ଗାଡ଼ିର ସିଟ୍ ସମେତ ଅନ୍ୟାନ୍ୟ ଅଂଶକୁ ଜାଳି ନଷ୍ଟ କରିଦେଇଥିଲା। ଗାଡ଼ିର ତେଲ ଟାଙ୍କି ଫାଟିବା ଭୟରେ ଉପସ୍ଥିତ ଲୋକମାନେ ଦୂରକୁ ପଳାଇଥିଲେ। ଖବର ପାଇ ବିଡ଼ାନାସୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ମଦର୍ସ ଗ୍ରେସ୍ ପ୍ରିସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

କଟକ,୨୧।୨(କାର୍ତ୍ତିକ ସାହୁ)

ମଦର୍ସ ଗ୍ରେସ୍ ପ୍ରିସ୍କୁଲର ବାର୍ଷିକ ଉତ୍ସବ କଳାବିକାଶ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସଏଲ୍ ଆଣ୍ଡ ୱାଟର କଞ୍ଜରଭେଶନର ବିଶେଷଜ୍ଞ ସଦସ୍ୟ ପ୍ରଫେସର ଡ. ଆଶୁତୋଷ ଦେବତା ଯୋଗଦେଇ ଆଧୁନିକ ଶିକ୍ଷାରେ ସାମଗ୍ରିକ ବିକାଶର ଗୁରୁତ୍ୱ ଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ରୋଟାରିଆନ ରମେଶ ଚନ୍ଦ୍ର ସିଂ, ପ୍ରତିଷ୍ଠାତା ସ୍ୱର୍ଣ୍ଣଲତା ଜେନା ପ୍ରମୁଖ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଦୁର୍ଗେଶ ନନ୍ଦିନୀ ଜେନା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ୨୪ରୁ ପଞ୍ଚଦିବସୀୟ ଶ୍ରୀହନୁମତ ମହୋତ୍ସବ




ଖବରଦାତା ସମ୍ମିଳନୀରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୂଚନା ଦେଉଛନ୍ତି।

କଟକ,୨୧।୨(କାର୍ତ୍ତିକ ସାହୁ)

**ଯୋଗଦେବେ ଗଜପତି ମହାରାଜା**

ଚିନ୍ମୟ ମିଶନ ଓଡ଼ିଶା ପକ୍ଷରୁ ୭୫ବର୍ଷ ପୂର୍ତ୍ତି ଅବସରରେ ପଞ୍ଚଦିବସୀୟ ଶ୍ରୀ ହନୁମତ ମହୋତ୍ସବ ଓ ଶ୍ରୀ ହନୁମାନ ଚାଳିଶା ମହାଯଜ୍ଞ ଫେବୃଆରୀ ୨୪ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏହି ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ ତଥା ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ ପରିଚାଳିତ ହେବ। ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ କଟକ ଉପର ବାଲିଯାତ୍ରା ପଡ଼ିଆରେ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। ଚିନ୍ମୟ ମିଶନ ପକ୍ଷରୁ ମହାନଦୀ ବିହାରଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ସୂଚନାନୁସାରେ, ଚିନ୍ମୟ ମିଶନର ଅନ୍ତର୍ଜାତୀୟ ପ୍ରଶାସନିକ ମୁଖ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ସଙ୍କଟମୋଚନ ଉପରେ ପ୍ରବଚନ ପ୍ରଦାନ କରିବେ। ଚିନ୍ମୟ ମିଶନ ଓଡ଼ିଶାର ଆଞ୍ଚଳିକ ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଫେବୃଆରୀ ୨୫ ତାରିଖ ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ 'ଗୀତା ପଞ୍ଚାମୃତ' ଉପରେ ଓଡ଼ିଆ ଭାଷାରେ ପ୍ରବଚନ ଦେବେ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ମାର୍ଗଦର୍ଶନରେ ପ୍ରତିଦିନ ବିଭିନ୍ନ ଧର୍ମାନୁଷ୍ଠାନର ବିଶିଷ୍ଟ ସନ୍ଥମାନେ ପ୍ରବଚନ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ବିଶାଳ କାର୍ଯ୍ୟକ୍ରମ ସକାଳ ଓ ସନ୍ଧ୍ୟା ସମୟରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ଅପରାହ୍ନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ବିକାଶ ସହ ସେମାନଙ୍କୁ ସୁନାଗରିକ କରିବା ଲକ୍ଷ୍ୟରେ ଚିନ୍ମୟ ମିଶନର ଅଭିଜ୍ଞ ଆଚାର୍ଯ୍ୟ ଓ ବିଶିଷ୍ଟ ବକ୍ତାମାନେ ପ୍ରଶିକ୍ଷଣ ଦେବେ। ଖବରଦାତା ସମ୍ମିଳନୀରେ ମହୋତ୍ସବ ଅଧ୍ୟକ୍ଷ ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀଙ୍କ ସମେତ ଡ. କିଶନଲାଲ ଅଗ୍ରୱାଲ, ଡା. ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ଦ୍ୱିବେଦୀ, ନୀହାର ରଞ୍ଜନ ରାୟ ଉପସ୍ଥିତ ଥିଲେ। ମହୋତ୍ସବର ସମ୍ପାଦକ ସଂଗ୍ରାମ କେଶରୀ କରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଚୌଦ୍ୱାର,୨୧।୨(ଆଶୁତୋଷ ଦାସ)

ଚୌଦ୍ୱାର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଆନୁକୂଲ୍ୟ ତଥା ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମାତୃଭାଷା ଦିବସ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ପ୍ରଫୁଲ୍ଲ କୁମାର ସାହୁ, ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ବନୀତା ସ୍ୱାଇଁ, ସଂଘମିତ୍ରା ଦାସ, ରିଙ୍କୁ କିଷାନ ପ୍ରମୁଖ ଉଦ୍‌ବୋଧନ ଦେଇ ଭାଷା ହେଉଛି ଜାତିର ପରିଚୟ ଓ ଏକତା ରକ୍ଷାର ଏକମାତ୍ର ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗର ଯୁକ୍ତ ୩ର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଡ. ଦୀପକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ତମ୍ଭକାର ଦିବ୍ୟଜ୍ୟୋତି ପାଣି ଅତିଥି ଭାବେ ଯୋଗଦେଇ ଭାଷା ବଞ୍ଚିଲେ ଜାତି ବଞ୍ଚିବ ବୋଲି କହିଥିଲେ। ପରିଚାଳନା କମିଟି ସଭାପତି ଅଧ୍ୟାପକ ହରିହର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ନାୟକ, ବିରୁପାକ୍ଷ କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସାରଦା ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଏବଂ ବରିଷ୍ଠ ଆଚାର୍ଯ୍ୟ ବାଣୀ ଭୂଷଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରତୀ ମହାପାତ୍ର, ସ୍ୱର୍ଣ୍ଣଲତା ନାୟକ, ରୀନା ପଣ୍ଡା, ମିନତୀ ରାଉତ, କବିତା ଜେନା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ପ୍ରବନ୍ଧ, ଗଳ୍ପ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଦୋଳପର୍ବ ପାଇଁ ପ୍ରସ୍ତୁତି ବୈଠକ



ଦୋଳପର୍ବ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

କଟକ ସଦର,୨୧।୨(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅଞ୍ଚଳରେ ଦୋଳପର୍ବ ଶାନ୍ତିଶୃଙ୍ଖଳା ସହ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ହେମନ୍ତ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଚତୁର୍ଦ୍ଦଶ ମଣ୍ଡଳର ସର୍ବମହନ୍ତ, ମହନ୍ତ, ଅଧିକାରୀ, ୪୮ ଓ ୨୨ ମଣ୍ଡଳର ସମସ୍ତ ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମେଳଣ ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କଟକ ସଦର ନିର୍ବାଚନମଣ୍ଡଳୀରେ ଏହି ମେଳଣ ବେଶ ଆଦୃତ ହୋଇପାରିଛି ବୋଲି ସର୍ବମହନ୍ତ ସୁରେନ୍ଦ୍ରନାଥ ପଣ୍ଡା କହିଥିଲେ। ବୈଠକରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଲୋକ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ରହିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

### ଆର୍‌ଏମ୍ ସ୍କୁଲରେ ମାତୃଭାଷା ଦିବସ ପାଳନ

କଟକ ସଦର,୨୧।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କୁଲସରିଚୂଆଁସ୍ଥିତ ଆର୍‌ଏମ୍ ସ୍କୁଲ ପ୍ରାଙ୍ଗଣରେ ଶନିବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସ୍କୁଲ ପ୍ରତିଷ୍ଠାତା ତଥା ପୂଜ୍ୟ ବିଜ୍ଞାନୀଗୁରୁ ଶ୍ରୀସନ୍ଥଙ୍କ ନିର୍ଦ୍ଦେଶରେ ଓ ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟଙ୍କ ମାର୍ଗଦର୍ଶନରେ ପିଲାମାନେ ପ୍ରାର୍ଥନା କ୍ଲାସ ପରେ ଓଡ଼ିଆ ବର୍ଣ୍ଣମାଳାଗୁଡ଼ିକ ଲେଖି ପ୍ରଦର୍ଶନ କରାଇବା ସହ ଓଡ଼ିଆ ଭାଷାର ଗୁରୁତ୍ୱ ଉପରେ ନିଜ ମତାମତ ରଖିଥିଲେ। ପରେ ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ମାତୃଭାଷାର ସୁରକ୍ଷା ଓ ଏହାର ବ୍ୟବହାରକୁ ଭୁଲି ନ ଯିବା ପାଇଁ ଜ୍ଞାନର ବାର୍ତ୍ତା ପ୍ରଦାନ କରିଥିଲେ। ଏହା ପିଲାମାନେ ଘରୁ ଅଭିଭାବକ ଓ ଅନ୍ୟମାନଙ୍କ ସହଯୋଗରେ ଆଣିଥିବା ବିଭିନ୍ନ ପ୍ରକାର ଓଡ଼ିଆ ଖାଦ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରିୟତମା ସ୍ୱାଇଁ, ଅଳିଭା ଦଳାଇ, ବର୍ଷା ମୂଳିଆ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ତୃପ୍ତିମୟୀ ନାୟକ, ସ୍ମୃତିପ୍ରଜ୍ଞା ମହାପାତ୍ର, କବିତା ନାୟକ ଓ ଶର୍ମିଷ୍ଠା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଭାକର ସ୍ୱାଇଁ ପାଇବେ 'ବିଷ୍ଣୁପ୍ରିୟା ନିରଞ୍ଜନ ମାନବରତ୍ନ' ସମ୍ମାନ

କଟକ,୨୧।୨(କାର୍ତ୍ତିକ ସାହୁ)



ପ୍ରଭାକର ସ୍ୱାଇଁ।

ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କୁ ପ୍ରଥମ ଥର 'ବିଷ୍ଣୁପ୍ରିୟା ନିରଞ୍ଜନ ମାନବରତ୍ନ' ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ଡ. ସ୍ୱାଇଁଙ୍କୁ ଏକ ଲକ୍ଷ ଟଙ୍କା ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯିବ। ବିଷ୍ଣୁପ୍ରିୟା ନିରଞ୍ଜନ ଚାରିଟେବଲ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୬ ତାରିଖ (ଗୁରୁବାର) ସନ୍ଧ୍ୟାରେ ମହାନଦୀ ବିହାରସ୍ଥିତ ମହାନଦୀ ଭବନଠାରେ ଆୟୋଜିତ ଉତ୍ସବରେ ଡ. ସ୍ୱାଇଁଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନର ସମ୍ପାଦିକା ପ୍ରଫେସର ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ ପ୍ରେସ ବିବୃତିରେ ଜଣାଇଛନ୍ତି। ଡ. ସ୍ୱାଇଁ ଏକାଧାରରେ ଜଣେ ବିଶିଷ୍ଟ ସମାଜସେବୀ, ସୁଦକ୍ଷ ସଙ୍ଗଠକ ଓ ଯଶସ୍ୱୀ ସାରସ୍ୱତ ସାଧକ। ସେ ୧୫ ଖଣ୍ଡ ଉପାଦେୟ ପୁସ୍ତକର ସ୍ରଷ୍ଟା। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର, ଝଙ୍କାର ପୁରସ୍କାର, ଗୋକର୍ଣ୍ଣିକା ସୁବର୍ଣ୍ଣ ଜୟନ୍ତୀ ପୁରସ୍କାର, ଜଗତ୍‌ସିଂହପୁର ଜିଲା କଲ୍ଲୋଳ ସମ୍ମାନ, ରାଷ୍ଟ୍ରଦୀପ ଶ୍ରେଷ୍ଠ ପୁରସ୍କାର, ଯଶୋବନ୍ତ ଦାସ ସମ୍ମାନ, ଅଚ୍ୟୁତାନନ୍ଦ ଦାସ ସମ୍ମାନ, ରାଉରକେଲା ଆଦିକବି ସାରଳା ଦାସ ପୁରସ୍କାର ପ୍ରଭୃତି ପ୍ରାୟ ୫୦ଟି ମର୍ଯ୍ୟାଦାଜନକ ପୁରସ୍କାରପ୍ରାପ୍ତ। ସେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବାୟା ଅବଧୂତ କଲେଜ, ଓଷାମଣି ହାଇସ୍କୁଲ ଓ କ୍ଷେତ୍ରବାସୀ ପାଠାଗାର ସମେତ ବହୁ ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠାତା। ସେ ଓଡ଼ିଶା ସରକାରଙ୍କ ବିଦ୍ୟୁତ୍ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ପଦବୀରୁ ଅବସର ଗ୍ରହଣ କରି ସମ୍ପ୍ରତି କଟକରେ ରହୁଛନ୍ତି। ତାଙ୍କ ଜନ୍ମ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଲଙ୍କାପଡ଼ା ଗ୍ରାମରେ।

## 'ନିଜ ଶକ୍ତି, ସାମର୍ଥ୍ୟକୁ ସମାଜର ଉନ୍ନତି ଦିଗରେ ବିନିଯୋଗ କର'

କଟକ,୨୧।୨(କୁମାରଶ୍ରୀ)




ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପନୀରେ ଉପସ୍ଥିତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପ୍ରତିଷ୍ଠାତା, ବିଧାୟକ ଏବଂ ଅନ୍ୟମାନେ।

**ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା-୨୦୨୬' ଉଦ୍‌ଯାପିତ**

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା-୨୦୨୬' ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣର ସ୍ୱପ୍ନ ଓ ସଂକଳ୍ପ ସାକାର କରିବାରେ ଛାତ୍ରୀଛାତ୍ର ଓ ଯୁବ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଜର ଶକ୍ତି, ସାମର୍ଥ୍ୟକୁ କେବଳ ନିଜ ପରିବାର ପ୍ରତିପୋଷଣ ପାଇଁ ନୁହେଁ, ସମାଜର ଉନ୍ନତି ଦିଗରେ ବିନିଯୋଗ କରିବା ଅବଶ୍ୟକତା ରହିଛି। ନୂତନ ଜ୍ଞାନ କୌଶଳ ଆଧାର କରି ବୃତ୍ତିଗତ କ୍ଷେତ୍ରରେ ଦକ୍ଷତା ହାସଲ ଲାଗି ପ୍ରତିକ୍ଷେତ୍ରରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ସିନେ ଅଭିନେତା ଅରିନ୍ଦମ୍ ରାୟ ବକ୍ତବ୍ୟରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍ ଖୋଲି ଛାତ୍ରୀଛାତ୍ରଙ୍କ କଳା ପ୍ରତିଭାର ବିକାଶ ଲାଗି ପ୍ରସ୍ତାବ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଛାତ୍ରୀଛାତ୍ରମାନେ ବିକଶିତ ଓଡ଼ିଶା ସ୍ୱପ୍ନ ସାକର ଲାଗି ଆଗେଇ ଆସିବା ଦରକାର ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପିପିଲି ବିଧାୟକ ଆଶ୍ରିତ୍ ପଟ୍ଟନାୟକ ମାତାପିତାଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ବ୍ରତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମାରୋହରେ ପୌରୋହିତ୍ୟ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଗରିମାମୟ ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପିକା ରୋଜାଲିନ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଶିବ ପ୍ରସାଦ ରଥ, ପଦ୍ମିନୀ କେୟାର ପରିଚାଳନା ନିର୍ଦ୍ଦେଶିକା ନୀଳାଞ୍ଜନା ମୁଖାର୍ଜୀ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗ ଡିନ୍, ଅଧ୍ୟାପକ, ଅଧ୍ୟାପିକା, ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

# ରାଜ୍ୟର ୧୯୧୪୫ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ

ଭୁବନେଶ୍ୱର,୨୧।୨(ସୁଚିସ୍ମିତା ସାହୁ)

ରାଜ୍ୟର ବହୁ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ କୋମଳମତି ଶିଶୁମାନେ ହଇରାଣ ହୋଇ ପାଠପଢୁଛନ୍ତି। ଶନିବାର ବିଧାନସଭାରେ ବିଭୂତି ଭୂଷଣ ବଳବନ୍ତରାୟଙ୍କ ପ୍ରଶ୍ନରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଉତ୍ତରରେ କହିଛନ୍ତି, ରାଜ୍ୟରେ ୭୪ହଜାର ୨୨୪ଟି ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ସେଥିରୁ ୧୯ହଜାର ୧୪୫ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ବଲାଙ୍ଗୀରରେ ସର୍ବାଧିକ ୧୭୦୧ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ। ସେହିପରି କଟକରେ ୧୩୧୦, ମୟୂରଭଞ୍ଜରେ ୧୨୦୨, ସୁନ୍ଦରଗଡ଼ରେ ୧୧୪୫, ଗଞ୍ଜାମରେ ୧୧୨୦, ପୁରୀରେ ୧୦୪୮, ଖୋର୍ଦ୍ଧାରେ ୯୩୪, ଯାଜପୁରରେ ୮୯୩, ବରଗଡରେ ୮୫୨ ଏବଂ କେନ୍ଦ୍ରପଡାରେ ୮୨୮ ଅଙ୍ଗନୱାଡି କେନ୍ଦ୍ରର ଘର ନ ଥିବା ମନ୍ତ୍ରୀ ଉପସ୍ଥାପିତ କରିଥିବା ତଥ୍ୟରୁ ଜଣାପଡିଛି।

# ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ପୁଣି ବନ୍ଦ

## ବୀରକିଶୋରୀ ବଲ୍ଲଭଠାରୁ ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ

ପୁରୁଣା ଭୁବନେଶ୍ୱର,୨୧।୨(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଶନିବାର ଥିବା ବେଳେ ପୂର୍ବ ବର୍ଷ ଭଳି ପୁଣି ବନ୍ଦ ହୋଇଛି। ୧୨ବର୍ଷ ପୂର୍ବେ ଅର୍ଥାତ୍ ୨୦୧୪ ମସିହା ଅଁଳା ନବମୀଠାରୁ କପିଳେଶ୍ୱର ମନ୍ଦିରର ପ୍ରମୁଖ ସେବାୟତ ଖୁଣ୍ଟିଆ ଏବଂ ମଳିଆଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁ ଏହି ପରମ୍ପରାରେ ପୂର୍ଣ୍ଣଚ୍ଛେଦ ପଡିଛି। ଅନ୍ୟପଟେ ହାଣ୍ଡିଭଙ୍ଗା ଯାତ୍ରାରେ କୌଣସି ସୁଧାର ନ ଆସିବାରୁ ଅପରାହ୍ନ ୪ଟାରୁ ବୀରକିଶୋରୀ ବଲ୍ଲଭଠାରୁ ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ ରହିଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଥାଉ କି, ଚଳିତ ବର୍ଷ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରାରେ ମହାଦୀପ ନିର୍ଦ୍ଧାରିତ ସମୟଠାରୁ ସଅଳ ଉଠିଥିଲା। ଶାନ୍ତିଶୃଙ୍ଖଳା ସହିତ ଜାଗର ଯାତ୍ରା ସମ୍ପନ୍ନ ହୋଇଥିବାରୁ ହାଣ୍ଡିଭଙ୍ଗା ଯାତ୍ରାରେ ସୁଧାର ଆସିବା ନେଇ ମନ୍ଦିର ପ୍ରଶାସନ ଏବଂ



ଜିଲା ପ୍ରଶାସନ ମଧ୍ୟରେ ଆଶା ପ୍ରକାଶ ପାଇଥିଲା। ଶନିବାର ପୂର୍ବାହ୍ନ ୧୧ଟାରେ ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ଜିଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ଶ୍ରୀଲିଙ୍ଗରାଜଙ୍କ ପ୍ରମୁଖ ସେବାୟତ ଉପସ୍ଥିତ ଥିଲେ। ପୂଜାପଣ୍ଡା ସେବାୟତ ବର୍ଷବର୍ଷ ଧରି ଭେଟ ଆଳତି କରିଥାନ୍ତି ଏବଂ ତାଙ୍କୁ ବାଟବରଣ ସାମଗ୍ରୀ ଖୁଣ୍ଟିଆ ସେବାୟତ ହସ୍ତାନ୍ତର କରିଥାନ୍ତି। ୨୦୧୪ ମସିହାରେ ଏଥିରେ ବ୍ୟତିକ୍ରମ ଦେଖାଦେବାରୁ ପୂଜାପଣ୍ଡା ଏବଂ ଖୁଣ୍ଟିଆ ସେବାୟତମାନେ ତାଙ୍କ ନିଜ ସେବା କାର୍ଯ୍ୟରୁ ବଞ୍ଚିତ ହୋଇଥିଲେ। ବୈଠକରେ ସେବାନୀତି ବଜାୟ ରଖିବା ସହ ହାଣ୍ଡିଭଙ୍ଗା ଯାତ୍ରାରେ ସୁଧାର ପ୍ରଶାସନିକ ଅଧିକାରୀ ମଳିଆ ସେବାୟତଙ୍କ ସହ ଆଲୋଚନା ପରେ ଜଣାଇବେ ବୋଲି କହିଥିଲେ। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ପୁଣି ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ରହିଥିଲା। ଏଥିସହ ଅପରାହ୍ନ ୪ଟାରୁ ବୀରକିଶୋରୀ ବଲ୍ଲଭଠାରୁ ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ ରହିଛି।

ଏନେଇ କ୍ଷେତ୍ରବାସୀ ନିଯୋଗ ସେବାୟତ ଗୌରୀ ଶଙ୍କର ଶତପଥୀ କହିଛନ୍ତି, କପିଳେଶ୍ୱର ମନ୍ଦିର ସେବାପୂଜାର ଅନୁସନ୍ଧାନ କରି ଯେଉଁ ସେବାୟତଙ୍କ ଯେଉଁ ସେବା ଅତୀତରେ ଥିବ ତଦନୁଯାୟୀ ସେବା କାର୍ଯ୍ୟ କରାଗଲେ କପିଳେଶ୍ୱର ଦେବଙ୍କ ନୀତିକାନ୍ତିରେ ସୁଧାର ଆସିବା ସହ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରାରେ ପୁନଃ ଶୃଙ୍ଖଳା ଆସିବ। ସେହିପରି ସ୍ଥାନୀୟ ବାସିନ୍ଦା ତଥା ସାମାଜିକ କର୍ମୀ ଭୀଷ୍ମ ନାରାୟଣ ନାୟକ କହିଛନ୍ତି, ହାଣ୍ଡିଭଙ୍ଗା ଯାତ୍ରାରେ ଶୃଙ୍ଖଳା ନେଇ ହାଇକୋର୍ଟଙ୍କ ନିକଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଯାହାର ଯେଉଁ ସେବା ଚାଲିଆସୁଥିଲା ତଦନୁଯାୟୀ ତୁରନ୍ତ ନୀତି କରି ଠାକୁରଙ୍କ ହାଣ୍ଡିଭଙ୍ଗା ଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶକୁ ଫୁ କରି ସେବାୟତମାନେ ନିଜ ଜିଦ୍‌ରେ ଅଟଳ ରହିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଭୁବନେଶ୍ୱର ବିବି କନ୍‌ଭେନ୍‌ଶନଠାରେ ଶନିବାର ବିବି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଶୈକ୍ଷିକ ଛାତ୍ର ବୃତ୍ତି କାର୍ଯ୍ୟକ୍ରମରେ ଏମ୍‌ଜିଏମ୍ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ ଅଧ୍ୟକ୍ଷ ପଙ୍କଜ ମହାନ୍ତି ଜଣେ ମେଧାବୀ ଛାତ୍ରୀଙ୍କୁ ବୃତ୍ତି ରାଶି ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଅର୍ଗସ ଡିଜିଟାଲର ସମ୍ପାଦକ ସଂଗ୍ରାମ ଷଡ଼ଙ୍ଗୀ ଓ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ।

# ବିଦ୍ୟାଳୟରେ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୨(ସୁଚିସ୍ମିତା ସାହୁ)

## ନିରାପଦ ପାନୀୟ ଜଳର ଉପଲବ୍ଧତା, ଓଆର୍‌ଏସ୍ ମହଜୁଦ ରଖ

ରାଜ୍ୟରେ ଏବେ ତାପମାତ୍ରା ୩୫ ଡିଗ୍ରୀ ଟପିଛି। ଆଗକୁ ମଧ୍ୟ ଆହୁରି ବଢ଼ିବ। ପିଲାଙ୍କ ପାଠପଢ଼ା ଓ ପରୀକ୍ଷା କିପରି ପ୍ରଭାବିତ ନ ହେବ ସେଥିଲାଗି ଗ୍ରୀଷ୍ମ ମୁକାବିଲା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ବିଭାଗର ଅତିରିକ୍ତ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିବା ସହ ଏନେଇ ସମସ୍ତ ଜିଲା ଶିକ୍ଷା ଅଧିକାରୀ ଓ ନିର୍ଦ୍ଦେଶକଙ୍କୁ ଚିଠି କରିଛନ୍ତି। ଗ୍ରୀଷ୍ମ ପ୍ରବାହ ସୁରକ୍ଷା ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲଗୁଡ଼ିକରେ ନିରାପଦ ପାନୀୟ ଜଳର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ସହିତ ଆବଶ୍ୟକସ୍ଥଳେ ନଳକୂପ ମରାମତି କରିବା, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବାକୁ କୁହାଯାଇଛି। ଅତ୍ୟଧିକ ଗରମରୁ ରକ୍ଷା ପାଇବା ପାଇଁ ବାହ୍ୟ କାର୍ଯ୍ୟକଳାପକୁ ସୀମିତ କରିବାକୁ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପିଲାମାନେ ସ୍କୁଲକୁ ପାଣି ବୋତଲ ନେଇ ଯେପରି ଆସିବେ ତାହା ନିଶ୍ଚିତ କରିବା ପାଇଁ ଅଭିଭାବକମାନଙ୍କୁ ସଚେତନ କରାଇବାକୁ କୁହାଯାଇଛି। ଏଥିସହ ସ୍କୁଲ ସମୟରେ ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମ ପ୍ରବାହ ସୁରକ୍ଷା ଟିପ୍ସ ବିଷୟରେ ଶିକ୍ଷା ଦେବା ପାଇଁ କର୍ତ୍ତୃପକ୍ଷ ସମୟ ଧାର୍ଯ୍ୟ କରିପାରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ସରକାର ନିର୍ମାଣ କରିବେ ୨୫ ହଜାର ହୋଟେଲ ପ୍ରକୋଷ୍ଠ

ଭୁବନେଶ୍ୱର,୨୧।୨ (ସୌମ୍ୟରଞ୍ଜନ ରାଉତ)

## ପିପିଲି ଟୋଲ୍ ପ୍ଲାଜାଠାରେ ନିର୍ମାଣ ହେବ 'ଚାନ୍ଦୁଆ ବଜାର'

- ସଂସ୍କୃତି ବିଭାଗର ବ୍ୟୟ ବରାଦ ୬,୧୫ କୋଟି ଟଙ୍କାକୁ ବୃଦ୍ଧି
- ଅକ୍ଷୟ ଶକ୍ତିର ସମ୍ପ୍ରସାରଣ ପାଇଁ ୨ଶହ କୋଟି

ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ସବୁ କ୍ଷେତ୍ରର ବିକାଶକୁ ବଜେଟରେ ଗୁରୁତ୍ୱ ଦେଇଛନ୍ତି। ଏହି ବିକାଶଧାରାରେ ହୋଟେଲ ଓ ପର୍ଯ୍ୟଟନ ଶିଳ୍ପ ଜଡ଼ିତ ଥିବାରୁ ସରକାର ୨୦୪୭ ସୁଦ୍ଧା ୫ କୋଟିରୁ ଅଧିକ ଘରୋଇ ଏବଂ ୭ଲକ୍ଷ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଲାଗି ୨୫ ହଜାର ହୋଟେଲ ପ୍ରକୋଷ୍ଠ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଅଗ୍ରାଧିକାର ଭିତ୍ତିରେ ୧୫ଟି ଗନ୍ତବ୍ୟସ୍ଥଳରେ ଜମି ଚିହ୍ନଟ କରାଯାଇ ଇଡ୍‌କୋ ଦ୍ୱାରା ଯାଞ୍ଚ ଓ ପ୍ରକ୍ରିୟାକରଣ ଚାଲିଛି। ପର୍ଯ୍ୟଟନ କ୍ଷେତ୍ରରେ ଭିତ୍ତିଭୂମି ପାଇଁ ବୃଦ୍ଧି ପାଉଥିବା ଭୂମି ଆବଶ୍ୟକତା ପୂରଣକରିବା ଲାଗି ସରକାର ଏକ ନୂତନ ପର୍ଯ୍ୟଟନ ଲ୍ୟାଣ୍ଡବ୍ୟାଙ୍କ ଯୋଜନା ଆରମ୍ଭ କରୁଛନ୍ତି। ସେହିଭଳି ହସ୍ତତନ୍ତର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବୟନଶିଳ୍ପ ବିକାଶ ଯୋଜନା ଓ ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନାରେ ୧ଶହ ୨କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି। ସେହିଭଳି ପିପିଲିର ଚାନ୍ଦୁଆ ଏକ ଜିଆଇ ଟ୍ୟାଗ୍‌ପ୍ରାପ୍ତ ହସ୍ତକଳା ସାମଗ୍ରୀ ହୋଇଥିବାରୁ ଏହାର ପ୍ରଚାରପ୍ରସାର ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଏହି ରଙ୍ଗିନ ପାରମ୍ପରିକ ହସ୍ତଶିଳ୍ପ ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରା ସହ ଦୃଢ଼ ଭାବରେ ଜଡ଼ିତ। ତେଣୁ ପର୍ଯ୍ୟଟକଙ୍କୁ ଆକୃଷ୍ଟକରିବା ଓ ପୁରୁଣା ହସ୍ତଶିଳ୍ପକୁ ବିକଶିତ କରିବା ପାଇଁ ପିପିଲି ଟୋଲ୍‌ପ୍ଲାଜା ନିକଟରେ ସମସ୍ତ ଆଧୁନିକ ସୁବିଧା ସହ ଏକ ନୂଆ 'ପିପିଲି ଚାନ୍ଦୁଆ ବଜାର' ନିର୍ମାଣ କରାଯିବ ବୋଲି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ପାରମ୍ପରିକ ଶକ୍ତିର ଦକ୍ଷ ଓ ସ୍ୱଚ୍ଛ ବ୍ୟବହାରକୁ ସୁନିଶ୍ଚିତ କରିବା ସହିତ ଅକ୍ଷୟ ଶକ୍ତିର ସମ୍ପ୍ରସାରଣ ପାଇଁ ବଜେଟରେ ୨ଶହ କୋଟି ଟଙ୍କାର ବ୍ୟବସ୍ଥା କରାଯାଇ ଥିବାବେଳେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗର ବ୍ୟୟବରାଦରେ ୬ଶହ ୧୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାସହ ୮ଶହ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରଠାରେ ଏକ ଐତିହାସିକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ, ଯାହା ଓଡ଼ିଶାର ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଏବଂ ସାଂସ୍କୃତିକ ମାନବତତ୍ତ୍ୱଭିତ୍ତିକ ଐତିହ୍ୟକୁ ପ୍ରଦର୍ଶିତ କରିବ। ଏହାସହ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଆଉ ୨୫ଟି ଗ୍ରାମର ସାମଗ୍ରିକ ବିକାଶ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୪୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଶନିବାର ବିଧାନସଭାରେ ବଜେଟ ଉପସ୍ଥାପନ ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଚଳନ୍ତା ଟ୍ରେନ୍‌ରେ ମହିଳାଙ୍କ ପ୍ରସବ ବେଦନା



ଭୁବନେଶ୍ୱର,୨୧।୨(ତ୍ରିନାଥ ମହାନ୍ତି)

## ମେରି ସହେଲୀ ଆପ୍‌ରେ ମିଳିଲା ସହାୟତା

ଦୂରୋନ୍ତ ଏକ୍ସପ୍ରେସ୍‌ରେ ବେଙ୍ଗାଲୁରୁରୁ ହାଓଡ଼ା ଯାଉଥିଲେ ଜଣେ ଗର୍ଭବତୀ। ଶନିବାର ସକାଳ ୧୦ଟାରେ ଚଳନ୍ତା ଟ୍ରେନରେ ଗର୍ଭବତୀ କାତ୍ରିନା କୁଲୁ ପ୍ରସବଜନିତ ଯନ୍ତ୍ରଣା ପାଇଥିଲେ। ଚଳନ୍ତା ଟ୍ରେନ୍‌ରେ କିଭଳି ଚିକିତ୍ସା କରାଇବେ ବୋଲି ସାଙ୍ଗରେ ଯାଉଥିବା ପରିବାର ଲୋକେ ଚିନ୍ତାରେ ପଡ଼ିଯାଇଥିଲେ। ଏପରି କି ଏଭଳି ଦୃଶ୍ୟ ଦେଖି ନିକଟରେ ଥିବା ଅନ୍ୟ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ଏହି ସମୟରେ ଜଣେ ଯାତ୍ରୀ ମେରି ସହେଲୀ ଆପ୍‌ର ସହାୟତା ନେବାକୁ ପରାମର୍ଶ ଦେଇଥିଲେ। ତୁରନ୍ତ ଗର୍ଭବତୀଙ୍କ ପରିବାର ଲୋକ ମେରି ସହେଲୀ ଆପ୍‌ରେ ସାହାଯ୍ୟ ମାଗିଥିଲେ। ଭୁବନେଶ୍ୱର ଷ୍ଟେଶନରେ ଟ୍ରେନ୍ ଅଟକିବା ପରେ ଆର୍‌ପିଏଫ୍ ସହଯୋଗରେ ମେରି ସହେଲୀ ଟିମ୍ ତୁରନ୍ତ ଗର୍ଭବତୀ କାତ୍ରିନାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ କିଛି ସମୟ ପରେ କାତ୍ରିନା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଏହାପରେ ମେରି ସହେଲୀ ଟିମ୍ ମହିଳାଙ୍କୁ ଫୁଲ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଉଭୟ ମା' ପୁଅ ଏବେ ସୁସ୍ଥ ଥିବା ସୂଚନା ମିଳିଛି। ଗର୍ଭବତୀଙ୍କ ପ୍ରତି ଏପରି ସମ୍ମାନ ଏବଂ ସହଯୋଗ ପାଇଁ ଆର୍‌ପିଏଫ୍ ଓ ଓଡ଼ିଶା ପୋଲିସକୁ କାତ୍ରିନା ଧନ୍ୟବାଦ ଦେଇଛନ୍ତି। ତାଙ୍କ ଘର ଆସାମ ହୋଇଥିବାବେଳେ ସେ ବେଙ୍ଗାଲୁରୁରୁ ହଓଡ଼ା ଯାଉଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦ୍ରଶେଖର



@ କିରଣ



@ ମାନସ



@ ସରୋଜ



@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟ କରିବେ ଶୁଭ୍ରାଂଶୁ

## ବିଜେବି କଲେଜରେ ଛାତ୍ରୀଛାତ୍ରଙ୍କୁ ଅଶାଳୀନ ବ୍ୟବହାର ଘଟଣା

ଭୁବନେଶ୍ୱର,୨୧।୨(ସୁଚିସ୍ମିତା ସାହୁ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଅଶ୍ଳୀଳ ଓ ଅଶାଳୀନ ବ୍ୟବହାର କରି ବିବାଦରେ ଛନ୍ଦି ହୋଇଥିବା ଓଡ଼ିଆ ବିଭାଗର ସହଯୋଗୀ ପ୍ରାଧ୍ୟାପକ ଶୁଭ୍ରାଂଶୁ କୁମାର ବେହେରା ଏବେ ପୁଣି ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟ କରିବେ। ତାଙ୍କୁ ବିଜେବି କଲେଜରେ କାର୍ଯ୍ୟ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ଏବେ ପ୍ରତ୍ୟାହାର କରାଯାଇଥିବା ବିଭାଗୀୟ ପତ୍ର ୯୬୮୪/୨୦।୨।୨୦୨୬ରୁ ଜଣାପଡିଛି।

ସହଯୋଗୀ ପ୍ରାଧ୍ୟାପକ ଶୁଭ୍ରାଂଶୁ ଛାତ୍ରୀଛାତ୍ରଙ୍କୁ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗ ହେବା ପରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଏକ କମିଟି ଇନ୍‌କ୍ୱାରି କରିଥିଲା। ଉକ୍ତ କମିଟି ସବୁ ତଥ୍ୟ ସହିତ ଅଭିଯୋଗର ସତ୍ୟତା ଥିବା ଦର୍ଶାଇ ବିଭାଗକୁ ରିପୋର୍ଟ ଦେଇଥିଲା। ସେହି ଆଧାରରେ ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଗତ ୧୬ତାରିଖରେ ବିଜେବି କଲେଜ ଅଧ୍ୟକ୍ଷାଙ୍କୁ ପ୍ରାଧ୍ୟାପକ ଶୁଭ୍ରାଂଶୁଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ମହାବିଦ୍ୟାଳୟର ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି(ଆଇସିସି)ରେ ବିଚାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେଇ ବିସ୍ତୃତ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ଘଟଣାର ସତ୍ୟତା ଥିବା ଜାଣିବା ପରେ କଲେଜ କିପରି ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଶିକ୍ଷାବିତ୍‌ଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଅଧ୍ୟାପକଙ୍କ ନାଁରେ ଅଭିଯୋଗ ଆସିବା ପରେ କଲେଜରୁ ଡେପୁଟେଶନ୍‌ରେ ଆଣି ଉଚ୍ଚଶିକ୍ଷା ବିଭାଗରେ ତାଙ୍କୁ ଥଇଥାନ କରାଯାଇଥିଲା। ଗତ ସେପ୍ଟେମ୍ବରରେ ତାଙ୍କୁ କଲେଜକୁ ବଦଳି କରାଯାଇଥିଲେ ସୁଦ୍ଧା ସେ ଯୋଗଦେଇ ନ ଥିଲେ। ଆଇସିସି କମିଟି ସମ୍ପୃକ୍ତ ଘଟଣାକୁ ନେଇ ଏକ ବୈଠକ ଗୁରୁବାର କରିଥିଲା। ଏହାପରେ ଶୁକ୍ରବାର ପ୍ରାଧ୍ୟାପକ ଶୁଭ୍ରାଂଶୁଙ୍କୁ କଲେଜରେ କାର୍ଯ୍ୟ କରିବା ପାଇଁ ହୋଇଥିବା ନିର୍ଦ୍ଦେଶକୁ ଉଚ୍ଚଶିକ୍ଷା ବିଭାଗ ବାତିଲ କରିଛି।

# ତେଜିଲା ଶୈଳବାଳା ଛାତ୍ରୀଙ୍କ ଆନ୍ଦୋଳନ

## ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ରାସ୍ତାରୋକୋ

### ସୋମବାର ଆଲୋଚନା ନେଇ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

କଟକ,୨୧।୨(କୁମାରଶ୍ରୀ)



ଆନ୍ଦୋଳନରତ ଛାତ୍ରୀଙ୍କ ସହ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଆଲୋଚନା କରୁଛନ୍ତି।

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଗତ ୨୮ଦିନ ଧରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଥିବା ବେଳେ ଶନିବାର ସନ୍ଧ୍ୟାରେ ଛାତ୍ରୀମାନେ ରାସ୍ତାକୁ ଓହ୍ଲାଇଥିଲେ। ରାସ୍ତା ଅବରୋଧ କରିବା ସହ ସରକାର ଦାବି ପୂରଣ କରିବାକୁ ଶତାଧିକ ଛାତ୍ରୀ ଅଡି ବସିଥିଲେ। ବକ୍ସିବଜାରଠାରୁ ଚଣ୍ଡୀଛକ ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। କଟକ ମେୟର ସୁବାସ ସିଂହ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଭାଜପା ନେତା ଶ୍ରୀତମ ଦାସଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନ ଥିଲା। ହେଲେ ରାତି ପ୍ରାୟ ୧୧ଟା ସମୟରେ ଅତିରିକ୍ତ ଜିଲାପାଳ କମଳଜିତ ଦାସ ପହଞ୍ଚି ଧାରଣରତ ଛାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ସୋମବାର ଏ ସମ୍ପର୍କରେ ଆଲୋଚନା କରାଯିବା ବୋଲି କହିବା ପରେ ଛାତ୍ରୀମାନଙ୍କ ଧାରଣା ପ୍ରତ୍ୟାହୃତ ହୋଇଛି।

୧୧୩ ବର୍ଷର ଶିକ୍ଷାନୁଷ୍ଠାନ ହେଉଛି ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ। ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ଏହି ଶିକ୍ଷାନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୋଷ୍ୟକନ୍ୟା ଶୈଳବାଳାଙ୍କ ନାମରେ ନାମିତ ଏହି ଶିକ୍ଷାନୁଷ୍ଠାନ ପରାଧୀନ ଭାରତ ସମୟରୁ ନାରୀଶିକ୍ଷା ଓ ନାରୀ ସଶକ୍ତୀକରଣର ଦିଗ୍‌ଦର୍ଶନ ଦେଇଆସୁଅଛି। ପୂର୍ବ ସରକାର ସମୟରେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ ପାଇଁ ଯୋଜନା ଆରମ୍ଭ ହୋଇଥିଲା। ଏପରିକି ଜମି ଚିହ୍ନଟ ପ୍ରକ୍ରିୟା କରାଯାଇଥିଲା। ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ଅଣଦେଖା କରାଯାଉଥିବା ଛାତ୍ରୀମାନଙ୍କ ଅଭିଯୋଗ ରହିଛି। ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ଛାତ୍ରୀ ମୌସୁମୀ ମହାନ୍ତ କହିଛନ୍ତି, ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରହିଥିଲା। ଦାବି ବାବଦରେ ପ୍ରଶାସନ, ବିଧାୟକଙ୍କୁ ଅବଗତ କରାଯାଇଛି। ହେଲେ ଏ ଦିଗରେ କୌଣସି ଦୃଷ୍ଟି ନ ଦିଆଯିବାରୁ ବାଧ ହୋଇ ରାସ୍ତାକୁ ଓହ୍ଲାଇଛୁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଅଥବା ଉଚ୍ଚଶିକ୍ଷା ମନ୍ତ୍ରୀ ଆମ ଦାବି ପୂରଣ ନେଇ ଲିଖିତ ଭାବେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ବୋଲି ଛାତ୍ରୀଜଣକ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ୪ଟି ସରକାରୀ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବା ପରେ ଶୈଳବାଳା ଛାତ୍ରୀଙ୍କ ଆନ୍ଦୋଳନ ତୀବ୍ରତର ହୋଇଥିବା କୁହାଯାଉଛି। ମେୟର ସୁବାସ କୁହନ୍ତି, ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ଭାରତବର୍ଷର ଦ୍ୱିତୀୟ ମହିଳା ଶିକ୍ଷାନୁଷ୍ଠାନ ଭାବେ ଶୈଳବାଳା ମହିଳା ମହାବିଦ୍ୟାଳୟର ସ୍ୱତନ୍ତ୍ର ପରିଚୟ ରହିଛି। ହେଲେ ସରକାର ବିଶ୍ୱବିଦ୍ୟାଳୟ ମାନ୍ୟତା ନ ଦେବା ଦୁଃଖଦାୟକ ବୋଲି ମେୟର କହିଛନ୍ତି।

# 'ପ୍ରସ୍ତୁତ ରୁହ'

## ଆଜି ବିଶ୍ୱ ସ୍କାଉଟ୍ ଦିବସ

ପ୍ରତିବର୍ଷ ଫେବୃଆରୀ ୨୨କୁ ବିଶ୍ୱ ସ୍କାଉଟ୍ ଦିବସ ଭାବେ ପାଳନ କରାଯାଉଛି। ସ୍କାଉଟିଂ ଆନ୍ଦୋଳନର ସଂସ୍ଥାପକ ଲର୍ଡ ରବର୍ଟ ବେଡେନ୍ ପୋୱେଲ୍‌ଙ୍କ ଜୟନ୍ତୀ ଉପଲକ୍ଷେ ଏହି ଦିବସ ପାଳନ ହେଉଛି। ୧୮୫୭ ଫେବୃଆରୀ ୨୨ରେ ଲର୍ଡ ବେଡେନ୍ ଜନ୍ମଗ୍ରହଣ କରିଥିଲେ। ଯୁବବର୍ଗଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଅନୁଶାସନ ଏବଂ ସମାଜସେବା ଆଦି ଭାବନା ସୃଷ୍ଟି ସହ ସ୍କାଉଟିଂର ମୂଲ୍ୟବୋଧକୁ ବଢାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସ୍କାଉଟିଂର ମୂଳ ଆଦର୍ଶ ବାକ୍ୟ ହେଉଛି 'ପ୍ରସ୍ତୁତ ରୁହ'। ଏହା ସ୍କାଉଟ୍‌ମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପ୍ରତି ସର୍ବଦା ମାନସିକ ଏବଂ ଶାରିରୀକସ୍ତରରେ ସଚେତନ ରହିବାକୁ ପ୍ରେରଣା ଦେଇଥାଏ। ୧୯୦୭ରେ ଲର୍ଡ ବେଡେନ୍ ବ୍ରାଉନ୍‌ସୀ ଦ୍ୱୀପରେ ପ୍ରଥମ ପ୍ରାୟୋଗିକ ସ୍କାଉଟ୍ ଶିବିର ଆୟୋଜନ କରିଥିଲେ। ଏହି ଆନ୍ଦୋଳନର ଲୋକପ୍ରିୟତା ପରେ ୧୯୨୦ରେ ଲଣ୍ଡନରେ ପ୍ରଥମ ବିଶ୍ୱ ସ୍କାଉଟ୍ ଜାମ୍ବୋରୀ ବା ସମ୍ମେଳନ ଅନୁଷ୍ଠିତ ହୋଇଥିଲା ଏବଂ ଏହିଠାରୁ ହିଁ ସ୍କାଉଟ୍ ଦିବସ ପାଳନର ମୂଳଦୁଆ ପଡିଥିଲା। ସମ୍ମେଳନର ପ୍ରତିନିଧିମାନେ ଏହି ଦିବସ ପାଳନ ନେଇ ପ୍ରସ୍ତାବ ରଖିଥିଲେ ଏବଂ ୧୯୨୬ରେ ଏହାକୁ ମାନ୍ୟତା ପ୍ରଦାନ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ସମଗ୍ର ବିଶ୍ୱରେ ଏହି ଦିବସକୁ ପାଳନ କରାଯାଇଆସୁଛି।

# ସହରାଞ୍ଚଳ ଗୃହନିର୍ମାଣ ମିଶନକୁ ସୁଦୃଢ଼ କରିବ 'ପିଏମ୍‌ଏୱାଇ-ଅର୍ବାନ ବନ୍ଧୁ'

## ପ୍ରତିବର୍ଷ ୫୦ ଏକର ଜମି ଯୋଗାଇଦେବେ ରାଜ୍ୟ ସରକାର

ଭୁବନେଶ୍ୱର, ୨୧।୨ (ବନ୍ଦନା ସେଠୀ)

ସହରାଞ୍ଚଳରେ ବସବାସ କରୁଥିବା ବାସହୀନ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କୁ ସୁଲଭ ମୂଲ୍ୟରେ ପକ୍କାଘର ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ର ସଫଳ ରୂପାୟନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟରେ 'ପିଏମ୍‌ଏୱାଇ-ଅର୍ବାନ ବନ୍ଧୁ' ଯୋଜନା ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟୟବରାଦ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟତଃ ଆର୍ଥିକ ଅନଗ୍ରସର ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଏବଂ ସହରାଞ୍ଚଳର ଭୂମିହୀନ ପରିବାରଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ସହ ସେମାନଙ୍କ ପାଇଁ ଆବାସ ସୁବିଧା ସୁନିଶ୍ଚିତ କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ୨.୦ ଅଧୀନରେ ଥିବା ଏଏଚ୍‌ପି ଭର୍ଟିକାଲ ପାଇଁ ପ୍ରତିବର୍ଷ ୫୦ଏକର ଜମି ଚିହ୍ନଟ କରାଯିବା ଦ୍ୱାରା ଇଡବ୍ଲ୍ୟୁଏସ୍ ପରିବାରଙ୍କୁ ଗୃହ ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ଏବଂ ସହରାଞ୍ଚଳରେ ପକ୍କାଘର ସୀମା ବୃଦ୍ଧି ପାଇବ। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ କହିଛନ୍ତି, ପିଏମ୍‌ଏୱାଇ-ଅର୍ବାନ ବନ୍ଧୁ ଯୋଜନା ସୁଲଭ ମୂଲ୍ୟରେ ବାସଗୃହ ନିର୍ମାଣ ପାଇଁ ଜମିର ଉପଲବ୍ଧତାକୁ ସୁନିଶ୍ଚିତ କରିବା ସହ ଗୃହ ନିର୍ମାଣ ମିଶନକୁ ଅଧିକ ସୁଦୃଢ଼ କରିବ। ଚଳିତ ଆର୍ଥିକ ବର୍ଷ ବଜେଟରେ ମୁଖ୍ୟମନ୍ତ୍ରୀ ଏହି ଯୋଜନା ପାଇଁ ୧୨୦କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ପୌରସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପ୍ରକ୍ରିୟାକୁ ସରଳୀକୃତ କରାଯିବ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା' ପରିକଳ୍ପନା ଅନୁଯାୟୀ ୨୦୨୯ ସୁଦ୍ଧା ୯୦ ପ୍ରତିଶତ ପରିବାରଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସହରାଞ୍ଚଳର କୌଣସି ବି ଯୋଗ୍ୟ ପରିବାର ଯେପରି ଏହି ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ତାହାକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି।

# କଙ୍ଗନାଙ୍କ ସହ ବନ୍ଧୁତା ଲାଗି ପ୍ରସ୍ତୁତ


ତାପସୀ ପନ୍ନୁ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀଙ୍କ ମଧ୍ୟରେ କ୍ୟାଟ୍‌ଫାଇଟ୍ ନୂଆ କଥା ନୁହେଁ। ବିଗତ ଦିନରେ ଏଭଳି ଅନେକ ଘଟଣା ଦେଖିବାକୁ ମିଳିଛି। ତେବେ ଏଥି ମଧ୍ୟରୁ ଗୋଟିଏ ହେଲା କଙ୍ଗନା ରାଣାୱତ ଏବଂ ତାପସୀ ପନ୍ନୁଙ୍କ ମଧ୍ୟରେ ହୋଇଥିବା ତୁତୁ ମେଁ ମେଁ। ଏକଦା ଦୁହିଁଙ୍କ ମଧ୍ୟରେ ସୋସିଆଲ ମିଡିଆରେ ଜୋରଦାର ଲଢେଇ ଦେଖିବାକୁ ମିଳିଥିଲା। କିନ୍ତୁ ତାପସୀ ଏବେ ନିଜର ମନୋଭାବ ବଦଳାଇଛନ୍ତି। କଙ୍ଗନାଙ୍କ ସହ ପୁଣି ବନ୍ଧୁତା ଲାଗି ହାତ ବଢ଼ାଇବାକୁ ପ୍ରସ୍ତୁତ ହେଲେଣି। ଅତୀତରେ କଙ୍ଗନାଙ୍କ ଭଉଣୀ ରଙ୍ଗୋଲି ଚାନ୍ଦେଲ, ତାପସୀଙ୍କୁ କଙ୍ଗନାଙ୍କର 'ଶସ୍ତା ନକଲ' ବୋଲି କହିଥିଲେ। ଏପରିକି ତାଙ୍କୁ 'ବି-ଗ୍ରେଡ ଅଭିନେତ୍ରୀ' ଏବଂ 'ଶି-ମ୍ୟାନ' କହି ମଧ୍ୟ କଟାକ୍ଷ କରାଯାଇଥିଲା। ଏହାକୁ ନେଇ ଦୁଇ ଅଭିନେତ୍ରୀଙ୍କ ମଧ୍ୟରେ ବେଶ କିଛି ବର୍ଷ ଧରି ତିକ୍ତତା ଲାଗି ରହିଥିଲା। ନିକଟରେ ନିଜର ନୂଆ ଫିଲ୍ମ 'ଅସୀ'ର ପ୍ରମୋଶନ ସମୟରେ ଏକ ପୋଡକାଷ୍ଟରେ ତାପସୀ ଏହି ବିବାଦ ନେଇ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଲଢ଼େଇ ସେତେବେଳେ ହୁଏ ଯେତେବେଳେ ଦୁଇଜଣ ପରସ୍ପର ସହ ମୁହାଁମୁହିଁ ହୁଅନ୍ତି। ମୁଁ କେବେ ବି କାହା ସହ ଲଢ଼ି ନାହିଁ କିମ୍ବା କଙ୍ଗନାଙ୍କ ବିରୋଧରେ କିଛି କହିନାହିଁ। ଆମେ ଦୁହେଁ ବଲିଉଡରେ 'ଆଉଟସାଇଡର୍' ଏବଂ ଉଭୟଙ୍କ ମତ ପ୍ରାୟ ସମାନ। କଙ୍ଗନା ଜଣେ ସିନିୟର ଏବଂ ଦକ୍ଷ ଅଭିନେତ୍ରୀ ଭାବେ ତାଙ୍କୁ ସମ୍ମାନ କରେ। ଯେତେବେଳେ ତାପସୀଙ୍କୁ ପଚରାଗଲା କି ସେ କଙ୍ଗନାଙ୍କ ସହ ବନ୍ଧୁତା କରିବେ କି? ତାପସୀ ସ୍ପଷ୍ଟ ଭାବେ କହିଛନ୍ତି ଯେ, ବନ୍ଧୁତା ପାଇଁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହା ଏବେ ବଲିଉଡ୍‌ରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଆଗାମୀ ଦିନରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି।

# ଏଆଇ ସମିଟ୍‌ରେ ବିକ୍ଷୋଭକୁ ନେଇ କଂଗ୍ରେସ ସମାଲୋଚିତ

ନୂଆଦିଲ୍ଲୀ, ୨୧।୨

## ଇନ୍ଦୋରରେ ଭାଜପା, କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ

ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଯୁବକଂଗ୍ରେସ କର୍ମୀଙ୍କ ଖୋଲାଦେହରେ ବିକ୍ଷୋଭକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଶନିବାର ବିଭିନ୍ନ ରାଜ୍ୟରେ ଭାଜପା କର୍ମୀମାନେ ଏହାର ପ୍ରତିବାଦରେ ଆନ୍ଦୋଳନ କରିଛନ୍ତି। ଏକ ବୈଶ୍ୱିକ ମଞ୍ଚରେ ବିରୋଧୀ ଦଳ ଭାରତର ବଦନାମ କରିଥିବା ସେମାନେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କୋର୍ଟରେ ହାଜର ହେବା ଲାଗି ଯାଉଥିବାବେଳେ ମହାରାଷ୍ଟ୍ରର ଠାଣେରେ ତାଙ୍କୁ ଭାଜପା କର୍ମୀ କଳାପତାକା ଦେଖାଇଥିଲେ। ଜମ୍ମୁ, ଜୟପୁର, ପାଟନା, ବେଙ୍ଗାଲୁରୁ, ପଞ୍ଚକୁଲା, ଇନ୍ଦୋର ଓ ଅନ୍ୟାନ୍ୟ ସ୍ଥାନରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଇଛି। ଇନ୍ଦୋରରେ ଭାଜପା ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିବା ସହ ଟେକାମାଡ଼ ହୋଇଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ପୋଲିସ ହସ୍ତକ୍ଷେପ କରିଥିଲା। କଂଗ୍ରେସ କାର୍ଯ୍ୟାଳୟ ନିକଟରେ ଭାଜପା ବିକ୍ଷୋଭ କରୁଥିବାବେଳେ ସଂଘର୍ଷ ଘଟିଥିଲା। ଏଆଇ ସମିଟ୍ ସ୍ଥଳରେ କଂଗ୍ରେସର ବିକ୍ଷୋଭକୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀ ନିନ୍ଦା କରିଛନ୍ତି।

# ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା: ୫ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା/ରାଜକନିକା, ୨୧।୨ (ଜଗନ୍ନାଥ ଧଳ/ ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ଏକ ଘରୋଇ ଇଂଲିଶ୍ ମିଡିୟମ ସ୍କୁଲରେ ଜଣେ ଛାତ୍ରୀଙ୍କୁ ଜାନୁଆରୀ ୧୪ରେ ଗଣବଳାତ୍କାର କରାଯାଇଥିଲା। ଛାତ୍ରୀ ଜଣକ ତାଙ୍କ ମା'ଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଫେବୃଆରୀ ୧୮ରେ ସିଡବ୍ଲ୍ୟୁସିରେ ଅଭିଯୋଗ କରାଯାଇଥିଲା। ସିଡବ୍ଲ୍ୟୁସି କର୍ମକର୍ତ୍ତାମାନେ ଘଟଣାସ୍ଥଳ ପରିଦର୍ଶନ କରି ବୁଝିବା ପରେ ପୋଲିସ ଶନିବାର ତଦନ୍ତ କରିଥିଲା। ପରେ ପରିବାର ଲୋକେ ୨୧ ତାରିଖରେ ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗପତ୍ରରେ ସ୍କୁଲର ଶିକ୍ଷକ ଚନ୍ଦନ କୁମାର ପୃଷ୍ଟି(୩୭), ବିଶ୍ୱରଞ୍ଜନ ସାହୁ(୩୧), ରଶ୍ମିକାନ୍ତ ବିଶ୍ୱାଳ(୪୭), ଶିକ୍ଷୟିତ୍ରୀ ମିନତି ବାଇ(୩୪) ଓ ପିଅନ ରଶ୍ମିରଞ୍ଜନ ରଣାଙ୍କ ନାମରେ ନଂ.୫୪/୨୬ରେ ପୋକ୍‌ସୋ ଆଇନରେ ମାମଲା ରୁଜୁ ପରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୀଡ଼ିତା ସପ୍ତମ ଶ୍ରେଣୀର ନାବାଳିକା ଛାତ୍ରୀ ଓ ଅଟକ ୫ ଜଣଙ୍କର ବୟାନ ରେକର୍ଡ କରାଯାଇଛି।

ସୂଚନାଯୋଗ୍ୟ ଜାନୁଆରୀ ୧୪ରେ ସମ୍ପୃକ୍ତ ଛାତ୍ରୀ ସ୍କୁଲରେ ଥିଲେ। ମଧ୍ୟାହ୍ନ ସମୟରେ ତାଙ୍କୁ ସ୍କୁଲ ଅଫିସ୍‌କୁ ଡକାଇ ଏହି ଜଘନ୍ୟ କାଣ୍ଡ କରାଯାଇଥିବା ଅଭିଯୋଗ ରହିଛି। ଗଣବଳାତ୍କାରରେ ଭୟ ପାଇ ପୀଡ଼ିତା ସ୍କୁଲକୁ ଯାଉ ନ ଥିଲେ। ବିଦେଶରେ ଥିବା ବାପା ଘରକୁ ଫେରିବା ପରେ ପୀଡିତା ଏ ସମ୍ପର୍କରେ ପରିବାରକୁ ସୂଚନା ଦେଇଥିଲେ। ସିଡବ୍ଲ୍ୟୁସି ଅଧ୍ୟକ୍ଷା ଗୀତାଞ୍ଜଳି ପାତ୍ରଙ୍କ ଟିମ୍ ପୀଡିତା ଛାତ୍ରୀଙ୍କ ବୟାନ ରେକର୍ଡ ସହ ଏହାର ରିପୋର୍ଟ ଏସ୍‌ପିଙ୍କୁ ୨୦ ତାରିଖରେ ଦେଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏସ୍‌ପି ସିଦ୍ଧାର୍ଥ କାଟାରିଆଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଏସ୍‌ପି ସୁଧାକର ଦାସ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର ରାଜକନିକା ଥାନାରେ ପହଞ୍ଚି ଅଭିଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପିଅନଙ୍କୁ ପଚରାଉଚରା କରୁଛନ୍ତି । ଏନେଇ ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି, ଅଭିଯୁକ୍ତଙ୍କ ନାମରେ ପୋସ୍‌କୋ ଧାରାରେ ମାମଲା ରୁଜୁ ହୋଇଛି । ଘଟଣା ସ୍ପର୍ଶକାତର ଥିବାରୁ ଏସ୍‌ପି କାଟାରିଆ ଏହି ମାମଲାର ତଦନ୍ତ କରୁଛନ୍ତି। ଅପରପକ୍ଷରେ ଉକ୍ତ ଘଟଣାକୁ ଜିଲ୍ଲା କଂଗ୍ରେସ ଗୁରୁତର ଭାବେ ଗ୍ରହଣ କରିଛି। ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବସ୍ମିତା ଶର୍ମା ଓ ବ୍ଲକ ଅଧ୍ୟକ୍ଷା ପୀଡ଼ିତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଏହା ଏକ ଲଜ୍ଜାଜନକ ଘଟଣା ଓ ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ଶେଷ ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସ ପରିବାର ସହିତ ଥିବା ଡା. ଶର୍ମା ପ୍ରକାଶ କରିଛନ୍ତି ।

# ମହୁମାଛି ଆକ୍ରମଣରେ ୨୦ ଆହତ

ମାଲକାନଗିରି, ୨୧।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ବ୍ଲକ୍‌ରେ ମହୁମାଛି ଆକ୍ରମଣରେ ୨୦ଜଣ ଆହତ ହୋଇଛନ୍ତି। ବ୍ଲକ୍‌ରେ ମାଉଳି ମା'ଙ୍କ ଯାତ୍ରା ଉପଲକ୍ଷେ ମନ୍ଦିର ପୂଜକଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଲୋକ, କୋରୁକୋଣ୍ଡା ଥାନାଧିକାରୀ ଆର୍.ବିଜୟ କୁମାର ଓ ଅନ୍ୟ କର୍ମଚାରୀ ନିକଟରେ ଥିବା ପାହାଡ଼କୁ ମା'ଙ୍କୁ ବରଣ କରିବାକୁ ଯାଇଥିଲେ। ସେଠାରେ ପୂଜା ସାରି ଫେରିବା ବେଳେ ରାସ୍ତାରେ ମହୁମାଛି ଆକ୍ରମଣରେ ଥାନାଧିକାରୀ ଓ ଗ୍ରାମବାସୀ ଆକ୍ରମଣର ଶିକାର ହୋଇଥିଲେ। ସମସ୍ତ ଆହତଙ୍କୁ କୋରୁକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି।

---

**Government of Odisha "e" procurement Notice**

**OFFICE OF THE EXECUTIVE ENGINEER, RURAL WORKS ELECTRICAL DIVISION, SAMBALPUR**

No.34001/99/2526 E-mail : eerwelectricaldivn.sambalpur@gmail.com

**Bid Identification No. EE/RWELECT/SBP/43/2025-26**

| | | |
|---|---|---|
| 1. | Name of the work | 1. "PROVISION OF TRANSFORMER FOR RW COLONY KAMAKHYANAGAR UNDER RWES DHENKANAL"<br>2. "PROVISION OF 20 KVA DG TO RW DIVISION TITLAGARH UNDER RWES BALANGIR" |
| 2. | Estimated Cost | 1. Rs.7,96,487/-<br>2. Rs.8,05,024/- |
| 3. | Availability of bid document in the website | 11:30 Hours of 23.02.2026 to 17:00 Hours of 04.03.2026 |
| 4. | Date of Opening of Tenders | 11:30 Hours on dt.06.03.2026 |

Further details and any corrigendum/Addendum/cancellation of tender can be seen from the Website www.tendersodisha.gov.in only.

OIPR-34001/34175/1/25-26/0002

Sd./- Executive Engineer
R.W. Electrical Division, Sambalpur

---

**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751 007, Tel: 2545586/2545852, email-serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

**Bid identification no:- VI-34(02)/SERIFED/2025-26/319/DT.18.02.2026**

**No.39001/13/2526** : The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only for one no. of work in keonjhar district. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period from 23.02.2026 to 17.00 hours up to 07.03.2026. Online bids shall be received till 17.00 hours on 07.03.2026 & shall be opened at 11.30 AM on 09.03.2026. Any addendum / corrigendum/cancellation of tender can also be seen in the said website.

**OIPR-39001/39036/1/25-26-0001** **Sd./- MANAGING DIRECTOR**

---

**ODISHA SUB-ORDINATE STAFF SELECTON COMMISSION**

**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**

ବ୍ଲକ ନଂ. ୩ ଏବଂ ୫, ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯, ଦୂରଭାଷ: 0674-2597149, 2597152 (ଅଫିସ୍), ୱେବସାଇଟ୍: www.osssc.gov.in

No. IIE-120/2025-575/OSSSC **NOTICE** Dated: 21st February, 2026

**EXTENSION OF DATELINE FOR REGISTRATION/RE-REGISTRATION/SUBMISSION OF ONLINE APPLICATION FOR COMBINED RECRUITMENT EXAMINATION - 2025**

No. 9001/19/2526: In continuation to the Advertisement No. 3219/OSSSC dated 30.12.2025 and Notice No. 283/OSSSC dated 28.01.2026, the Commission has been pleased to extend the last date of Registration/Re-registration/Submission of Online Application for the posts of Revenue Inspector (RI), ICDS Supervisor, Village Agricultural Worker (VAW), Junior Assistant (JA), Assistant Revenue Inspector (ARI), Amin & Stastistical Field Surveyor (SFS) under CRE-2025 as given below.

**Important Dates**

| Event | Previously Published | | End date extended upto |
|---|---|---|---|
| | Start Date | End Date | |
| Online Registration/Re-registration | 07.01.2026 | 15.02.2026 | 06.03.2026 |
| Submission of Online Application | 07.01.2026 | 22.02.2026 | 08.03.2026 |

All other terms and conditions of the advertisement remain unaltered.
Candidates are advised to visit the website of the Commission at regular intervals for updates.

By order of the Commission
Sd./- Secretary

OIPR-9001/9007/1/25-26/0006

---

**ODISHA PUBLIC SERVICE COMMISSION**

19, DR. P.K. PARIJA ROAD, CUTTACK
No. 1163/PSC, Dt.21.02.2026
1M-16-2024-25 (Store)

**QUOTATION CALL NOTICE**

No. 12001/22/2526: Sealed quotations are hereby invited from the intending authorized Agencies/Dealers having valid GST Registration. They should submit their applications along with copies of valid OEM Authorization Certificate, PAN Card and GST Registration Certificate for supply of an interactive Panel Display for use in the Office of the Odisha Public Service Commission, Cuttack. The firms should mention the brand, if any, and also quote the rate including all taxes, duties, if any. The detailed specification of the item is enclosed at Annexure - A along with the Quotation Call Notice **(@www.opsc.gov.in)**. The sealed quotation should reach the undersigned at 11 A.M. on or before 27.02.2026 and shall be opened on the same day at 3.30 P.M. in the Office Chamber of Secretary, O.P.S.C. The successful L1 bidder must supply & commission the system within 4 days of getting the work order failing which, the L1 bidder will be disqualified and L2 bidder would be allotted the work order & so on. The undersigned reserves the right to cancel/reject any or all the quotations without assigning any reason thereof.

**OIPR-12001/12002/1/25-26/0010** **Sd./- Secretary**

---

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯
ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨
ଇ-ମେଲ୍: cmrecovery_bbsr@mahabank.co.in

**ଦଖଲ ନୋଟିସ୍**
[ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ରଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ରଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ରଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ରଣଗ୍ରହୀତା/ସହ-ଆବେଦନକାରୀ/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ଜଗତସିଂହପୁର ଶାଖା / ରଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନେ: ୧) ମେସର୍ସ ଲିଙ୍ଗରାଜ ଲେଙ୍କା ଆଣ୍ଡ ବ୍ରଦର୍ସ, ଏହାକୁ ପ୍ରତିନିଧିତ୍ୱ କରୁଥିବା **ସ୍ୱତ୍ତ୍ୱାଧିକାରୀମାନେ: (କ) ଶ୍ରୀ ଲିଙ୍ଗରାଜ ଲେଙ୍କା, (ଖ) ଶ୍ରୀ ଜୀବନ ପ୍ରକାଶ ଲେଙ୍କା, ୨) ଶ୍ରୀ ଲିଙ୍ଗରାଜ ଲେଙ୍କା, ୩) ଶ୍ରୀ ଜୀବନ ପ୍ରକାଶ ଲେଙ୍କା, ୪) ଶ୍ରୀ ଦୁର୍ଗା ଚରଣ ଲେଙ୍କା, ୫) ଶ୍ରୀମତୀ ପୁଷ୍ପିତା ମହାନ୍ତି,** ସମସ୍ତଙ୍କ ଠିକଣା- ସା/ପୋ: ବାଇଜଙ୍ଗା, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩ | ଶ୍ରୀ ଦୁର୍ଗା ଚରଣ ଲେଙ୍କା, ଶ୍ରୀ ଜୀବନ ପ୍ରକାଶ ଲେଙ୍କା, ଶ୍ରୀ ଲିଙ୍ଗରାଜ ଲେଙ୍କା, ଶ୍ରୀମତୀ ପୁଷ୍ପିତା ମହାନ୍ତିଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖେରସ, ଏସ୍‌ଆରଓ: ଜଗତସିଂହପୁର, ତହସିଲ: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ପ୍ଲଟ୍ ନଂ.: ୪୦୩୩/୪୬୧୨, ଖାତା ନଂ.: ୮୯୦/୨୦୩, କ୍ଷେତ୍ର: ଏକର୦.୦୮୦ ଡିସିମିଲି, ଏହାର ଚରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ଦେବୀ ପ୍ରସାଦ ଚୌଧୁରୀଙ୍କ ପ୍ଲଟ୍, ଉତ୍ତର: ଗୌରାଙ୍ଗ ସ୍ୱାଇଁଙ୍କ ପ୍ଲଟ୍, ଦକ୍ଷିଣ: ପ୍ଲଟ୍ ନଂ. ୪୦୩୩, ଘରୋଇ ରାସ୍ତା **(ସାଙ୍କେତିକ ଦଖଲ)**। | ୦୩.୧୨.୨୦୨୫ ସୁଦ୍ଧା ଟ.୨୭,୩୬,୩୧୬.୭୯ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୩.୧୨.୨୦୨୫ / ୧୬.୦୨.୨୦୨୬ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୧.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

---

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ରଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର ମୁଖ୍ୟ ଶାଖା / ରଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ରଣଗ୍ରହୀତା: ସୟେଦ ସାହିଦ ଅଲ୍ଲି,** ପିତା: ସୌକତ ମହମ୍ମଦ / **ଗ୍ୟାରେଣ୍ଟିଦାତାମାନେ: ୧) ରହେନା ବେଗମ,** ସ୍ୱାମୀ: ସୌକତ ମହମ୍ମଦ, **୨) ସୟେଦ ସମସେର ଅଲ୍ଲି,** ପିତା: ସୌକତ ମହମ୍ମଦ, ସମସ୍ତଙ୍କ ଠିକଣା- ସା.: ମିରକମଲପାଟଣା, ପୋ.: ମଙ୍ଗଳାବାଗ, ଜିଲ୍ଲା: କଟକ | ୩୧.୧୦.୨୦୨୫ ସୁଦ୍ଧା ଟ.୨୧,୩୫,୬୦୯.୩୫ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୧.୨୦୨୫ / ୨୧.୦୨.୨୦୨୬ | **ରହେନା ବେଗମ,** ସ୍ୱାମୀ: ସୌକତ ମହମ୍ମଦଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍ ନଂ.: ୨୨ ମିରକମଲପାଟଣା, ପୋ.: ମଙ୍ଗଳାବାଗ, ଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଖାତା ନଂ.: ୧୦୬୮/୪୭, ପ୍ଲଟ୍ ନଂ.: ୯୮୫, କ୍ଷେତ୍ର: ଏକର ୦.୦୫୧ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସମସୁଲ ଆଲମ୍‌ଙ୍କ ବାସସ୍ଥାନ, ଦକ୍ଷିଣ: ଇଦନ ବିବିଙ୍କ ବାସସ୍ଥାନ, ପୂର୍ବ: ମ୍ୟୁନିସିପାଲିଟି ରୋଡ, ପଶ୍ଚିମ: ମ୍ୟୁନିସିପାଲିଟି ରୋଡ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୧.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

---

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ରଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର ମୁଖ୍ୟ ଶାଖା / ରଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ରଣଗ୍ରହୀତା: ସୟେଦ ସମସେର ଅଲ୍ଲି,** ପିତା: ସୌକତ ମହମ୍ମଦ / **ଗ୍ୟାରେଣ୍ଟିଦାତାମାନେ: ୧) ରହେନା ବେଗମ,** ସ୍ୱାମୀ: ସୌକତ ମହମ୍ମଦ, **୨) ସୟେଦ ସାହିଦ ଅଲ୍ଲି,** ପିତା: ସୌକତ ମହମ୍ମଦ, ସମସ୍ତଙ୍କ ଠିକଣା- ସା.: ମିରକମଲପାଟଣା, ପୋ.: ମଙ୍ଗଳାବାଗ, ଜିଲ୍ଲା: କଟକ | ୩୧.୧୦.୨୦୨୫ ସୁଦ୍ଧା ଟ.୪୧,୦୩,୬୯୨.୫୬ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୧.୨୦୨୫ / ୨୧.୦୨.୨୦୨୬ | **ରହେନା ବେଗମ,** ସ୍ୱାମୀ: ସୌକତ ମହମ୍ମଦଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍ ନଂ.: ୨୨ ମିରକମଲପାଟଣା, ପୋ.: ମଙ୍ଗଳାବାଗ, ଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଖାତା ନଂ.: ୧୦୬୮/୪୭, ପ୍ଲଟ୍ ନଂ.: ୯୮୫, କ୍ଷେତ୍ର: ଏକର ୦.୦୫୧ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସମସୁଲ ଆଲମ୍‌ଙ୍କ ବାସସ୍ଥାନ, ଦକ୍ଷିଣ: ଇଦନ ବିବିଙ୍କ ବାସସ୍ଥାନ, ପୂର୍ବ: ମ୍ୟୁନିସିପାଲିଟି ରୋଡ, ପଶ୍ଚିମ: ମ୍ୟୁନିସିପାଲିଟି ରୋଡ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୧.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ବାଇକ୍‌ରେ ବୁଲି ବ୍ରାଉନ୍‌ସୁଗାର କାରବାର

■୩ ବେପାରୀଙ୍କୁ ଗିରଫ କଲା ସ୍ପେଶାଲ କ୍ରାଇମ୍ ୟୁନିଟ୍
■ ୩୭ ଲକ୍ଷର ବ୍ରାଉନ୍‌ସୁଗାର, ୨ ବାଇକ୍ ଜବତ

ଭୁବନେଶ୍ୱର,୨୧।୨(ତ୍ରିନାଥ ମହାନ୍ତି)


ଗିରଫ ୩ ଅଭିଯୁକ୍ତ।

ବାଇକ୍‌ରେ ବୁଲି କରୁଥିଲେ ଡ୍ରଗ୍ସ ବେପାର। ଖବର ପାଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩ ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩୭୦ ଗ୍ରାମ୍‌ର ବ୍ରାଉନ୍‌ସୁଗାର,୨ ବାଇକ୍ ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ବଜାର ମୂଲ୍ୟ ୩୭ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ନିଶା ବେପାରୀ ହେଲେ ସମୀର ଖାନ୍, ଏସ୍.କେ ଇରାସଦ ମହମ୍ମଦ ଏବଂ ମୁନାଫ୍ ଖାନ୍। ସମସ୍ତଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବୋଲି ସୂଚନା ମିଳିଛି ।

ପୋଲିସ ସୂଚନା ଅନୁସାରେ, ଏହି ର୍‍ୟାକେଟ୍ ଏକ ବର୍ଷ ହେବ ସକ୍ରିୟ ହୋଇ ନିଶା କାରବାର କରୁଥିଲା। ସେମାନେ ଜଳେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ବାଇକ୍‌ରେ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧରେ ବୁଲି ବୁଲି ବିକ୍ରି କରୁଥିଲେ। ବାଇକ୍ ଡିକିରେ ବ୍ରାଉନ୍‌ସୁଗାର ରଖି ବିକ୍ରି କରୁଥିବାରୁ ପୋଲିସ ଜାଣିପାରେନାହିଁ। ସେମାନେ ଦୁଇଟି ବାଇକ୍‌ରେ ଛୋଟ ଛୋଟ ଦୋକାନୀଙ୍କୁ ବ୍ରାଉନ୍‌ସୁଗାର ବିକ୍ରି କରନ୍ତି। ସେମାନେ ସପ୍ତାହରେ ୨ଥର ବ୍ରାଉନ୍‌ସୁଗାର ଆଣି ଜଳେଶ୍ୱରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିକ୍ରି କରୁଥିଲେ। ବିଶେଷକରି କଲେଜ ଅଞ୍ଚଳରେ ସେମାନେ ସର୍ବାଧିକ ବ୍ରାଉନ୍‌ସୁଗାର ବିକ୍ରି କରୁଥିଲେ। ଯୁବପିଢିଙ୍କୁ ନିଶା କବଳରେ କବଳିତ କରି ଏହି ୩ ନିଶା ବେପାରୀ ନିଜର ବ୍ୟବସାୟ ବଢ଼ାଉଥିଲେ। ସେମାନଙ୍କ ସମ୍ପର୍କରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ନିକଟରେ ଖବର ପହଞ୍ଚିବା ପରେ ଧରିବା ପାଇଁ ଜାଲ ବିଛାଯାଇଥିଲା। ପୋଲିସ ନିଜେ ଗ୍ରାହକ ହୋଇ ସେମାନଙ୍କ ସହ ଯୋଗାଯୋଗ କରିଥିଲା। ଦୁଇଟି ବାଇକ୍‌ରେ ୩ଜଣ ବେପାରୀ ଆସି ଦୂରଦର୍ଶନ ରୋଡ୍ ଶ୍ୟାମା ଶାମ୍ ଧାମ ନିକଟରେ ଅପେକ୍ଷା କରିଥିଲେ। ପୋଲିସ ସାଦା ପୋଷାକରେ ଯାଇ ବ୍ରାଉନ୍‌ସୁଗାର ମାଗିଥିଲା। ୩ଜଣ ବ୍ରାଉନ୍‌ସୁଗାର ଆଣି ଦେବା ସମୟରେ ପୋଲିସ ମାଡ଼ିବସିଥିଲା। ସେମାନଙ୍କ ବାଇକ୍ ଡିକି ଯାଞ୍ଚ କରିବା ପରେ ୩୭୦ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଏବଂ ଦୁଇଟି ବାଇକ୍‌କୁ ଜବତ କରାଯାଇଥିଲା। ପୋଲିସ ନିଶା ମାଫିଆଙ୍କ ର୍‍ୟାକେଟ୍ ଭାଙ୍ଗିବା ପାଇଁ ସେମାନଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି। ଏହି ର୍‍ୟାକେଟ୍‌ର ଚେର ପଶ୍ଚିମବଙ୍ଗକୁ ଲମ୍ବିଛି। ଜଳେଶ୍ୱରର ଜଣେ କୁଖ୍ୟାତ ନିଶା ବେପାରୀ ପଶ୍ଚିମବଙ୍ଗରୁ ଜଳପଥରେ ବ୍ରାଉନ୍‌ସୁଗାର ଜଳେଶ୍ୱରକୁ ଆଣୁଛନ୍ତି। ସେଠାରୁ ଛୋଟ ଛୋଟ ନିଶା ବେପାରୀ ବିଭିନ୍ନ ଜିଲାକୁ ଚାଲାଣ କରିଥାନ୍ତି। ଏହିଭଳି ଗିରଫ ନିଶା ବେପାରୀ ବ୍ରାଉନ୍‌ସୁଗାର ଆଣି ଜଳେଶ୍ୱରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଛୋଟ ବେପାରୀଙ୍କୁ ବୁଲି ବୁଲି ବିକ୍ରି କରୁଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି।

# ୫ଶହ ଖୁଚୁରା ଟଙ୍କାକୁ ନେଇ ଫାଙ୍କା ଗୁଳିଚାଳନା

■ବନ୍ଧୁକ ଛଡ଼ାଇ ଆକ୍ରମଣ କରି ମୁଣ୍ଡ ଫଟାଇଲେ ବିପକ୍ଷଗୋଷ୍ଠୀ
■ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଛି ପୋଲିସ

ଭୁବନେଶ୍ୱର,୨୧।୨(ତ୍ରିନାଥ ମହାନ୍ତି)


ଫେଲୁ ବଡ଼ଜେନା ଓରଫ ଦେବୀ ପ୍ରସାଦ।



ଗୁଳିକାଣ୍ଡ ହୋଇଥିବା ସ୍ଥାନ।

ରାଜଧାନୀ ଛାତି ଉପରେ ଲାଇସେନ୍ସ ବନ୍ଧୁକରୁ ଗୁଳିଚାଳନା କଲେ। ଏଥିରେ ଅପରଗୋଷ୍ଠୀର କାହାରି କିଛି କ୍ଷତି ହୋଇ ନ ଥିବାବେଳେ ଗୁଳି ଚଳାଇଥିବା ବ୍ୟକ୍ତି କିନ୍ତୁ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କଠାରୁ ବନ୍ଧୁକ ଛଡ଼ାଇନେଇ କେତେଜଣ ଯୁବକ ନିର୍ଘୁକ ମାଡ଼ ମାରି ମୁଣ୍ଡ ଫଟାଇ ଗୁରୁତର କରିଛନ୍ତି। ଏଭଳି ଘଟଣା ଶନିବାର ଅପରାହ୍ନରେ ଖାରବେଳନଗର ଥାନା ସତ୍ୟନଗର ପଞ୍ଜାବୀ କଲୋନୀ ବିରିୟାନୀ ଡଟ୍‌କମ୍ ସମ୍ମୁଖରେ ଘଟିଛି। ଓରକଲର ଫେଲୁ ବଡ଼ଜେନା ଓରଫ ଦେବୀ ପ୍ରସାଦଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ କରାଯାଇଛି। ଏନେଇ ଫେଲୁ ଏବଂ ଦୋକାନୀ ଦିଲୀପ ରଥଙ୍କ ଅଭିଯୋଗ ଆଧାରରେ ପୋଲିସ ଯଥାକ୍ରମେ ୨ଟି ପୃଥକ୍ ମାମଲା(ନଂ. ୧୨୦/୨୬ ଏବଂ ୧୨୧/୨୬)ପଞ୍ଜୀକରଣ କରିଛି। ପୋଲିସ ବନ୍ଧୁକ ଜବତ କରି ଫେଲୁ ଏବଂ ଦିଲୀପଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଥିସହ ବନ୍ଧୁକର ବୈଧ ଲାଇସେନ୍ସ ଅଛି କି ନାହିଁ ଯାଞ୍ଚ ସହ ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଆଧାରରେ ପୋଲିସ ତଦନ୍ତ କରୁଛି। ଫେଲୁଙ୍କୁ ଆକ୍ରମଣ କରାଯିବା ପୂର୍ବରୁ ସେ ଲାଇସେନ୍ସ ବନ୍ଧୁକ ବାହାର କରି ଧମକ୍ ଦେଇ ବ୍ଲାଙ୍କ୍ ଫାୟରିଂ କରିଛନ୍ତି ନା ଆକ୍ରମଣ ପରେ ନିଜ ଜୀବନ ରକ୍ଷା ପାଇଁ ବ୍ଲାଙ୍କ୍ ଫାୟରିଂ କରିଛନ୍ତି। ସେନେଇ ମଧ୍ୟ ତଦନ୍ତ କରାଯାଉଛି। ଯଦି ଲୋକଙ୍କୁ ଭୟଭୀତ କରିବା ପାଇଁ ଯଦି ଲାଇସେନ୍ସ ବନ୍ଧୁକ ବାହାର କରି ଫାଇରିଂ କରିଥିବେ ତେବେ ତାଙ୍କର ଲାଇସେନ୍ସ ବାତିଲ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁସାରେ, ଫେଲୁ ତାଙ୍କର ଦୁଇ ସହଯୋଗୀଙ୍କୁ ଶନିବାର ଅପରାହ୍ନ ୨ଟାରେ ଫେଲୁ ଉକ୍ତ ବିରିୟାନୀ ଡଟ୍‌କମ୍ ନିକଟକୁ ଯାଇଥିଲେ। ସେଠାରେ ବିରିୟାନୀ ଖାଇ ଆଗରେ ଥିବା ଦିଲୀପଙ୍କ ଦୋକାନରୁ ଥଣ୍ଡା ପାନୀୟ ପିଇଥିଲେ। ଥଣ୍ଡା ପିଇବା ପରେ ଫେଲୁ ୫ଶହ ଟଙ୍କା ଦେଇଥିଲେ। ଦିଲୀପଙ୍କ ପାଖରେ ଖୁଚୁରା ନ ଥିବା କହି ଟଙ୍କା ଫେରାଇ ଦେଇଥିଲେ। ଏହାକୁ ନେଇ ଫେଲୁ ତାଙ୍କୁ ଖରାପ ବ୍ୟବହାର କରିଥିଲେ। ଦିଲୀପ ବୟସରେ ବଡ଼ ହୋଇଥିବାରୁ ଏଭଳି ବ୍ୟବହାର କ'ଣ ପାଇଁ କରୁଛ ବୋଲି ପଚାରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବାପରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଫେଲୁ ବନ୍ଧୁକ ବାହାର କରି ଗୁଳି ଫୁଟାଇଥିଲେ। ଗୁଳି ଶବ୍ଦ ଶୁଣି ବିରିୟାନୀ ଡଟ୍‌କମ୍‌ରେ ଥିବା ଦିଲୀପଙ୍କ ଦୁଇ ଭାଇ ଏବଂ ଅନ୍ୟମାନେ ଆସି ବନ୍ଧୁକ ଛଡ଼ାଇ ଫେଲୁଙ୍କୁ ମାଡ଼ ମାରିଥିଲେ। ଏପରିକି ଛଡ଼ାଇଥିବା ପଥରରେ ଫେଲୁଙ୍କ ମୁଣ୍ଡକୁ ପିଟିବାରୁ ମୁଣ୍ଡ ଫାଟି ଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସମୟରେ ଖବରପାଇ ପୋଲିସ ପହଞ୍ଚିଥିଲା। ଫେଲୁଙ୍କୁ ଉଠାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ଦିଲ୍ଲୀପ ଏବଂ ଫେଲୁଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା କରୁଛି। ଫେଲୁଙ୍କ ନାମରେ ଜମି ଠକେଇ ଏବଂ ଅନ୍ୟାନ୍ୟ ମାମଲା ଜଟଣୀ ଏବଂ ଏୟାରଫିଲ୍ଡ ଥାନାରେ ରହିଛି। ମାମଲା ଥିବା ସତ୍ତ୍ୱେ କିଭଳି ତାଙ୍କୁ ବନ୍ଧୁକ ଲାଇସେନ୍ସ ମିଳିଲା ତାକୁ ନେଇ ପ୍ରଶ୍ନ ଉଠୁଛି। ଏନେଇ ଖାରବେଳନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ଗଣ୍ଡଗୋଳରୁ ଏଭଳି ଲାଇସେନ୍ସ ବନ୍ଧୁକରୁ ବ୍ଲାଙ୍କ୍ ଫାଇରିଂ ହୋଇଛି। ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରାଯାଉଛି ଥାନା ଅଧିକାରୀ କହିଛନ୍ତି।

# ଚାନ୍ଦା ନ ଦେବାରୁ ଠିକାଦାରଙ୍କୁ ହତ୍ୟା

ଆନନ୍ଦପୁର,୨୧।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ଦେଓଗାଁ ପଞ୍ଚାୟତ ଡିହସାହି ଗାଁରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଠିକାଦାରଙ୍କୁ ନିର୍ମମଭାବେ ପିଟିପିଟି ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ବିପିନ ପରିଡ଼ା। ଗ୍ରାମର କେତେଜଣ ଯୁବକ ଚାନ୍ଦା ପାଇଁ ହତ୍ୟା କରିଥିବା ବିପିନଙ୍କ ପୁଅ ଖଗେଶ୍ୱର ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଅଭିଯୁକ୍ତ ଯୁବକମାନେ ଠିକାଦାରଙ୍କଠାରୁ ଅନେକ ସମୟରେ ଭୟଭୀତ କରାଇ ଚାନ୍ଦା ନେଇଥାନ୍ତି। ବିପିନ ଏବେ ଏମଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ଏକ ଠିକା କାମ କରିଥିଲେ। ଉକ୍ତ କାମ ପାଇଁ ମଧ୍ୟ ଠିକାଦାର ଓ ତାଙ୍କ ପୁଅଙ୍କୁ ଅଭିଯୁକ୍ତ ଯୁବକ ଚାନ୍ଦା ମାଗିଥିଲେ। ସେମାନେ ନ ଦେବାରୁ ଶନିବାର ସକାଳ ସମୟରେ ତାଙ୍କ ବାଇକ୍ ରଖିଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ବିପିନ ଗୁରୁତର ହୋଇପଡ଼ିଥିବା ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଖଗେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଏକ ମାମଲା(ନଂ. ୫୫/୨୬)ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ହତ୍ୟା ସନ୍ଦେହରେ ୨ ବନ୍ଧୁ ଅଟକ

ରାଉରକେଲା,୨୧।୨(ସଙ୍ଗୀତା ଜେନା)

**ମେଡିସିନ ରିପ୍ରେଜେଣ୍ଟିଟିଭ୍ ମ୍ୟାନେଜରଙ୍କ ସନ୍ଦେହଜନକ ମୃତ୍ୟୁ**

ରଘୁନାଥପାଲୀ ଥାନା ଅନ୍ତର୍ଗତ ସିଭିଲଟାଉନଶିପସ୍ଥିତ ଏକ ଘରୁ ଶନିବାର ସକାଳେ ଜଣେ ମେଡିସିନ୍ ରିପ୍ରେଜେଣ୍ଟିଟିଭ୍ ମ୍ୟାନେଜରଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଜଗତସିଂହପୁର ଜିଲା ନୂଆଗାଁ ଅଞ୍ଚଳର ଭାଗୀରଥି ସ୍ୱାଇଁ(୩୫)। ଏ ନେଇ ପୋଲିସ ଏକ ମାମଲା (ନଂ.୯୮/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ମୃତକଙ୍କ ୨ ଜଣ ରୁମ୍‌ମେଟ୍‌ଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟ ଜଣେ ଫେରାର ଅଛନ୍ତି। ଏ ସମ୍ପର୍କରେ ଛେଣ୍ଡ ଅଞ୍ଚଳରେ ରହୁଥିବା ମୃତକଙ୍କ ସମ୍ପର୍କୀୟ ପ୍ରମୋଦ ପରିଡା ଥାନାରେ ଏତଲା ଦେଇଛନ୍ତି।

ଥାନାଧିକାରୀ ସୁରଜ ଝାଙ୍କରଙ୍କ ସୂଚନା ଅନୁଯାୟୀ, ମେଡିଶିନ ରିପ୍ରେଜେଣ୍ଟିଟିଭ୍ ମ୍ୟାନେଜର ଭାଗୀରଥି ପ୍ରାୟ୨ଦିନ ତଳେ ରାଉରକେଲା ସିଭିଲଟାଉନଶିପସ୍ଥିତ ଏଲ୍‌ଆଇସି ଅଫିସ୍ ନିକଟରେ ଥିବା ଟ୍ରିପଲ କ୍ୟୁ-୧୪ ଘରକୁ ଆସିଥିଲେ। ଶୁକ୍ରବାର ରାତିରେ ପ୍ରାୟ ୩/୪ ଜଣ ସାଙ୍ଗ ମିଶି ଭୋଜି କରିଥିଲେ। ତେବେ ପରଦିନ ସକାଳେ ଭାଗୀରଥିଙ୍କ ମୃତଦେହ ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତକଙ୍କ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ଥିବାବେଳେ ପାଟିରୁ ରକ୍ତ ବାହାରିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ସେହି ରୁମ୍‌ରେ ରହୁଥିବା ଅନ୍ୟ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ବୋଲି ଥାନାଧିକାରୀ କହିଥିଲେ।

# ଝାରସୁଗୁଡ଼ା ଏଡିଜେରେ ତତ୍କାଳୀନ ପିଏସ୍‌ଓଙ୍କ ସାକ୍ଷ୍ୟ ଗ୍ରହଣ

ଝାରସୁଗୁଡ଼ା, ୨୧।୨(ଆଶିଷ ରଞ୍ଜନ ଦାଶ)

**ନବ ଦାସ ହତ୍ୟା ମାମଲା**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ତାଙ୍କର ତତ୍କାଳୀନ ପିଏସ୍‌ଓ ମିତ୍ରଭାନୁ ଦେଓ ଶନିବାର ପୂର୍ବାହ୍ନରେ ଝାରସୁଗୁଡ଼ା ଅତିରିକ୍ତ ଜିଲାଜଜ୍‌(ଏଡିଜେ) କୋର୍ଟରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ମିତ୍ରଭାନୁ ଦେଇଥିବା ବୟାନ ଅନୁସାରେ ୨୦୨୩ ଜାନୁଆରୀ ୨୯ରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ଗାନ୍ଧୀଛକଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ନବ ଦାସ ଯୋଗଦେବାକୁ ଯାଉଥିଲେ। ନବ ଦାସ ତାଙ୍କ ଇନୋଭା କାର୍‌ର ଆଗ ସିଟ୍‌ରେ ବସିଥିବାବେଳେ ପଛ ସିଟ୍‌ରେ ଅନ୍ୟ ୩ ଜଣ ବସିଥିଲେ। ନବଙ୍କ କାର ପଛରେ ଥିବା ଏକ ବୋଲେରୋରେ ମିତ୍ରଭାନୁ ବସିଥିଲେ। ସଭାସ୍ଥଳ ନିକଟରେ ପହଞ୍ଚିବା ପରେ ବାଦ୍ୟ ବାଜିବା ସହିତ ବାଣ ଫୁଟୁଥିଲା। ନବ ଦାସ କାରରୁ ଓହ୍ଲାଇବା ସମୟରେ ଉପସ୍ଥିତ ଜନସାଧାରଣ ତାଙ୍କୁ ଫୁଲମାଳ ପିନ୍ଧାଉଥିବାବେଳେ ବନ୍ଧୁକରୁ ଗୁଳି ଫୁଟିବା ଶବ୍ଦ ଶୁଣିବାକୁ ମିଳିଥିଲା। ମୋତେ କିଏ ଗୁଳି ମାରିଦେଲା ବୋଲି ନବ କହିଥିବା ମିତ୍ରଭାନୁ ଶୁଣିବାକୁ ପାଇଥିଲେ। ନବ ଦାସଙ୍କୁ ତୁରନ୍ତ ଝାରସୁଗୁଡ଼ା ଜିଲା ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱର ଏୟାରଲିଫ୍ଟ କରାଯାଇଥିଲା ବୋଲି ମିତ୍ରଭାନୁ କୋର୍ଟଙ୍କୁ ଜଣାଇଥିବା ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକ ପ୍ରକାଶ କରିଛନ୍ତି।

## Business

# କ୍ଲିନ୍‌ଟେକ୍ ଏକ୍ସପୋ ଓଡ଼ିଶାରେ ସାମିଲ ହେଲେ ୧୦୦ ପ୍ରଦର୍ଶକ

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)



ପୂର୍ବ ଭାରତର ସବୁଠାରୁ ବଡ଼ ସ୍ୱଚ୍ଛ ଶକ୍ତି ଓ ସ୍ଥାୟୀ ଗତିଶୀଳତା ପ୍ରଦର୍ଶନୀ ଗ୍ଲୋବାଲ କ୍ଲିନ୍‌ଟେକ୍ ଏକ୍ସପୋ ଓଡ଼ିଶା ୨୦୨୬ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ୨ଦିନିଆ କାର୍ଯ୍ୟକ୍ରମ ଶିଳ୍ପନେତା, ନୀତିନିର୍ମାତା, ଉଦ୍ଭାବକ ଓ ନିବେଶକମାନଙ୍କୁ ଏକତ୍ରିତ କରି ଭାରତର ସବୁଜ ଶକ୍ତି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାରେ ସହଯୋଗ କରିଥିଲା। ଏକ୍ସପୋରେ ୧୦୦ରୁ ଅଧିକ ପ୍ରଦର୍ଶକ ଓ ପାର୍ଟନର ଅଂଶଗ୍ରହଣ କରିଥିବାବେଳେ ୧୦ ହଜାରରୁ ଅଧିକ ଦର୍ଶକ ଯୋଗଦେଇଥିଲେ। ୧୦ରୁ ଊର୍ଦ୍ଧ୍ୱ ସମ୍ମିଳନୀ ଅଧିବେଶନରେ ୧୦୦ରୁ ଅଧିକ ପ୍ରସିଦ୍ଧ ବକ୍ତା ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ଗ୍ରିନ ଇନିସିଏଟିଭ, ଗ୍ରିଡକୋ, ଓଡ଼ିଶା କ୍ଲିନ୍‌ଟେକ ଆସୋସିଏସନ ଓ ନେଡ୍ରା ସହଯୋଗରେ ଅନୁଷ୍ଠିତ ଏହି ଇଭେଣ୍ଟ ଓଡ଼ିଶାକୁ ସ୍ୱ ଚ୍ଛ ପ୍ରଯୁକ୍ତି, ଉଦ୍ଭାବନ ଓ ସ୍ଥାୟୀ ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ସ୍ଥାପିତ କରିଛି। ଏହି ଏକ୍ସପୋରେ ଏମ୍‌ଜିଏମ୍ ଗ୍ରୀନ୍ ଏନର୍ଜି ଓ ଏହାର ସହଯୋଗୀ କମ୍ପାନୀ ନିଓଟେରିକ ଏନର୍ଜି ପ୍ରମୁଖ ଅଂଶଗ୍ରହଣକାରୀ ଭାବେ ଉପସ୍ଥିତ ଥିଲେ। କମ୍ପାନୀ ବର୍ଷ ବର୍ଷ ଧରି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଆସିଛି। ବର୍ତ୍ତମାନ ଓଡ଼ିଶାରେ ୧୪ ମେଗାୱାଟ୍ ସୌର ବିଦ୍ୟୁତ୍ ପ୍ଲାଣ୍ଟ ଓ ତାମିଲନାଡୁ ଓ ରାଜସ୍ଥାନରେ ମୋଟ ୮.୫ ମେଗାୱାଟ୍ ପବନ ବିଦ୍ୟୁତ୍ ପ୍ଲାଣ୍ଟ ସ୍ଥାପନ କରିଛି। ଏହା ବର୍ତ୍ତମାନ ଓଡ଼ିଶା ଓ ସମଗ୍ର ଭାରତରେ ପ୍ରାୟ ୧୫୦ ମେଗାୱାଟ ସୌର ପ୍ଲାଣ୍ଟ ନିର୍ମାଣ କରୁଛି, ଯାହା ଉନ୍ନତ ପ୍ରଯୁକ୍ତିରେ ସି ଆଣ୍ଡ ଆଇ ଉପଭୋକ୍ତାଙ୍କୁ ସେବା ପ୍ରଦାନ କରିବ। ଏହି ଅବସରରେ ଗ୍ଲୋବାଲ କ୍ଲିନ୍‌ଟେକ ଏକ୍ସିଲେନ୍ସ ଆୱାର୍ଡସ-ଓଡ଼ିଶା ୨୦୨୬ରେ ଏମ୍‌ଜିଏମ୍ ଗ୍ରୀନ୍ ଏନର୍ଜି ଲିମିଟେଡ୍‌ର ନିର୍ଦ୍ଦେଶକ ତନୁଜ ମହାନ୍ତି ପ୍ରୋଜେକ୍ଟ ଡେଭେଲପର (ଲାର୍ଜ ସ୍କେଲ ସୌର) ବର୍ଗରେ ପୁରସ୍କାର ପାଇଛନ୍ତି। ଏହି ପୁରସ୍କାର ଉଦ୍ଭାବନ ଓ ସ୍ୱଚ୍ଛଶକ୍ତି ବିକାଶରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ପାଇଁ ପ୍ରଦାନ କରାଯାଇଥିଲା। ଏହିଏକ୍ସପୋ ଓଡ଼ିଶାର ସବୁଜଶକ୍ତିଯାତ୍ରାକୁ ନୂଆ ଗତି ପ୍ରଦାନ କରିବା ସହ ଦେଶର ନେଟ ଜିରୋ ଲକ୍ଷ୍ୟକୁ ସମର୍ଥନ କରିଛି।

## ୨୫୦ ଏମ୍‌ଟି ମୂଳ ପଣ୍ୟ ପରିବହନ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

ଚଳିତ ଆର୍ଥିକ ବର୍ଷର ମାତ୍ର ୩୨୪ ଦିନରେ ୨୫୦ ନିୟୁତ ଟନ୍ (ଏମ୍‌ଟି) ମୂଳ ପଣ୍ୟ ପରିବହନକରି ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ସହ ପୂର୍ବତଟ ରେଳପଥ ୨୫୦ ନିୟୁତ ଟନ ଅଙ୍କରେ ପହଞ୍ଚିବାରେ ଦେଶର ପ୍ରଥମ ରେଳ ଜୋନ୍ ପାଲଟିଛି। ୨୦୨୪-୨୫ ତୁଳନାରେ ୩୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରାଯାଇଛି, ଯାହା ଗତ ବର୍ଷର ପଣ୍ୟ ପରିବହନ ପ୍ରଦର୍ଶନ ତୁଳନାରେ ୧୦.୬% ଅଭିବୃଦ୍ଧି ପଞ୍ଜୀକୃତ କରିଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ସହିତ ବଲ୍କ ସାମଗ୍ରୀଗୁଡିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ପୂର୍ବତଟ ରେଳପଥ ଭିତ୍ତିଭୂମିର ଉନ୍ନତି, ଗ୍ରାହକ ସେବା ବୃଦ୍ଧି ଏବଂ ପଣ୍ୟ ପରିବହନ କାର୍ଯ୍ୟକଳାପରେ ଏହାର ଅବିରତ ବୃଦ୍ଧି ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ସଦାସର୍ବଦା ପ୍ରତିବଦ୍ଧ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

# ପତଞ୍ଜଳି ବିଶ୍ୱବିଦ୍ୟାଳୟରେ 'ଅଭ୍ୟୁଦୟ' ମହୋତ୍ସବ



ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

ହରିଦ୍ୱାରସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ-ଶୈକ୍ଷିକ ମହୋତ୍ସବ ଅଭ୍ୟୁଦୟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମହୋତ୍ସବର ବିଷୟବସ୍ତୁ 'ଯୋଗଧର୍ମରୁ ଯୁଗଧର୍ମ' ରହିଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନାଟ୍ୟ ପ୍ରସ୍ତୁତି ସମସ୍ତଙ୍କୁ ମୁଗ୍ଧ କରିଥିଲା। ଏହି ଅବସରରେ ଯୋଗଗୁରୁ ରାମଦେବ କହିଥିଲେ, ଭାରତ ପୂର୍ବରୁ ବିଶ୍ୱଗୁରୁ ଥିଲା, ଅଛି ଓ ସର୍ବଦା ରହିବ। ଏହି ଛାତ୍ରମାନେ ଋଷି ସଂସ୍କୃତିର ଧ୍ୱଜାବାହକ। ସ୍ୱାମୀ ଚିଦାନନ୍ଦ କହିଥିଲେ, ପତଞ୍ଜଳି ଏକ ଅଦ୍ୱିତୀୟ ସାଧନାସ୍ଥଳୀ ଏବଂ ଏହା ରାଷ୍ଟ୍ର ନିର୍ମାଣର ଆଧାର। ସାଧ୍ୱୀ ଭଗବତୀ ସରସ୍ୱତୀ ଏହି ସଂସ୍କାରଯୁକ୍ତ ପିଢ଼ିର ଭବିଷ୍ୟତ ଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। କୁଳପତି ଆଚାର୍ଯ୍ୟ ବାଲକ୍ରିଷ୍ଣା ନାଟ୍ୟ ପ୍ରସ୍ତୁତିର ସଫଳତା ପାଇଁ ସାଧ୍ୱୀ ଦେବପ୍ରିୟାଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟ ଅତିଥି ଡ. ଶ୍ରୀନିବାସ ବରଖେଡ଼ୀ ଏହାକୁ ପତଞ୍ଜଳି ପରିବାରର ମେଗା-ଶୋ ବୋଲି ବର୍ଣ୍ଣନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୨୫ କୋଟିର ଋଣ ମଞ୍ଜୁରୀପତ୍ର ବଣ୍ଟନ




ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ରିଟେଲ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସହଜ, ସୁଗମ, ଅସୁବିଧାମୁକ୍ତ ଏବଂ ଉପଯୁକ୍ତ ଖୁଚୁରା ଋଣ ସମାଧାନ ସହ ପ୍ରତ୍ୟେକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଶାଖାର ହିତାଧିକାରୀମାନଙ୍କୁ ୨୫ କୋଟି ଟଙ୍କାର ଋଣ ମଞ୍ଜୁରୀପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ବିବେକ କୁମାର, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ସମ୍ଭାବ୍ୟ ଗ୍ରାହକ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଖୁଚୁରା ଋଣ ଉତ୍ପାଦ ଯେପରି ସେଣ୍ଟ ସ୍ୱର୍ଣ୍ଣ ଋଣ , ସେଣ୍ଟ ଗୃହ ଋଣ, ସେଣ୍ଟ ଗୃହ ଲକ୍ଷ୍ମୀ ହୋମ୍ ଲୋନ୍ (କେବଳ ମହିଳାମାନଙ୍କ ପାଇଁ), ସେଣ୍ଟ ବନ୍ଧକ ଋଣ ଏବଂ ସେଣ୍ଟ ଗାଡ଼ି ଋଣ ଉପରେ ପ୍ରତିଯୋଗିତାମୂଳକ ସୁଧ ହାର ଏବଂ ଜିରୋ ପ୍ରୋସେସିଂ ଚାର୍ଜ ଉପରେ ବିବେକ କୁମାର ଗୁରୁତ୍ୱାରୋପ କରିଥିଲେ।

# ପର୍ଯ୍ୟଟନ, ଆତିଥ୍ୟ କ୍ଷେତ୍ର ଅର୍ଥନୈତିକ ବିକାଶର ମୁଖ୍ୟସ୍ତମ୍ଭ ହୋଇଛି

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

**ବଜେଟ ୨୦୨୬-୨୭କୁ ହାରୋର ସ୍ୱାଗତ**

ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ହାରୋ) ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ୨୦୨୬-୨୭ ରାଜ୍ୟ ବଜେଟକୁ ସ୍ୱାଗତ କରିଛି। ଏହି ବଜେଟ ପର୍ଯ୍ୟଟନ ଓ ଆତିଥ୍ୟ କ୍ଷେତ୍ରକୁ ରାଜ୍ୟର ଅର୍ଥନୈତିକ ବିକାଶର ମୁଖ୍ୟ ସ୍ତମ୍ଭ ଭାବେ ମାନ୍ୟତା ଦେଇଛି। ପର୍ଯ୍ୟଟନ ବଜେଟ ୨୫% ବୃଦ୍ଧି ପାଇଥିବାବେଳେ ନୂଆ ହୋମ୍‌ଷ୍ଟେ ନୀତି, ୧୫୦ କୋଟି ଟଙ୍କାର ଟୁରିଜମ୍ ଲ୍ୟାଣ୍ଡ ବ୍ୟାଙ୍କ ଏବଂ ୧୦୦ କୋଟି ପର୍ଯ୍ୟନ୍ତ କ୍ୟାପିଟାଲ ସବ୍‌ସିଡି ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଘୋଷଣା କରାଯାଇଛି। ୧୫ଟି ପ୍ରାଥମିକ ଗନ୍ତବ୍ୟସ୍ଥଳ ବିକାଶ ଓ ୨୦୪୭ ସୁଦ୍ଧା ୫ କୋଟି ପର୍ଯ୍ୟଟକ ଆକର୍ଷଣ ଲକ୍ଷ୍ୟ ରଖାଯାଇଛି। ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର କରିବା ପାଇଁ ୧,୦୦୦ କୋଟି, ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ ଓ ମେରାଇନ୍ ଆକ୍ୱାରିୟମ ପାଇଁ ୫୦୦ କୋଟି ବ୍ୟୟ ବ୍ୟବସ୍ଥା କରାଯାଇଛି। ଏହା ସହ ଏସିଆର ସବୁଠାରୁ ବଡ଼ ଲୁଣି ହ୍ରଦ ଚିଲିକା ଲାଗୁନର ଇକୋ-ରିଷ୍ଟୋରେଶନ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ହାରୋର ଅଧ୍ୟକ୍ଷ ଡ. ଜେ.କେ. ମହାନ୍ତି ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନା ମାଟି ତଳେ ଥିବା ଖଣିଜ ସମ୍ପଦଠାରୁ ଅଧିକ ମୂଲ୍ୟବାନ୍ ଏବଂ ଏହାକୁ ଯଥାର୍ଥ ଭାବେ ବ୍ୟବହାରକଲେ ରାଜ୍ୟର ଅର୍ଥନୀତିକୁ ନୂଆ ଉଚ୍ଚତାରେ ପହଞ୍ଚାଇବ। ହାରୋ ବିଶ୍ୱାସ କରୁଛି ଯେ ପର୍ଯ୍ୟଟନ ହିଁ ଓଡ଼ିଶାର ଅର୍ଥନୈତିକ ବିକାଶର ମୁଖ୍ୟ ଚାଳକ ଶକ୍ତି ହେବ।

# ରାଜ୍ୟ ବଜେଟକୁ ଆସୋଚାମ୍‌ର ପ୍ରଶଂସା

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

ବିଧାନସଭାରେ ଶୁକ୍ରବାର ଉପସ୍ଥାପିତ ଓଡ଼ିଶା ବଜେଟ ସମ୍ପର୍କରେ ଆସୋଚାମ୍ ଓଡ଼ିଶା ରାଜ୍ୟ ବିକାଶ ପରିଷଦ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତ ପ୍ରତିକ୍ରିୟା ଦେଇଛନ୍ତି। ପଙ୍କଜଲୋଚନ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ଓଡ଼ିଶା ବଜେଟ ୨୦୨୬-୨୭ ହେଉଛି ଓଡ଼ିଶା ପାଇଁ ଏକ ପ୍ରଗତିଶୀଳ ଏବଂ ବିକାଶମୁଖୀ ରୂପରେଖ। ପୁଞ୍ଜିଗତ ବ୍ୟୟ, କୃଷି, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭିତ୍ତିଭୂମି ଉପରେ ଦୃଢ଼ ଗୁରୁତ୍ୱ ସହିତ ୩.୧୦ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ, ସର୍ବସମାବେଶୀ ବିକାଶ ସହିତ ଆର୍ଥିକ ଶୃଙ୍ଖଳାକୁ ପ୍ରତିଫଳିତ କରୁଛି। କ୍ରୀଡ଼ା ଭିତ୍ତିଭୂମି ଏବଂ ଯୁବ ବିକାଶ ଉପରେ ଜାରି ରହିଥିବା ଗୁରୁତ୍ୱକୁ ମଧ୍ୟ ସ୍ୱାଗତ କରୁଥିବା ସେ କହିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ପୁଞ୍ଜିନିବେଶ କେବଳ ପ୍ରତିଭା ସୃଷ୍ଟିକରେ ନାହିଁ, ବରଂ ଏହା ପର୍ଯ୍ୟଟନ, ବିଶ୍ୱସ୍ତରୀୟ ପରିଚୟ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ।

# ଅସ୍ସି ଚଳଚ୍ଚିତ୍ର ପ୍ରଚାରରେ ଆଇ ମନ୍ତ୍ରା ଆଇ ଡ୍ରପ୍ସର ସହଯୋଗ

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)




ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ କୋର୍ଟରୁମ୍ ଡ୍ରାମା ଚଳଚ୍ଚିତ୍ର 'ଅସ୍ସି'ର ପ୍ରଚାର ଚାଲିଛି। ନିର୍ଦ୍ଦେଶକ ଅନୁଭବ ସିହ୍ନାଙ୍କ ଏହି ଚଳଚ୍ଚିତ୍ରଟି ବାରାଣସୀର ଅସି ଘାଟକୁ କେନ୍ଦ୍ରକରି ପରମ୍ପରା ଓ ଆଧୁନିକ ଚିନ୍ତାଧାରା ମଧ୍ୟରେ ସଂଘର୍ଷକୁ ଚିତ୍ରଣ କରିଛି। ଅଭିନେତ୍ରୀ ତାପସୀ ପନ୍ନୁ ଏଥିରେ ମୁଖ୍ୟ ଚରିତ୍ର 'ରାଭି'ର ଭୂମିକାରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ପ୍ରଚାର ଅବସରରେ ତାପସୀ କହିଛନ୍ତି, କ୍ଲାନ୍ତ ଓ ମଳିନ ଆଖିରେ ସତ୍ୟ ସ୍ପଷ୍ଟ ଦେଖାଯାଏ ନାହିଁ। ତୀକ୍ଷ୍ଣ ଓ ସ୍ପଷ୍ଟ ଦୃଷ୍ଟି ପାଇଁ ଆଇ ମନ୍ତ୍ରା ଆଇ ଡ୍ରପ୍ସ ଆବଶ୍ୟକ, ଯାହା ସ୍ପଷ୍ଟ ଦୂରଦୃଷ୍ଟି ପ୍ରଦାନକରି ପ୍ରତ୍ୟେକ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟକରେ। ଏହି ଅବସରରେ ନିବେଶକ ଡ. ସଞ୍ଜୀବ ଜୁନେଜା ଚଳଚ୍ଚିତ୍ର ଦଳର ସଫଳତା କାମନା କରିଛନ୍ତି। ଚଳଚ୍ଚିତ୍ରର ପ୍ରଭାବଶାଳୀ କାହାଣୀ ଓ କଳାକାରଙ୍କୁ ଦୃଷ୍ଟିରେ ରଖି ଦିବିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ପ୍ରତିନିଧି କହିଛନ୍ତି, ସେମାନେ ଚଳଚ୍ଚିତ୍ର ସହିତ ସହଯୋଗ ପାଇଁ ନିଜର ପ୍ରସିଦ୍ଧ ଉତ୍ପାଦ ଆଇ ମନ୍ତ୍ରା ଆୟୁର୍ବେଦିକ ଆଇ ଡ୍ରପ୍ସ ବାଛିଛନ୍ତି। ଏହି ଡ୍ରପ୍ସ ଆଖିର କ୍ଲାନ୍ତି, ଶୁଷ୍କତା ଓ ଚାପ କମାଇବାରେ ସାହାଯ୍ୟ କରେ। ୧୨ଟି ଆୟୁର୍ବେଦିକ ଔଷଧିର ମିଶ୍ରଣରେ ପ୍ରସ୍ତୁତ ଏହା ଆଖିରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରେନାହିଁ। ସୂଚନା ଥାଉକି, ଚଳଚ୍ଚିତ୍ର ଅସ୍ସି ଫେବୃଆରୀ ୨୦ରେ ରିଲିଜ ହୋଇଛି ।

# ଟେଟ୍ରା ପ୍ୟାକେଟ୍‌ରେ ମିଳିବ ମଦ



ଭୁବନେଶ୍ୱର,୨୧।୨(ରବିନାରାୟଣ ଜେନା)

ଏଣିକି କାଚ ବୋତଲ ପରିବର୍ତ୍ତେ କାଗଜ ପ୍ୟାକେଟ୍‌ରେ ମଦ ବଜାରକୁ ଆଣିବା ପାଇଁ ବ୍ୟବସ୍ଥା ହେଉଛି। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଏ ସମ୍ପର୍କରେ ବିଧାନସଭାକୁ ଅବଗତ କରାଇଛନ୍ତି।

ବିଧାୟକ ସନାତନ ମହାକୁଡ଼ଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଠିପି ଖୋଲା ଓ ଠିପି ବନ୍ଦ ବିଦେଶୀ ମଦ କାଚ ବୋତଲରେ ବିକ୍ରୟ ହେଉଥିବା ସତ୍ତ୍ୱେ ମଦ୍ୟପାନ ପରେ ପୋଖରୀ ଘାଟ, ନଦୀତଟ, ନାଳ ଓ ଚାଷ ଜମିରେ ଭାଙ୍ଗିଥିବା କାଚ ଫିଙ୍ଗାଯାଇ ଲୋକେ ଆହତ ହେଉଥିବା ବିଷୟରେ ସରକାରଙ୍କ ନିକଟକୁ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ଆସିନାହିଁ।

ତେବେ ଅବକାରୀ ନୀତି ଅନୁସାରେ କାଚ ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ଦିଆଯାଇଛି, ଯାହା ପରିବେଶ ସୁରକ୍ଷା ପାଇଁ ମଧ୍ୟ ଉପଯୁକ୍ତ। ସେହିପରି ପରିବେଶ ସୁରକ୍ଷା ଦୃଷ୍ଟିରୁ ସରକାର ସମସ୍ତ ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତିମାନଙ୍କୁ କାଚ ବୋତଲର ପୁନଃବ୍ୟବହାର (ରିସାଇକ୍ଲିଂ) ପାଇଁ ଉତ୍ସାହିତ କରୁଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ଗତ ୧୦ ମାସରେ ୬୨୦ ଲକ୍ଷ ଲଣ୍ଡନ ପ୍ରୁଫ୍ ଲିଟର ବିଦେଶୀ ମଦ ବିକ୍ରି ହୋଇଥିବାବେଳେ ୧୦୯୨ ଲକ୍ଷ ବଲ୍କ ଲିଟର ବିୟର ଓ ୯୭ ଲକ୍ଷ ଲଣ୍ଡନ ପ୍ରୁଫ ଲିଟର ଦେଶୀ ମଦ ବିକ୍ରି ହୋଇଛି। ଏହି ୧୦ ମାସରେ ରାଜ୍ୟବାସୀ ପ୍ରାୟ ୬ ହଜାର ୫୬୯ କୋଟି ଟଙ୍କାର ମଦ ବ୍ୟବହାର କରିଛନ୍ତି।




ଦିଲ୍ଲୀସ୍ଥିତ ଭାରତ ମଣ୍ଡପମରେ ଆୟୋଜିତ 'ଏଆଇ' ସମ୍ମିଳନୀରେ ଯୁବ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ ସମୟରେ କେନ୍ଦ୍ର ସରକାରଙ୍କ ଗୁଣ୍ଡାବାହିନୀ ତଥା ଦିଲ୍ଲୀ ପୋଲିସ ଆକ୍ରୋଶମୂଳକ ଭାବେ ଯେଭଳି ଗିରଫ କଲା ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଅଭିଯୋଗ କରି ଶନିବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନଠାରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଏପ୍ରିଲରୁ ଓଡ଼ିଶାରେ ଏସ୍‌ଆଇଆର୍

ଭୁବନେଶ୍ୱର,୨୧।୨(ରବିନାରାୟଣ ଜେନା)

ଓଡ଼ିଶାରେ ଏପ୍ରିଲ ପହିଲାରୁ ଭୋଟର ତାଲିକାର ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟା ଆରମ୍ଭ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ଥଗୋପାଲନ୍ ସୂଚନା ଦେଇଛନ୍ତି। ସନ୍ଥଗୋପାଲନ୍ ଶନିବାର କହିଛନ୍ତି, ଏଥିପାଇଁ ଦୀର୍ଘଦିନ ଧରି ପ୍ରସ୍ତୁତି ଓ ବୈଠକ ଚାଲିଆସୁଛି। ଦୁଇଦିନ ତଳେ ଭାରତର ନିର୍ବାଚନ ଆୟୋଗ (ଇସିଆଇ) ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲା। ୧୯ ଫେବୃଆରୀରେ ଜାରି ହୋଇଥିବା ଏକ ସରକାରୀ ପତ୍ର ଅନୁଯାୟୀ, ଏସ୍‌ଆଇଆର୍‌ର ପରବର୍ତ୍ତୀ ପର୍ଯ୍ୟାୟ ଏପ୍ରିଲ ମାସରୁ ଓଡ଼ିଶା ସହିତ ଅନ୍ୟ କେତେକ ରାଜ୍ୟରେ ଆରମ୍ଭ ହେବ। ଏହି ସ୍ୱତନ୍ତ୍ର ସଂଶୋଧନର ମୂଳ ଲକ୍ଷ୍ୟ ହେଉଛି ନୂତନ ଭୋଟରଙ୍କ ପଞ୍ଜୀକରଣ କରିବା। ବିଶେଷକରି ଯୋଗ୍ୟ ନୂଆ ଭୋଟରଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବ। ସେହିପରି ଅଯୋଗ୍ୟ, ମୃତ କିମ୍ବା ଦୁଇଥର ନାମ ଥିବା ଭୋଟରଙ୍କ ନାମ ତାଲିକାରୁ ବିଲୋପ କରାଯିବ।

# ନର୍ସିଂହୋମ୍ ସିଲ୍‌କଲା ସ୍ୱାସ୍ଥ୍ୟ ବିଭାଗ

ଯାଜପୁରରୋଡ୍,୨୧।୨(ପବିତ୍ର ରଞ୍ଜନ ମହାନ୍ତି)

ନାବାଳିକା ପ୍ରସବ ଘଟଣାରେ ଶନିବାର ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପକ୍ଷରୁ ବ୍ୟାସନଗରସ୍ଥିତ ଲକ୍ଷ୍ମୀ ନର୍ସିଂହୋମ୍‌କୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସିଲ୍ କରାଯାଇଛି। ପ୍ରସବ ଘଟଣା ଲୋକଲୋଚନକୁ ଆସିବା ପରେ ଗତ ୧୬ ତାରିଖରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ତଦନ୍ତ କରାଯାଇ ଏହାକୁ ସିଲ୍ କରାଯିବାର ଥିଲା। ମାତ୍ର ସେଠାରେ ୧୧ ରୋଗୀ ଚିକିତ୍ସିତ ହେଉଥିବାରୁ ନର୍ସିଂହୋମ୍ ଖାଲି କରିବାକୁ ୨୦ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଥଲା। ଉକ୍ତ ସମୟ ସରିଯାଇଥିବାରୁ ପୂର୍ବାହ୍ନରେ ମାଜିଷ୍ଟ୍ରେଟଭାବେ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣଙ୍କ ଉପସ୍ଥିତିରେ ଏଡିଏମ୍‌ଓ ଡା. ମନୋଜ କୁମାର ସେନାପତି ହସ୍ପିଟାଲକୁ ଖାଲି କରାଇବା ସହ ସିଲ୍ କରିଥିଲେ। ଏଡିଏମ୍‌ଓ କହିଛନ୍ତି, ତଦନ୍ତ ପରେ ସବୁ ସାମ୍ନାକୁ ଆସିବ। ଅନ୍ୟପକ୍ଷରେ ପୂର୍ବରୁ ନାବାଳିକା ଗର୍ଭପାତ ହୋଇଥିବା




## ନାବାଳିକା ପ୍ରସବ ଘଟଣା

ଅଭିଯୋଗ ହୋଇଥିଲାବେଳେ ପରେ ଅଭିଯୁକ୍ତ ବୃଦ୍ଧ ପଦ୍ମନାଭ ଶତପଥୀଙ୍କ ଘର ସମ୍ମୁଖରୁ ଶିଶୁକନ୍ୟା ଉଦ୍ଧାର ଘଟଣା ରୋଚକ ମୋଡ଼ରେ ପହଞ୍ଚିଛି। ଶିଶୁଟି ନାବାଳିକାଙ୍କର କି ନୁହେଁ ତାହା ଡିଏନ୍‌ଏ ପରୀକ୍ଷା ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ କହିଛି। ଶିଶୁଟିର ଜନ୍ମ ଉକ୍ତ ହସ୍ପିଟାଲରେ ହୋଇଛି କି ଆଉ କେଉଁଠି ହୋଇଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ୨ ଜଣ ଗିରଫ ହୋଇସାରିଥିଲେ ମଧ୍ୟ ତଦନ୍ତ ସ୍ୱଚ୍ଛତା ଏବେବି ଅସ୍ପଷ୍ଟ ରହିଛି। ନାବାଳିକାଙ୍କ ଡାକ୍ତରୀମାଇନା ବେଳେ ଅନେକ ଗୁଢ଼ ରହସ୍ୟ ଥିବା ଅନୁମାନ କରାଯାଉଛି। ନାବାଳିକାଙ୍କ ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ ଉକ୍ତ ନର୍ସିଂହୋମ୍‌କୁ ଅଣାଯାଇଥିଲା। ନର୍ସିଂହୋମ୍‌ରେ ପ୍ରସବ କରାଯାଇ ନ ଥିବା ନାବାଳିକାଙ୍କ ଚିକିତ୍ସା କରିଥିବା ଡା. ବିରଞ୍ଚି ମହାପାତ୍ର କହିଥିଲେ। ଅଭିଯୁକ୍ତ ପଦ୍ମନାଭ ଶତପଥୀ ଓ ପୀଡ଼ିତା ନାବାଳିକାଙ୍କ ବୟାନକୁ ଆଧାରକରି ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଏହି ଘଟଣାର ରହସ୍ୟ ଉନ୍ମୋଚନ କରାଯିବ ବୋଲି ଥାନାଧିକାରୀ ଆଶିଷ ସାହୁ କହିଛନ୍ତି।

ସୂଚନାଯୋଗ୍ୟ, କୋପଣ୍ଡ ଗ୍ରାମରେ ଭଡ଼ାରେ ବାପାଙ୍କ ସାଙ୍ଗରେ ରହୁଥିବା ଜଣେ ୧୬ ବର୍ଷୀୟ ନାବାଳିକା ଗର୍ଭପାତ କରାଇଥିବା ଯାଜପୁରରୋଡ୍ ଥାନାରେ ଗତ ରବିବାର ସନ୍ଧ୍ୟାରେ ଅଭିଯୋଗ ହୋଇଥିଲା। ୨ ଦିନପରେ ଗ୍ରାମର ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ସମ୍ପୃକ୍ତ ନାବାଳିକାଙ୍କୁ ପଚାରିବାରୁ ସେ ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କ ଦ୍ୱାରା ଗର୍ଭବତୀ ହୋଇଥିଲେ ଏବଂ ସମ୍ପୃକ୍ତ ବୃଦ୍ଧଙ୍କ ଦ୍ୱାରା ଏକ ଘରୋଇ ନର୍ସିଂହୋମରେ ତାଙ୍କର ଗର୍ଭପାତ କରାଯାଇଥିବା ସେ କହିବା ପରେ ଘଟଣା ଥାନାକୁ ଆସିଥିଲା।

# ସରକାରଙ୍କ ଗୁଣ୍ଡା ସାଜିଛି ଦିଲ୍ଲୀ ପୋଲିସ: ଯୁବ କଂଗ୍ରେସ

ଭୁବନେଶ୍ୱର,୨୧।୨(ରବିନାରାୟଣ ଜେନା)

## ଦିଲ୍ଲୀ ଆନ୍ଦୋଳନକୁ ନେଇ ଭୁବନେଶ୍ୱରରେ ଧସ୍ତାଧସ୍ତି

ଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଆୟୋଜିତ 'ଏଆଇ' ସମ୍ମିଳନୀରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଯେଉଁଭଳି ଭାବରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏହା ଦେଶର କୋଟି କୋଟି ବେକାର ଯୁବତୀ ଯୁବକଙ୍କର ଆକ୍ରୋଶର ପ୍ରତିଫଳନ ଥିଲା। ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ହେଉଥିବାବେଳେ କେନ୍ଦ୍ର ସରକାରଙ୍କ ଗୁଣ୍ଡାବାହିନୀ ତଥା ଦିଲ୍ଲୀ ପୋଲିସ ଆକ୍ରୋଶମୂଳକଭାବେ ଯେଭଳି ଗିରଫ କଲା ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି।

ଏହି ପ୍ରସଙ୍ଗକୁ ନେଇ ଶନିବାର ସନ୍ଧ୍ୟାରେ କଂଗ୍ରେସ ଭବନରୁ ରାଜ୍ୟ ଯୁବ କଂଗ୍ରେସ ସଭାପତି ପାତ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ସମୟରେ ପାତ୍ର କହିଛନ୍ତି, ଗଣତନ୍ତ୍ର ରାଷ୍ଟ୍ରରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ଅଛି। ଯୁବ କଂଗ୍ରେସ ଭାରତ ବର୍ଷର ଯୁବକମାନଙ୍କର ହକ୍ ପାଇଁ ଲଢ଼ିଆସୁଛି। ଦେଶର କୃଷକମାନଙ୍କର ଅଧିକାର ଛଡ଼େଇ ନିଆଯାଉଥିବାବେଳେ ଭାରତ ବର୍ଷର ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଭାରତ ବିରୋଧ ବିଲ୍‌କୁ ମୋଦି ସରକାର ପ୍ରୋତ୍ସାହନ ଦେଇଆସୁଛନ୍ତି। ଯୁବକମାନଙ୍କୁ ରୋଜଗାର ଦେବା ପ୍ରତିବଦଳରେ ଘୃଣାର ରାଜନୀତିରେ ସେମାନଙ୍କୁ ଭାଜପା ସରକାର ଜଡ଼ିତ କରି ଦେଶର ଭାଇଚାରାରେ ବିପଦ ସୃଷ୍ଟି କରୁଛନ୍ତି। ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଅସତ୍ୟ କହି ପ୍ରତାରଣା କରିଆସୁଛନ୍ତି। ଏପଷ୍ଟିନ୍ ଫାଇଲରେ ପ୍ରଧାନମନ୍ତ୍ରୀଙ୍କ ନାମ ଆସିବା ପରେ ସଂସଦରେ ଆଲୋଚନା ପାଇଁ ଦେଶ ଲାଗି ଲଜ୍ଜାକର ଘଟଣା। ସାରା ଦେଶବାସୀ ଜାଣିଗଲେଣି ଏ ପ୍ରଧାନମନ୍ତ୍ରୀ ହେଉଛନ୍ତି ସାଲିସ୍ ଏବଂ ପୁଞ୍ଜିପତିମାନଙ୍କ ପ୍ରଧାନମନ୍ତ୍ରୀ ବୋଲି ସେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଯୁବ କଂଗ୍ରେସର ଶତାଧିକ କର୍ମକର୍ତ୍ତା ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟାଳୟକୁ ଘେରାଉ କରିବାକୁ ଉଦ୍ୟମ ବେଳେ ପୋଲିସ ସେମାନଙ୍କୁ ଆଇନଶୃଙ୍ଖଳା ଦୃଷ୍ଟିରୁ ଅଟକାଇଥିଲା। ଏହାକୁ ନେଇ ପ୍ରଥମେ ବଚସା ଓ ପରେ ପୋଲିସ ସହ କଂଗ୍ରେସ କର୍ମକର୍ତ୍ତାଙ୍କ ଧସ୍ତାଧସ୍ତି ହୋଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ଜାଭେଦ ଅଖତର ପ୍ରମୁଖ ସାମିଲ ଥିଲେ।

# କାନ୍ଥ ସୁଡ଼ଙ୍ଗରୁ ମିଳିଲା ବ୍ରାଉନସୁଗାର

## ୨୭୯ ଗ୍ରାମ୍ ଜବତ, ମହିଳାଙ୍କ ସମେତ ୪ ଗିରଫ

ଜଳେଶ୍ୱର,୨୧।୨(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଜପୁର ଏବଂ ପଞ୍ଚୁଘଣ୍ଟା ଅଞ୍ଚଳରେ ପୃଥକ ଭାବେ ଚଢ଼ାଉ କରି ପୋଲିସ ୨୭୯ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ରାଜପୁର ଗ୍ରାମରେ ସିରାଜଦୁଲଙ୍କ ସ୍ତ୍ରୀ ରୁବିନା ବିବି (୨୭) ବ୍ରାଉନସୁଗାର କାରବାର କରୁଥିବା ପୋଲିସ ପାଖରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ଆଇଆଇସି ଅଶୋକ କୁମାର ବାରିକଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ବନିତା ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ରୁବିନାଙ୍କ ଘରେ ଚଢ଼ାଉ କରିଥିଲେ। ତଲାସୀ ସମୟରେ ଘରର ଏକ ପକ୍କା କାନ୍ଥ ଭିତରେ କରାଯାଇଥିବା ସୁଡ଼ଙ୍ଗରୁ ୨୫୯ ଗ୍ରାମ ବ୍ରାଉନସୁଗାର ମିଳିଥିଲା।

# ମୁଙ୍ଗେରିଲାଲଙ୍କ ହସିନ ସ୍ୱପ୍ନ ଭଳି ବଜେଟ: ବିଜେଡି

ଭୁବନେଶ୍ୱର,୨୧।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ କରିଛନ୍ତି। ହେଲେ ବିଜେଡି ପକ୍ଷରୁ ଏହି ବଜେଟକୁ ଅନ୍ତସାର ଶୂନ୍ୟ ଓ କେବଳ ପ୍ରଚାରଧର୍ମୀ ବଜେଟ ବୋଲି ଅଭିହିତ କରାଯାଇଛି। ଶନିବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟ ସରକାର ଗତବର୍ଷଠାରୁ ୨୦ ହଜାର କୋଟି ଟଙ୍କା ବଢ଼ାଇ ୩.୧୦ ଲକ୍ଷ କୋଟି ଟଙ୍କାର ଯେଉଁ ବଜେଟ ଆଣି ବାହାଦୁରି ନେବାକୁ ଚେଷ୍ଟା କରୁଛନ୍ତି ତାହା ଗ୍ରହଣୀୟ ନୁହେଁ। ପୂର୍ବବର୍ଷ ତୁଳନାରେ ୬.୨୫% ବୃଦ୍ଧି ହୋଇଥିବା ବେଳେ ମୁଦ୍ରାସ୍ଫୀତିକୁ ୮% ହାରରେ ବିଚାରକୁ ନେଲେ ବଜେଟ ପରିମାଣ ବୃଦ୍ଧି ହୋଇନାହିଁ ବରଂ ୨% ହ୍ରାସ ପାଇଛି। ସରକାରଙ୍କ ଆୟ କମୁଥିବାରୁ ଋଣ ଭାରରେ ଓଡ଼ିଶାକୁ ବୁଡ଼ାଉଛନ୍ତି। ନବୀନ ପଟ୍ଟନାୟକ ଓଡ଼ିଶାର



ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ ଓ ଗୌତମବୁଦ୍ଧ ଦାସ।

ଦାୟିତ୍ୱ ନେବାପରେ ରାଜ୍ୟର ବିପର୍ଯ୍ୟସ୍ତ ଆର୍ଥିକ ସ୍ଥିତିକୁ ସୁଧାର କରି ଓଡ଼ିଶାକୁ ଏକ ଶୃଙ୍ଖଳିତ ରାଜ୍ୟରେ ପରିଣତ କରିଥିଲେ। ବର୍ତ୍ତମାନର ସରକାର କେବଳ ଋଣକରି ରାଜ୍ୟର ଆର୍ଥିକ ସ୍ଥିତିକୁ ଆଉ ଥରେ ବିପଦ ଆଡ଼କୁ ଠେଲି ଦେଉଛନ୍ତି। ମାତ୍ର ୩ଟି ବଜେଟରେ ବର୍ତ୍ତମାନର ସରକାର ପ୍ରାୟ ୧.୩୮ ଲକ୍ଷ କୋଟି ଋଣ କଲେଣି। ସରକାର ଋଣ ଉପରେ ନିର୍ଭରକରି ରାଜ୍ୟବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି। କୃଷକମାନଙ୍କ ସମସ୍ୟାକୁ ସମାଧାନ କରିବା ଲାଗି ସରକାରଙ୍କ କୌଣସି ଯୋଜନା କି ଆନ୍ତରିକତା ନାହିଁ। ସ୍ୱାସ୍ଥ୍ୟ ବିଭାଗର ପରିମାଣକୁ କମାଇ ଦିଆଯାଇଛି। ଭିବିଜି ରାମ ଜି ଯୋଜନାରେ ୯୦:୧୦ ପରିବର୍ତ୍ତେ ୬୦: ୪୦ରେ ଖର୍ଚ୍ଚ ହେବ, ଯାହା ରାଜ୍ୟ ଉପରେ ଅଧିକ ଆର୍ଥିକ ବୋଝ ବଢ଼ିବ। ଏହା ସରକାରଙ୍କ ଏକ ପ୍ରଚାରଧର୍ମୀ ବଜେଟ। ଅନେକ ଯୋଜନା ଘୋଷଣା କରାଯାଇଥିବା ବେଳେ ସେଥିଲାଗି ଅର୍ଥ ବ୍ୟବସ୍ଥା କରାଯାଇ ନାହିଁ। ମୁଙ୍ଗେରିଲାଲଙ୍କ ହସିନ ସ୍ୱପ୍ନ ଭଳି ସରକାର ରାଜ୍ୟର ବିକାଶ ପାଇଁ ରାଜ୍ୟବାସୀଙ୍କୁ କେବଳ ସ୍ୱପ୍ନ ଦେଖାଇଥିବା ପ୍ରସନ୍ନ କହିଛନ୍ତି। ଏହି ଅବସରରେ ବିଧାୟକ ନିରଞ୍ଜନ ପୂଜାରୀ ଏବଂ ଗୌତମବୁଦ୍ଧ ଦାସ ଉପସ୍ଥିତ ଥିଲେ।

# 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' ବଞ୍ଚାଅ ସମିତିର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୨୧।୨(ରବିନାରାୟଣ ଜେନା)

କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା ଏବଂ ଯୋଜନାର ରୂପରେଖ ବଦଳାଇବା ନିଷ୍ପତ୍ତି ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶନିବାର ପିସିସି ସଭାପତି ଭକ୍ତ ଚରଣ ଦାସ ଓ ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୩୫ ସାଙ୍ଗଠନିକ ଜିଲାରେ 'ଏମ୍‌ଜିଏନଆର୍‌ଇଜିଏସ୍' ବଞ୍ଚାଅ ସମିତିର ନୂତନ କର୍ମକର୍ତ୍ତା ନିଯୁକ୍ତ କରାଯାଇଛି। ପର୍ଯ୍ୟବେକ୍ଷକ ତଥା କର୍ମକର୍ତ୍ତାମାନେ ଜିଲାସ୍ତରରେ ବିଭିନ୍ନ ପ୍ରତିବାଦ ସଭା ଓ ଜନସଚେତନତା ସୃଷ୍ଟି କରିବାରେ କାର୍ଯ୍ୟ କରିବେ। କମିଟିରେ ନିଷ୍ପତ୍ତିକ୍ରମେ ଅମର ପ୍ରଧାନଙ୍କୁ ଭୁବନେଶ୍ୱର ଓ କଟକ ନଗର ଜିଲା କଂଗ୍ରେସର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିବାବେଳେ ଅନ୍ୟ ନେତୃବୃନ୍ଦ ୩୨ ସାଙ୍ଗଠନିକ ଜିଲାରେ 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' ବଞ୍ଚାଅ ସମିତିର ଦାୟିତ୍ୱ ପ୍ରଦାନ କରାଯାଇଛି।

# ରାହୁଲଙ୍କ ସହ ରାଜ୍ୟ ରାଜନୀତି ଉପରେ ଚର୍ଚ୍ଚାକଲେ ଅରୋ



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଏଆଇସିସି ରିସର୍ଚ୍ଚ କମିଟି ସଂଯୋଜକ ଅରୋ ପ୍ରସାଦ ମିଶ୍ର।

ଭୁବନେଶ୍ୱର,୨୧।୨(ସୁନିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ରିସର୍ଚ୍ଚ କମିଟିରେ ସଂଯୋଜକ ଭାବେ ସ୍ଥାନ ପାଇଥିବା ଓଡ଼ିଶାର ଅରୋ ପ୍ରସାଦ ମିଶ୍ର ନୂଆଦିଲ୍ଲୀସ୍ଥିତ ଜବାହର ଭବନଠାରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ସାକ୍ଷାତ କରିଛନ୍ତି। ଉଭୟଙ୍କ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ଆଲୋଚନା ହୋଇଥିବା ବେଳେ ଏହି ଅବସରରେ ସେ ଜାତୀୟ ଏବଂ ଓଡ଼ିଶା ପ୍ରସଙ୍ଗରେ ଚର୍ଚ୍ଚା କରିଥିବା ଜଣାପଡିଛି। ରାଜ୍ୟରେ ଭାଜପା ନେତୃତ୍ୱାଧୀନ ସରକାର ଆସିବା ପରେ ମହିଳା ନିର୍ଯାତନା ତଥା ଚାଷୀମାନଙ୍କ ପ୍ରମୁଖ ସମସ୍ୟାଗୁଡିକ ଉପରେ ସେ ଏହି ଅବସରରେ ରାହୁଲଙ୍କୁ ଅବଗତ କରାଇଥିବା କହିଛନ୍ତି। ଏପରିକି ରାଜ୍ୟରେ ଦଳର ସାଙ୍ଗଠନିକ ଶକ୍ତିବୃଦ୍ଧି ପାଇଁ ସମ୍ଭାବ୍ୟ ପଦକ୍ଷେପଗୁଡିକ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି। ଏହାପରେ ରାହୁଲ ଏଆଇସିସି ରିସର୍ଚ୍ଚ ଟିମ୍ ସହ ଜାପାନୀ ମାର୍ଶାଲ ଆର୍ଟ 'ଜିଉ ଜିତ୍ସୁ' ଓ ଆଧୁନିକ ସମୟର ଭାରତୀୟ ରାଜନୀତି ବିଷୟରେ କଥା ହୋଇଥିଲେ। ଚାପ ମଧ୍ୟରେ ସ୍ଥିର ରହିବା, ଅନୁକୂଳନଶୀଳତା ସୃଷ୍ଟିକରିବା ଏବଂ ଭୟକୁ ତ୍ୟାଗ କରିବାର କଳା ଶିଖିବା ପାଇଁ ରାହୁଲ ପରାମର୍ଶ ଦେଇଛନ୍ତି।

# ରାଜ୍ୟ ସରକାରଙ୍କ ଅନୁରୋଧକୁ 'ଇସିଆଇ'ର ନା

ଭୁବନେଶ୍ୱର,୨୧।୨(ରବିନାରାୟଣ ଜେନା)

## ବିଧାନସଭା ପର୍ଯ୍ୟବେକ୍ଷକ ତାଲିକାରୁ ନାମ ବାଦ୍ ଦେବା ପ୍ରସଙ୍ଗ

ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଓ ପୁଡୁଚେରୀରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜାନୁଆରୀ ୨୭ରେ ଇସିଆଇ ଜାରି କରିଥିବା ଏକ ନିର୍ଦ୍ଦେଶନାମା ଅନୁଯାୟୀ ୫ ରାଜ୍ୟର ବିଧାନସଭା ନିର୍ବାଚନ ଲାଗି ଓଡ଼ିଶାରୁ ୩୨ ଆଇଏଏସ୍ ଏବଂ ୫ ଆଇପିଏସ୍ ଅଧିକାରୀ ପର୍ଯ୍ୟବେକ୍ଷକ ଭାବେ ଯୋଗଦେବାର ରହିଥିଲା। ହେଲେ ନିକଟରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୧୦ ଆଇଏଏସ୍ ଅଫିସର ଏବଂ ଜଣେ ଆଇପିଏସ୍ ଅଫିସରଙ୍କ ନାମ ବାଦ୍‌ଦେବାକୁ ଅନୁରୋଧ କରାଯାଇଥିଲା। ମାତ୍ର ଏହାକୁ 'ଇସିଆଇ' ପକ୍ଷରୁ ମନା କରି ଦିଆଯାଇଛି। ନିର୍ବାଚନ ପର୍ଯ୍ୟବେକ୍ଷକ ତାଲିକାରୁ ନାମ ବାଦ୍ ଦେବାପାଇଁ ରାଜ୍ୟ ସରକାର ଯେଉଁ ଅନୁରୋଧ କରିଥିଲେ ତାହାକୁ ଆୟୋଗ ରଖି ପାରୁନାହାନ୍ତି ବୋଲି ଶନିବାର କୁହାଯାଇଛି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ଯେଉଁ ୩୨ ଆଇଏଏସ୍ ଏବଂ ୫ ଆଇପିଏସ୍ ଅଫିସରଙ୍କ ନାମ ଦିଆଯାଇଥିଲା, ସେମାନେ ନିର୍ବାଚନ ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିବେ ବୋଲି ସ୍ପଷ୍ଟ ହୋଇଛି। ପର୍ଯ୍ୟବେକ୍ଷକ ଭାବେ ଯୋଗଦେବା ପାଇଁ ବରିଷ୍ଠ ଆଇଏଏସ୍ ଅଫିସର ତେମଜେନ୍ତୋପଙ୍ଗ ଆଓଙ୍କ ସହିତ ମୃଣାଳିନୀ ଦର୍ଶଓ୍ୱାଲ, ଗିରିଶ ଏସ. ଏନ୍, ଅଶ୍ୱଥୀ ଏସ୍, ରାଜେଶ ପ୍ରଭାକର ପାଟିଲ, ସଚିନ ରାମଚନ୍ଦ୍ର ଯାଦବ, ଯାମିନୀ ଷଡ଼ଙ୍ଗୀ, ଗୁହା ପୁନମ୍ ତାପସ କୁମାର, ଭୂପେନ୍ଦ୍ରସିଂ ପୁନିଆ, ବି. ପରମେଶ୍ୱରନ୍, ଏନ୍ ଥିରୁମାଲା ନାୟକ, ବିଜୟ କେତନ ଉପାଧ୍ୟାୟ, ଏମ୍‌ଡି ସିଦ୍ଦିକ୍ ଆଲାମ, ବୃନ୍ଦା ଡି, ସୁଧାଂଶୁ ମୋହନ ସାମଲ, କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅରିନ୍ଦମ ଡାକୁଆ, ଗଣେଶ୍ୱର ଜେନା, ବିଜୟ କୁମାର ଦାଶ, ଲକ୍ଷ୍ମୀକାନ୍ତ ପ୍ୟାରୀଲାଲ ପ୍ରଧାନ, ଦେବେନ କୁମାର ପ୍ରଧାନ, ଫୁମା ଗୁଡୁ, ବିନିତ ଭରଦ୍ୱାଜ, କୁଲାଙ୍ଗେ ବିଜୟ ଅମୃତ, ଶୁଭମ୍ ସାକ୍ସେନା, ମଧୁସ୍ମିତା ସାହୁ, ମୃଣାଳକାନ୍ତି ଦାସ, ପ୍ରଦୀପ କୁମାର ନାୟକ, ଧରମା ହାଁସଦା, ୟେଦୁଲ୍ଲା ବିଜୟ, ମୋନିକା ପ୍ରିୟଦର୍ଶିନୀ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ରହିଛନ୍ତି। ଏହାସହିତ ଆଇପିଏସ୍‌ଙ୍କ ମଧ୍ୟରେ ଗଜଭିୟେ ସତିଶ କୁମାର ଆଇ, ଅବିନାଶ କୁମାର, ସତ୍ୟଜିତ ନାୟକ, ବାତୁଲ ଗଙ୍ଗାଧର ଓ ଯୁଗଳ କିଶୋର କୁମାର ବନଥ ପ୍ରମୁଖ ରହିଛନ୍ତି। ଏହି ପର୍ଯ୍ୟବେକ୍ଷକ ତାଲିକାରୁ ଆଇଏଏସ୍ ଅରିନ୍ଦମ ଡାକୁଆ, ତେମଜେନ୍ତୋପଙ୍ଗ ଆଓ, ଗିରିଶ ଏସ.ଏନ୍, ଅଶ୍ୱଥୀ ଏସ୍, ରାଜେଶ ପ୍ରଭାକର ପାଟିଲ, ସଚିନ ରାମଚନ୍ଦ୍ର ଯାଦବ, ଯାମିନୀ ଷଡ଼ଙ୍ଗୀ, ଭୂପେନ୍ଦ୍ରସିଂ ପୁନିଆ, ବି. ପରମେଶ୍ୱରନ, ଏନ୍. ଥିରୁମାଲା ନାୟକଙ୍କ ସହିତ ଆଇପିଏସ୍ ସତ୍ୟଜିତ ନାୟକଙ୍କ ନାମ ମଧ୍ୟ ବାଦ୍‌ଦେବାକୁ ଇସିଆଇକୁ ଅନୁରୋଧ କରାଯାଇଥିଲା।

## ବିଶ୍ୱବ୍ୟାପୀ ୧୫%...

୩ୟ ପୃଷ୍ଠାର ଅବଶିଷ୍ଟାଂଶ

କିନ୍ତୁ ସେମାନେ ଆମକୁ ପୈଠ କରିବେ ବୋଲି ଟ୍ରମ୍ପ କହିଛନ୍ତି। ଆମେ ଭାରତ ସହ ବାଣିଜ୍ୟ କରୁଛୁ। ଭାରତକୁ ରୁଷିଆଠାରୁ ଦୂରେଇ ଦେଇଛୁ। ନୂଆଦିଲ୍ଲୀ ରୁଷିଆରୁ ତେଲ କିଣୁଥିଲା। ମୋ ଅନୁରୋଧକ୍ରମେ ଭାରତ ସେଠାରୁ ତୈଳ କିଣିବା ଯଥେଷ୍ଟ କମାଇଦେଇଥିବା ଟ୍ରମ୍ପ କହିଛନ୍ତି। କାରଣ ଆମେ ସେହି ଭୟଙ୍କର ଯୁଦ୍ଧର ସମାଧାନ ଚାହୁଁଛୁ, ଯେଉଁଠି ପ୍ରତି ମାସରେ ୨୫,୦୦୦ ଲୋକଙ୍କ ଜୀବନ ଯାଉଛି ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ୨୦୦ ପ୍ରତିଶତ ଟାରିଫ୍ ଧମକ ଦେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିବା କଥା ଖବରଦାତା ସମ୍ମିଳନୀରେ ଟ୍ରମ୍ପ ପୁନର୍ବାର ଦୋହରାଇଛନ୍ତି।

ଭାରତ ଓ ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମା ପାଇଁ ଏକ ରୂପରେଖରେ ପହଞ୍ଚିଥିବା ନେଇ ଚଳିତ ମାସ ଆରମ୍ଭରେ ଘୋଷଣା କରିଥିଲେ। ରୁଷିଆରୁ ତୈଳ କ୍ରୟ ପାଇଁ ଭାରତୀୟ ସାମଗ୍ରୀ ଉପରେ ଆମେରିକା ଲଗାଇଥିବା ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ପ୍ରତ୍ୟାହାର କରାଗଲା ବୋଲି ଟ୍ରମ୍ପ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଜାରି କରିଥିଲେ। ଚୁକ୍ତିନାମା ଅନୁଯାୟୀ, ଭାରତ ଉପରେ ଲାଗିଥିବା ୨୫ ପ୍ରତିଶତ ଜବାବୀ ଶୁଳ୍କକୁ ୱାଶିଂଟନ ୧୮% କରିବ ବୋଲି ଘୋଷଣା କରିଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ୱାଶିଂଟନ ଏକ ନିର୍ଦ୍ଦେଶନାମା ବଳରେ ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ୧୫ ପ୍ରତିଶତ ଶୁଳ୍କ ଲଗାଇଥିବାରୁ ଭାରତ ଉପରେ ମଧ୍ୟ ସମ ପରିମାଣର ଶୁଳ୍କ ଲାଗୁହେବ।

ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମାକୁ ସ୍ଥଗିତ ରଖି ଡିଲ୍‌ରେ ଥିବା ସର୍ତ୍ତଗୁଡ଼ିକ ଉପରେ ପୁନଃ ବୁଝାମଣା କରନ୍ତୁ ବୋଲି କଂଗ୍ରେସ ଶନିବାର ଦାବି କରିଛି। ଆମେରିକା ପକ୍ଷରୁ ସ୍ପଷ୍ଟୀକରଣ ନ ମିଳିବା ପର୍ଯ୍ୟନ୍ତ ଆମଦାନୀ ଉପରେ ଉଦାରତା ରହିବ ନାହିଁ। ଭାରତୀୟ କୃଷକମାନଙ୍କ ସ୍ୱାର୍ଥ ଯେପରି କ୍ଷତିଗ୍ରସ୍ତ ନ ହୁଏ, ତାହା ସୁନିଶ୍ଚିତ କରାଯାଉ ବୋଲି କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଅନ୍ୟପକ୍ଷରେ ଆମେରିକା ସୁପ୍ରିମକୋର୍ଟଙ୍କ ଟାରିଫ୍ ରାୟର ପ୍ରଭାବ ଉପରେ ଭାରତ ସରକାର ଅନୁଧ୍ୟାନ କରୁଛନ୍ତି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ କହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇଷ୍ଟ ବେଙ୍ଗଲ ୪-୧ରେ ଦିଲ୍ଲୀକୁ ହରାଇଲା

## ଇଣ୍ଡିଆନ ସୁପର ଲିଗ୍

**କୋଲକାତା, ୨୧।୨**

କୋଲକାତାର କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ୍‌ରେ ଇଷ୍ଟ ବେଙ୍ଗଲ ୪-୧ ଗୋଲରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ପରାସ୍ତ କରିଛି। ଦିଲ୍ଲୀ ଦଳ ପକ୍ଷରୁ ଅଗଷ୍ଟିନ ଲାଲରୋଚାନା ୪ର୍ଥ ମିନିଟରେ ଏକ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ପରେ ଇଷ୍ଟ ବେଙ୍ଗଲ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ପକ୍ଷରୁ ଏଡ୍‌ମୁଣ୍ଡ ଲାଲରିଣ୍ଡିକା ୭ମ ମିନିଟରେ ଗୋଲଟି ପରିଶୋଧ କରି ଦେଇଥିଲେ। ପରେ ୟୁସୁଫ ଇଜେଜାରି ୧୨ଶ ଓ ୪୦ତମ ମିନିଟରେ ୨ଟି ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଇଷ୍ଟ ବେଙ୍ଗଲକୁ ୩-୧ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କଡ଼ା ଟକ୍କର ହୋଇଥିଲେ ମଧ୍ୟ ସ୍ପୋର୍ଟିଂ କ୍ଲବ ଗୋଲ ପରିଶୋଧ କରିପାରି ନ ଥିଲା। ମ୍ୟାଚ ଶେଷ ହେବାକୁ ଅଳ୍ପ କିଛି ସମୟ ପୂର୍ବରୁ ୯୦+୫ ଇଞ୍ଜୁରି ଟାଇମରେ ମିଗୁଏଲ ଫିଗୁଏରା ଗୋଟିଏ ଗୋଲ ଦେଇ ଇଷ୍ଟ ବେଙ୍ଗଲ ବିଜୟ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ। ଇଷ୍ଟ ବେଙ୍ଗଲ ୨ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ ପାଇଁ ଏହାଥିଲା ୨ ମ୍ୟାଚରୁ ୨ ପରାଜୟ। ଫଳରେ ଏହି ଦଳ ପଏଣ୍ଟ ଖାତା ଖୋଲିପାରିନାହିଁ।

# ରାମେଶ୍ୱର-କିଶୋର ଫାଇନାଲ

## ବିହାରୀଲାଲ କ୍ରିକେଟ

### ଭେଟେରାନ ଫାଇନାଲରେ ଜେପି ବ୍ଲାଷ୍ଟର୍ସ ବନାମ କିଶୋର କ୍ଲବ

**ପୁରୁଣା ଭୁବନେଶ୍ୱର, ୨୧।୨**
**(ସୁବାସ ଚନ୍ଦ୍ର ପ୍ରଧାନ)**

ପୋଖରୀପୁଟସ୍ଥିତ ବିହାରୀଲାଲ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ୨୭ତମ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ଶନିବାର ୨ ବର୍ଗରେ ମୋଟ ୪ଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ରାମେଶ୍ୱର ଏବଂ କିଶୋର କ୍ଲବ ସିନିୟର ବର୍ଗର ଫାଇନାଲରେ ପ୍ରବେଶ କରିଥିବାବେଳେ ଭେଟେରାନ ଫାଇନାଲରେ ପହଞ୍ଚିଛନ୍ତି ଜେପି ବ୍ଲାଷ୍ଟର୍ସ ପୁରୀ ଓ କିଶୋର କ୍ଲବ। ପ୍ରଥମ ସେମିରେ ରାମେଶ୍ୱର ସ୍ପୋର୍ଟିଂ ୨୪ ରନରେ ମହାବୀର କ୍ଲବକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ କିଶୋର କ୍ଲବ ୧୪ ରନରେ ମୁକ୍ତେଶ୍ୱର କ୍ଲବକୁ ପରାସ୍ତ କରିଛି। ସେହିପରି ଭେଟେରାନ ବର୍ଗର ପ୍ରଥମ ସେମିଫାଇନାଲରେ ଜେପି ବ୍ଲାଷ୍ଟର୍ସ ପୁରୀ ୪୪ ରନରେ ସହିଦ ସ୍ପୋର୍ଟିଂକୁ ଏବଂ ଦ୍ୱିତୀୟ ସେମିରେ କିଶୋର କ୍ଲବ ୭ ଉଇକେଟରେ ବିହାରୀଲାଲ ଦଳକୁ ହରାଇ ଦେଇଛି। ରବିବାର ଉଭୟ ବର୍ଗର ଫାଇନାଲ ଅନୁଷ୍ଠିତ ହେବ। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଛନ୍ତି।


ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଅତିଥିଙ୍କ ଗହଣରେ ଖେଳାଳିମାନେ।

# ୱିଣ୍ଟର ଅଲିମ୍ପିକ୍ସରେ ୬ ସ୍ୱର୍ଣ୍ଣ ଜିତିବାରେ କ୍ଲେବୋ ପ୍ରଥମ ଆଥ୍‌ଲେଟ




**ଟେସେରୋ, ୨୧।୨ (ଏପି)**

ନରୱେରେ ଜୋହାନେସ ହୋସ୍‌ଫ୍ଲଟ କ୍ଲେବୋ ଶନିବାର ତାଙ୍କ ୬ଷ୍ଠ ରେସ୍ ଜିତିବା ପରେ ଏକ ୱିଣ୍ଟର ଗେମ୍ସରେ ୬ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ବିଶ୍ୱର ପ୍ରଥମ ଆଥ୍‌ଲେଟ ହେବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ପୁରୁଷ କ୍ରସ୍-କଣ୍ଟ୍ରି ସ୍କି ଇଭେଣ୍ଟଗୁଡ଼ିକରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୫୦ କି.ମି. ମାସ୍ ଷ୍ଟାର୍ଟ ରେସ୍‌ରେ ସେ ୫୦ ବର୍ଷର ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଏହି ରେକର୍ଡ ଆମେରିକାନ ସ୍ପିଡ୍ ସ୍କେଟର ଏରିକ୍ ହିଡେନ୍‌ଙ୍କ ନାମରେ ରହିଥିଲା। ୧୯୮୦ ଲେକ୍ ପ୍ଲାସିଡ୍ ଅଲିମ୍ପିକ୍ସରେ ସେ ୫ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେତେବେଳେ ହିଡେନ ଅବଶ୍ୟ ବ୍ୟକ୍ତିଗତ ଇଭେଣ୍ଟଗୁଡ଼ିକରେ ତାଙ୍କର ସ୍ୱର୍ଣ୍ଣ ପଦକଗୁଡ଼ିକ ହାସଲ କରିଥିଲେ। କ୍ଲେବୋ କିନ୍ତୁ ତାଙ୍କର ୬ସ୍ୱର୍ଣ୍ଣ ମଧ୍ୟରୁ ଦୁଇଟି ଟିମ୍ ଇଭେଣ୍ଟ ରହିଛି।


## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବିଷ୍ଣୁପ୍ରିୟା ଚୌଧୁରୀ**
ସ୍ୱାମୀ- ୰ବଟକୃଷ୍ଣ ଚୌଧୁରୀ
ଗ୍ରାମ- ଅଲଣା, ଜିଲ୍ଲା- କଟକ

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାରବର୍ଗ

ଧ-୭୬୮୯୯

### ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୦୮.୧୨.୧୯୩୪
ତିରୋଧାନ: ୧୨.୦୨.୨୦୨୬

**୰ସରସ୍ୱତୀ ତ୍ରିପାଠୀ**

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଏକାଦଶାହ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୂ-ଅଂଶୁ ତ୍ରିପାଠୀ, ନାତି- ସୂର୍ଯ୍ୟକାନ୍ତ ତ୍ରିପାଠୀ, ନାତୁଣୀ- ଅଙ୍କିତା ତ୍ରିପାଠୀ ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ

ସୌଜନ୍ୟ- P and A Advertising Agency Pvt. Ltd.
C/1290, 1st Floor, CDA, Sector-VI, Cuttack-753014

### ହସ୍ପିଟାଲ ପ୍ରୋଜେକ୍ଟ ପାଇଁ ରସୁଲଗଡ଼ଠାରେ ଜମି/ବିଲ୍‌ଡିଂ ଆବଶ୍ୟକ

ଏକ ଖ୍ୟାତନାମା କର୍ପୋରେଟ୍ ଗ୍ରୁପ୍ ରସୁଲଗଡ଼ଠାରେ ପ୍ରାଇମ୍ ମେନ୍ ରୋଡ୍ ସ୍ଥାନରେ ହସ୍ପିଟାଲ ଭାବେ ବ୍ୟବହୃତ ହେବା ପାଇଁ 50,000 ବର୍ଗଫୁଟର ବହୁମହଲା ବିଲ୍‌ଡିଂ ଲିଜ୍ ଆକାରରେ ନେବା ପାଇଁ ଇଚ୍ଛୁକ। 20,000 ବର୍ଗଫୁଟ କିମ୍ବା ଅଧିକ ପରିମାଣର ଜମିର ସ୍ପଷ୍ଟ ମାଲିକାନାଧାରୀ ମାଲିକ, ଯେଉଁମାନେ ସମ୍ପତ୍ତି ଉପରେ ନିର୍ମାଣ କାର୍ଯ୍ୟ କରିବା ଓ ସମ୍ପତ୍ତିକୁ ଦୀର୍ଘ ମିଆଦ ପାଇଁ ଲିଜ୍ ଆକାରରେ ଦେବା ପାଇଁ ଇଚ୍ଛୁକ, ସେମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।

6261810767, 9039020183

### ହସ୍ପିଟାଲ ପ୍ରୋଜେକ୍ଟ ପାଇଁ କଟକଠାରେ ଜମି/ବିଲ୍‌ଡିଂ ଆବଶ୍ୟକ

ଏକ ଖ୍ୟାତନାମା କର୍ପୋରେଟ୍ ଗ୍ରୁପ୍ କଟକରେ ପ୍ରାଇମ୍ ମେନ୍ ରୋଡ୍ ସ୍ଥାନରେ ହସ୍ପିଟାଲ ଭାବେ ବ୍ୟବହୃତ ହେବା ପାଇଁ 1,00,000 ବର୍ଗଫୁଟର ବହୁମହଲା ବିଲ୍‌ଡିଂ ଲିଜ୍ ଆକାରରେ ନେବା ପାଇଁ ଇଚ୍ଛୁକ। 1 ଏକର କିମ୍ବା ଅଧିକ ପରିମାଣର ଜମିର ସ୍ପଷ୍ଟ ମାଲିକାନାଧାରୀ ମାଲିକ, ଯେଉଁମାନେ ସମ୍ପତ୍ତି ଉପରେ ନିର୍ମାଣ କାର୍ଯ୍ୟ କରିବା ଓ ସମ୍ପତ୍ତିକୁ ଦୀର୍ଘ ମିଆଦ ପାଇଁ ଲିଜ୍ ଆକାରରେ ଦେବା ପାଇଁ ଇଚ୍ଛୁକ, ସେମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।

6261810767, 9039020183


# ଜାତୀୟ ୟୁଥ୍ ଭଲିବଲ ଲାଗି ଚୟନ ଟ୍ରାଏଲ୍

**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୨୬ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍ ମାର୍ଚ୍ଚ ୧୫ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ପକ୍ଷରୁ ବାଳିକା ଓ ବାଳକ ଦଳର ଚୟନ ଟ୍ରାଏଲ୍ ଶନିବାର କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଆଗ୍ରହ ରଖିଥିବା ବିଭିନ୍ନ ଜିଲାର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏହି ଟ୍ରାଏଲରେ ଅଂଶଗ୍ରହଣ କରିଥିଲେ। ଦିନସାରା ଦକ୍ଷତା ଓ ପ୍ରଦର୍ଶନର ମୂଲ୍ୟାଙ୍କନ ପରେ କୋଚିଂ କ୍ୟାମ୍ପ ଲାଗି ୨୦ ବାଳିକା ଓ ୨୦ ବାଳକ ଖେଳାଳିଙ୍କୁ ଶର୍ଟଲିଷ୍ଟ କରାଯାଇଛି। ଏଥିରୁ ୧୪ ଜଣ ଲେଖାଏ ବାଳିକା ଓ ବାଳକ ମନୋନୀତ ହୋଇ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏଫ୍‌ଆଇଭିବି ଲେଭଲ-୧ ଅନ୍ତର୍ଜାତୀୟ କୋଚ୍ ସୁଧାଂଶୁ ଭୂଷଣ ମିଶ୍ର, ଏଫ୍‌ଆଇଭିବି ଲେଭଲ-୨ ଅନ୍ତର୍ଜାତୀୟ କୋଚ୍ ଲୋତକ ବିନ୍ଦୁ ଦାଶ ଓ ରମେଶ ଚନ୍ଦ୍ର ବେହେରା, ଅନ୍ତର୍ଜାତୀୟ ରେଫରି ସୁଦର୍ଶନ ପଟ୍ଟନାୟକ, ପୂର୍ବତନ ଜାତୀୟ ଖେଳାଳି ସନ୍ତୋଷ କୁମାର ଦାସଙ୍କ ପରି ପ୍ରତିଷ୍ଠିତ ଭଲିବଲ ଅଫିସିଆଲ ଓ କୋଚ୍ ଏହି ଟ୍ରାଏଲକୁ ପରିଚାଳନା କରିଥିଲେ। ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ)ର ମୁଖ୍ୟ ପୃଷ୍ଠପୋଷକ ତଥା ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ଶର୍ଟଲିଷ୍ଟ ହୋଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଜାତୀୟ ୟୁଥ୍ ଭଲିବଲ ଲାଗି ଶନିବାର ଅନୁଷ୍ଠିତ ଚୟନ ଟ୍ରାଏଲରେ ଭାଗ ନେଇଥିବା ଖେଳାଳି ଓ ଅତିଥିମାନେ।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

51ବର୍ଷ, State Govt. Job, ଦରମା- 66,000/- ମହିଳାଙ୍କୁ, ବିଧବା, ଛାଡପତ୍ର, ଅବିବାହିତ ଘରଜ୍ୱାଇଁ, Retired, Business man, ସନ୍ତାନ ଥିବା ବର ଆବଶ୍ୟକ। 9893110656. D-3415

Required skin doctor for marriage. Contact: Kamala Das, 7978120820, BBSR. D-3443

## GROOM WANTED

37ବୟସ୍କା Widow ଅନାଥ କରଣ Govt. Nurseଙ୍କ ପାଇଁ ବରପାତ୍ର ଦରକାର। 7873141286. D-3442

Beautiful Khandayat girl 1993', 5'4'', B-Tech, serving software Engineer TCS Bangalore. ''SUNASANSAR'' 9937512659. D-3449

Beautiful Teli girl 1996', 5'5'', MBA complete, settled Bhubaneswar. ''SUNASANSAR'' 9937512659. D-3450


REAL ESTATE

## SALE

**2 BHK, 1261 Sqft New Flat with elegant interiors for sale at Cantonment Road, Cuttack. Price- 1.35 Cr Mob- 9778194441.** D-3370

Ready to sale 2BHK flats, 1200 & 1000sqft. at Tankapani Sai Mandira, near Krupajala Engineering College, opposite Hyundai Showroom, BBSR. Contact: 7978908980. D-3441


FOR RENT

2BHKand3BHKavailable at Gangotrinagar, near Samantarapur, 6370641665. D-3436

2BHK New flat, Sriram Residency, Uttara Chhak, Bhubaneswar. Contact: 9861074590. D-3440


Healthcare

All types of physiotherapy and massage contact 9556924059 / 7656969134. D-3416

## AFFIDAVIT

By virtue of an affidavit sworn before Executive Magistrate, Keonjhar, affidavit No.- 08, dated- 23.12.2025, I, Anjan Kumar Pradhan, S/o.- Guru Charan Pradhan, Address: At- Kolipashi, P.O.- Dhangadadiha, P.S.- Ghatagaon, Dist.- Keonjhar, Odisha, PIN- 758027 declare that I have changed my name from Anjan Kumar Munda to Anjan Kumar Pradhan. Henceforth, I shall be known as Anjan Kumar Pradhan for all purposes.
Anjan Kumar Pradhan D-3445

By virtue of an affidavit sworn before Executive Magistrate, Keonjhar, affidavit No.- 553, dated- 17.12.2025, I, Nirupama Pradhan, D/o.- Guru Charan Pradhan, Address: At- Kolipashi, P.O.- Dhangadadiha, P.S.- Ghatagaon, Dist.- Keonjhar, Odisha, PIN- 758027 declare that I have changed my name from Nirupama Munda to Nirupama Pradhan. Henceforth, I shall be known as Nirupama Pradhan for all purposes.
Nirupama Pradhan D-3446

By virtue of an affidavit sworn before Executive Magistrate, Keonjhar, affidavit No.- 551, dated- 17.12.2025, I, Guru Charan Pradhan, S/o.- Pitambara Pradhan, Address: At- Kolipashi, P.O.- Dhangadadiha, P.S.- Ghatagaon, Dist.- Keonjhar, Odisha, PIN- 758027 declare that I have changed my name from Guru Charan Munda to Guru Charan Pradhan. Henceforth, I shall be known as Guru Charan Pradhan for all purposes.
Guru Charan Pradhan D-3447

By virtue of an affidavit sworn before Executive Magistrate, Keonjhar, affidavit No.- 552, dated- 17.12.2025, I, Shreemati Pradhan, W/o.- Guru Charan Pradhan, Address: At- Kolipashi, P.O.- Dhangadadiha, P.S.- Ghatagaon, Dist.- Keonjhar, Odisha, PIN- 758027 declare that I have changed my name from Shreemati Munda to Shreemati Pradhan. Henceforth, I shall be known as Shreemati Pradhan for all purposes.
Shreemati Pradhan D-3448


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

IN THE COURT OF THE DISTRICT JUDGE CUM M.A.C.T., BOUDH
MAC No. 04/2022
Bikrama Hati & anothers .....Petitioners
Vrs.
The Divisional Manager, Oriental Insurance Co. Ltd. & others .....O.Ps.

NOTICE

To-
Bharat Kumar Satpathy, aged about 41 years, S/o.- Muralidhar Satpathy, R/o.- Majhipada (Sonepur), P.O/P.S.- Sonepur, Dist.- Subarnapur. .........(Opp. No. 3)

Take Notice through this publication that on 29.03.2021 at about 5.00 P.M. while you were driving the vehicle bearing Regd. No. OD-02-M-6354 (Car) caused an accident at Kunja Chhack, Sonepur as a result of which one Kunmun Hati son of Bikram Hati died in that accident.

So you are hereby directed to appear before this Tribunal in person or through a Pleader on the day of 16.03.2026 at 10:30 A.M. to file show cause in this case falling which the claim application will be heard and determined Ex-parte.

Sd./- Dist. Judge-Cum-M.A.C.T. Boudh
D-3444

ଅତିରିକ୍ତ ଦୌରା ଜଜ୍‌ଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
RF.A. Case No. 16/2025
ଗୋଦାବରୀ ଭୋଇ ଓ ଅନ୍ୟମାନେ .......ବାଦୀ
ବନାମ
ଯଦୁମଣି ସାହୁ ଓ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁ
ପ୍ରତିବାଦୀ ନଂ. ୫ (ସି)- ଅନୁସୟା ଧାନଗୁଣ୍ଡ, ବୟସ- ୩୫ ବର୍ଷ, ସ୍ୱାମୀ- ବରୁଣ ଧାନଗୁଣ୍ଡ, ନିବାସୀ- ସାଗୁନପାଲି, ପୋ.ଅ.- ତାଲବ, ଥାନା- ଶାସନ, ଜିଲ୍ଲା- ସମ୍ବଲପୁର, ଓଡ଼ିଶା।

ଯେହେତୁ ବାଦୀ ତୁମମାନଙ୍କ ନାମରେ ଅପିଲ କେଶ ହୋଇଥିବା ମୋକଦ୍ଦମାରେ ତୁମ୍ଭେ ହାଜର ହେଉ ନାହଁ। ଅତଏବ ଉକ୍ତ ମୋକଦ୍ଦମାରେ ଆସନ୍ତା ତା.୦୬।୦୩।୨୦୨୬ରିଖ ସକାଳ ୧୦.୩୦ମିନିଟରେ ଆପଣ ନିଜେ ବା ଆପଣଙ୍କର କୌଣସି ଓକିଲଙ୍କ ଦ୍ୱାରା ହାଜର ହୋଇ ଉକ୍ତ କେଶର ଉତ୍ତର ଦେବା ପାଇଁ ଆପଣଙ୍କୁ ଏହି ସମନ ଦିଆଯାଉଅଛି। ଆପଣ ଉପରୋକ୍ତ ଦିବସରେ ହାଜର ନ ହେଲେ, ଆପଣଙ୍କର ଅନୁପସ୍ଥିତିରେ ଉପରଲିଖିତ ମୋକଦ୍ଦମାର ଏକତରଫା ମିମାଂସା ହେବ।

ସ୍ୱା./- ଅତିରିକ୍ତ ଦୌର, ଜଜ୍ କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
ଧ-୩୪୩୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଭର୍ଚୁଆଲ୍ ରିଆଲିଟି

**ଭର୍ଚୁଆଲ୍ ରିଆଲିଟି ଟେକ୍ନୋଲୋଜିର ଏକ ଏପରି ବରଦାନ, ଯାହାକି ଅବାସ୍ତବ ହେଲେ ବି ମଣିଷମନରେ ବାସ୍ତବର ଭ୍ରମ ସୃଷ୍ଟି କରି ଏକ ଭିନ୍ନ ଧରଣର ରୋମାଞ୍ଚକର ଅନୁଭବ ଦେଇଥାଏ। ଯେଉଁଥିପାଇଁ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର କରାଯିବା ସହ ଯୁବପିଢ଼ିଙ୍କ ପାଇଁ କ୍ୟାରିୟର ଅପ୍ସନ ମଧ୍ୟ ବୃଦ୍ଧିପାଉଛି...**



ଟେକ୍ନୋଲୋଜିରେ ଦିନକୁଦିନ ପରିବର୍ତ୍ତନ ଘଟୁଛି, ଯେଉଁଥିରେ ଭର୍ଚୁଆଲ୍ ରିଆଲିଟି(ଭିଆର୍)ର ବ୍ୟବହାର ବଢୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଯୁବପିଢ଼ି ଭିଡିଓ ଗେମିଂ କ୍ଷେତ୍ରରେ ଏହାର ସବୁଠୁ ଅଧିକ ବ୍ୟବହାର କରୁଛନ୍ତି। କେବଳ ଏତିକି ନୁହେଁ, ଏବେ ଏହି ଟେକ୍ନୋଲୋଜିକୁ ବ୍ୟବହାର କରି ରୋଚକ ଢଙ୍ଗରେ ଅନ୍‌ଲାଇନ୍ କ୍ଲାସ୍ ନେବା ସହ ଜବ୍ ପାଇଁ ଟ୍ରେନିଂ ଦେବା କାର୍ଯ୍ୟ ମଧ୍ୟ କରାଯାଉଛି। ଇଣ୍ଡଷ୍ଟ୍ରି ରିପୋର୍ଟ ମୁତାବକ, ଗତ କିଛିବର୍ଷ ହେବ ଆମ ଦେଶରେ ଭିଆର୍ ମାର୍କେଟ୍ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଗକୁ ଆହୁରି ବିଭିନ୍ନ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯିବାକୁ ଯୋଜନା କରାଯାଉଛି, ଯେଉଁଥିପାଇଁ ଆଗାମୀ ଦିନରେ ଯୁବପିଢ଼ିଙ୍କ ପାଇଁ ଭିଆର୍ ଆପ୍ଲିକେଶନ୍ ଆଧାରିତ ଜବ୍ ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ।

**କେଉଁ କ୍ଷେତ୍ରରେ ହେଉଛି ବ୍ୟବହାର:**
ଦିନକୁଦିନ ଭର୍ଚୁଆଲ୍ ରିଆଲିଟିର ଉପଯୋଗ ବଢ଼ିବାରେ ଲାଗିଛି। କାରଣ ଅବାସ୍ତବ ହେଲେ ବି ଏହା ଏକ ଏଭଳି ବାସ୍ତବ ଓ ପ୍ରକୃତ ପରିବେଶର ଭ୍ରମ ସୃଷ୍ଟି କରେ, ଯାହାକି ମଣିଷକୁ ଏକ ଭିନ୍ନ ଧରଣର ରୋମାଞ୍ଚକର ଅନୁଭବ ଦେଇଥାଏ। ଯେଉଁଥିରେ ଏହା ମଣିଷକୁ ଏଭଳି ଏକ ଦୁନିଆରେ ପହଞ୍ଚାଇ ଦେଇଥାଏ, ଯାହାକୁ ନା କେବଳ ନିଜ ଇଚ୍ଛା ଅନୁସାରେ କଣ୍ଟ୍ରୋଲ୍ କରାଯାଇପାରେ, ବରଂ ଏହାର ଆଖପାଖର ବାତାବରଣ ସହିତ ଇଣ୍ଟରଆକ୍ଟ ମଧ୍ୟ କରାଯାଇପାରେ।

➔ଯେଉଁଥିପାଇଁ ଗେମିଂ ଏବଂ ଏଣ୍ଟରଟେନ୍‌ମେଣ୍ଟ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର କରାଯାଉଛି। ଯଦ୍ୱାରା ୟୁଜରଙ୍କୁ ଗୋଟିଏ ସ୍ଥାନରେ ବସି ଫିଲ୍ଡରେ ଖେଳିବା, ରାସ୍ତାରେ ବାଇକ୍ କିମ୍ବା କାର୍ ରେସିଂ କରିବା ଭଳି ପ୍ରକୃତରେ ଖେଳିବା ଭଳି ଅନୁଭବ ମିଳିପାରୁଛି। ସେହିପରି ମ୍ୟୁଜିକ୍ ଓ ଡାନ୍ସ ଲଭରଙ୍କୁ ଘରେ ବସି ଭିଆର୍ ଦ୍ୱାରା ହଲ୍‌ରେ ବସି ଫିଲ୍ମ ଦେଖିବା, ଲାଇଭ୍ ମ୍ୟୁଜିକ୍ କନ୍ସର୍ଟ ଆଟେଣ୍ଡ କରିବାର ମଜା ମିଳିପାରୁଛି। କେବଳ ଏତିକି ନୁହେଁ ଆକ୍ଟିଭ୍ ଲାଇଫ୍‌ଷ୍ଟାଇଲ୍ ପାଇଁ ବର୍ତ୍ତମାନ ଭିଆର୍ ଏକ୍ସରସାଇଜ୍ ଗେମ୍ ବି ଖୁବ୍ ଡିମାଣ୍ଡରେ ରହୁଛି।

➔ସେହିପରି ଶିକ୍ଷା କ୍ଷେତ୍ରରେ ଏହାକୁ ବ୍ୟବହାର କରାଯିବା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ପାଇଁ ଭର୍ଚୁଆଲ୍ ଶିକ୍ଷା ବି ଅଧିକ ଇଣ୍ଟରଆକ୍ଟିଭ୍ ଏବଂ ଇଣ୍ଟରେଷ୍ଟିଙ୍ଗ୍ ହୋଇପାରୁଛି। ଉଦାହରଣ ସ୍ୱରୂପ ଭିଆର୍ ଦ୍ୱାରା ପ୍ରସ୍ତୁତ 'ଦି ମ୍ୟାଜିକ୍ ସ୍କୁଲ୍ ବସ୍'କୁ ନିଆଯାଇପାରେ। ଯେଉଁଥିରେ ଛାତ୍ରୀଛାତ୍ରମାନେ ଘରେ ବସି ବିଭିନ୍ନ ସ୍ଥାନକୁ ଫିଲ୍ଡ ଟ୍ରିପ୍‌ରେ ଯିବା, ଚନ୍ଦ୍ରପୃଷ୍ଠରେ ଠିଆ ହେବା, ଇଣ୍ଟରନାଶନାଲ୍ ସ୍ପେଶ୍ ସେଣ୍ଟର ଭିତରେ ଠିଆ ହେବା ଭଳି ଅନୁଭବ କରିପାରିବେ।

➔ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଭର୍ଚୁଆଲ୍ ରିଆଲିଟିକୁ ବ୍ୟବହାର କରାଯାଉଛି। ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ଥେରାପି ପାଇଁ ଭିଆର୍ ବେଶ୍ ଉପଯୋଗୀ ହୋଇପାରୁଛି।





**ବୃଦ୍ଧି ପାଉଛି ନିଯୁକ୍ତି ସୁଯୋଗ:**
ଗେମ୍, ସ୍ୱାସ୍ଥ୍ୟସେବା, ଶିକ୍ଷା, ମନୋରଞ୍ଜନଠୁ ଆରମ୍ଭ କରି ଆହୁରି ଅନେକ କ୍ଷେତ୍ରରେ ଭର୍ଚୁଆଲ୍ ରିଆଲିଟି ଟେକ୍ନିକ୍‌ର ବ୍ୟବହାର ବୃଦ୍ଧି ପାଇଛି। ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ଅଧିକରୁ ଅଧିକ ଜବ୍ ଅପ୍ସନ ମିଳିପାରୁଛି। ଆଗ୍ରହୀ ଯୁବପିଢ଼ି ଏହାକୁ ଶିଖି ଗେମ୍ ଡେଭେଲପର୍, ଭିଆର୍ କଣ୍ଟେଣ୍ଟ କ୍ରିଏଟର୍, ଭିଆର୍ ଇଞ୍ଜିନିୟର, ଭିଆର୍ ଥେରାପିଷ୍ଟ ଭାବେ କାର୍ଯ୍ୟ କରିପାରିବେ।

➔ଭିଆର୍ ସ୍କିଲ୍ ଥିବା ପ୍ରଫେଶନାଲ୍‌ଙ୍କ ପାଇଁ ବର୍ତ୍ତମାନ ଆପ୍ଲିକେଶନ୍ ଏବଂ ଗେମ୍ ଡେଭେଲପ୍‌ମେଣ୍ଟ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ମିଳୁଛି।

➔ଥ୍ରୀଡି ମଡେଲିଂ, ଆନିମେଶନ୍ ଭଳି କାର୍ଯ୍ୟ ପାଇଁ ଆଜିର ଦିନରେ ଏହାର ବହୁଳ ବ୍ୟବହାର କରାଯାଉଛି। ଏହାଦ୍ୱାରା ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ଓ୍ୱେବ୍‌ସାଇଟ୍ ଏବଂ ଆପ୍ସ ବ୍ୟବହାରକୁ ଅଧିକ ସହଜ ଓ ଇଣ୍ଟରଆକ୍ଟିଭ୍ କରିବା ଲାଗି ଏହାର ୟୁଜର୍ ଏକ୍ସପେରିଏନ୍ସ ଏବଂ ୟୁଜର ଇଣ୍ଟରଫେସ୍‌କୁ ଭିଆର୍ ମାଧ୍ୟମରେ ଥ୍ରୀଡି ଡିଜାଇନ୍ ପ୍ରସ୍ତୁତ କରାଯାଉଛି। ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କୁ ଭିଆର୍ ଡେଭେଲପର୍, ଭିଆର୍ କଣ୍ଟେଣ୍ଟ କ୍ରିଏଟର୍, ଥ୍ରୀଡି ଆର୍ଟିଷ୍ଟ, ୟୁଏକ୍ସ/ୟୁଆଇ ଡିଜାଇନର ଭାବେ ଅନେକ ଜବ୍ ଅପ୍ସନ ମିଳୁଛି।

➔ଗେମ୍ ଡେଭେଲପ୍‌ମେଣ୍ଟ କମ୍ପାନୀ, ସଫ୍ଟୱେର୍ ଡେଭେଲପ୍‌ମେଣ୍ଟ ଫାର୍ମ୍ସ, ଶିକ୍ଷା ସଂସ୍ଥା, ହେଲ୍‌ଥ କେୟାର୍ ଫାର୍ମ, ମନୋରଞ୍ଜନ ଉଦ୍ୟୋଗଗୁଡ଼ିକରେ ବର୍ତ୍ତମାନ ଭିଆର୍ ପ୍ରଫେଶନାଲ୍‌ଙ୍କୁ ଅଧିକ ହାୟର କରୁଥିବା ଦେଖିବାକୁ ମିଳୁଛି।

**କିପରି ବଢ଼ାଇବେ ଦକ୍ଷତା:**
ଭିଆର୍ ବର୍ତ୍ତମାନ ଏକ ଭଲ କ୍ୟାରିୟର ଅପ୍ସନ ପାଲଟିଛି। ତେଣୁ ଭିଆର୍ କ୍ଷେତ୍ରରେ ରୁଚି ରଖୁଥିବା ଯୁବପିଢ଼ି ଏନେଇ ପ୍ରଫେଶନାଲ୍ କୋର୍ସ କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇପାରିବେ। ଯେଉଁମାନଙ୍କ ପାଖରେ ଟେକ୍ନିକାଲ୍ ନଲେଜ୍ ସହିତ କିଛି ନୂଆ ଏବଂ ୟୁନିକ୍ କରିବାର କ୍ରିଏଟିଭିଟି ରହିଛି, ସେମାନେ ଭିଆର୍ ସମ୍ବନ୍ଧିତ କୋର୍ସ, ଟ୍ରେନିଂ ପ୍ରୋଗ୍ରାମ୍ ମାଧ୍ୟମରେ ଦକ୍ଷତା ହାସଲ କରିପାରିବେ। ଯଦିଓ ଏହି ଫିଲ୍ଡରେ କ୍ୟାରିୟର ଗଢ଼ିବା ଲାଗି କୌଣସି ଖାସ୍ ଡିଗ୍ରୀର ଆବଶ୍ୟକତା ନାହିଁ, ତେଣୁ ଯେକୌଣସି ଫିଲ୍ଡରେ ଗ୍ରାଜୁଏଶନ୍ କରିବା ପରେ ଏଥିପାଇଁ ପ୍ରଫେଶନାଲ୍ କୋର୍ସ କରିପାରିବେ। କମ୍ପ୍ୟୁଟର ସାଇନ୍ସ, ଗେମ୍ ଡେଭେଲପ୍‌ମେଣ୍ଟ, ଗ୍ରାଫିକ୍ସ ଡିଜାଇନ୍ ଭଳି ବିଭିନ୍ନ କୋର୍ସ ମଧ୍ୟ କରିପାରିବେ। ଏହାବ୍ୟତୀତ ଏଥିପାଇଁ ସି++, ସି, ପାଇଥନ୍ ଭଳି କେତେକ ପ୍ରୋଗ୍ରାମିଂ ଲାଙ୍ଗୁଏଜ୍ ସହିତ ବ୍ଲେଣ୍ଡର, ୟୁନିଟି, ଅନ୍‌ରିଅଲ୍ ଇଞ୍ଜିନ୍ ଭଳି ଥ୍ରୀଡି ମଡେଲିଂ ସଫ୍ଟୱେରରେ କାମ କରିବାର ଦକ୍ଷତା ଆବଶ୍ୟକ। ଅନ୍‌ଲାଇନ୍‌ରେ ମଧ୍ୟ ଭିଆର୍ ଶିଖିବା ପାଇଁ କୋର୍ସେରା, ଟେକ୍ନିକାଲ୍ ଗୁଫ୍‌ତଗୁ, ଉଡ଼ାସିଟି, ଇଡିଏକ୍ସ ଭଳି ପ୍ଲାଟ୍‌ଫର୍ମ ଉପଲବ୍ଧ। ଶିଖିବା ପରେ ବିଭିନ୍ନ ଫାର୍ମରେ ଇଣ୍ଟର୍ନଶିପ୍ କରି ପ୍ରଥମେ ଦକ୍ଷତା ବୃଦ୍ଧି କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଏ ଦିଗରେ ଦକ୍ଷତା ଥିଲେ ଅଧିକ ଦରମାଯୁକ୍ତ ଜବ୍ ପାଇପାରିବେ।





## ଏ ସପ୍ତାହର ପ୍ରଶ୍ନ ?

୧– ହକ୍କି ପିକ୍କି ଜନଜାତି ମୁଖ୍ୟତଃ ............ ରାଜ୍ୟରେ ଦେଖିବାକୁ ମିଳନ୍ତି ?
୨– ଏସିଆନ୍ ରାଇଫଲ୍ ଏବଂ ପିସ୍ତଲ ଚାମ୍ପିୟନ୍‌ଶିପ୍ ୨୦୨୭ ....... ଦେଶରେ ଆୟୋଜିତ ହେବ ?
୩– ସର୍ବାଧିକ ଉଲ୍ ଉତ୍ପାଦନ କରୁଥିବା ଭାରତୀୟ ରାଜ୍ୟ ........... ?
୪– ନଳସରୋବର ପକ୍ଷୀ ଅଭୟାରଣ୍ୟ ........... ରାଜ୍ୟରେ ଅବସ୍ଥିତ ?
୫– ୱାର୍ଲ୍ଡ ୟୁନାନି ଡେ' .............. ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ କର୍ନାଟକ
୨ ମୁମ୍ବାଇ
୩ ସି–ମାର୍ଟ
୪ ଫେବୃଆରୀ ୨
୫ ଗୁଆଟେମାଲା

## ଉତ୍ତରଦାତା


ଶେଖ୍ ୟାକୁବ୍ ଗୋପ


ଅନ୍ନଦା ପ୍ରସାଦ ପଟ୍ଟନାୟକ, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ–ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

### ହାଇସ୍ପିଡ୍ ବାଇକ୍–୨୦୨୬

୧. କାୱାସାକି ନିନ୍‌ଜା ଏଚ୍୨ଆର୍(H2R) ...................... ୪୦୦କିମି/ଘଣ୍ଟା
୨. ଡଜ୍ ଟୋମାହକ୍ ........................................ ୬୭୬ କିମି/ଘଣ୍ଟା
୩. ଡୁକାଟି ସୁପରଲେଗେରା ଭି୪.............................. ୨୯୯କିମି/ଘଣ୍ଟା
୪. ୨୦୦୦ଏମ୍‌ଟିଟି ୱାଇ୨କେ ସୁପରବାଇକ୍ ................. ୩୬୫କିମି/ଘଣ୍ଟା
୫. କାୱାସାକି ନିନ୍‌ଜା ଏଚ୍୨.................................. ୪୦୦କିମି/ଘଣ୍ଟା
୬. ୨୦୨୧ ସୁଜୁକି ହାୟାବୁସା ଜିଏସ୍‌ଏକ୍ସ୧୩୦୦ଆର୍.......... ୩୧୨କିମି/ଘଣ୍ଟା
୭. ଡୁକାଟି ପାନିଗେଲ୍ ଭି୪ ଆର୍ ................................ ୨୯୯କିମି/ଘଣ୍ଟା
୮. ଲାଇଟ୍‌ନିଂ ଏଲ୍‌ଏସ୍–୨୧୮................................. ୩୫୧କିମି/ଘଣ୍ଟା
୯. ବିଏମ୍‌ଡବ୍ଲ୍ୟୁ ଏମ୍ ୧୦୦୦ ଆର୍‌ଆର୍ ......................... ୩୧୦କିମି/ଘଣ୍ଟା
୧୦. ଆପ୍ରିଲିଆ ଆର୍‌ଏସ୍‌ଭି୪ ଫ୍ୟାକ୍ଟୋରି.......................... ୩୧୦କିମି/ଘଣ୍ଟା

## ୟୁଥ୍ ଆଲର୍ଟ

# ଲେଗ୍ କ୍ରାମ୍ପ ହେଉଥିଲେ

**ଶୋଇବା ବେଳେ କେବେକେବେ ହଠାତ୍ ଗୋଡ଼ର ମାଂସପେଶୀ ଟାଣି ହୋଇଯିବା ଯୋଗୁ ତୀବ୍ର ଯନ୍ତ୍ରଣା ହୋଇଥାଏ। ଅନେକେ ଏହି ଯନ୍ତ୍ରଣା ଅନୁଭବ କରିଥାନ୍ତି ଏବଂ କିଛି ସମୟ ପରେ ତାହା କମ୍ ମଧ୍ୟ ହୋଇଗଲେ ଏହାକୁ ଏକ ସାଧାରଣ ସମସ୍ୟା ଭାବି ଭୁଲିଯାଆନ୍ତି। ହେଲେ ଯଦି ଏହି ଯନ୍ତ୍ରଣା ବାରମ୍ବାର ହୁଏ, ତେବେ ଏହାକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରୀ। ନଚେତ୍ ଏହା ଭବିଷ୍ୟତରେ ଜଟିଳ ସମସ୍ୟାର ରୂପ ନେଇପାରେ...**

➤ଗୋଡ଼ରେ କ୍ରାମ୍ପ ହେବା ସବୁବେଳେ ବିପଦପୂର୍ଣ୍ଣ ନୁହେଁ। କାରଣ ଯଦି କ୍ରାମ୍ପ ଅଧିକ ସମୟ ଗୋଟିଏ ସ୍ଥାନରେ ବସିଯିବା, ଶରୀରରେ ପାଣିର ମାତ୍ରା କମିବା ବା ଡିହାଇଡ୍ରେଶନ୍ ହେବା ଅବା ଅଧିକ କାମ ଯୋଗୁ ହୋଇଥାଏ, ତେବେ ତାହା ସାଧାରଣ କଥା। ହେଲେ ଯଦି ଏହା ବାରମ୍ବାର ହୁଏ ଏବଂ ଗୋଡ଼ ଝିମ୍‌ଝିମ୍ ହୁଏ, ବଧିରା ଲାଗେ ଏବଂ ମାଂସପେଶୀରେ ଦରଜ ରୁହେ, ତେବେ ଏହା ନର୍ଭ ସମସ୍ୟା ହୋଇପାରେ। ତେଣୁ ଏହାକୁ ଅଣଦେଖା କରିବା ଠିକ୍ ନୁହେଁ।

➤ସେହିପରି ଯଦି ଶରୀରରେ ମ୍ୟାଗ୍ନେସିୟମ, ପୋଟାସିୟମ ଏବଂ କ୍ୟାଲ୍‌ସିୟମ ଭଳି ଇଲେକ୍ଟ୍ରୋଲାଇଟ୍ସର ଅଭାବ ହୁଏ, ତେବେ ମାଂସପେଶୀଗୁଡିକ ଠିକ୍ ଭାବେ କାମ କରିପାରନ୍ତି ନାହିଁ । ଫଳରେ ମସଲ୍ କ୍ରାମ୍ପ ସମସ୍ୟା ଦେଖାଦେଇଥାଏ।

➤ଥାଇରଏଡ୍ ସମସ୍ୟା, ରକ୍ତହୀନତା ବା ଆନେମିଆ ଏବଂ ଭିଟାମିନ୍ ଡି ଅଭାବ ହେଲେ ବି ଗୋଡ଼ ଶୀଘ୍ର ଥକିଯିବା ସହ କ୍ରାମ୍ପ୍ ସମସ୍ୟା ଦେଖାଦେଇଥାଏ। ତେଣୁ ବାରମ୍ବାର ଗୋଡରେ କ୍ରାମ୍ପ ହେଉଥିଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଆବଶ୍ୟକ ସପ୍ଲିମେଣ୍ଟ ଖାଆନ୍ତୁ।



➤ତେବେ କେବଳ ଏହା ନୁହେଁ, କେବେ କେବେ ଏହା ଶରୀରରେ ଠିକ୍ ଭାବେ ରକ୍ତ ସଞ୍ଚାଳନ ନ ହୋଇପାରିବା ବା ହାର୍ଟ ସମ୍ବନ୍ଧିତ ସମସ୍ୟାର ଲକ୍ଷଣ ବି ହୋଇଥାଏ।

➤ଯଦି ଚାଲିବା ବେଳେ ମସଲ୍ କ୍ରାମ୍ପ ହେଉଛି ଏବଂ କିଛି ସମୟ ରେଷ୍ଟ ନେବା ପରେ ତାହା ଠିକ୍ ହୋଇଯାଉଛି ଏବଂ ଏହି ସମସ୍ୟା ପ୍ରତ୍ୟେକଥର ଚାଲିବା ବେଳେ ଅନୁଭବ ହେଉଛି, ତେବେ ଏନେଇ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରୀ। କାରଣ ଏହା କେବେକେବେ ପେରିଫେରାଲ୍ ଆର୍ଟେରୀ ଡିଜିଜ୍‌ର ଲକ୍ଷଣ ହୋଇଥାଏ। ଅର୍ଥାତ୍ ଗୋଡକୁ ରକ୍ତ ପହଞ୍ଚାଉଥିବା ନଳୀଗୁଡିକ ସଙ୍କୁଚିତ ହେଉଛି, ଯଦ୍ୱାରା ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେଉଛି।



## ଜାଣନ୍ତୁ ଦୁନିଆ

# ପରିବାରର ସମସ୍ତଙ୍କ ଆଙ୍ଗୁଠି ସଂଖ୍ୟା ବାର

**ସାଧାରଣତଃ ମଣିଷ ହାତରେ ୧୦ଟି ଏବଂ ପାଦରେ ୧୦ଟି ଲେଖାଏଁ ଆଙ୍ଗୁଠି ରହିଥାଏ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ପୃଥିବୀରେ ଏକମାତ୍ର ଏମିତି ପରିବାର ରହିଛି, ଯାହାର ପ୍ରତ୍ୟେକ ସଦସ୍ୟଙ୍କ ଉଭୟ ହାତ ଓ ପାଦରେ ୧୨ଟି ଲେଖାଏଁ ଆଙ୍ଗୁଠି ରହିଛି। ଜାଣନ୍ତୁ ଏ ସମ୍ପର୍କରେ...**

➔ଭାରତର ବିହାର ରାଜ୍ୟରେ ଥିବା ଗୟା ଜିଲାରେ ରୁହନ୍ତି କୃଷ୍ଣା ଚୌଧୁରୀଙ୍କ ପରିବାର। ୨୫ ଜଣିଆ ଏହି ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଉଭୟ ହାତରେ ୬ଟି ଲେଖାଏଁ ଏବଂ ଉଭୟ ପାଦରେ ୬ଟି ଲେଖାଏଁ ଅର୍ଥାତ୍ ସମୁଦାୟ ୨୪ଟି ଆଙ୍ଗୁଠି ରହିଛି। କୃଷ୍ଣାଙ୍କ କହିବା ଅନୁଯାୟୀ, ତାଙ୍କ ବାପା ଏବଂ ଜେଜେବାପାଙ୍କର ମଧ୍ୟ ଏହିଭଳି ୨୪ଟି ଲେଖାଏଁ ଆଙ୍ଗୁଠି ଥିଲା।



➔ ବିଶେଷଜ୍ଞଙ୍କ ମତରେ ଏହା ପଲିଡାକ୍ଟାଇଲି ନାମକ ଏକ ପ୍ରକାରର ଜେନେଟିକ୍ ଡିସ୍‌ଅର୍ଡର, ଯାହାକି ଉକ୍ତ ପରିବାରର ପିଢ଼ି ପରେ ପିଢ଼ି ରହିଆସିଛି। ତେବେ ସେମାନଙ୍କ ମତରେ ଏହି ଡିସ୍‌ଅର୍ଡର ଏତେ ପିଢ଼ି ଧରି ସବୁ ସଦସ୍ୟଙ୍କ ପାଖରେ ରହିବା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଏବଂ ବିରଳ କଥା।

➔ ଗୋଡ଼ରେ ୬ଟି ଲେଖାଏଁ ଆଙ୍ଗୁଠି ଥିବା କାରଣରୁ ସେମାନଙ୍କୁ ଚପଲ ପିନ୍ଧିବା ଏବଂ ଠିକ୍ ମାପର ଚପଲ ମିଳିବାରେ କଷ୍ଟ ହୋଇଥାଏ।

➔ ତେବେ ପରିବାର ସଦସ୍ୟଙ୍କ କହିବା ଅନୁସାରେ, ଏହି କାରଣରୁ ସବୁଠୁ ଅସୁବିଧା ହୋଇଥାଏ ଝିଅମାନଙ୍କୁ। କାରଣ ସେମାନଙ୍କ ବିବାହ ସ୍ଥିର କରିବା ବେଳେ ପୁଅ ଘର ଲୋକେ ଝିଅଙ୍କ ହାତ, ପାଦରେ ୬ଟି ଲେଖାଏଁ ଆଙ୍ଗୁଠି ଦେଖି ବାହାଘର ଭାଙ୍ଗି ଦେଇଥାନ୍ତି। ଏହି ସମସ୍ୟା ସମାଧାନର ଉପାୟ ଏପର୍ଯ୍ୟନ୍ତ ବାହାରି ପାରି ନ ଥିବା ସେମାନେ ମତ ଦିଅନ୍ତି।



# ସୁପର-୮ରେ ଆଜି ଭାରତ-ଦକ୍ଷିଣ ଆଫ୍ରିକା


ଅହମଦାବାଦରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

**ଅହମଦାବାଦ,୨୧।୨(ପି.ଟି.)**

ଚଳିତ ଟି୨୦ ବିଶ୍ୱକପ୍‌ରେ ସୁପର-୮ ପର୍ଯ୍ୟାୟରେ ରବିବାର ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଏପର୍ଯ୍ୟନ୍ତ ଅପରାଜିତ ରହିଥିବା ଭାରତୀୟ ଦଳ ପାଇଁ ଏହି ମୁକାବିଲା ଅସଲ ପରୀକ୍ଷା ସଦୃଶ ହେବ। ଗତ ଦୁଇ ମାସ ମଧ୍ୟରେ ଦୁଇ ଦଳ ଷଷ୍ଠ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ବିଶ୍ୱକପ୍ ପୂର୍ବରୁ ଉଭୟ ଦଳ ମଧ୍ୟରେ ଏକ ୫ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ଟି୨୦ ସିରିଜ୍ ଖେଳାଯାଇଥିଲା। ଏଣୁ ଦୁଇ ଦଳକୁ ପରସ୍ପରର ଦକ୍ଷତା ଓ ଦୁର୍ବଳତା ଭଲ ଜଣାଅଛି। ତେବେ ଟି୨୦ ବିଶ୍ୱକପ୍ ଇତିହାସରେ ଦୁଇ ଦଳ ମଧ୍ୟରେ ୭ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୫ ଓ ଦକ୍ଷିଣ ଆଫ୍ରିକା ୨ ମ୍ୟାଚ୍‌ରେ ବାଜି ମାରିଛି। ହେଲେ ନକ୍‌ଆଉଟ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା କଦାପି ଭାରତକୁ ହରାଇ ନାହିଁ।

ଗ୍ରୁପ ପର୍ଯ୍ୟାୟରେ ଭାରତ ବିଶେଷ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇନାହିଁ। ଘରୋଇ ଫେଭରାଇଟ୍ ଭାରତୀୟ ଦଳର ବ୍ୟାଟିଂରେ ଆହୁରି ସୁଧାର ଆବଶ୍ୟକତା ରହିଛି। ଓପନର ଇଶାନ କିଶନଙ୍କୁ ଛାଡ଼ି ଦେଲେ ଟପ୍ ଅର୍ଡରର ଅନ୍ୟ ୩ ବ୍ୟାଟର ସେଭଳି ବିସ୍ଫୋରକ ବ୍ୟାଟିଂ କରି ନାହାନ୍ତି। ଇଶାନ ଏପର୍ଯ୍ୟନ୍ତ ୨୦୨ ଷ୍ଟ୍ରାଇକରେଟ୍‌ରେ ୨ ଅର୍ଦ୍ଧଶତକ ସହ ୧୭୬ ରନ କରିଛନ୍ତି। ୱାର୍ଲ୍ଡ ନଂ-୧ ଅଭିଷେକ ଶର୍ମା ଟୁର୍ନାମେଣ୍ଟରେ ୩ ମ୍ୟାଚ୍ ଖେଳିବା ସତ୍ତ୍ୱେ ଖାତା ଖୋଲିବାକୁ ସକ୍ଷମ ହୋଇ ନାହାନ୍ତି। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ତିଲକ ବର୍ମା ଆଙ୍କର ଦାୟିତ୍ୱ ତୁଲାଉଛନ୍ତି। ଭାରତୀୟ ଦଳକୁ ଭଲ ସ୍କୋର ପ୍ରଦାନ କରିବାରେ ହାର୍ଦ୍ଦିକ ପାଣ୍ଡ୍ୟା (ଷ୍ଟ୍ରାଇକରେଟ୍ ୧୫୫) ଓ ଶିବମ ଦୁବେ (ଷ୍ଟ୍ରାଇକରେଟ୍ ୧୭୮)ଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

ଅଭିଷେକ ଗତ ଦୁଇ ମାସରେ ସ୍ପିନରଙ୍କ ବଲରେ ଆଉଟ୍ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦ. ଆଫ୍ରିକା ଅଧିନାୟକ ମାରକ୍ରମ ପ୍ରଥମ ଓଭରରେ ସ୍ପିନ ବୋଲରଙ୍କ ବ୍ୟବହାର କରିବେ କି ନାହିଁ, ତାହା ଦେଖିବା କୌତୂହଳପୂର୍ଣ୍ଣ ହେବ। ଅଭିଷେକଙ୍କ ଫର୍ମ ଚିନ୍ତାଜନକ ରହିଥିବାବେଳେ ତିଲକଙ୍କ ବ୍ୟାଟିଂରେ ସେଭଳି ଆକ୍ରମଣାତ୍ମକ ଦେଖାଯାଉ ନାହିଁ। ସେ ପାକିସ୍ତାନ ବିପକ୍ଷରେ ୨୪ ବଲରେ ୨୫, ନାମ୍ବିଆ ବିପକ୍ଷରେ ୨୧ ବଲରେ ୨୫ ଓ ନେଦରଲାଣ୍ଡ ବିପକ୍ଷରେ ୨୭ ବଲରେ ୩୧ ରନ କରିଥିଲେ। ଟୁର୍ନାମେଣ୍ଟରେ ସେ ୧୨୧ ଷ୍ଟ୍ରାଇକରେଟ୍‌ରେ ରନ କରୁଛନ୍ତି, ଯାହାକି ତାଙ୍କ କ୍ୟାରିୟର ଷ୍ଟ୍ରାଇକରେଟ୍ ୧୪୧ଠାରୁ କମ୍। ସେହିଭଳି ଆମେରିକା ବିପକ୍ଷରେ ୪୯ ବଲରେ ଅପରାଜିତ ୮୪ ରନର ପାଳି ଛାଡ଼ିଦେଲେ ଅଧିନାୟକ ସୂର୍ଯ୍ୟକୁମାର ପାକିସ୍ତାନ ଓ ନେଦରଲାଣ୍ଡ ବିପକ୍ଷରେ ସେଭଳି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ସେ ଟୁର୍ନାମେଣ୍ଟରେ ୧୩୬ ଷ୍ଟ୍ରାଇକରେଟ୍‌ରେ ରନ କରୁଛନ୍ତି। ଏଣୁ ଏହି ଦୁଇ ବ୍ୟାଟରଙ୍କ ପ୍ରଦର୍ଶନରେ ସୁଧାର ଆବଶ୍ୟକତା ରହିଛି। ୮ ବ୍ୟାଟରଙ୍କ ସହ ଖେଳୁଥିବାରୁ ଭାରତୀୟ ଦଳ ପ୍ରତ୍ୟେକ ମ୍ୟାଚ୍‌ରେ ୨୦୦ ଅତିକ୍ରମ କରିବ ବୋଲି ଆଶା କରାଯାଉଥିଲା। ହେଲେ ଟପ୍ ଅର୍ଡର ବ୍ୟାଟରଙ୍କ ବିଫଳତା କାରଣରୁ ଦଳ ଏପର୍ଯ୍ୟନ୍ତ କୌଣସି ମ୍ୟାଚ୍‌ରେ ୨୦୦ ଅତିକ୍ରମ କରିପାରି ନାହିଁ। କିନ୍ତୁ ଯଶପ୍ରୀତ ବୁମରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ନେଇ ଗଠିତ ଭାରତୀୟ ବୋଲିଂ ଲାଇନ୍ ଅପ୍ ପ୍ରତିପକ୍ଷ ଦଳକୁ ଭୟଭୀତ କରୁଛି। ପ୍ରଥମ ୪ ମ୍ୟାଚ୍‌ରେ କୌଣସି ଦଳ ବୁମରା-ଚକ୍ରବର୍ତ୍ତୀଙ୍କ ବୋଲିଂର ସମ୍ମୁଖୀନ ହୋଇପାରି ନ ଥିଲେ। ଚକ୍ରବର୍ତ୍ତୀ ୫.୧୬ ଇକୋନୋମି ରେଟ୍ ସହ ୯ ଉଇକେଟ ନେଇଥିଲା ବେଳେ ବୁମରା ୩ ମ୍ୟାଚ୍‌ରେ ଓଭର ପିଛା ୬ ରନ ହାରରେ ୬ ଉଇକେଟ ନେଇଛନ୍ତି। ମାତ୍ର କ୍ୱିଣ୍ଟନ ଡି କକ୍, ମାରକ୍ରମ, ଡେୱାଲ୍ଡ ବ୍ରେଭିସ, ଟ୍ରିଷ୍ଟାନ ଷ୍ଟବ୍ସ, ରିୟାନ ରିକଲଟନ, ଡେଭିଡ୍ ମିଲର ଓ ମାର୍କୋ ଜାନସେନଙ୍କୁ ନେଇ ଗଠିତ ବ୍ୟାଟିଂ ଲାଇନ୍ ଅପ୍ ଆଗରେ ଭାରତୀୟ ଦଳର ପୂରା ବୋଲିଂ ୟୁନିଟ୍‌କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ତା'ର ଟାଇଟଲ ଡିଫେଣ୍ଡ କରିବା ପାଇଁ କେତେ ପ୍ରସ୍ତୁତ ଜଣାପଡ଼ିବ। ତେବେ ଭାରତୀୟ ଦଳରେ ୨ ପରିବର୍ତ୍ତନ ହୋଇପାରେ। ଅର୍ଶଦୀପ ସିଂଙ୍କ ବଦଳରେ କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦରଙ୍କ ବଦଳରେ ଗତ ମ୍ୟାଚ୍‌ରେ ବିଶ୍ରାମ ପାଇଥିବା ଅକ୍ଷର ପଟେଲ ଖେଳିବେ। ସେହିଭଳି ୟୁଏଇ ବିପକ୍ଷ ମ୍ୟାଚ୍‌ରେ ବିଶ୍ରାମ ପାଇଥିବା ଜାନସେନ, ଏନ୍‌ଗିଡି ଓ ମହାରାଜ ଭାରତ ବିପକ୍ଷରେ ଖେଳିବାର ବିଶେଷ ସମ୍ଭାବନା ରହିଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଇଶାନ କିଶନ (ଉଇକେଟକିପର), ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମରା।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରମ (ଅଧିନାୟକ), କ୍ୱିଣ୍ଟନ ଡି କକ୍ (ଉଇକେଟକିପର), ରିଆନ ରିକଲଟନ, ଡେୱାଲ୍ଡ ବ୍ରେଭିସ, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ୍ ମିଲର, ମାର୍କୋ ଜାନସେନ, କର୍ବିନ ବୋଷ୍ଟ/ଅନରିଚ ନର୍କିଆ, କାଗିସୋ ରାବାଡା, ଲୁଙ୍ଗି ଏନ୍‌ଗିଡି, କେଶବ ମହାରାଜ।

**ଟି୨୦ ବିଶ୍ୱକପ୍**
(ଆଜିର ସୁପର-୮ ମ୍ୟାଚ୍)

**ଶ୍ରୀଲଙ୍କା ବନାମ ଇଂଲଣ୍ଡ**
ସ୍ଥାନ: ପାଲିକେଲ
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

## ବର୍ଷାରେ ଧୋଇଗଲା ନ୍ୟୁଜିଲାଣ୍ଡ-ପାକିସ୍ତାନ ମ୍ୟାଚ



**ପାଲିକେଲେ, ୨୧।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ନ୍ୟୁଜିଲାଣ୍ଡ-ପାକିସ୍ତାନ ସୁପର-୮ ମ୍ୟାଚ ବର୍ଷାରେ ଧୋଇଯାଇଛି। ବର୍ଷା ଲାଗି ରହିବାରୁ ଗୋଟିଏ ହେଲେ ବଲ୍ ପଡ଼ିବା ସମ୍ଭବ ହୋଇ ନ ଥିଲା। ସୁପର-୮ ପାଇଁ ରିଜର୍ଭ ଦିବସ ନ ଥିବାରୁ ଉଭୟ ଦଳକୁ ଗୋଟିଏ ଲେଖାଏ ପଏଣ୍ଟ ବାଣ୍ଟି ଦିଆଯାଇଛି। ଝଡ଼ବର୍ଷା କିଛି ସମୟ ଥମିଥିବାବେଳେ ଟସ୍ ପଡ଼ିଥିଲା ଏବଂ ପାକିସ୍ତାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପରେ ବର୍ଷା ଲାଗି ରହିଥିଲା।

## ନେପାଳକୁ ହରାଇଲା ଶ୍ରୀଲଙ୍କା

**କଟକ,୨୧।୨(କୁମାରଶ୍ରୀ)**

**ଏସିଆ କପ୍ ବଧିର କ୍ରିକେଟ**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏସିଆ କପ୍ ବଧିର କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀଲଙ୍କା ୬ ଉଇକେଟରେ ନେପାଳକୁ ପରାସ୍ତ କରିଛି। ଶ୍ରୀଲଙ୍କାର ଏହା ପ୍ରଥମ ବିଜୟ ହୋଇଥିବା ବେଳେ ନେପାଳର କ୍ରମାଗତ ଦ୍ୱିତୀୟ ପରାଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ୬୧ରନରେ ଅଲଆଉଟ ହୋଇଥିଲା। ଶ୍ରୀଲଙ୍କାର ଲଶିଦୁ ଡି' ସିଲଭା ୪ ଓଭର ସ୍ପେଲରେ ୯ ରନ ବ୍ୟୟ କରି ୪ଟି ଉଇକେଟ ହାସଲ କରିଥିଲେ। ଶ୍ରୀଲଙ୍କା ୧୦.୩ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଆଲାନରୋଜ୍ କାଲେପ୍ ସର୍ବାଧିକ ୧୯ରନ କରିଥିଲେ। ନେପାଳର ଅଭିଷେକ ମିଶ୍ର ଏବଂ ଅଂଶୁ ଯାଦବଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଲଶିଦୁଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ନ୍ୟୁରୋସର୍ଜନ ଡାକ୍ତର ସାମି ସଲିମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଫୁଟବଲ ଖେଳାଳି ମୋକିମ୍ ଖାଁ, ଆଇଡିସିଏ ସଭାପତି ସୁମିତ ଜୈନ, ଓଡିସିଏ ସମ୍ପାଦକ ସାଗରକାନ୍ତ ସେନାପତି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ରବିବାର ୪ର୍ଥ ଲିଗ୍ ମ୍ୟାଚ୍‌ରେ ଏହି ଦୁଇଦଳ ପୁନର୍ବାର ମୁହାଁମୁହିଁ ହେବେ।

## ଦୃଷ୍ଟିବାଧିତ କ୍ରିକେଟ୍‌କୁ ସମର୍ଥନ ଯୋଗାଇବ ବିସିସିଆଇ

**ନୂଆଦିଲ୍ଲୀ,୨୧।୨(ପି.ଟି.)**

କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ ଇଣ୍ଡିଆ (କାବି)କୁ ସୁବ୍ୟବସ୍ଥିତ ସମର୍ଥନ ଯୋଗାଇ ଦିଆଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ଗତ ଏକ ଦଶନ୍ଧିରେ ଭାରତର ଦୃଷ୍ଟିବାଧିତ କ୍ରିକେଟ ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ପୁରୁଷ ଦଳ ଅନେକ ଥର ବିଶ୍ୱକପ୍ ଜିତିଥିଲା ବେଳେ ମହିଳା ଦଳ ଗତବର୍ଷ ଅନୁଷ୍ଠିତ ଉଦ୍‌ଘାଟନୀ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଏଭଳି ଉପଲବ୍ଧି ଓ ଦୃଷ୍ଟିବାଧିତ କ୍ରିକେଟରମାନେ ସମ୍ମୁଖୀନ ହୋଇଥିବା ଚ୍ୟାଲେଞ୍ଜ ପ୍ରତି ସମ୍ମାନ ଜଣାଇବା ପାଇଁ ବିସିସିଆଇ ଉଭୟ ପୁରୁଷ ଓ ମହିଳା ଦଳ ପ୍ରତି ସମର୍ଥନ ବ୍ୟକ୍ତ କରିଛି। ଭାରତୀୟ ଦୃଷ୍ଟିବାଧିତ କ୍ରିକେଟରଙ୍କ ଉପଲବ୍ଧି କ୍ରିକେଟ ଜଗତ ପାଇଁ ଗର୍ବର ବିଷୟ। ଏହି ସମର୍ଥନ ଜରିଆରେ ବିସିସିଆଇ ସେମାନଙ୍କୁ ଅଧିକ ସୁଯୋଗ, ଭିତ୍ତିଭୂମି ଓ ଏକ୍ସପୋଜର ଯୋଗାଇବ। ଖେଳର ସାମଗ୍ରିକ ବିକାଶ ଉପରେ ଅଧିକ ଧ୍ୟାନ ଦିଆଯିବ। ଏହି ସମର୍ଥନ ଜରିଆରେ ଦଳକୁ ଆହୁରି ଶକ୍ତିଶାଳୀ କରିବୁ ବୋଲି ବିସିସିଆଇ ସଭାପତି ମିଥୁନ ମନହାସ କହିଛନ୍ତି।

## ଅର୍ଶଦଙ୍କୁ ୭, କ୍ରିଷ୍ଣାଙ୍କୁ ୬ ଉଇକେଟ


ଅର୍ଶଦ କିରନ୍


କ୍ରିଷ୍ଣା ପଲାଇ

**କଟକ,୨୧।୨(କୁମାରଶ୍ରୀ)**

**କଳାହାଣ୍ଡି କପ୍**

ଡାହାଣହାତୀ ମିଡିୟମ ପେସ୍ ବୋଲର ଅର୍ଶଦ କିରନ୍‌ଙ୍କ ୭ ଉଇକେଟ ସଫଳତା ବଳରେ କୋରାପୁଟ ୪୧ରନରେ ଦେବଗଡକୁ ପରାସ୍ତ କରିଛି। ଚଳିତ କଳାହାଣ୍ଡି କପ୍ ପ୍ରଥମ ପର୍ଯ୍ୟାୟ ଲିଗ୍‌ରେ ଶନିବାର ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ସମସ୍ତ ଉଇକେଟ ହରାଇ ୨୧୬ରନ କରିଥିଲା। ଅର୍ଶଦ କିଶୋର ସର୍ବାଧିକ ୫୪ରନ କରିଥିଲେ। ଜବାବରେ ଦେବଗଡର ଇନିଂସ୍ ୧୭୫ରନରେ ସୀମିତ ରହିଥିବା ବେଳେ ଅର୍ଶଦ କିରନ୍ ୨୬ରନ ବିନିମୟରେ ୭ଟି ଉଇକେଟ ଦଖଲ କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚ୍‌ରେ ସୁନ୍ଦରଗଡ଼ ୮ ଉଇକେଟରେ ନବରଙ୍ଗପୁରକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ନବରଙ୍ଗପୁର ମାତ୍ର ୬୮ରନରେ ଅଲଆଉଟ ହୋଇଥିଲା। ସୁନ୍ଦରଗଡର ଲେଗ୍ ସ୍ପିନର କ୍ରିଷ୍ଣା ପଲାଇ ୨୪ରନରେ ୬ଟି ଉଇକେଟ ଅକ୍ତିଆର କରି ନବରଙ୍ଗପୁରର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୧୨.୧ ଓଭରରେ ଦୁଇ ଉଇକେଟ ବିନିମୟରେ ସୁନ୍ଦରଗଡ ବିଜୟ ଲକ୍ଷ୍ୟ ହାସଲ କରିଥିଲା। କ୍ରୀଷ୍ଣା ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଶନିବାର ଖେଳାଯାଇଥିବା ଅନ୍ୟ ଏକ ରୋମାଞ୍ଚକ ମ୍ୟାଚ୍‌ରେ ଯାଜପୁର ୧ରନରେ ମାଲକାନଗିରିକୁ ପରାସ୍ତ କରିଛି। ସେହିପରି ସମ୍ବଲପୁର-ବି ୯ ଉଇକେଟରେ ଢେଙ୍କାନାଳକୁ, ନୟାଗଡ଼ ୨ ଉଇକେଟରେ କେନ୍ଦ୍ରାପଡ଼ାକୁ, ପୂର୍ବତଟ ରେଲୱେ ୨୧ରନ୍‌ରେ ସୋନପୁରକୁ, ଖୋର୍ଦ୍ଧା ୧୨ରନ୍‌ରେ ସମ୍ବଲପୁର-ଏକୁ, ବଲାଙ୍ଗୀର ୮୦ରନ୍‌ରେ କଟକ-ବି'କୁ ହରାଇଛି।

## ପାକିସ୍ତାନ ହକି ଦଳକୁ ନକ୍‌ଭିଙ୍କ ସମର୍ଥନ

**କରାଚୀ,୨୧।୨**

ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଚେୟାରମ୍ୟାନ ମହସିନ ନକ୍‌ଭି ଶନିବାର ପାକିସ୍ତାନ ହକି ଦଳ ପ୍ରତି ସମର୍ଥନ ବ୍ୟକ୍ତ କରିଛନ୍ତି। ଅବ୍ୟବସ୍ଥିତ ଅଷ୍ଟ୍ରେଲିଆ ଗସ୍ତରେ ଏଫଆଇଏଚ୍ ହକି ପ୍ରୋ ଲିଗ୍ ୨୦୨୫-୨୬ ପାଇଁ ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍) ସାହାଯ୍ୟ କରି ନ ଥିବା ଜାତୀୟ ଦଳର ହକି ଖେଳାଳିମାନେ ଅଭିଯୋଗ କରିବା ପରେ ଏହି ବିବାଦ ଆରମ୍ଭ ହୋଇଥିଲା। ଖେଳାଳିମାନେ ଦାବି କରିଥିଲେ, ଅଷ୍ଟ୍ରେଲିଆରେ ସେମାନଙ୍କ ରହିବା ପାଇଁ ଫେଡେରେଶନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଏଥିଯୋଗୁ ଖେଳାଳିଙ୍କୁ ଦୀର୍ଘ ଘଣ୍ଟା ଧରି ରାସ୍ତାରେ ଅପେକ୍ଷା କରିବାକୁ ପଡ଼ିଥିଲା। ଏପରି କି ସେମାନଙ୍କୁ ନିଜ ଲାଗି ରୋଷେଇ କରିବା ସହ ବାସନ ଓ କିଚେନ ସଫା କରିବାକୁ ପଡ଼ିଥିଲା। ଏଭଳି ସ୍ଥିତିରୁ ପାକିସ୍ତାନ ହକିରେ ବିବାଦ ସୃଷ୍ଟି ହେବା ସହ ଫେଡେରେଶନ ଦ୍ୱାରା କେଉଁଭଳି ଦଳ ପରିଚାଳନା କରାଯାଉଛି, ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଏଥିଯୋଗୁ ପିଏଚ୍‌ଏଫ୍ ସଭାପତି ତାରିକ ବୁଗ୍‌ତି ଇସ୍ତଫା ଦେଇଥିଲେ। ହେଲେ ଏଥିପୂର୍ବରୁ ସେ ଜାତୀୟ ଦଳର ଅଧିନାୟକ ଶକିଲ ବଟଙ୍କୁ ୨ ବର୍ଷ ଲାଗି ବ୍ୟାନ୍ କରାଯାଇଥିଲା।

## ସ୍ପେନଠାରୁ ହାରିଲା ଭାରତ


ଭାରତ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ହୋବାର୍ଟ, ୨୧।୨ (ପି.ଟି.)**

**ଏଫଆଇଏଚ୍ ପ୍ରୋ-ଲିଗ୍**

ଅଷ୍ଟ୍ରେଲିଆ ପର୍ଯ୍ୟାୟ ଏଫଆଇଏଚ୍ ପ୍ରୋ-ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଭାରତ ୦-୨ରେ ସ୍ପେନଠାରୁ ହାରିଯାଇଛି। ବିଜୟୀ ଦଳ ତରଫରୁ ଇଗ୍ନାସିଓ ଆବାଜୋ (୬ଷ୍ଠ ମିନିଟ) ଓ ଇଗ୍ନାସିଓ କୋବୋସ (୩୬ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ମ୍ୟାଚରେ ସ୍ପେନ ଦଳର ଖେଳାଳିମାନଙ୍କ ମଧ୍ୟରେ ସୁନ୍ଦର ତାଳମେଳ ପରିଲକ୍ଷିତ ହୋଇଥିଲା। ସେମାନଙ୍କ ଫିନିଶିଂ ମଧ୍ୟ ଖୁବ୍ ଚମତ୍କାର ଥିଲା। ଭାରତ ଏହି ମ୍ୟାଚରେ ଆକ୍ରମଣାତ୍ମକ ଖେଳିଥିଲେ ହେଁ ମିଳିଥିବା ସୁଯୋଗର ସଦୁପଯୋଗ କରିପାରି ନ ଥିଲା। ଏହା ପୂର୍ବରୁ ରାଉରକେଲା ପର୍ଯ୍ୟାୟରେ ବେଲଜିୟମ ଓ ଆର୍ଜେଣ୍ଟିନାଠାରୁ ଦୁଇ ଥର ଲେଖାଏ ଭାରତ ପରାଜିତ ହୋଇଥିଲା। ବିଦେଶରେ ନୂଆ ଅଧିନାୟକ ହାର୍ଦ୍ଦିକ ସିଂଙ୍କ ଅଧୀନରେ ଦଳ ପ୍ରତ୍ୟାବର୍ତ୍ତନ କରିବ ବୋଲି ଆଶା କରିଥିଲା। ହୋବାର୍ଟ ପର୍ଯ୍ୟାୟ ସିରିଜରେ ଭାରତ ଅନ୍ୟ ଏକ ଦଳ ଅଷ୍ଟ୍ରେଲିଆ ସହ ଫେବୃଆରୀ ୨୫ରେ ଖେଳିବ।

## ଦ୍ୱିତୀୟ ବିବାହ କଲେ ଧାୱନ



**ନୂଆଦିଲ୍ଲୀ,୨୧।୨:** ପୂର୍ବତନ ଭାରତୀୟ ବ୍ୟାଟର ଶିଖର ଧାୱନ ଶନିବାର ଦୀର୍ଘଦିନର ବାନ୍ଧବୀ ସୋଫି ଶାଇନଙ୍କୁ ବିବାହ କରିଛନ୍ତି। ଏହା ତାଙ୍କର ଦ୍ୱିତୀୟ ବିବାହ। ଧାୱନଙ୍କ ସାଥି ଖେଳାଳି ଯୁଜବେନ୍ଦ୍ର ଚହଲ ଇନ୍‌ଷ୍ଟାଗ୍ରାମରେ ଫଟୋ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ କ୍ୟାପ୍‌ଶନରେ 'ମୋ ସାଙ୍ଗ ବାହାଘର' ବୋଲି ଉଲ୍ଲେଖ କରିଛନ୍ତି। ଧାୱନ ଓ ଶୋଫି ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ପରସ୍ପରକୁ ଡେଟ୍ କରିବା ପରେ ଗତ ବର୍ଷ ମେ'ରେ ରିଲେଶନଶିପ୍‌ରେ ଥିବା ଘୋଷଣା କରିଥିଲେ। ସେମାନେ ପୂର୍ବରୁ ଜାନୁଆରୀ ୧୨ ତାରିଖରେ ନିର୍ବନ୍ଧ କରିଥିବା ସୂଚନା ଦେଇଥିଲେ। ଧାୱନ ତାଙ୍କର ପ୍ରଥମ ସ୍ତ୍ରୀ ଆୟେଶା ମୁଖାର୍ଜୀଙ୍କଠାରୁ ୨୦୨୩ ଅକ୍ଟୋବରରେ ଅଲଗା ହୋଇଥିଲେ। ବିଚ୍ଛେଦ ପୂର୍ବରୁ ସେମାନେ ୧୧ ବର୍ଷ ଧରି ଏକାଠି ରହିଥିଲେ। ଧାୱନ ୨୦୧୧ରେ ଆୟେଶାଙ୍କୁ ବିବାହ କରିଥିଲେ।

**ମହିଳା ଟି୨୦**

## ଭାରତ ୨-୧ରେ ସିରିଜ ବିଜୟୀ

**ଆଡିଲେଡ୍, ୨୧।୨ (ପି.ଟି.)**

ଭାରତ ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନ କରି ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ୧୭ ରନ୍‌ରେ ଆୟୋଜକ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୧ରେ ଜିତି ନେଇଛି। ୨୦୧୬ ପରେ ଅଷ୍ଟ୍ରେଲିଆରେ ଭାରତର ଏହା ହେଉଛି ପ୍ରଥମ ଟି୨୦ ସିରିଜ ବିଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଉପଅଧିନାୟିକା ସ୍ମୃତି ମନ୍ଧାନା ୫୫ ବଲ୍‌ରୁ ୮୨ରନ (୮ଚୌକା ଓ ୩ ଛକା) ଏବଂ ଜେମିମା ରୋଡ୍ରିଗ୍ସ ୪୬ ବଲ୍‌ରୁ ୫୯ରନ ସହାୟତାରେ ୬ ଉଇକେଟ ବିନିମୟରେ ୧୭୬ ରନ କରିଥିଲା। ମନ୍ଧାନା ଓ ରୋଡ୍ରିଗ୍ସ ପାର୍ଟନରଶିପ୍‌ରେ ୧୨୧ରନ ଯୋଗ କରିଥିଲେ, ଯାହା ଫଳରେ ଭାରତ ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିପାରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୫୯ରନ କରିପାରିଥିଲା। ଦଳର ଟପ୍ ସ୍କୋରର ଆଶଲେ ଗାର୍ଡନର ୫୭ରନ କରିଥିଲେ। ଭାରତ ତରଫରୁ ଶ୍ରୀ ଚାରନି (୩/୩୨) ଓ ଶ୍ରେୟଙ୍କା ପାଟିଲ (୩/୨୨) ତିନୋଟି ଲେଖାଏ ଏବଂ ଅରୁନ୍ଧତୀ ରେଡ୍ଡୀ (୨/୩୫) ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ସ୍ମୃତି ମନ୍ଧାନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ଶଟ୍ ଖେଳିବା ଅବସରରେ ସ୍ମୃତି ମନ୍ଧାନା।

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା: ୨୦ ଓଭରରେ ୧୭୬/୬ (ସ୍ମୃତି ମନ୍ଧାନା-୮୨, ଜେମିମା ରୋଡ୍ରିଗ୍ସ-୫୯; ଆନାବେଲ୍ ସଦରଲାଣ୍ଡ-୨/୩୪)। ଅଷ୍ଟ୍ରେଲିଆ ମହିଳା: ୨୦ ଓଭରରେ ୧୫୯/୯ (ଆଶଲେ ଗାର୍ଡନର-୫୭; ଶ୍ରୀ ଚାରନି-୩/୩୨, ଶ୍ରେୟଙ୍କା ପାଟିଲ-୩/୨୨, ଅରୁନ୍ଧତୀ ରେଡ୍ଡୀ-୨/୩୫)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ